# ଧରିତ୍ରୀ
DHARITRI

ବ୍ରହ୍ମପୁର, ରବିବାର, ଜୁନ୍ ୨/୨୦୧୯ (୨୦ ପୃଷ୍ଠା) Berhampur, Sunday, June 2/2019 (ଛୁଟିଦିନ ସହ) ★★★

୧୫୪ ଭାଗ ୧୨୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-






KP GROUP
Quality Since 1965
KAMLA PASAND
ନିଆରା ସ୍ୱାଦ
NEW PACK
KAMLA PASAND
Anokha Swad
PAN MASALA
Watch at:
You Tube
ଅପ୍ରାପ୍ତବୟସ୍କଙ୍କ ପାଇଁ ନୁହେଁ। ୦% ତମାଖୁ ଓ ଅତିରିକ୍ତ ନିକୋଟିନ୍ ନାହିଁ। ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ।

# ଧରିତ୍ରୀ DHARITRI

ବ୍ରହ୍ମପୁର, ରବିବାର, ଜୁନ୍ ୨/୨୦୧୯ | Berhampur, Sunday, June 2/2019 | ପୃଷ୍ଠା-୧




## ସିତ୍‌ସିପାସ୍‌ଙ୍କ ସଫଳତା

ଷ୍ଟିଫାନସ ସିତ୍‌ସିପାସ୍ ଦୀର୍ଘ ୮୩ ବର୍ଷ ବ୍ୟବଧାନରେ ପ୍ରଥମ ଗ୍ରୀକ୍ ଖେଳାଳି ହିସାବରେ ଫ୍ରେଞ୍ଚ୍ ଓପନ୍ ଟେନିସ୍ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି।

୧୭ ୧୦

## 'ଗେମ୍ ଓଭର' ରିଲିଜ୍ ଅପେକ୍ଷାରେ ତାପସୀ

ଆଗାମୀ ବହୁଭାଷିକ ଥ୍ରିଲର 'ଗେମ୍ ଓଭର' ରିଲିଜ ଅପେକ୍ଷାରେ ଅଛନ୍ତି ବଲିଉଡ୍ ଅଭିନେତ୍ରୀ ତାପସୀ ପନ୍ନୁ।



# ସୂର୍ଯ୍ୟ ହେଲେ ବାଚସ୍ପତି



ଦାୟିତ୍ୱ ଗ୍ରହଣ ପରେ ବାଚସ୍ପତି ଆସନରେ ସୂର୍ଯ୍ୟନାରାୟଣ ପାତ୍ର।

**ଭୁବନେଶ୍ୱର,୧।୬(ବ୍ୟୁରୋ)**

### ଭାଜପା ବିଧାୟକ ଅନୁପସ୍ଥିତ

ଦିଗପହଣ୍ଡି ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର ଷୋଡଶ ବିଧାନସଭାର ୨୨ତମ ବାଚସ୍ପତି ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଶନିବାର ବିଧାନସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୂର୍ଯ୍ୟଙ୍କ ନାମ ପ୍ରସ୍ତାବ କରିଥିଲେ। ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଏହି ପ୍ରସ୍ତାବକୁ ସମର୍ଥନ କରିଥିଲେ। ବାଚସ୍ପତି ପାଇଁ ବିରୋଧୀ ଦଳ କୌଣସି ପ୍ରାର୍ଥୀ ଦେଇ ନ ଥିବାରୁ ସୂର୍ଯ୍ୟ ପାତ୍ର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ବାଚନିକ ମତଦାନରେ ସୂର୍ଯ୍ୟଙ୍କୁ ନିର୍ବାଚିତ କରାଯାଇଛି। ନିର୍ବାଚିତ ହେବା ପରେ ଗୃହର ନେତା ନବୀନ ପଟ୍ଟନାୟକ, ସଂସଦୀୟ ବ୍ୟାପାର ମନ୍ତ୍ରୀ, କଂଗ୍ରେସର ବରିଷ୍ଠ ☞ପୃଷ୍ଠା-୨

■ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ବାଟବଣା

# ୧୦ ମାସ ହେଲା ମିଳୁନି ନୂଆ କାର୍ଡ

**ଭୁବନେଶ୍ୱର,୧।୬(ବ୍ୟୁରୋ)**

■ ଖୋଲୁନି ଆରଏମ୍‌ଏସ୍‌ସି
■ ହିତାଧିକାରୀ ହନ୍ତସନ୍ତ




ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (ଏନ୍‌ଏଫ୍‌ଏସ୍‌ଏ) ଅଧୀନ ଯୋଜନା ଏବଂ ଓଡ଼ିଶା ଖାଦ୍ୟ ସୁରକ୍ଷା ଯୋଜନା (ଓଏଫ୍‌ଏସ୍‌ଏସ୍) ମଝିରେ ଫସିଯାଇଛନ୍ତି ଗରିବ ହିତାଧିକାରୀ। କେନ୍ଦ୍ର ସରକାରଙ୍କ ଏନ୍‌ଏଫ୍‌ଏସ୍‌ଏ ଯୋଜନାରେ ହିତାଧିକାରୀ ନୂତନ ରାଶନ କାର୍ଡ ପାଇବାରୁ ବଞ୍ଚିତ ହେଉଛନ୍ତି। ରାଜ୍ୟ ସରକାର ଗତ ୧୦ ମାସ ହେଲା ସମସ୍ତ ରାଶନକାର୍ଡ ମ୍ୟାନେଜମେଣ୍ଟ ସିଷ୍ଟମ ସେଣ୍ଟର(ଆରଏମ୍‌ଏସସି) ବନ୍ଦ କରି ରଖିବାରୁ ଏଭଳି ଅବସ୍ଥା ସୃଷ୍ଟି ହୋଇଛି। ରାଜ୍ୟ ସରକାର ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା (ଓଏଫ୍‌ଏସ୍‌ଏସ୍) ଲାଗୁ ନିମନ୍ତେ ହିତାଧିକାରୀ ଚୟନ କରିବା ପାଇଁ ୨୦୧୮ ଅଗଷ୍ଟରେ ଆର୍‌ଏମ୍‌ଏସ୍‌ସିଗୁଡ଼ିକୁ ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ୨୦୧୮ ଅକ୍ଟୋବର ୨ରୁ ରାଜ୍ୟ ସରକାର ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା ଆରମ୍ଭ କଲେ। ଇତିମଧ୍ୟରେ ସାଧାରଣ ନିର୍ବାଚନ ମଧ୍ୟ ସରିଲା। ହେଲେ ଆର୍‌ଏମ୍‌ଏସ୍‌ସି ଏଯାବତ ଖୋଲା ନ ଯିବା କାରଣରୁ ଏନ୍‌ଏଫ୍‌ଏସ୍‌ଏ ଅନ୍ତର୍ଗତ ନୂଆ କାର୍ଡ ପାଇବାରୁ ହିତାଧିକାରୀ ବଞ୍ଚିତ ରହିଛନ୍ତି। ଯେଉଁମାନେ ଏନଏଫ୍‌ଏସ୍‌ଏରେ ନିଜକୁ ସାମିଲ କରିବାକୁ ଚାହୁଁଛନ୍ତି ତାହା ସମ୍ଭବ ହେଉ ନାହିଁ।

ଦେଶରେ କୌଣସି ଲୋକ ଭୋକରେ ରହିବେ ନାହିଁ। ଏହାକୁ ଲକ୍ଷ୍ୟ କରି କେନ୍ଦ୍ର ସରକାର ୨୦୧୩ରୁ ଏନଏଫ୍‌ଏସ୍‌ଏ କାର୍ଯ୍ୟକାରୀ କରୁଛନ୍ତି। ୨୦୧୫ ନଭେମ୍ବର ପହିଲାରୁ ରାଜ୍ୟରେ ଏହି କେନ୍ଦ୍ରୀୟ ଯୋଜନା କାର୍ଯ୍ୟକାରୀ ହେଉଛି। କେଉଁ ପରିବାର ଏହି ଯୋଜନା ପରିସରରେ ଆସିବେ ସେ ନେଇ କେନ୍ଦ୍ର ସରକାର ମାନଦଣ୍ଡ ମଧ୍ୟ ଧାର୍ଯ୍ୟ କରିଛନ୍ତି। ସେହି ଆଧାରରେ ହିତାଧିକାରୀ ଚୟନ କରି ରାଜ୍ୟ ସରକାର ରାଶନ କାର୍ଡ ବଣ୍ଟନ କରୁଛନ୍ତି। ରାଶନ କାର୍ଡ ବାଣ୍ଟିବାର କୌଣସି ନିର୍ଦ୍ଦିଷ୍ଟ ସମୟ ସୀମା ନାହିଁ। ଯୋଗ୍ୟ ହିତାଧିକାରୀ ଯେ କୌଣସି ସମୟରେ ରାଶନ କାର୍ଡ ପାଇଁ ଆବେଦନ କରି ପାରିବେ। ୨୦୧୧ ଜନଗଣନାକୁ ଦେଖି କେନ୍ଦ୍ର ସରକାର ରାଜ୍ୟରେ ୩ କୋଟି ୨୬ ଲକ୍ଷ ୪୧ ହଜାର ୮୦୦ ଲୋକଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ପରାମର୍ଶ ଦେଇଥିଲେ। ରାଜ୍ୟ ସରକାର ସେହି ଟାର୍ଗେଟକୁ ଛୁଇଁ ପାରୁନାହାନ୍ତି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟର ୩୦ ଜିଲାରେ ଏ ପର୍ଯ୍ୟନ୍ତ ୩ କୋଟି ୨୨ ଲକ୍ଷ ୮୧ ହଜାର ୨୫୪ ଜଣଙ୍କୁ ଏନ୍‌ଏଫ୍‌ଏସ୍‌ଏ ଯୋଜନାରେ ସାମିଲ କରାଯାଇଛି। ସେଥିରୁ ୪୨, ୧୪,୮୬୩ ଅନ୍ତ୍ୟୋଦୟ ଅନ୍ନପୂର୍ଣ୍ଣା ଯୋଜନା(ଏଏୱାଇ) ହିତାଧିକାରୀ ଥିବା ବେଳେ ୨,୮୦,୬୬,୩୯୧ ହେଉଛନ୍ତି ପ୍ରାୟରିଟି ହାଉସହୋଲ୍ଡ(ପିଏଚ୍‌ଏସ୍)। କେନ୍ଦ୍ର ସରକାରଙ୍କ ଟାର୍ଗେଟ ପୂରଣ କରିବାକୁ ହେଲେ ଆହୁରି ପ୍ରାୟ ୪ ଲକ୍ଷ ଲୋକଙ୍କୁ ସାମିଲ କରିବା କଥା। କୋଟା ପୂରଣ କରିବାକୁ ହିତାଧିକାରୀ ମିଳୁନାହାନ୍ତି କିମ୍ବା ହିତାଧିକାରୀ ଚୟନରେ ପାତରଅନ୍ତର ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ତାହା ମଧ୍ୟ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇନାହିଁ। ୨୦୧୧ ପରେ ରାଜ୍ୟରେ ଜନସଂଖ୍ୟା ବୃଦ୍ଧି ଘଟିଛି। ଏବେ ବି ପ୍ରାୟ ୨୫ ଲକ୍ଷ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ରାଜ୍ୟ ସରକାର ହିସାବ ଦେଉଛନ୍ତି। ☞ପୃଷ୍ଠା-୨


ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ


ମଦ୍ରାସା ବୋର୍ଡ ପରୀକ୍ଷା ଫଳ ପ୍ରକାଶ

## ୫ପ୍ରତିଶତ କମିଲା ପାସ୍‌ହାର

**ଭୁବନେଶ୍ୱର, ୧।୬(ବ୍ୟୁରୋ)**

ମଦ୍ରାସା ବୋର୍ଡର ପରୀକ୍ଷା ଫଳ ଶନିବାର ପ୍ରକାଶ ପାଇଛି। ଗତବର୍ଷ ତୁଳନାରେ ଏଥର ୫.୬୬ ପ୍ରତିଶତ ପାସ୍‌ହାର କମିଛି। ଗତବର୍ଷ ପାସ୍‌ହାର ୮୫ ପ୍ରତିଶତ ରହିଥିବାବେଳେ ଚଳିତବର୍ଷ ଏହା ୭୯.୩୪ ପ୍ରତିଶତ ରହିଛି। ପରୀକ୍ଷା ଦେଇଥିବା ମୋଟ ୧୧୮୧ଜଣଙ୍କ ମଧ୍ୟରୁ ☞ପୃଷ୍ଠା-୨

# ୩ରେ ଯୁକ୍ତ୨ ବିଜ୍ଞାନ ପରୀକ୍ଷାଫଳ

**ଭୁବନେଶ୍ୱର, ୧।୬(ବ୍ୟୁରୋ)**

### ଦ୍ୱିତୀୟ ସପ୍ତାହରେ ପ୍ରକାଶ ପାଇବ କଳା ଓ ବାଣିଜ୍ୟ ଫଳ

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ୨ ବିଜ୍ଞାନ ପରୀକ୍ଷାଫଳ ଆସନ୍ତା ୩ ତାରିଖରେ ପ୍ରକାଶ ପାଇବ। ସୋମବାର ଅପରାହ୍ନ ୧୨ଟାରେ ଭୁବନେଶ୍ୱରସ୍ଥିତ ଗୀତଗୋବିନ୍ଦ ଭବନରେ ପରୀକ୍ଷାଫଳ ପ୍ରକାଶ କରାଯିବ। ଏହି ସମୟଠାରୁ ମଧ୍ୟ www.chseodisha.nic.in ଓ www.orissaresults.nic.in ୱେବ୍‌ସାଇଟ୍‌ରେ ପରୀକ୍ଷାଫଳ ଉପଲବ୍ଧ ହେବ। ଛାତ୍ରୀଛାତ୍ରମାନେ ନିଜ ରୋଲ୍ ନମ୍ବର ଓ ରେଜିଷ୍ଟ୍ରେଶନ ନମ୍ବର ଦେଇ ପରୀକ୍ଷାଫଳ ପାଇପାରିବେ ବୋଲି ଉଚ୍ଚ ମାଧ୍ୟମିକ ପରିଷଦ ପକ୍ଷରୁ ଶନିବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଚଳିତ ବର୍ଷ ଯୁକ୍ତ୨ ବିଜ୍ଞାନ ପରୀକ୍ଷା ଗତ ମାର୍ଚ୍ଚ ୭ରୁ ଆରମ୍ଭ ହୋଇ ୩୦ରେ ଶେଷ ହୋଇଥିଲା। ମୋଟ ୯୯ହଜାର ୧୮ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ଦୁଇଟି ପର୍ଯ୍ୟାୟରେ ଖାତା ଦେଖାଯିବା ନେଇ ନିଷ୍ପତ୍ତି ନିଆଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ଏପ୍ରିଲ ୮ରୁ ୨୨ ଓ ଦ୍ୱିତୀୟ ପର୍ଯ୍ୟାୟରେ ଏପ୍ରିଲ ୨୩ରୁ ମେ' ୬ ତାରିଖ ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ବାତ୍ୟା 'ଫନୀ' ଲାଗି ଖାତା ଦେଖାରେ ଅସୁବିଧା ହୋଇଥିଲା। ଏଥିସହ ରାଜ୍ୟରେ ହୋଇଥିବା ମୋଟ ୫୮ ମାନୁଆଲ ଓ ୩୬ ଇ-ମୂଲ୍ୟାୟନ କେନ୍ଦ୍ରରେ ଅଧ୍ୟାପିକା ଓ ଅଧ୍ୟାପକମାନେ ଅନୁପସ୍ଥିତ ରହିଥିଲେ। ତେଣୁ ପରୀକ୍ଷାଫଳ ବାହାରିବାରେ ବିଳମ୍ବ ହେବାରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିନ୍ତା ବଢ଼ିଯାଇଥିଲା। ଏବେ ପରୀକ୍ଷାଫଳ ପ୍ରକାଶ ନେଇ ବିଜ୍ଞପ୍ତି ପ୍ରକାଶ ପରେ ଛାତ୍ରୀଛାତ୍ରଙ୍କ ଉତ୍କଣ୍ଠା ବଢ଼ିଯାଇଛି। ଅନ୍ୟପକ୍ଷରେ ଜୁନ୍ ଦ୍ୱିତୀୟ ସପ୍ତାହରେ ଯୁକ୍ତ୨ କଳା ଓ ବାଣିଜ୍ୟ ଫଳ ପ୍ରକାଶ ପାଇବ ବୋଲି ଉଚ୍ଚ ମାଧ୍ୟମିକ ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରକାଶ ଯେ ଗତବର୍ଷ ମେ ୧୯ରେ +୨ ବିଜ୍ଞାନ ଫଳ ପ୍ରକାଶ ପାଇଥିଲା। ଏଥର ୧୫ଦିନ ବିଳମ୍ବରେ ଫଳ ପ୍ରକାଶ ପାଇବ।

# ଯୁକ୍ତ୨ ନାମଲେଖା: ୬ରୁ ଆବେଦନ

**ଭୁବନେଶ୍ୱର, ୧।୬(ବ୍ୟୁରୋ)**

■ ପ୍ରଥମ ପର୍ଯ୍ୟାୟ ନାମଲେଖା ୨୮ରୁ
■ ଜୁଲାଇ ୨୪ରୁ ପାଠପଢ଼ା

ଯୁକ୍ତ୨ ନାମଲେଖା ପାଇଁ ଆସନ୍ତା ୬ ତାରିଖରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହେବ। ରାଜ୍ୟରେ ଥିବା ୧୬୦୦ରୁ ଅଧିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (ଯୁକ୍ତ୨ କଲେଜ) ସମେତ ସେଲ୍‌ଫ ଫାଇନାନ୍ସିଂ କଲେଜ, ଉପଶାସ୍ତ୍ରୀ ଓ ଧନ୍ଦାମୂଳକ ଶିକ୍ଷା କଲେଜରେ ନାମଲେଖା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ୬ ତାରିଖ ଦିନ ପୂର୍ବାହ୍ନ ୧୧ଟାରୁ 'www.samodisha.gov.in' ୱେବ୍‌ସାଇଟରେ କମନ୍ ଆପ୍ଲିକେଶନ ଫର୍ମ (ସିଏଏଫ୍) ଉପଲବ୍ଧ ହେବ। ୨୦ ତାରିଖ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ଆବେଦନ କରିପାରିବେ। ୨୧ ତାରିଖ ଅପରାହ୍ନ ୫ଟା ସୁଦ୍ଧା ସିଏଏଫ୍‌ର ପ୍ରିଣ୍ଟ କପି ସହ ସମସ୍ତ ଡକ୍ୟୁମେଣ୍ଟ ସାମ୍‌ସ ରିସୋର୍ସ ସେଣ୍ଟର(ଏସଆରସି)ରେ ଦାଖଲ କରିବେ। ଛାତ୍ରୀଛାତ୍ରମାନେ କେବଳ ଅନ୍‌ଲାଇନରେ ଆବେଦନ କରିପାରିବେ। ଅଫ୍‌ଲାଇନରେ କୌଣସି ଫର୍ମ ଗ୍ରହଣ କରାଯିବ ନାହିଁ। ଫର୍ମପୂରଣ କରିବା ପୂର୍ବରୁ ଛାତ୍ରୀଛାତ୍ରମାନେ ସିଏଏଫ୍‌କୁ ଭଲ ଭାବେ ପଢ଼ିବାକୁ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ପରାମର୍ଶ ଦିଆଯାଇଛି।

ସେହିଭଳି ଆସନ୍ତା ୨୬ ତାରିଖରେ ପ୍ରଥମ ପର୍ଯ୍ୟାୟ ମେରିଟ୍ ଲିଷ୍ଟ ତଥା କଟ୍ ଅଫ୍ ମାର୍କ ପ୍ରକାଶ ପାଇବ। ଯୋଗ୍ୟ ବିବେଚିତ ଛାତ୍ରୀଛାତ୍ର ୨୮ରୁ ଜୁଲାଇ ୨ ତାରିଖ ମଧ୍ୟରେ ନାମ ଲେଖାଇପାରିବେ। ଜୁଲାଇ ୩ରେ ପ୍ରଥମ ପର୍ଯ୍ୟାୟରେ ନାମଲେଖାଇଥିବା ଛାତ୍ରୀଛାତ୍ରଙ୍କ ତଥ୍ୟ ଅନ୍‌ଲାଇନରେ ପ୍ରକାଶ କରାଯିବ। ଜୁଲାଇ ୮ରେ ଦ୍ୱିତୀୟ ପର୍ଯ୍ୟାୟ ମେରିଟ୍ ଲିଷ୍ଟ ତଥା କଟ୍ ଅଫ୍ ମାର୍କ ତାଲିକା ପ୍ରକାଶ ପାଇବ। ଏଥିରେ ବିବେଚିତ ହୋଇଥିବା ଛାତ୍ରୀଛାତ୍ରମାନେ ଜୁଲାଇ ୯ରୁ ୧୧ ମଧ୍ୟରେ ନାମଲେଖାଇବେ। ୧୨ ତାରିଖ ସନ୍ଧ୍ୟା ୫ଟା ସୁଦ୍ଧା ନାମଲେଖା ସମ୍ପର୍କିତ ତଥ୍ୟ ଅନ୍‌ଲାଇନରେ ☞ପୃଷ୍ଠା-୨

■ ୪୦ ଡିଗ୍ରୀ ଉପରେ ୧୦ ସହର

# ଏଥର ସ୍ୱାଭାବିକ ମୌସୁମୀ ବର୍ଷା

**ଭୁବନେଶ୍ୱର, ୧।୬(ବ୍ୟୁରୋ)**

ରାଜ୍ୟରେ ଜାରି ରହିଛି ଗ୍ରୀଷ୍ମ ପ୍ରବାହ। ଶନିବାର ୧୦ଟି ସହରର ପାରଦ ୪୦ ଡିଗ୍ରୀ ଟପିଥିଲା। ୪୨.୬ ଡିଗ୍ରୀ ସହ ଝାରସୁଗୁଡ଼ା ସବୁଠାରୁ ଉତ୍ତପ୍ତ ସହର ରହିଥିଲା। ଏହାଛଡ଼ା ଅନୁଗୋଳ ୪୨.୧, ସମ୍ବଲପୁର ୪୨, ହୀରାକୁଦ ୪୧.୬, ତାଳଚେର ୪୦.୫, ସୋନପୁର ୪୦.୨, ସୁନ୍ଦରଗଡ଼, ଭବାନୀପାଟଣା, ବଲାଙ୍ଗୀର ଓ ଟିଟିଲାଗଡ଼ରେ ୪୦ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ଉପକୂଳ ଓଡ଼ିଶାରେ ତାତି କମିଥିବାବେଳେ ପଶ୍ଚିମ ଓଡ଼ିଶାରେ ଅସହ୍ୟ ପରିସ୍ଥିତି ଲାଗି ରହିଛି। ତେବେ ଦ୍ୱୈତ ନଗରୀରେ ତାପମାତ୍ରାର ହ୍ରାସ ପାଇଛି। ଭୁବନେଶ୍ୱରରେ ସର୍ବାଧିକ ୩୫.୬ ଡିଗ୍ରୀ ଓ କଟକରେ ତାପମାତ୍ରା ୩୬ଡିଗ୍ରୀ ରହିଥିଲା। ଆସନ୍ତା ୨ରୁ ୩ଦିନ ମଧ୍ୟରେ ଆଭ୍ୟନ୍ତରୀଣ ଓଡ଼ିଶାରେ କାଳବୈଶାଖୀ ପ୍ରଭାବରେ ବର୍ଷା ହୋଇପାରେ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଅସହ୍ୟ ଗରମରେ ରାଜ୍ୟବାସୀ ଛଟପଟ ହେଉଥିବାବେଳେ ବିଳମ୍ବିତ ହେଉଛି ମୌସୁମୀ। ଆସନ୍ତା ୬ ତାରିଖରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ କେରଳ ଛୁଇଁବ ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। କେରଳ ଛୁଇଁବାର ଏକ ସପ୍ତାହ କିମ୍ବା ତା'ଠାରୁ କମ୍ ସମୟ ☞ପୃଷ୍ଠା-୨

# ଉଦ୍ୟୋଗପତି ବି.ଏମ୍. ଖୈତାନଙ୍କ ପରଲୋକ



**କୋଲକାତା,୧।୬**

ବିଶିଷ୍ଟ ଉଦ୍ୟୋଗପତି ତଥା ଡ୍ରାଇସେଲ୍ ବ୍ୟାଟେରି ନିର୍ମାତା ଏଭରେଡି ଇଣ୍ଡଷ୍ଟ୍ରିଜ ଗ୍ରୁପ୍‌ର ପୂର୍ବତନ ଅଧ୍ୟକ୍ଷ ବ୍ରିଜ ମୋହନ ଖୈତାନଙ୍କ ଶନିବାର ୯୨ ବର୍ଷରେ ପରଲୋକ ହୋଇଯାଇଛି। ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥାଇ ସେ ଶନିବାର ନିଜ ବାସଭବନରେ ଶେଷନିଃଶ୍ୱାସ ତ୍ୟାଗ କରିଥିଲେ। କୋଲକାତା ନିବାସୀ ଖୈତାନ ଚଳିତ ବର୍ଷ ଏପ୍ରିଲ ୨୫ରେ ୱିଲିୟାମଶନ୍ ମେଗର ଗ୍ରୁପ୍‌ର କମ୍ପାନୀ ଏଭରେଡି ଏବଂ ମ୍ୟାକଲଏଡ ରସେଲର ଅଧ୍ୟକ୍ଷ ପଦରୁ ଇସ୍ତଫା ☞ପୃଷ୍ଠା-୨


NECC NATIONAL EGG CO-ORDINATION COMMITTEE 01.06.2019 Venc'obb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 91 | 146 | 156 |
| CTC | 91 | 146 | 156 |
| DKL | 89 | 144 | 154 |
| BDK | 87 | 141 | 151 |
| BLS | 87 | 141 | 151 |
| ANG | 89 | 144 | 154 |

*Conditions Apply

Eggs Retail Price- 39/-Dozen
Issued in the Interest of Consumers


■ ଖଣି ଦୁର୍ନୀତି ମାମଲା: ହାଜର ହେଲେ ୯ରୁ ୮ କମ୍ପାନୀ

# ଜରିମାନା ଅର୍ଥ ନ ଦେଲେ ସମ୍ପତ୍ତି ବାଜ୍ୟାପ୍ତି

**କେନ୍ଦୁଝର, ୧।୬(ସ୍ୱ.ପ୍ର./ଡି.ଏନ.ଏ.)**

କେନ୍ଦୁଝର ଜିଲାରେ ବହୁଚର୍ଚ୍ଚିତ ଖଣି ଦୁର୍ନୀତିରେ ସମ୍ପୃକ୍ତ ଜିଲାର ଖଣି କମ୍ପାନୀ ଆଗାମୀ ୭ରୁ ୧୫ ଦିନ ମଧ୍ୟରେ ଜରିମାନା ପୈଠ ନ କଲେ ସେମାନଙ୍କ ବିରୋଧରେ ମାମଲା ରୁଜୁ କରାଯାଇ ସମ୍ପତ୍ତି ବାଜ୍ୟାପ୍ତି କରାଯିବ ବୋଲି ଶନିବାର କୋର୍ଟ ପକ୍ଷରୁ ସତର୍କ କରାଇଦିଆଯାଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଜରିମାନା ପୈଠ କରି ନ ଥିବା ଜିଲାର ୯ଟି ଖଣି ସଂସ୍ଥା ବିରୋଧରେ ସ୍ଥାନୀୟ ଜିଲାପାଳଙ୍କ କୋର୍ଟରେ ସମ୍ପତ୍ତି ବାଜ୍ୟାପ୍ତି ମାମଲା (ସାର୍ଟିଫିକେଟ କେସ୍) ଚାଲିଛି। ଶନିବାର ଉକ୍ତ ମାମଲାର ଶୁଣାଣି ହୋଇଥିଲା। କୋର୍ଟରେ ହାଜର ହେବା ସକାଶେ ୯ ଖଣିକୁ ନୋଟିସ୍ କରାଯାଇଥିଲା। ଏମାନଙ୍କ ମଧ୍ୟରୁ ମାଲା ରାୟ, ବିପିଏମଇ, ଏମଆର ଦାସ, ମିନେରାଲ ଟ୍ରେଡିଂ ସିଣ୍ଡିକେଟ, ଏସସି ପାଢୀ, ମେସ୍କୋର ଦୁଇଟି ଖଣି, ଏସଏନ ଦାସ ମହାପାତ୍ର ଖଣିର ପ୍ରତିନିଧି ଉପସ୍ଥିତ ଥିବା ବେଳେ ଭଞ୍ଜ ମିନେରାଲ ପକ୍ଷରୁ କେହି ଆସି ନ ଥିଲେ। କେତେକ ଖଣି ସଂସ୍ଥା ଉଚ୍ଚ ନ୍ୟାୟାଳୟର କେସ ପେଣ୍ଡିଂ ଥିବା ଦର୍ଶାଇ ସମୟ ଗଡାଉଥିବାରୁ କୋର୍ଟ ତାହାକୁ ଏଣିକି ଗ୍ରହଣ କରିବେନାହିଁ ବୋଲି ମନା କରିଦେଇଥିଲେ। ଏନେଇ ଖଣି ସଂସ୍ଥା ଅଡୁଆରେ ପଡିଯାଇଛନ୍ତି। ମାମଲାର ଶୁଣାଣି ବେଳେ ମାଲା ରାୟ, ବିପିଏମଇ, ଏସସି ପାଢୀ, ମିନେରାଲ ଟ୍ରେଡିଂ ସିଣ୍ଡିକେଟ ଅଧିକ ☞ପୃଷ୍ଠା-୨

# ଆଜି ପହଞ୍ଚିବ କଳ୍ପନାଙ୍କ ମରଶରୀର

**ଭୁବନେଶ୍ୱର, ୧।୬(ବ୍ୟୁରୋ)**

### କଳିଙ୍ଗ ଷ୍ଟାଡିୟମ୍‌ରେ ଏକ ଘଣ୍ଟା ରହିବ

ପର୍ବତାରୋହିଣୀ କଳ୍ପନା ଦାସଙ୍କ ମରଶରୀର ରବିବାର ଭୁବନେଶ୍ୱରରେ ପହଞ୍ଚିବ। ଶୁକ୍ରବାର ସନ୍ଧ୍ୟାରେ ଆସିବାର ଥିଲା, ହେଲେ କାଠମାଣ୍ଡୁରୁ ମରଶରୀର ନେଇଆସିଥିବା ବିମାନ ବିଳମ୍ବରେ ଦିଲ୍ଲୀରେ ପହଞ୍ଚିଥିଲା। ଫଳରେ ଦିଲ୍ଲୀ ବିମାନ ବନ୍ଦରରେ ଅପେକ୍ଷା କରିଥିବା ବିମାନଟି ଭୁବନେଶ୍ୱର ପଳାଇ ଆସିଥିଲା। ରବିବାର ସକାଳ ୭ଟାରେ ତାଙ୍କ ମରଶରୀର ଅନ୍ୟଏକ ବିମାନରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବ। ପରେ ଜନସାଧାରଣ ଦେଖିବା ପାଇଁ ତାଙ୍କ ମରଶରୀରକୁ ସକାଳ ୯ଟା ୪୫ରୁ ୧୦ଟା ୪୫ ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡିୟମ୍‌ରେ ରଖାଯିବ ବୋଲି ଶନିବାର ରାଜ୍ୟ କ୍ରୀଡ଼ା ବିଭାଗ ପକ୍ଷରୁ ସୂଚନା ମିଳିଛି। ସୂଚନାଯୋଗ୍ୟ, କଳ୍ପନା ଏଭରେଷ୍ଟ ଆରୋହଣ କରି ଫେରିବାବେଳେ ଗତ ୨୩ ତାରିଖରେ ଅଧା ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଥିଲା। ଶୁକ୍ରବାର କାଠମାଣ୍ଡୁରେ କଳ୍ପନାଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା। ବ୍ୟବଚ୍ଛେଦ ରିପୋର୍ଟ ସହ ମୃତ୍ୟୁ ପ୍ରମାଣପତ୍ର ଭାରତୀୟ ଦୂତାବାସକୁ ହସ୍ତାନ୍ତର କରାଯିବା ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା।

# ସୋନିଆ କଂଗ୍ରେସ ସଂସଦୀୟ ଦଳ ନେତା ନିର୍ବାଚିତ

**ନୂଆଦିଲ୍ଲୀ,୧।୬(ପି.ଟି.)**

ପାର୍ଲାମେଣ୍ଟର ସେଣ୍ଟ୍ରାଲ ହଲ୍‌ରେ ଶନିବାର କଂଗ୍ରେସ ସଂସଦୀୟ ଦଳ (ସିପିପି) ବୈଠକ ବସିଥିଲା। ଏଥିରେ ସୋନିଆ ଗାନ୍ଧୀଙ୍କୁ ପୁନର୍ବାର ନେତା ନିର୍ବାଚନ କରାଯାଇଛି। ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ସୋନିଆଙ୍କ ନାଁ ପ୍ରସ୍ତାବ ଦେଇଥିବାବେଳେ ଏହାକୁ ଝାଡଖଣ୍ଡ ଏମ୍‌ପି ଜ୍ୟୋତିମଣି ଏସ୍ ଏବଂ କେରଳ ଏମ୍‌ପି କେ. ସୁଧାକରନ୍ ସମର୍ଥନ କରିଥିଲେ। ଦଳକୁ ସୁଦୃଢ଼ କରିବା ଲାଗି ଅନେକ ନିର୍ଣ୍ଣାୟକ ପଦକ୍ଷେପ ସମ୍ପର୍କରେ ବିଚାର କରାଯାଉଛି ବୋଲି ନେତା ନିର୍ବାଚିତ ହେବା ପରେ ସୋନିଆ କହିଛନ୍ତି। ଲୋକ ସଭା ନିର୍ବାଚନରେ



ସେଣ୍ଟ୍ରାଲ ହଲ୍‌ରେ ମନମୋହନ ସିଂ କଂଗ୍ରେସ ସଂସଦୀୟ ଦଳର ନେତା ଭାବେ ସୋନିଆ ଗାନ୍ଧୀଙ୍କୁ ଅଭିନନ୍ଦନ ଜଣାଉଛନ୍ତି।

ଦଳର ପ୍ରଦର୍ଶନକୁ ନେଇ ନିରୁତ୍ସାହିତ ନ ହୋଇ ପ୍ରଭାବୀ ବିରୋଧୀ ଦଳର ଭୂମିକା ନିର୍ବାହ କରିବା ସହିତ ରାଜ୍ୟ ସଭାରେ ସମଭାବାପନ୍ନ ଦଳଗୁଡ଼ିକ ସହ ଉତ୍ତମ ସମନ୍ୱୟ ଏବଂ ସହଯୋଗ ସ୍ଥାପନ କରିବା ଲାଗି ସେ ☞ପୃଷ୍ଠା-୨

## ପରାକ୍ରମୀ ସିଂହ ଭଳି କାର୍ଯ୍ୟ କରିବେ କଂଗ୍ରେସ ଏମ୍‌ପି: ରାହୁଲ




**ନୂଆଦିଲ୍ଲୀ,୧।୬(ଆଇଏଏନ୍‌ଏସ୍)**

ସମ୍ବିଧାନ ଏବଂ ଅନୁଷ୍ଠାନଗୁଡ଼ିକର ସୁରକ୍ଷା ଲାଗି ଲୋକ ସଭାର ନବନିର୍ବାଚିତ ୫୨ କଂଗ୍ରେସ ଏମ୍‌ପି ପରାକ୍ରମୀ ସିଂହ ଭଳି କାର୍ଯ୍ୟ କରିବେ ବୋଲି ଦଳ ଅଧ୍ୟକ୍ଷ ରାହୁଲ ଗାନ୍ଧୀ କହିଛନ୍ତି। ପ୍ରମୁଖ ବିରୋଧୀ ଦଳ ଭାବେ ସେମାନେ ନିର୍ଭୀକତାର ସହ କାର୍ଯ୍ୟ ସମ୍ପାଦନ କରିବେ। ସଂସଦରେ ଭାଜପାକୁ ସହଜରେ ଛାଡିଦେବେ ନାହିଁ ବୋଲି ରାହୁଲ ଟୁଇଟ୍ କରିଛନ୍ତି। ଶନିବାର ରାହୁଲ ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ବାସଭବନରେ ନବନିର୍ବାଚିତ କଂଗ୍ରେସ ଏମ୍‌ପିମାନଙ୍କୁ ଭେଟିଥିଲେ। ସେଠାରେ ତାଙ୍କ ଭଉଣୀ ତଥା କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ମଧ୍ୟ ଉପସ୍ଥିତ ଥିଲେ।

### ଆଜିର ସମ୍ପାଦକୀୟ

ମୋଦି-୨ ସରକାର

### ଆଜିର ମନ୍ତବ୍ୟ

"ପ୍ରକୃତିର ସୁରକ୍ଷା ସହ ବିକାଶ ଉପରେ ଏକସଙ୍ଗେ ପ୍ରାଥମିକତା ଦିଆଯିବା

-ପ୍ରକାଶ ଜାଭଡେକର, କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ

### କିଛି ତଥ୍ୟ

ଦୁଗ୍ଧ ଏବଂ ପ୍ରାଣୀସମ୍ପଦ ସେକ୍ଟର ଜିଡିପିର ୪.୨% ଅର୍ଥାତ୍ ୭.୭ ଲକ୍ଷ କୋଟି ଟଙ୍କାର ଯୋଗଦାନ ଦେଉଛି।

-ଗୁଜରାଟ କୋଅପରେଟିଭ ମିଲ୍କ ମାର୍କେଟିଂ ଫେଡେରେଶନ

## ଜନ୍ମଦିନର ଶୁଭେଚ୍ଛା

ନାମ: ...............................
ବୟସ:...............................
ଜନ୍ମ ତାରିଖ: ...............................


ଲିପୁନ୍
ପରିବାରବର୍ଗ


ଶୁଭମ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ଯୋଜନା ନବୀକରଣ ପ୍ରସ୍ତାବ ମନ୍ତ୍ରୀଙ୍କ ଦ୍ୱାରା ଅନୁମୋଦିତ

ଭୁବନେଶ୍ୱର, ୧୬(ବ୍ୟୁରୋ): କର୍ମଜୀବୀ ସାମ୍ବାଦିକଙ୍କ ପାଇଁ ଉଦ୍ଦିଷ୍ଟ ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ଯୋଜନାର ନବୀକରଣ ପ୍ରସ୍ତାବକୁ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଅନୁମୋଦନ କରିଛନ୍ତି। ଲୋକସମ୍ପର୍କ ଭବନସ୍ଥିତ ମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହି ପ୍ରଥମ କାର୍ଯ୍ୟ ଦିବସରେ ମନ୍ତ୍ରୀ ଉପରୋକ୍ତ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ଯୋଜନା ରାଜ୍ୟର କର୍ମଜୀବୀ ସାମ୍ବାଦିକମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଓ ନିରାପତ୍ତା ପାଇଁ କାର୍ଯ୍ୟକାରୀ ହୋଇଛି। ମନ୍ତ୍ରୀଙ୍କ ଦ୍ୱାରା ଅନୁମୋଦିତ ହେବା ଫଳରେ ରାଜ୍ୟର ତାଲିକାଭୁକ୍ତ ୬୦୧୧ ଜଣ କର୍ମଜୀବୀ ସାମ୍ବାଦିକଙ୍କୁ ସ୍ୱାସ୍ଥ୍ୟବୀମା ଯୋଜନାର ସୁବିଧା ଅବିଚ୍ଛିନ୍ନ ଭାବରେ ଉପଲବ୍ଧ ହେବ।

# କୁକୁରଙ୍କ ଆକ୍ରମଣରେ ମହିଳା ମୃତ

- ବାଞ୍ଜିବାହାଲ ଗ୍ରାମବାସୀ ଆତଙ୍କିତ
- ପୂର୍ବରୁ ବି ଜଣେ ନାବାଳିକା ଆଖି ବୁଜିଥିଲେ

ଗୋଲାମୁଣ୍ଡା,୧୬(ଡି.ଏନ୍.ଏ.)

ଗୋଟିଏ କି ଦୁଇଟି ନୁହେଁ, ୧୦ ବୁଲା କୁକୁରଙ୍କ ସଂଘବଦ୍ଧ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ଶନିବାର କଳାହାଣ୍ଡି ଜିଲା ଗୋଲାମୁଣ୍ଡା ଥାନା ଅଧୀନ ଦଶପୁର ପଞ୍ଚାୟତ ବାଞ୍ଜିବାହାଲ ଗ୍ରାମରେ ଘଟିଥିବା ଏହି ଘଟଣା ଆତଙ୍କ ସୃଷ୍ଟି କରିଛି। କୁକୁରମାନଙ୍କ ଆକ୍ରମଣ ଏତେ ସଂଘାତିକ ଥିଲା ଯେ ସଂପୃକ୍ତା ମହିଳଙ୍କ ଶରୀରରୁ ପୁଳା ପୁଳା ମାଂସ ଉଠିଯାଇଛି । ହିଂସ୍ର କୁକୁରମାନେ ସେହି ମାଂସକୁ ପୁଣି ଖାଇଯାଇଥିବା ଗ୍ରାମବାସୀ କହିଛନ୍ତି । ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ପୂର୍ବରୁ ମଧ୍ୟ ଜଣେ ନାବାଳିକଙ୍କୁ ବୁଲା କୁକୁରମାନେ ଆକ୍ରମଣ କରି ମାରି ଦେଇଥିଲେ । ଏହା ଦ୍ୱିତୀୟ ଘଟଣା ବୋଲି ଗ୍ରାମବାସୀ କହିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଦଶପୁର ପଞ୍ଚାୟତ ବାହଲ ଗ୍ରାମର ଭୂମିସୂତା ମାଝି(୪୮) ଶନିବାର ସକାଳେ ବାହାରକୁ ଶୌଚ ପାଇଁ ଯାଇଥିଲେ। ସେତିକିବେଳେ ୧୦ରୁ ଉର୍ଦ୍ଧ୍ୱ ବୁଲା କୁକୁର ତାଙ୍କୁ ହଠାତ୍ ଆକ୍ରମଣ କରିଥିଲେ। ଫଳରେ ଭୂମିସୂତାଙ୍କ ଗଳା, ହାତ, ପେଟରୁ ପୁଳା ପୁଳା ମାଂସ ଉଠିଯିବା ସହ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ଖବର ପାଇ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି କୁକୁରମାନଙ୍କୁ ଘଉଡାଇ ଦେଇଥିଲେ। ହେଲେ ଭୂମିସୂତାଙ୍କୁ ବଞ୍ଚାଇବା ସମ୍ଭବ ହୋଇ ନ ଥିଲା । ପ୍ରବଳ ରକ୍ତସ୍ରାବ ଯୋଗୁ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଏହି ଖବର ପ୍ରଚାରିତ ହେବା ପରେ ଗ୍ରାମବାସୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା । ଗୋଲାମୁଣ୍ଡା ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅନ୍ୟପକ୍ଷେ ପଞ୍ଚାୟତ ପକ୍ଷରୁ ହରିଶ୍ଚନ୍ଦ୍ର ଯୋଜନାରେ ମୃତକଙ୍କ ପରିବାର ଲୋକଙ୍କୁ ୧ ହଜାର ଟଙ୍କା ପ୍ରଦାନ କରାଯାଇଛି।

ସୂଚନାଯୋଗ୍ୟ, ଗତ କିଛିମାସ ହେବ ବୁଲା କୁକୁରମାନଙ୍କ ଏପରି ଉପଦ୍ରବ ଜାରି ରହିଛି । ଗତ ମାର୍ଚ୍ଚ ୩୧ରେ ଦଶପୁର ଫାଣ୍ଡି ଧମାନପୁର ପଞ୍ଚାୟତ ଦଝେର ଗ୍ରାମରେ ବୁଲା କୁକୁର ଆକ୍ରମଣରେ ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଥିଲା। ଶନିବାର ପୁଣି କୁକୁର ଆକ୍ରମଣରେ ସଂପୃକ୍ତା ମହିଳାଙ୍କ ମୃତ୍ୟୁ ଘଟଣାକୁ ନେଇ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଜିଲା ପ୍ରଶାସନ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ବିଭିନ୍ନ ସହରରେ ଅଗ୍ନିଶମ ବିଭାଗର ଚଢ଼ାଉ

# କୋଚିଂ ସେଣ୍ଟରଗୁଡ଼ିକରେ ବିପଜ୍ଜନକ ସ୍ଥିତି

ଭୁବନେଶ୍ୱର, ୧୬(ବ୍ୟୁରୋ)

ଗୁଜରାଟର ସୁରଟରେ କୋଚିଂ ସେଣ୍ଟର ଅଗ୍ନିକାଣ୍ଡ ପରେ ଏବେ ଓଡ଼ିଶା ଅଗ୍ନିଶମ ବିଭାଗ ତତ୍ପର ହୋଇଉଠିଛି। ଗୃହ ବିଭାଗର ନିର୍ଦ୍ଦେଶ ପରେ ରାଜ୍ୟରେ ଥିବା ବିଭିନ୍ନ କୋଚିଂ ସେଣ୍ଟରରେ ଚଢାଉ ଆରମ୍ଭ ହୋଇଛି। ଶନିବାର ରାଉରକେଲାରେ ୧୩ଟି, ବାଲେଶ୍ୱର, ସମ୍ବଲପୁର ଓ ବ୍ରହ୍ମପୁରରେ ୧୦ଟି ଲେଖାଏ କୋଚିଂ ସେଣ୍ଟରରେ ଚଢାଉ କରାଯାଇ ଅଗ୍ନିନିରାପତ୍ତା ଯାଞ୍ଚ କରାଯାଇଥିଲା। ହେଲେ କୌଣସି କୋଚିଂ ସେଣ୍ଟରରେ ସମ୍ପୂର୍ଣ୍ଣ ଆଗ୍ନି ନିରୋଧକ ଓ ନିରାପତ୍ତା ବ୍ୟବସ୍ଥା ନ ଥିଲା। ସବୁଠି ବିପଜ୍ଜନକ ସ୍ଥିତି ଦେଖିବାକୁ ମିଳିଥିଲା। ଅଧିକାଂଶ କୋଚିଂ ସେଣ୍ଟରରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନ ଥିବାବେଳେ କେତେକ ହାତ ଗଣତି ପ୍ରତିଷ୍ଠାନରେ ଫାୟାର ଏକ୍ଷ୍ଟିଂଗୁଇସର କେବଳ କାନ୍ଥରେ ଝୁଲାଇ ରଖାଯାଇଥିଲା। ତାହାର ବ୍ୟବହାର ବି କାହାକୁ ଜଣା ନ ଥିଲା। ଏପରିକି ଅନେକ କୋଚିଂ ସେଣ୍ଟରରେ ଥିବା ବିଦ୍ୟୁତ୍ ମେନ୍ ସୁଇଚ୍ ନିକଟରେ କାଗଜ, କାଟୁନ୍, କାଠ ଓ ପ୍ଲାଷ୍ଟିକ୍ ଆଦି ଦହନଶୀଳ ପ୍ରଦାର୍ଥ ଜମା ହୋଇ ରହିଥିଲା। ସେହିପରି ଛାତ ଉପରେ ପାଣି ଟାଙ୍କି ରଖିବା, ବାଲି ଭର୍ତ୍ତି ବାଲ୍ଟି ରଖିବା, କୋଚି ସେଣ୍ଟର ଚାରିପଟେ ଅଗ୍ନିଶମ ଗାଡି ଯିବା ପାଇଁ ସ୍ଥାନ ଛାଡିବା, ଘରର ମୁଖ୍ୟ ଦ୍ୱାରକୁ ବଡ଼ ରଖିବା ଓ ଜରୁରୀ କାଳୀନ ବାଟ ସଂକ୍ରାନ୍ତରେ ସୂଚନା ଫଳକ ଲଗାଇବାର ନିୟମ ରହିଛି। କିନ୍ତୁ ଏକାଧିକ କୋଚିଂ ସେଣ୍ଟରର ଏସବୁ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନ ଥିଲା। ସବୁଠୁ ବଡ଼କଥା ହେଲା ଅନେକ କୋଚିଂ ସେଣ୍ଟରରେ ଫାୟାର ଆଲାର୍ମ ନ ଥିବା ଦେଖିବାକୁ ମିଳିଥିଲା। ସେହିପରି ବହୁସ୍ଥାନରେ ଶିଡି, ଅଗଣା ଓ ଯିବାଆସିବା ରାସ୍ତା ଅବରୋଧ ଅବସ୍ଥାରେ ରହିଥିଲା। ଅଗ୍ନି ନିରାପତ୍ତା ପାଇଁ ମୁଖ୍ୟ ଭୂମିକା ଗ୍ରହଣ କରୁଥିବା ଉତ୍ତମ ଗୃହ ପରିଚାଳନା ଯାଞ୍ଚ ସମୟରେ ଦେଖିବାକୁ ମିଳି ନ ଥିଲା। ଏପରିସ୍ଥଳେ ବିଦ୍ୟୁତ୍ ଶର୍ଟସର୍କିଟ କିମ୍ବା ଅନ୍ୟ କୌଣସି କାରଣରୁ ନିଆଁ ଲାଗିଲେ କୋଚିଂ ସେଣ୍ଟର ଓ ପିଲାଙ୍କ ଜୀବନ ପ୍ରତି ବିପଦ ଆଶଙ୍କା ରହିଥିବା ଅଗ୍ନିଶମ ଅଧିକାରୀ ଓ କର୍ମଚାରୀମାନେ ଅନୁଭବ କରିଥିଲେ। ତେଣୁ ପ୍ରାଥମିକତା ଦୃଷ୍ଟିରୁ ସେମାନେ କୋଚିଂ ସେଣ୍ଟରର କର୍ମଚାରୀ ଏବଂ ଛାତ୍ରୀଛାତ୍ରଙ୍କୁ ନିଆଁ ଲିଭାଇବା କୌଶଳ ଶିଖାଇଥିଲେ। ଏପରିକି ଉଚ୍ଚ ଅଟ୍ଟାଳିକାରେ ପାଠପଢା ଚାଲିଥିବାବେଳେ ନିଆଁ ଲାଗିଲେ କିଭଳି ନିଜ ଜୀବନ ବଞ୍ଚାଇବା ସହ ଅନ୍ୟର ଜୀବନ ବଞ୍ଚାଇ ହେବ ସେନେଇ ମଧ୍ୟ କେତେକ ସ୍ଥାନରେ ମକ୍‌ଡ୍ରିଲ୍ ମାଧ୍ୟମରେ ଶିକ୍ଷା ଦିଆଯାଇଥିଲା।


ଅଗ୍ନି ନିରାପତ୍ତା ସମ୍ପର୍କରେ ଛାତ୍ରୀମାନଙ୍କୁ ସଚେତନ କରାଯାଉଛି।

- ଏକ୍ଷ୍ଟିଂଗୁଇସର ଝୁଲାରେ ସୀମିତ ରହିଛି ଆଇନ
- ଜମା ହୋଇ ରହିଛି ଦହନଶୀଳ ସାମଗ୍ରୀ
- ଛାତ୍ରୀଛାତ୍ରଙ୍କୁ ଶିଖାଇଲେ ନିଆଁଲିଭା କୌଶଳ

ଏନେଇ ଅଗ୍ନିଶମ ଡିଜି ବି.କେ ଶର୍ମା କୁହନ୍ତି, ଯେଉଁସବୁ କୋଚିଂ ସେଣ୍ଟରରେ ଅଗ୍ନି ନିରାପିତ୍ତା ବ୍ୟବସ୍ଥା ନାହିଁ ଉକ୍ତ କୋଚିଂ ସେଣ୍ଟରଗୁଡିକୁ ନୋଟିସ କରାଯିବ। ସେମାନଙ୍କୁ ୩ ସପ୍ତାହ ସମୟ ଦିଆଯିବ। ନିର୍ଦ୍ଧାରିତ ସମୟ ପରେ ପୁଣି ଉକ୍ତ କୋଚିଂ ସେଣ୍ଟରରେ ଚଢାଉ କରାଯାଇ ପୁନର୍ବାର ଯାଞ୍ଚ କରାଯିବ। ନିୟମ ପାଳନ କରାଯାଇ ନ ଥିଲେ ଉକ୍ତ କୋଚିଂ ସେଣ୍ଟର ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆଗାମୀ ଦିନରେ ବିଭିନ୍ନ ସହରରେ ଥିବା କୋଚିଂ ସେଣ୍ଟରଗୁଡିକରେ ଚଢ଼ାଉ କରାଯାଇ ଯାଞ୍ଚ କରାଯିବ ବୋଲି ଶର୍ମା କହିଛନ୍ତି।

ସୂଚନାଯୋଗ୍ୟ, ଗତ ୨୭ ତାରିଖରେ ଭୁବନେଶ୍ୱରରେ ୧୫ଟି କୋଚିଂ ସେଣ୍ଟର ଓ କଟକରେ ୯ଟି କୋଚିଂ ସେଣ୍ଟର ଯାଞ୍ଚ କରାଯାଇଥିଲା। ଏକାଧିକ କୋଚିଂ ସେଣ୍ଟରରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନ ଥିବା ଦେଖିବା ପରେ ଏଥିପାଇଁ ୩ ସପ୍ତାହ ସମୟ ଦିଆଯାଇଛି।

# ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ବିଭିନ୍ନ ସଂସ୍ଥାର ସହାୟତା

ଭୁବନେଶ୍ୱର,୧୬(ବ୍ୟୁରୋ)

ଫନୀ ଦୁର୍ଗତଙ୍କ ପାଇଁ ବିଭିନ୍ନ ସଂସ୍ଥା ଓ ବ୍ୟକ୍ତିବିଶେଷ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ସହାୟତା ରାଶି ପ୍ରଦାନ ଜାରି ରଖିଛନ୍ତି। ସେହି କ୍ରମରେ ଶନିବାର ଆଦିତ୍ୟ ବିର୍ଲା ଗ୍ରୁପ ପକ୍ଷରୁ ସିଏମ୍ ରିଲିଫ ପାଣ୍ଠିକୁ ୫୦ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ହିଣ୍ଡାଲ୍‌କୋର ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି) ସତୀଶ ପାଇ ଏବଂ ଏସେଲ୍ ମାଇନିଂ ଏବଂ ଇଣ୍ଡଷ୍ଟ୍ରିଜ୍ ଲିଃର ଏମ୍‌ଡି ତୁହିନ ମୁଖାର୍ଜୀ ପ୍ରମୁଖ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସଚିବାଳୟରେ ଭେଟି ୫୦ କୋଟି ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ରାଷ୍ଟ୍ରୀୟ ଇସ୍ପାତ ନିଗମ ଲିଃ ଅଧକ୍ଷଙ୍କ ପକ୍ଷରୁ ୫୦ ଲକ୍ଷ ଟଙ୍କା ଏବଂ ନିଗମ କର୍ମଚାରୀଙ୍କ ପକ୍ଷରୁ ୯୦ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। କୋରାପୁଟ ଦିଲ୍ଲୀ ସକର କ୍ଲବ ପକ୍ଷରୁ ୧୦ ଲକ୍ଷ ଟଙ୍କା, ବିଜେଡି ମହିଳା ଜନତା ଦଳ ପକ୍ଷରୁ ୩ ଲକ୍ଷ ଟଙ୍କା, ଜେନକ୍ସ ଡାଇଗ୍ନୋଷ୍ଟିକ୍ ପକ୍ଷରୁ ଏକ ଲକ୍ଷ ଟଙ୍କା, ଡିପ୍ଲୋମା ଇଞ୍ଜିନିୟର୍ସ ସର୍ଭିସ ଆସୋସିଏଶନ ପକ୍ଷରୁ ୧ ଲକ୍ଷ ଟଙ୍କା ଏବଂ ରାଜସ୍ୱ ବିଭାଗ ସାଂସ୍କୃତିକ ପରିଷଦ ପକ୍ଷରୁ ୩୩,୦୦୦ ଟଙ୍କା ସିଏମ୍‌ଙ୍କ ରିଲିଫ୍ ପାଣ୍ଠିକୁ ପ୍ରଦାନ କରାଯାଇଛି। ଏହିପରି ଭାବେ ୧୦ଟି ସଂସ୍ଥା ଓ ବ୍ୟକ୍ତିବିଶେଷଙ୍କ ପକ୍ଷରୁ ୫୨ କୋଟି ୭୭ ଲକ୍ଷ ୪୫ ହଜାର ଟଙ୍କା ରିଲିଫ୍ ପାଣ୍ଠିକୁ ମିଳିଥିବା ସିଏମ୍‌ଓ ପକ୍ଷରୁ କୁହାଯାଇଛି।

## ସୂର୍ଯ୍ୟ ହେଲେ...

ନେତା ନରସିଂହ ମିଶ୍ର ପ୍ରମୁଖ ନୂଆ ବାଚସ୍ପତିଙ୍କୁ ତାଙ୍କ ଆସନକୁ ପାଛୋଟି ନେଇଥିଲେ। ସୂର୍ଯ୍ୟ ବିଧାନସଭାକୁ ୭ ଥର ନିର୍ବାଚିତ ହୋଇଛନ୍ତି। ମୋହନାରୁ ୪ ଥର ନିର୍ବାଚିତ ହୋଇଥିଲେ। ନିର୍ବାଚନ ମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ ପରେ ସେ ଦିଗପହଣ୍ଡିରୁ ଲଗାତର ୩ ଥର ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି। ପୂର୍ବରୁ ସେ ବିଜୁ ପଟ୍ଟନାୟକ ଏବଂ ନବୀନ ପଟ୍ଟନାୟକଙ୍କ ମନ୍ତ୍ରିମଣ୍ଡଳରେ ବିଭିନ୍ନ ବିଭାଗର ମନ୍ତ୍ରୀ ଦାୟିତ୍ୱ ତୁଲାଇଛନ୍ତି। ଏହା ପୂର୍ବରୁ ସେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ସମବାୟ ମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ। ଚଳିତ ବିଧାନସଭାରେ ବିରୋଧୀଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଗୃହ ପରିଚାଳନା କ୍ଷେତ୍ରରେ ଅନେକ ଚ୍ୟାଲେଞ୍ଜ ସୃଷ୍ଟି ହେବାର ସମ୍ଭାବନା ରହିଛି। ବାଚସ୍ପତି ଭାବେ ନିର୍ବାଚିତ ହେବା ପରେ ସୂର୍ଯ୍ୟ ଗଣମାଧ୍ୟମକୁ କହିଛନ୍ତି ଯେ ବିଧାନସଭା ଗଣତନ୍ତ୍ରର ମନ୍ଦିର। ଏହାର ଗରିମା ଅକ୍ଷୁଣ୍ଣ ରଖିବା ସହ ସବୁ ଦଳର ସହଯୋଗ ନେଇ ଗୃହ ପରିଚାଳନା କରାଯିବ।

ତେବେ ବାଚସ୍ପତି ନିର୍ବାଚନ ବେଳେ ଗୃହରେ ଭାଜପା ସଦସ୍ୟମାନଙ୍କୁ ଦେଖିବାକୁ ମିଳି ନ ଥିଲା। ଭାଜପାର ବରିଷ୍ଠ ନେତା ଜୟ ନାରାୟଣ ମିଶ୍ରଙ୍କୁ ପଚାରିବାରୁ ସେ କହିଲେ ଯେ ବାଚସ୍ପତି ନିର୍ବାଚନ ପାଇଁ ଆମ ଦଳ ବିଧାୟକମାନଙ୍କୁ ଡକାଯାଇ ନାହିଁ। ସର୍ବ ସମ୍ମତିକ୍ରମେ ବାଚସ୍ପତି ନିର୍ବାଚନ କରିବା ଶାସକ ଦଳର କାମ। ଶାସକ ଦଳ ପକ୍ଷରୁ ଆମକୁ ଏ ନେଇ କୌଣସି ସୂଚନା ଦିଆଯାଇ ନ ଥିଲା। ସେଥିପାଇଁ ଆମେ ଯୋଗ ଦେଇ ନ ଥିଲୁ।

## ଯୁକ୍ତ ୨...

ଉପଲବ୍ଧ ହେବ। ଜୁଲାଇ ୧୬ରେ ବଳକା ସିଟ୍ ତାଲିକା ପ୍ରକାଶ କରାଯିବ। ୧୮ ତାରିଖ ଅପରାହ୍ନ ୨ଟା ସୁଦ୍ଧା ସ୍ପଟ୍ ନାମଲେଖା ଲାଗି ଛାତ୍ରୀଛାତ୍ରମାନେ ନାମ ପଞ୍ଜୀକରଣ କରିପାରିବେ। ସେହିଦିନ ସନ୍ଧ୍ୟା ୫ଟାରେ ବିବେଚିତ ଛାତ୍ରୀଛାତ୍ରଙ୍କ ତାଲିକା ପ୍ରକାଶ ପାଇବ। ଜୁଲାଇ ୨୦ରୁ ୨୨ ତାରିଖ ମଧ୍ୟରେ ସ୍ପଟ୍ ନାମଲେଖା ଅନୁଷ୍ଠିତ ହେବ। ଜୁଲାଇ ୨୪ରୁ ଯୁକ୍ତ୨ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ପାଠପଢ଼ା ଆରମ୍ଭ ହେବ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

## ୫ପ୍ରତିଶତ...

୯୩୭ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ମୌଲବୀ ବା ଦଶମ ଶ୍ରେଣୀରେ ୪୯୬ ପିଲାଙ୍କ ମଧ୍ୟରୁ ୩୧୦ ଜଣ ପାସ୍ କରିଛନ୍ତି। ସେହିପରି ମାହିର ବା ଯୁକ୍ତ ୨ରେ ୨୭୮ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ୨୨୯ଜଣ କୃତକାର୍ଯ୍ୟ ହୋଇଛନ୍ତି। ଆଲିମ ପ୍ରି ଡିଗ୍ରୀ ବା ଯୁକ୍ତ ୩ ପ୍ରି ଡିଗ୍ରୀରେ ୧୭୧ରୁ ୧୬୫ ଓ ଆଲିମ୍ ବା ଯୁକ୍ତ ୩ରେ ୧୪୧ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୪୦ ଜଣ ପାସ୍ କରିଛନ୍ତି। ସେହିପରି ଫାଜିଲ-ଇ-ହାଡିଥ୍‌ରେ ୩୧ରୁ ୩୦ ଏବଂ ଫାଜିଲ-ଇ-ଉର୍ଦ୍ଦୁରେ ୬୧ ଜଣ ପିଲାଙ୍କ ମଧ୍ୟରୁ ୬୦ଜଣ ସଫଳତା ପାଇଛନ୍ତି। ତେବେ ସବୁଥିରେ ଛାତ୍ରଙ୍କଠାରୁ ଛାତ୍ରୀଙ୍କ ପାସ୍‌ହାର ଅଧିକ ରହିଛି। ମୌଲବୀରେ ଛାତ୍ରୀଙ୍କ ପାସ୍ ହାର ୭୩.୭୫ ଥିବାବେଳେ ଛାତ୍ରଙ୍କ ପାସ୍‌ହାର ୫୭.୧୪, ମାହିରରେ ଛାତ୍ରୀଙ୍କର ୮୮.୪୬ ଓ ଛାତ୍ରଙ୍କର ୮୦.୪୬, ଆଲିମ ପ୍ରି ଡିଗ୍ରୀରେ ଛାତ୍ରୀଙ୍କର ୯୩.୯୪ ଓ ଛାତ୍ରଙ୍କର ୯୨.୮୬, ଆଲିମ୍‌ରେ ଛାତ୍ରୀଙ୍କର ୧୦୦ ଓ ଛାତ୍ରଙ୍କର ୯୯.୦୧, ଫାଜିଲ-ଇ-ହାଡିଥ୍‌ରେ ଛାତ୍ରୀଙ୍କର ୧୦୦ ଓ ଛାତ୍ରଙ୍କର ୯୬.୫୫ ଏବଂ ଫାଜିଲ-ଇ-ଉର୍ଦ୍ଦୁରେ ଛାତ୍ରୀଙ୍କର ୧୦୦ ଓ ଛାତ୍ରଙ୍କର ୯୮ .୦୪ପ୍ରତିଶତ ପାସ୍‌ହାର ରହିଛି।

## ଉଦ୍ୟୋଗପତି...

ଦେଇଥିଲେ। ତେବେ ଉଭୟ କମ୍ପାନୀ ତାଙ୍କର ଯୋଗଦାନକୁ ଦୃଷ୍ଟିରେ ରଖି ତାଙ୍କୁ ଚେୟାରମ୍ୟାନ ଏମିରେଟସ୍ ଭାବେ ନିଯୁକ୍ତ କରିଥିଲା। ଦୀର୍ଘ ୪ ଦଶନ୍ଧି ଧରି ଚା' ଉଦ୍ୟୋଗରେ ଖୈତାନଙ୍କର ଅଭିଜ୍ଞତା ଥିଲା। ସେ ବିଶ୍ୱନାଥ ଚା' କମ୍ପାନୀର ଏମ୍‌ଡି ରହିଥିଲେ। ଏହାବ୍ୟତୀତ ସେ ୧୯୭୩ରେ ଇଣ୍ଡିଆନ ଚାମ୍ବର୍ସ ଅଫ୍ କମର୍ସର ଅଧକ୍ଷ ମଧ୍ୟ ଥିଲେ। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଟୁଇଟ୍ କରି ଖୈତାନଙ୍କ ପରଲୋକରେ ଶୋକବ୍ୟକ୍ତ କରିଛନ୍ତି। ବଙ୍ଗଳା ବ୍ୟବସାୟୀଙ୍କ ମଧ୍ୟରେ ସେ ବରିଷ୍ଠତମ ଥିଲେ ବୋଲି ଉଲ୍ଲେଖ କରି ମମତା କହିଛନ୍ତି ଯେ, ତାଙ୍କର ମୃତ୍ୟୁରେ ସେ ଅତ୍ୟନ୍ତ ଦୁଃଖୀ।

## ଜରିମାନା...

ସମୟ ମାଗିବାରୁ ସେମାନଙ୍କୁ ୧୫ ଦିନ ମହଲତ ଦିଆଯାଇଥିବା ଜଣାପଡିଛି। ଏମଆର ଦାସ, ମେସ୍କୋର ଦୁଇଟି ଖଣି, ଏସଏନ ଦାସ ମହାପାତ୍ରଙ୍କ ଖଣିକୁ ୭ ଦିନ ସମୟ ଦିଆଯାଇଛି। ଏହି ସମୟ ମଧ୍ୟରେ ଜରିମାନା ପୈଠ ନ କଲେ ସମ୍ପତ୍ତି ବିକ୍ରି ପାଇଁ ନୋଟିସ (ଓାରେଣ୍ଟ ଅଫ ସେଲ) ଜାରି କରାଯିବା ସହ 'ଆରେଷ୍ଟ ଅଫ ଓାରେଣ୍ଟ' ଇସ୍ୟୁ କରାଯିବ ବୋଲି ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ସର୍ବୋଚ୍ଚ ନ୍ୟାୟାଳୟର ଚାପ ପଡୁଥିବାରୁ ଜିଲା ପ୍ରଶାସନ ଉକ୍ତ ମାମଲାକୁ ତୁରନ୍ତ ଶେଷ କରିବାକୁ ଉଦ୍ୟମ କରୁଛି। ପରବର୍ତ୍ତୀ ଶୁଣାଣି ଜୁନ ୨୨ରେ ହେବ ବୋଲି ଜଣାପଡିଛି।

ଉଲ୍ଲେଖନୀୟ ଯେ, କେନ୍ଦୁଝର ଜିଲାରେ ସମୁଦାୟ ୩୩ ଖଣି ମଧ୍ୟରୁ ୨୪ କମ୍ପାନୀ ବିରୋଧରେ କେସ ରୁଜୁ ହୋଇଛି। ମୋଟ ୬୩ଶହ କୋଟି ଟଙ୍କାର ଜରିମାନା ଆଦାୟ କରିବାକୁ ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ବେଳେ ଅଦ୍ୟାବଧି ମାତ୍ର ୫୨୦ କୋଟି ଆଦାୟ ହୋଇଛି। ସେଥିରୁ ପାଖାପାଖି ଓଏମଡିସି ୫୧୧ କୋଟି ଟଙ୍କା ଦେଇଥିବା ବେଳେ ବିଡି ପଟ୍ଟନାୟକ ୧ କୋଟି, ଡକ୍ଟର ସରୋଜିନୀ ପ୍ରଧାନ ୧ କୋଟି, ବିପିଏମଇ ୨ କୋଟି, ନାରାୟଣୀ ସନ୍ସ ପାଖାପାଖି ୨ କୋଟି ଟଙ୍କା ଜମା କରିଥିବା ଜଣାପଡିଛି। କେତେକ ଖଣି ସଂସ୍ଥା ଏନେଇ ସର୍ବୋଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ସେଠାରୁ ନିରାଶ ହୋଇ ଫେରିଥିବାରୁ ଜରିମାନା ଅର୍ଥ ଜମା ଦେବେ ନଚେତ ସମ୍ପତ୍ତି ବାଜ୍ୟାପ୍ତି ହେବା ନିଶ୍ଚିତ ବୋଲି ଆଇନଜୀବୀମାନେ କହିଛନ୍ତି।

## ଏଥର ସ୍ୱାଭାବିକ...

ମଧ୍ୟରେ ମୌସୁମୀ ଓଡ଼ିଶାରେ ପହଞ୍ଚିଯାଇପାରେ। ତେବେ ଏଥର ରାଜ୍ୟରେ ସ୍ୱାଭାବିକ ମୌସୁମୀ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ରବିବାର ପଶ୍ଚିମ ଓଡ଼ିଶା, ଉତ୍ତର ଓଡ଼ିଶା ଏବଂ କେନ୍ଦୁଝର, ମୟୂରଭଞ୍ଜ ଓ ରାଜ୍ୟର ଅନ୍ୟ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଉପକୂଳ ଓଡ଼ିଶା ଓ ମୟୂରଭଞ୍ଜ, ଢେଙ୍କାନାଳ, କଳାହାଣ୍ଡି, କନ୍ଧମାଳ ଜିଲାରେ କାଳବୈଶାଖୀ ହେବ। ଏହି ସମୟରେ ୩୦ରୁ ୪୦କିଲୋମିଟର ବେଗରେ ପବନ ବହିବା ସହିତ ବଜ୍ରପାତ ହେବାର ଆଶଙ୍କା ରହିଛି। ଏ ନେଇ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି।

## ସୋନିଆ କଂଗ୍ରେସ...

ଦଳୀୟ ଏମ୍‌ପିମାନଙ୍କୁ ପରାମର୍ଶ ଦେଇଛନ୍ତି। ସେମାନେ ପାର୍ଲାମେଣ୍ଟରେ ଯେଉଁ ପ୍ରସଙ୍ଗ ଉଠାଉଛନ୍ତି ତାହା ଦଳୀୟ କର୍ମୀ ଓ ଜନସାଧାରଣଙ୍କ ମନରେ ରହିବା ଦରକାର। ସଂସ୍କାରମୂଳକ ପଦକ୍ଷେପରେ ସରକାରଙ୍କୁ ସମର୍ଥନ କରିବାରେ କଂଗ୍ରେସ ଗଠନମୂଳକ ଭୂମିକା ନେବା ସହ ବିଭେଦପୂର୍ଣ୍ଣ ତଥା ବିକାଶ ବିରୋଧୀ କାର୍ଯ୍ୟକୁ ଦୃଢ଼ବିରୋଧ କରିବ ବୋଲି ସୋନିଆ କହିଛନ୍ତି।

ଲୋକ ସଭା ନିର୍ବାଚନରେ କଂଗ୍ରେସକୁ ଭୋଟ ଦେଇଥିବା ୧୨.୩ କୋଟି ମତଦାତାଙ୍କୁ ସୋନିଆ ଧନ୍ୟବାଦ ଦେବା ସହ ରାହୁଲ ଗାନ୍ଧୀଙ୍କ ଅବିଶ୍ରାନ୍ତ ପ୍ରଚାରକୁ ଉଚ୍ଚପ୍ରଶଂସା କରିଥିଲେ। ବୈଠକରେ ୫୨ ନବନିର୍ବାଚିତ ଲୋକ ସଭା ଏମ୍‌ପିଙ୍କ ସମେତ ରାଜ୍ୟ ସଭାର କଂଗ୍ରେସ ସଦସ୍ୟ, କଂଗ୍ରେସ କାର୍ଯ୍ୟକାରୀ

### ପ୍ରଥମ ପୃଷ୍ଠାରୁ...

କମିଟି ସଦସ୍ୟ ଏବଂ ଅନ୍ୟ ବରିଷ୍ଠ ନେତା ଉପସ୍ଥିତ ଥିଲେ। ଉତ୍ତରପ୍ରଦେଶରୁ ରାଏବରେଲିରୁ ଲୋକ ସଭାକୁ ନିର୍ବାଚିତ ହୋଇଥିବା ସୋନିଆ ଉପା (ମିଳିତ ପ୍ରଗତିଶୀଳ ମେଣ୍ଟ)ର ଅଧକ୍ଷା ମଧ୍ୟ ଅଛନ୍ତି। ଲୋକ ସଭାରେ କଂଗ୍ରେସ ନେତା ବାଛିବା ଦାୟିତ୍ୱ ସଂସଦୀୟ ଦଳ ତାଙ୍କ ଉପରେ ନ୍ୟସ୍ତ କରିଛି।

## ୧୦ ମାସ...

ତେବେ ସମସ୍ତ ହିତାଧିକାରୀଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରାଯାଇପାରି ନାହିଁ। ଅନ୍ୟପକ୍ଷରେ ଏନଏଫ୍‌ଏସ୍‌ଏ କାର୍ଡ ଖଣ୍ଡେ ପାଇବା ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା ଆରଏମ୍‌ଏସ୍‌ସିକୁ ଦୌଡୁଥିଲେ ମଧ୍ୟ ହିତାଧିକାରୀଙ୍କୁ ନିରାଶ ହେବାକୁ ପଡୁଛି।

ରାଜ୍ୟ ସରକାର ୨୦୧୮ ଗାନ୍ଧୀ ଜୟନ୍ତୀରୁ ରାଜ୍ୟରେ ଓଏଫ୍‌ଏସ୍‌ଏସ୍ କାର୍ଯ୍ୟକାରୀ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ୨୫ ଲକ୍ଷ ନୂଆ ହିତାଧିକାରୀଙ୍କୁ ଏଥିରେ ସାମିଲ କରିବାକୁ ଯୋଜନା କରାଯାଇଥିଲା। ତେବେ ଏ ପର୍ଯ୍ୟନ୍ତ ସେହି କୋଟା ପୂରଣ କରାଯାଇ ପାରିନାହିଁ। ଅନ୍ୟପକ୍ଷରେ ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ହିତାଧିକାରୀଙ୍କୁ କିଲୋ ପିଛା ୧ ଟଙ୍କାରେ ଚାଉଳ ଯୋଗାଇ ଦିଆଯାଉଛି। ଏଥିରେ ସମସ୍ତ ହିତାଧିକାରୀ ଚାଉଳ ନେବାକୁ ବାଧ ହେଉଛନ୍ତି। ଗହମ ନେବାକୁ ଚାହୁଁଥିବା ହିତାଧିକାରୀଙ୍କୁ ନିଜର କାର୍ଡ ପରିବର୍ତ୍ତନ କରିବା କିମ୍ବା ନୂଆ କାର୍ଡ ପାଇଁ ସୁଯୋଗ ମିଳୁନାହିଁ। ଏହାଛଡା ରାଜ୍ୟ ସରକାରଙ୍କ ରାଶନ କାର୍ଡ କେନ୍ଦ୍ର ସରକାରଙ୍କ କାର୍ଯ୍ୟାଳୟଗୁଡିକରେ ଅଯୋଗ୍ୟ ବିବେଚିତ ହେଉଛି। ଏପରିକି ପାଠପଢା କ୍ଷେତ୍ରରେ ମଧ୍ୟ ରାଜ୍ୟ ସରକାରଙ୍କ କାର୍ଡ କେନ୍ଦ୍ରୀୟ ବିଦ୍ୟାଳୟଗୁଡିକ ଗ୍ରହଣ କରୁ ନାହାନ୍ତି।

ନିର୍ବାଚନକୁ ଆଖି ଆଗରେ ରଖି ରାଜ୍ୟ ସରକାର ଏଭଳି ଯୋଜନା କରିଥିଲେ ବୋଲି ବିରୋଧୀ ଦଳଗୁଡିକ ଅଭିଯୋଗ କରିଛନ୍ତି। ଗରିବ ହିତାଧିକାରୀ ରାଶନ କାର୍ଡ ଖଣ୍ଡେ ପାଇଁ କେନ୍ଦ୍ର ଓ ରାଜ୍ୟ ଯୋଜନାରେ ପେଷି ହେଉଛନ୍ତି। ଏ ସମ୍ପର୍କରେ ଯୋଗାଣ ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କୁ ପଚାରିବାରୁ ସେ କହିଲେ ଯେ, ରାଜ୍ୟ ସରକାରଙ୍କ ନୂଆ ଖାଦ୍ୟ ସୁରକ୍ଷା ଯୋଜନାରେ ହିତାଧିକାରୀ ଚୟନ କରିବାରେ ସମସ୍ୟା ହେବାରୁ ୨୦୧୮ ଅକ୍ଟୋବର ୨ ଯାଏ ଏନ୍‌ଏଫ୍‌ଏସ୍‌ଏ ପାଇଁ ନୂତନ କାର୍ଡ ଆବେଦନପତ୍ର ଗ୍ରହଣ ଯାଉ ନ ଥିଲା। ରାଜ୍ୟରେ ନିର୍ବାଚନ ଆଚରଣ ବିଧି ଲାଗୁ ହେବା ଯୋଗୁ ସମସ୍ତ ଆରଏମ୍‌ଏସ୍‌ସି ବନ୍ଦ ରହିଥିଲା। ଖୁବ୍‌ଶୀଘ୍ର ଏ ନେଇ ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** କର୍ମକ୍ଷେତ୍ରରେ କୌଶଳପୂର୍ଣ୍ଣ ବ୍ୟବହାର ଅନ୍ୟମାନଙ୍କୁ ଆପଣାର କରିବାରେ ସାହାଯ୍ୟ କରିବ। ପାରସ୍ପରିକ ଉତ୍ତମ ବୁଝାମଣା ହେତୁ ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ। ଅଫିସରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡ଼ା ଲାଗିପାରେ। ଅନ୍ତରଙ୍ଗ ବନ୍ଧୁଙ୍କ ଅଶାନ୍ତ ମନ ଦେଖି ନିଜେ ଚିନ୍ତିତ ହୋଇପାରନ୍ତି।

**ବୃଷ** ସମସ୍ୟା ଲାଗି ରହିବା ଯୋଗୁ ଅଟକି ରହିଥିବା କାମର ଚିନ୍ତା ଆଜି ମନକୁ ଆନ୍ଦୋଳିତ କରିପାରେ । ଶିଳ୍ପ,ବାଣିଜ୍ୟ,ବ୍ୟବସାୟ ଓ ପରିବହନ ବେଶ୍ ଭଲରେ ଚାଲିବ। ପରୋକ୍ଷ ଶତ୍ରୁତା, କ୍ରନିକ୍ ରୋଗପୀଡ଼ା ଓ ପାରିବାରିକ ମତାନ୍ତରଜନିତ ସାମୟିକ ଚିନ୍ତିତ ରହିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ ଏବଂ ଆର୍ଥିକ ସ୍ଥିତିରେ ସୁଧାର ଆସିବ।

**ମିଥୁନ** କର୍ମକ୍ଷେତ୍ରରେ ନିଜ ବନ୍ଧୁମାନଙ୍କୁ ଆପଣେଇନେବାରେ ସମର୍ଥ କରାଇବ। ବିଭିନ୍ନ ଯୋଜନା, ସାଙ୍ଗଠନିକ କାର୍ଯ୍ୟ କ୍ଷେତ୍ରରେ ଅନୁକୂଳ ବାତାବରଣ ସୃଷ୍ଟି ହେବ। ଭୁଲ୍ ବୁଝାମଣା କାରଣରୁ ପରିବାର ଭିତରେ ସମ୍ପର୍କ ହାନି ଫଳରେ ଚିନ୍ତ ପ୍ରକଟ କରି ପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ସଂଯମର ଅଭାବ ଓ ଯାତ୍ରାରେ ଧନହାନି ଦୁଶ୍ଚିନ୍ତାର କାରଣ ହୋଇପାରେ।

**କର୍କଟ** ଯାତ୍ରା ସମୟରେ ନିର୍ଦ୍ଦିଷ୍ଟ ସ୍ଥାନରେ ଅପେକ୍ଷା କରିବାକୁ କହିଥିବା ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇପଡ଼ିବେ। ପରିବାରରେ ପୂର୍ବ ସମସ୍ୟା ସମାଧାନ ହେବାରେ କୌଣସି ନୀଚ ଜାତିର ବ୍ୟକ୍ତି ମୁଖ୍ୟ ଭୂମିକା ଗ୍ରହଣ କରିପାରନ୍ତି। ସଭାସମିତିରେ କାହା କଥା ସହ ଅନ୍ୟ କାହାର କଥା ନ ମିଶିବା ଫଳରେ ଆଲୋଚନା ଅମୀମାଂସିତ ରହିବ।

**ସିଂହ** ବନ୍ଧୁଙ୍କ ସାହାଯ୍ୟ ଓ ପାରସ୍ପରିକ ସହଯୋଗ ପାରିବାରିକ ଜୀବନକୁ ସରସ ସୁନ୍ଦର କରିବ। ସଭାସମିତିରେ ଅପ୍ରିୟ ସତ୍ୟକଥା କହି ବିବାଦ ଘେରରେ ପଡ଼ିପାରନ୍ତି। ସାହିତ୍ୟ,ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହୋଇପାରନ୍ତି। ପ୍ରତିବନ୍ଧକ ହେତୁ ବାଣିଜ୍ୟ,ବ୍ୟବସାୟ, ନୂତନ କର୍ମାରମ୍ଭ କିମ୍ବା ଯାତ୍ରା ପାଇଁ ପ୍ରସ୍ତୁତି କ୍ଷେତ୍ରରେ ସମସ୍ୟାଗ୍ରସ୍ତ ହେବେ।

**କନ୍ୟା** ଲକ୍ଷ୍ୟ ପୂରଣ ଦିଗରେ ସହକର୍ମୀମାନଙ୍କ ଅସହଯୋଗ, ଆତ୍ମୀୟସ୍ୱଜନଙ୍କ ଦ୍ୱାରା ଅସମ୍ମାନିତ ହୋଇ ଦୁଃଖ ପ୍ରକାଶ କରିପାରନ୍ତି। ଅର୍ଥ ଦେବା ନେବାକୁ କେନ୍ଦ୍ରକରି ବନ୍ଧୁମାନଙ୍କ ମଧ୍ୟରେ ସାମାନ୍ୟ ଝଗଡ଼ା ସୃଷ୍ଟି ହୋଇପାରେ। ଯାନ୍ତ୍ରିକ ଶିଳ୍ପ ଓ ପ୍ରଶାସନ, ଆଇନ ଓ ଅଦାଲତ ତଥା ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ।

**ତୁଳା** ନୂତନ ବନ୍ଧୁ ସମ୍ପର୍କ ଓ କର୍ମକ୍ଷେତ୍ରରେ ସୁଚିନ୍ତିତ କାର୍ଯ୍ୟଧାରା କାମକୁ ଅଗ୍ରଗାମୀ କରାଇବାରେ ସାହାଯ୍ୟ କରିବ। ଜଣେ ପଡ଼ୋଶୀ କିମ୍ବା ବନ୍ଧୁଙ୍କ ଜରିଆରେ ଦୀର୍ଘଦିନର ଆଶା ଫଳବତୀ ହେବା ଆଶା ରହିଛି। ପ୍ରଶାସନିକ ସ୍ତରରେ ସହକର୍ମୀଙ୍କ ଅନୁପସ୍ଥିତିରୁ କର୍ମପ୍ରବାହ ବିଳମ୍ବିତ ହୋଇପାରେ।

**ବିଛା** ଏଇ କେତେଦିନ ହେଲା ଯାହା ଖୋଜୁଛନ୍ତି ଓ ଆଶା କରୁଛନ୍ତି ଆଜି ଅବଶ୍ୟ ପାଇବା ଆଶା ରହିଛି। ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇନେବା ସକାଶେ ଦିନଟି ବହୁତ ଭଲ। କଳା, ସଭା ସମିତି ଓ ମନୋରଞ୍ଜନରେ ଆଗ୍ରହୀ ହେବେ। ସାଧାରଣ କଥାକୁ କେନ୍ଦ୍ରକରି ଅପରାହ୍ନରେ ଟେନ୍‌ସନ ବଢ଼ିପାରେ।

**ଧନୁ** ବହୁଦିନରୁ ଚିନ୍ତା କରିଥିବା ଯୋଜନାଟିକୁ କାର୍ଯ୍ୟକାରୀ କରିବା ସକାଶେ ମନ ବଳାଇପାରନ୍ତି। ବିବାଦୀୟ ଘଟଣାରେ ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନି। ଭ୍ରମଣ ସୁଯୋଗ ଜୁଟିବ। ଆଲୋଚନା ପରିସରରେ ଅପ୍ରିୟ ସତ୍ୟ ପ୍ରକାଶ କରିବା କାରଣରୁ ସହକର୍ମୀ କିମ୍ବା ଆତ୍ମୀୟମାନେ ପାଖ ମାଡ଼ିବେ ନାହିଁ।

**ମକର** ଦୈହିକ ଅସୁସ୍ଥତା ମାନସିକ ସୁସ୍ଥତାକୁ କ୍ଷୁଣ୍ଣ କରିବା ହେତୁ କୌଣସି କାମରେ ମନ ଲାଗିବ ନାହିଁ। ପ୍ରିୟଜନଙ୍କ ଅନୁପସ୍ଥିତି ମନରେ ଗଭୀର ଦୁଃଖ ଦେଇପାରେ। ପାଖ,ପଡ଼ୋଶୀଙ୍କ କଥାରେ ପ୍ରଭାବିତହୋଇ କୌଣସି କାମ ପାଇଁ ଆଗଭର ହୋଇପାରନ୍ତି। ଆର୍ଥିକ ସ୍ଥିତି ମନ୍ଦ ନ ଥିଲେ ମଧ୍ୟ ଋଣ ପରିଶୋଧ କରିବାରେ ପଛେଇଯିବାକୁ ପଡ଼ିବ।

**କୁମ୍ଭ** ଆଜିର ଯାତ୍ରା, ଶୁଭକାର୍ଯ୍ୟାରମ୍ଭ,ସଚ୍ଚିନ୍ତା ଓ ଶୁଦ୍ଧଭାବନା ମନରେ ଭାବାନ୍ତର ସୃଷ୍ଟି କରିବ। ସାମାନ୍ୟ କେତେକ ସାଧାରଣ ଅସୁବିଧାକୁ ବାଦ୍ ଦେଲେ ଦିନଟିରେ ବହୁତ ଭଲ କାମ କରିବେ। ପରିବାର ମଧ୍ୟରେ ଛୋଟ କଥାକୁ ଧରି ବସିଲେ ଅଶାନ୍ତିର ମାତ୍ରା ବଢ଼ିବା ବ୍ୟତୀତ ଲାଭ କିଛି ହେବନି। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ।

**ମୀନ** ବନ୍ଧୁମାନଙ୍କ ହସ୍ତକ୍ଷେପ ଫଳରେ ଘରର ଅଶାନ୍ତ ପରିବେଶ କେତେକାଂଶରେ ଶାନ୍ତ ପଡ଼ିବା ଆଶା କରାଯାଇପାରେ। ଆଗାମୀ କାଲିର ଯୋଜନା ପ୍ରସ୍ତୁତକରି ପାରନ୍ତି। ବାକି ରହିଥିବା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ ତଥାପି ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହେବା ଆଶଙ୍କା ରହିଛି। ବ୍ୟବସାୟରେ ଲାଭ ମିଳିବ।

ଆଜି ଜ୍ୟେଷ୍ଠ କୃଷ୍ଣ ଚତୁର୍ଦ୍ଦଶୀ ରବିବାର, ଜୁନ୍ ୨ ତାରିଖ, ସବେ-କଦର (ପୂର୍ବରାତ୍ରି), ରାଶି ନକ୍ଷତ୍ର-ସକାଳ ଘ୭ ।୩୯ମି. ଗତେ,କୃତ୍ତିକା/ବୃଷ, ବିଛା ରାଶିର ଘାତଚନ୍ଦ୍ର, ମେଷ ରାଶିର ଘାତବାର, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଅଦ୍ୟ ଚନ୍ଦ୍ରକ୍ଷୟ ନିଶାପାଳନ। ଦିବା ଘ୬ ।୪୭ମି. ଗତେ ଘ୮ ।୨୪ମି. ମଧ୍ୟେ ଅମୃତବେଳା । ସକାଳ ଘ୮ ।୨୪ମି. ଗତେ ଘ୧୦ ।୦୨ମି. ମଧ୍ୟେ, ଘ୧ ।୧୮ମି. ଗତେ ଘ୨ ।୫୫ମି. ମଧ୍ୟେ ମାହେନ୍ଦ୍ର ବେଳା । ଅପରାହ୍ନ ଘ୪ ।୪୦ମି. ଗତେ,ଘ.୦୬।୧୯ ମି . ମଧ୍ୟେ ରାହୁକାଳ ।





ଭୁବନେଶ୍ୱରସ୍ଥିତ ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟକୁ ଶନିବାର ସୌଜନ୍ୟମୂଳକ ପରିଦର୍ଶନରେ ଆସିଥିବା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡି।

## ସଂକ୍ଷେପରେ

### ଇସ୍ତଫା ଦେଲେ ମହିଳା କଂଗ୍ରେସ ସଭାନେତ୍ରୀ

ବ୍ରହ୍ମପୁର ଅଫିସ,୧।୬-ଗଞ୍ଜାମ ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ଆଇନଜୀବୀ ସ୍ୱରୂପା ତ୍ରିପାଠୀ ପଦ ଓ ଦଳର ପ୍ରାଥମିକ ସଭ୍ୟ ପଦରୁ ଶନିବାର ଇସ୍ତଫା ଦେଇଛନ୍ତି। ଜିଲା କଂଗ୍ରେସ ସଭାପତି ତ୍ରିନାଥ ବେହେରାଙ୍କ ଜରିଆରେ ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତିଙ୍କୁ ଇସ୍ତଫା ପତ୍ର ପଠାଇଥିବାନେଇ 'ଧରିତ୍ରୀ'କୁ ସ୍ୱରୂପା ଏହି ସୂଚନା ଦେଇଛନ୍ତି। ଗଞ୍ଜାମ ସମେତ ରାଜ୍ୟରେ କଂଗ୍ରେସ ସଂଗଠନ ଅତି ଶୋଚନୀୟ ହୋଇଯାଇଥିବା ଏବଂ ନେତୃତ୍ୱ କନ୍ଦଳ ସହିତ ପ୍ରଦେଶ କଂଗ୍ରେସ ମୁଖିଆଙ୍କ ସାଙ୍ଗଠନିକ ଦକ୍ଷତାର ଅଭାବ ନିକଟରେ ଶେଷ ହୋଇଥିବା ନିର୍ବାଚନ ଫଳାଫଳରୁ ପ୍ରମାଣିତ ହୋଇଥିବା ତ୍ରିପାଠୀ ସଙ୍ଗିନ ଅଭିଯୋଗ କରିଛନ୍ତି। କଂଗ୍ରେସରେ ମହିଳାଙ୍କୁ ସମ୍ମାନ ଦିଆଯାଉ ନ ଥିବା ତ୍ରିପାଠୀ କଟାକ୍ଷ କରିଛନ୍ତି । ଗଞ୍ଜାମ ଜିଲାର ୧୩ ବିଧାନସଭା ନିର୍ବାଚନ ମଣ୍ଡଳୀରୁ ଜଣେ ବି ମହିଳାଙ୍କୁ ପ୍ରାର୍ଥୀ କରାଯାଇ ନ ଥିବା କଂଗ୍ରେସର ମହିଳା ବିରୋଧୀ ନୀତିକୁ ପ୍ରମାଣିତ କରିଥିବା ସ୍ୱରୂପା ସୂଚନା ଦେଇଛନ୍ତି। ତାଙ୍କର ପରବର୍ତ୍ତୀ ନିଷ୍ପତ୍ତି ଏବେ ନେଇ ନ ଥିବା ସେ ସ୍ପଷ୍ଟ କରିଛନ୍ତି ।



ସ୍ୱରୂପା ତ୍ରିପାଠୀ

### ହେମାନନ୍ଦଙ୍କ ଉପରେ ବର୍ଷିଲେ କାହ୍ନୁ
### ଶୃଙ୍ଖଳା ଭଙ୍ଗ କରିବା ଲୋକ କମିଟି ଅଧ୍ୟକ୍ଷ

ଭୁବନେଶ୍ୱର, ୧।୬(ବ୍ୟୁରୋ): ୨୦୧୯ ସାଧାରଣ ନିର୍ବାଚନ ପରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କୁ ଦଳର ଅଧିକାଂଶ ନେତା ବିରୋଧ କରିଥିଲେ। ଶନିବାର କଂଗ୍ରେସ ଶୃଙ୍ଖଳା କମିଟି ଅଧ୍ୟକ୍ଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କୁ ବରିଷ୍ଠ ନେତା କାହ୍ନୁ ଲେଙ୍କା କଡା ଭାଷାରେ ସମାଲୋଚନା କରିଛନ୍ତି। କାହ୍ନୁ ଲେଙ୍କା କହିଛନ୍ତି, ରାଜ୍ୟର ୧୨୧ଦିନିଆ ମୁଖ୍ୟମନ୍ତ୍ରୀଭାବେ ହେମାନନ୍ଦ ବିଶ୍ୱାଳଙ୍କୁ ଲୋକେ ଜାଣିଛନ୍ତି। ବର୍ତ୍ତମାନ ସେ ଦଳର ଶୃଙ୍ଖଳା କମିଟି ଚେୟାରମ୍ୟାନ ଅଛନ୍ତି। ହେଲେ ସେ ବାରମ୍ବାର ଶୃଙ୍ଖଳା ଭଙ୍ଗକରି ଗଣମାଧ୍ୟମରେ ଚର୍ଚ୍ଚିତ ହେଉଛନ୍ତି। ଯିଏ ଶୃଙ୍ଖଳା କମିଟି ଦାୟିତ୍ୱ ଜାଣିନାହାନ୍ତି ସେ ଜନସାଧାରଣଙ୍କ ବିଷୟରେ କିପରି ଜାଣିବେ। ତାଙ୍କର ଗୋଡ ଚାଲୁନାହିଁ, କାନକୁ ଭଲରେ ଶୁଭୁନାହିଁ, ମାତ୍ର ନିର୍ବାଚନ କମିଟିରେ ଦୁଇ ଝିଅଙ୍କ ପାଇଁ ବ୍ୟାକୁଳତା ଦେଖିବାକୁ ମିଳିଥିଲା। ବିଜେଡି ହାଇକମାଣ୍ଡଙ୍କ ସହ ଭିତିରିଆ ଆଲୋଚନା କରି ଝିଅକୁ ବିଜେଡି ପଠାଇଥିଲେ। ସେହିପରି ଭୋଟ୍‌ରେ ପ୍ରଚାର ପାଇଁ କଂଗ୍ରେସର କିଛି ସଦସ୍ୟଙ୍କୁ ମଧ୍ୟ ବିଜେଡି ପଠାଇଦେଲେ। ହେମାନନ୍ଦ ବିଶ୍ୱାଳ ପ୍ରକୃତରେ ଆଦିବାସୀ ନେତା ନୁହନ୍ତି। ଆଦିବାସୀ ନେତା ରାମଚନ୍ଦ୍ର ଉଲ୍ଲାକାଙ୍କ ନାମରେ ତାଙ୍କ ପୁଅ ସପ୍ତଗିରି ଉଲ୍ଲାକା ବର୍ତ୍ତମାନ ଲୋକ ସଭା ଏମ୍‌ପି ହୋଇଛନ୍ତି। ହେଲେ ହେମାନନ୍ଦ ଏବେ ମଧ୍ୟ ନିଜ ଝିଅକୁ ଲୋକ ସଭା ପଠାଇପାରିଲେ ନାହିଁ। ଦୁଇ ଝିଅ ନିର୍ବାଚନରେ ତୃତୀୟ ସ୍ଥାନରେ ରହିଲେ ବୋଲି କାହ୍ନୁ କହିଛନ୍ତି। ସେହିପରି ନିକଟରେ ହୋଇଥିବା କଂଗ୍ରେସ ବୈଠକ ନେଇ କାହ୍ନୁ କହିଛନ୍ତି, ଯେଉଁମାନେ କଂଗ୍ରେସକୁ ନଷ୍ଟ କରିଛନ୍ତି ସେମାନେ ବୈଠକରେ ସାମିଲ ହୋଇଥିଲେ। ୬୨ ବର୍ଷ ହେଲା କଂଗ୍ରେସରେ ରହିଛି। ଆଗକୁ ମଧ୍ୟ ରହିବି। ଦଳ କିଭଳି ମଜଭୁତ ହେବ ଏବଂ ବୁଥ୍‌ସ୍ତରରୁ ସଙ୍ଗଠିତ ହେବ ସେ ନେଇ ଚେଷ୍ଟା କରିବି। ରାଜ୍ୟର ୩୯ ହଜାର ବୁଥ୍ ସହ କେମିତି ପିସିସିର ସମ୍ପର୍କ ରହିବ ସେ ନେଇ କାମ କରିବି। ଏମିତି କରିବା ପାଇଁ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ଏବଂ ବର୍ତ୍ତମାନର ସଭାପତି ନିରଞ୍ଜନ ପଟ୍ଟନାୟକଙ୍କୁ କହିଥିଲି। ହେଲେ ଏହାକୁ କେହି ପାଳନ କଲେନାହିଁ ବୋଲି କାହ୍ନୁ କହିଛନ୍ତି।

■ ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ଓଡିଶାର ଭାଜପା ଏମ୍‌ପି

# କେନ୍ଦ୍ରର ପିଏମ୍ କିଷାନ ଯୋଜନା ଐତିହାସିକ ନିଷ୍ପତ୍ତି

ଭୁବନେଶ୍ୱର, ୧।୬(ବ୍ୟୁରୋ)

ଦ୍ୱିତୀୟ ଥର ପାଇଁ କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ସରକାର ହେବାପରେ ତାଙ୍କର ପ୍ରଥମ କ୍ୟାବିନେଟ୍ ବୈଠକରେ ୨୦୨୦ ସୁଦ୍ଧା ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବା ପାଇଁ କାର୍ଯ୍ୟକ୍ରମ କରାଯାଇଛି। ଦେଶର ସବୁ ଚାଷୀଙ୍କ ପାଇଁ ପିଏମ୍ କିଷାନ ଯୋଜନାକୁ ଲାଗୁ କରାଯାଇଛି। କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କୁ ଏଥିରେ ସାମିଲ ମଧ୍ୟ କରାଯାଇଛି। ଚାଷୀକୂଳ ପାଇଁ ଦିଆଯାଇଥିବା ପ୍ରତିଶୃତିକୁ ପୂରଣକରି ଦେଶର ସମସ୍ତ କୃଷକଙ୍କ ପାଇଁ 'ପ୍ରଧାନମନ୍ତ୍ରୀ କିଷାନ ପେନ୍‌ସନ୍ ଯୋଜନା' ଲାଗୁ କରାଯିବା ଭଳି ଏକ ଐତିହାସିକ ନିଷ୍ପତି। ଏଥିପାଇଁ ଓଡିଶାର ଏମ୍‌ପିମାନେ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ୨୦୧୯-୨୦ ଆର୍ଥିକ ବର୍ଷ ବଜେଟ୍‌ରେ ୮୭୨୧୭.୫୦ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ପ୍ରତ୍ୟେକ ଚାଷୀଙ୍କୁ ତିନୋଟି କିସ୍ତି ମାଧ୍ୟମରେ ବର୍ଷକୁ ୬ ହଜାର ଟଙ୍କା ପ୍ରଦାନ କରିବାକୁ ନିଷ୍ପତି ନିଆଯାଇଛି। ପୂର୍ବରୁ ଏହି ଯୋଜନାରେ ୩.୧୧ କୋଟି ଚାଷୀଙ୍କ ଆକାଉଣ୍ଟକୁ ପ୍ରଥମ କିସ୍ତି ଯାଇଥିଲା। ସେହିପରି ଦ୍ୱିତୀୟ କିସ୍ତିରେ ୨.୭୫ କୋଟି ଚାଷୀଙ୍କ ଆକାଉଣ୍ଟକୁ ଟଙ୍କା ପଠାଯାଇଛି। 'ପ୍ରଧାନମନ୍ତ୍ରୀ କିଷାନ ପେନ୍‌ସନ୍ ଯୋଜନାରେ ୧୮ରୁ ୪୦ ବର୍ଷ ବୟସର କୃଷକମାନେ ସାମିଲ ହୋଇପାରିବେ । ସେମାନଙ୍କୁ ୬୦ ବର୍ଷପରେ ମାସିକ ୩ ହଜାର ଟଙ୍କା ମିଳିବ। ପ୍ରଥମ ପର୍ଯ୍ୟାୟରେ ଏହି ପେନ୍‌ସନ୍ ଯୋଜନାରେ ୫ କୋଟି କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ସାମିଲ କରାଯିବ। ପେନ୍‌ସନ୍ ପାଉଥିବା ହିତାଧିକାରୀଙ୍କ ମୃତ୍ୟୁ ପରେ ସେମାନଙ୍କ ପତିଙ୍କୁ ପେନ୍‌ସନ୍ ରାଶିର ୫୦ ପ୍ରତିଶତ ଟଙ୍କା ମିଳିବ। ଓଡିଶା ମଧ୍ୟ ଏହାର ଲାଭ ପାଇବ ବୋଲି ଭାଜପା ରାଜ୍ୟ ସଭାପତି ତଥା ଏମ୍‌ପି ବସନ୍ତ ପଣ୍ଡା କହିଛନ୍ତି । ସେହିପରି ପଶୁପାଳକମାନଙ୍କୁ ପ୍ରୋତ୍ସାହନ ଦେବାସହ ସଂକ୍ରାମକ ରୋଗାକ୍ରାନ୍ତ ପ୍ରାଣୀଙ୍କ ପାଇଁ ସ୍ୱତନ୍ତ୍ର ଯୋଜନା କରାଯାଇଛି। ଏଥିପାଇଁ କେନ୍ଦ୍ର ସରକାର ଆସନ୍ତା ପାଞ୍ଚବର୍ଷ ଲାଗି ୧୩,୩୪୩ କୋଟି ଟଙ୍କା ବଜେଟ୍ ବ୍ୟୟ କରାଯାଇଛି। ପ୍ରାଣୀ ସୁରକ୍ଷା ପୂର୍ବରୁ ଉଭୟ ରାଜ୍ୟ ଏବଂ କେନ୍ଦ୍ର ସହଭାଗିତାରେ ଥିଲା। ମାତ୍ର ଏବେ କେବଳ କେନ୍ଦ୍ର ସରକାର ସମସ୍ତ ଖର୍ଚ୍ଚ ବହନ କରିବେ। ଓଡିଶାର ଗୋଚାଷୀମାନେ ଏହାର ଲାଭ ପାଇବେ ବୋଲି ବସନ୍ତ କହିଛନ୍ତି।

■ ନିଯୁକ୍ତି ପାଇବାକୁ ଥିବା ଓପିଏସ୍ ଅଧିକାରୀଙ୍କୁ ଗୁରୁମନ୍ତ୍ର ଦେଲେ ଡିଜିପି

# ତଦନ୍ତ କ୍ଷେତ୍ରରେ ସାଇଣ୍ଟିଫିକ୍ ପ୍ରକ୍ରିୟା ଆପଣାଇବାକୁ ପରାମର୍ଶ

କଟକ ଅଫିସ, ୧।୬

ନିଯୁକ୍ତି ପାଇବାକୁ ଥିବା ୨୦୧୫ ବ୍ୟାଚ୍‌ର ୧୪ ଜଣ ଓପିଏସ୍ ଅଧିକାରୀଙ୍କ ସହ ଶନିବାର ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମା ରାଜ୍ୟ ପୋଲିସ ମୁଖ୍ୟାଳୟରେ ଆଲୋଚନା କରିଛନ୍ତି। ସେମାନଙ୍କ ଟ୍ରେନିଂ ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ନିକଟ ଭବିଷ୍ୟତରେ ଡେପୁଟି ଏସ୍‌ପି ର୍‍ୟାଙ୍କ ପଦବୀରେ ସିଧାସଳଖ ନିଯୁକ୍ତି ପାଇବେ। ତେବେ କାର୍ଯ୍ୟରେ ଯୋଗଦେବା ପରେ ସେମାନେ କିପରି ସଫଳତା ଅର୍ଜନ କରିପାରିବେ, ତାହା ଉପରେ ଡିଜିପି ସେମାନଙ୍କୁ ଗୁରୁମନ୍ତ୍ର ଦେଇଛନ୍ତି।

ଦେଶ ତଥା ରାଜ୍ୟର ବିକାଶ ସଙ୍ଗେ ସଙ୍ଗେ ଟେକ୍ନୋଲୋଜି, ଇଣ୍ଟରନେଟ୍ ଆଦିର ବହୁଳ ବ୍ୟବହାର ହେଉଛି। ଅପରାଧୀମାନେ ଅପରାଧ ଘଟାଇବା ପାଇଁ ନୂତନ ପ୍ରକ୍ରିୟା ଅବଲମ୍ବନ କରୁଥିବାରୁ ସେମାନଙ୍କୁ ଧରିବା ପାଇଁ ତଦନ୍ତ କ୍ଷେତ୍ରରେ ସାଇଣ୍ଟିଫିକ୍ ପ୍ରକ୍ରିୟା ଆପଣାଇବାକୁ ଡିଜିପି ସେମାନଙ୍କୁ ପରାମର୍ଶ ଦେଇଛନ୍ତି। ଡ୍ୟୁଟିରେ ସବୁବେଳେ ତତ୍ପରତା ଦେଖାଇବା ସହ ଯତ୍ନବାନ ରହିବାକୁ ସେ କହିଛନ୍ତି। ପୋଲିସ ବିଭାଗ ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ ହୋଇଥିବାରୁ ପୋଲିସ ପ୍ରତି ଲୋକମାନଙ୍କର ଥିବା ଆଶା ଏବଂ ବିଶ୍ୱାସ ବଜାୟ ରଖିବାକୁ ଡିଜିପି କହିଛନ୍ତି। ଏଥିସହିତ ଆଇନଶୃଙ୍ଖଳା ପାଳନ ବେଳେ ଯେତେସମ୍ଭବ କମ୍ ଫୋର୍ସ ବ୍ୟବହାର କରିବା, ଡ୍ୟୁଟି ବେଳେ ଅତ୍ୟଧିକ ପ୍ରତିକ୍ରିୟାଶୀଳ ଏବଂ ଭାବବିହ୍ୱଳ ନ ହେବା, କାର୍ଯ୍ୟରେ କୌଣସି ଅସୁବିଧା ଦେଖାଦେଲେ ତୁରନ୍ତ ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରିବା, କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପୂର୍ବରୁ ପ୍ରତିଶେଧାତ୍ମକ ବ୍ୟବସ୍ଥା ଗ୍ରହଣ କରିବା, ଲୋକମାନଙ୍କ ସହ ଭଲ ଭାବେ ମିଳାମିଶା କରିବା, ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବାରୁ ଡିଜିପି ପରାମର୍ଶ ଦେଇଥିଲେ। ଏହି ଆଲୋଚନାରେ ଏଡିଜିପି ଭି. ଟି. ମିଶ୍ର, ଆଇଜି ପି. ଏସ୍ ରଣପିସେ ଓ ଅସିତ୍ ପାଣିଗାହୀ ଉପସ୍ଥିତ ଥିଲେ।




ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଏସ୍‌ସିବି, ଶିଶୁଭବନ ପରିଦର୍ଶନ

# ରୋଗୀଙ୍କୁ ୨୪ ଘଣ୍ଟା ମଧ୍ୟରେ ଓଏସ୍‌ଟିଏଫ୍ ଅର୍ଥ ପ୍ରଦାନ କରିବାକୁ ଗୁରୁତ୍ୱ

କଟକ ଅଫିସ,୧।୬

ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ଶନିବାର ଅପରାହ୍ଣରେ ଅଚାନକ କଟକ ଗସ୍ତରେ ଆସିଥିଲେ। ପ୍ରଥମେ ମନ୍ତ୍ରୀ ଦାସ ଏସ୍‌ସିବି ମେଡିକାଲକୁ ଆସିଥିଲେ। ଏସ୍‌ସିବି ଅଧୀକ୍ଷକ ପ୍ରଫେସର ଡା. ସିବିକେ ମହାନ୍ତିଙ୍କ ଚାମ୍ବରରେ ମେଡିକାଲର ବିଭାଗୀୟ ପ୍ରଫେସର ଓ ପ୍ରଶାସନିକ ଅଧିକାରୀଙ୍କ ସହିତ ବିସ୍ତୃତ ଆଲୋଚନା କରିଥିଲେ। ମୁଖ୍ୟତଃ ଓଡ଼ିଶା ରାଜ୍ୟ ଚିକିତ୍ସା ପାଣ୍ଠି(ଓଏସ୍‌ଟିଏଫ୍)ରୁ ରୋଗୀମାନେ ଯେପରି ଆବେଦନ କରିବାର ୨୪ଘଣ୍ଟା ମଧ୍ୟରେ ମାଗଣା ଚିକିତ୍ସା ପାଆନ୍ତି, ସେଥିପ୍ରତି ଧ୍ୟାନଦେବାକୁ ମନ୍ତ୍ରୀ ମେଡିକାଲ ପ୍ରଶାସନକୁ କହିଥିଲେ। ଏହାବାଦ୍ ମେଡିକାଲର ବିଭିନ୍ନ ଅଭାବ ଅସୁବିଧା ଉପରେ ଆଲୋଚନା କରିଥିଲେ। ରୋଗୀସେବା ପାଇଁ ଯାହା ତତ୍କାଳ ଆବଶ୍ୟକ ତାହା ଉପରେ ପ୍ରାଥମିକତା ଦେବାକୁ ମନ୍ତ୍ରୀ ମେଡିକାଲ ପ୍ରଶାସନକୁ ପରାମର୍ଶ ଦେଇଥିଲେ। ସରକାରଙ୍କ ପକ୍ଷରୁ ଯାହା ଆବଶ୍ୟକ ତାହା ଯୋଗାଇଦେବାରେ କୌଣସି ଅସୁବିଧା ନ ଥିବା ସେ କହିଥିଲେ। କୌଣସି ଜରୁରୀ ପରିସ୍ଥିତିରେ ସିଧାସଳଖ ତାଙ୍କୁ ଯୋଗାଯୋଗ କରିବା ପାଇଁ ମନ୍ତ୍ରୀ ନିଜ ଫୋନ ନମ୍ବର, ମେଲ୍ ଆଇଡି ଇତ୍ୟାଦି ମେଡିକାଲ ଅଧୀକ୍ଷକ ପ୍ରଫେସର ମହାନ୍ତି ଓ ପ୍ରଶାସନିକ ଅଧିକାରୀ କଳ୍ପତରୁ ବେହେରାଙ୍କୁ ଦେଇଥିଲେ। ଏହାପରେ ମନ୍ତ୍ରୀ ଦାସ ଶିଶୁଭବନ ଅଭିମୁଖେ ବାହାରିଥିଲେ। ହେଲେ ଶିଶୁଭବନରେ ପହଞ୍ଚିଲା ବେଳକୁ ସେଠାରେ କୌଣସି ଅଧିକାରୀଙ୍କ ଦେଖା ନ ଥିଲା। ଖବର ପାଇ ପ୍ରଥମେ ପ୍ରଶାସନିକ ଅଧିକାରୀ ଲିଙ୍ଗରାଜ ବେହେରା ଓ ପରେ ଅଧୀକ୍ଷକ ପ୍ରଫେସର ସରୋଜ ଶତପଥୀ ପହଞ୍ଚିଥିଲେ। ତେବେ ମନ୍ତ୍ରୀ ପହଞ୍ଚିଲା ବେଳକୁ ଲଞ୍ଚ୍ ସମୟ ହୋଇଥିବାରୁ ଡାକ୍ତର ଓ କର୍ମଚାରୀମାନେ ଖାଇବାକୁ ଯାଇଥିବା ଅଧୀକ୍ଷକ ପ୍ରଫେସର ଶତପଥୀ କହିଛନ୍ତି।

ସୂଚନାଥାଉ କି, ପ୍ରତ୍ୟେକ ମନ୍ତ୍ରୀ ସ୍ୱାସ୍ଥ୍ୟ ବିଭାଗ ପଦ ପାଇବା ପରେ ପ୍ରଥମେ ଏସ୍‌ସିବି ଓ ଶିଶୁଭବନ ବୁଲି ଆସିଥାନ୍ତି। ସ୍ୱାସ୍ଥ୍ୟସେବାକୁ ସହଜ ଓ ସରଳ କରିବା ପାଇଁ ଗଣମାଧ୍ୟମ ଆଗରେ ପ୍ରତିଶ୍ରୁତି ଦେଇଥାନ୍ତି। ମାତ୍ର ବାସ୍ତବ କ୍ଷେତ୍ରରେ ତାହା କାର୍ଯ୍ୟରେ ପରିଣତ ହୋଇ ନ ଥାଏ ବୋଲି ସାମାଜିକ କର୍ମୀମାନେ କହିଛନ୍ତି। ରାଜ୍ୟର ଏହି ଦୁଇଟି ବୃହତ୍ତ ସ୍ୱାସ୍ଥ୍ୟ ଅନୁଷ୍ଠାନରେ ଅନେକ ଅଭାବ ଅସୁବିଧା ରହିଥିବାବେଳେ ସରକାରୀ ପ୍ରତିଶ୍ରୁତି ପାଣିର ଗାର ପାଲଟିଥିବା ସାମାଜିକ କର୍ମୀ ଦୀପକ ଆଚାର୍ଯ୍ୟ କହିଛନ୍ତି। ସମ୍ପ୍ରତି ଟ୍ରମା ଆଇସିୟୁ ଡାକ୍ତରଶୂନ୍ୟ ହୋଇପଡିଥିବାବେଳେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଅଭାବ ଯୋଗୁ ପୂର୍ବଭାରତର ଏକମାତ୍ର ଜରାରୋଗ ବିଭାଗ(ଜେରିଆଟିକ୍ ୱାର୍ଡ) ଏସ୍‌ସିବିରେ ଅଚଳ ହୋଇ ପଡିଛି। ସେହିପରି ଶିଶୁଭବନରେ ସ୍ଥାନାଭାବ ଯୋଗୁ ଶିଶୁରୋଗୀମାନେ ଚଟାଣ ଉପରେ ଶୋଉଥିବାର ଦୃଶ୍ୟ ସ୍ୱାସ୍ଥ୍ୟ ବିଭାଗର ଅସଲ ଚେହେରାକୁ ପଦାରେ ପକାଇଥିବା ଆଚାର୍ଯ୍ୟ କହିଛନ୍ତି।

## 'ମନ୍ତ୍ରୀ ଦପ୍ତରରେ ନିଯୁକ୍ତି ହାତେଇବାକୁ କସରତ'

ଭୁବନେଶ୍ୱର,୧।୬(ବ୍ୟୁରୋ): ରାଜ୍ୟରେ ନୂଆ ମନ୍ତ୍ରିମଣ୍ଡଳ ଶପଥ ନେଇଛି। ନୂଆ ମନ୍ତ୍ରୀମାନଙ୍କୁ ବିଭାଗ ମଧ୍ୟ ବଣ୍ଟା ସରିଲାଣି। ବିଧାନସଭା ସଦସ୍ୟଙ୍କ ସଂଖ୍ୟାର ୧୫ ପ୍ରତିଶତ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇବେ। ଏହା ବ୍ୟତୀତ ବାଚସ୍ପତି, ଉପବାଚସ୍ପତି, ସରକାରୀ ମୁଖ୍ୟ ସଚେତକ, ଉପମୁଖ୍ୟ ସଚେତକ, ବିରୋଧୀ ଦଳ ନେତା ଏବଂ ବିରୋଧୀ ମୁଖ୍ୟ ସଚେତକ ଇତ୍ୟାଦି ପଦବୀ ରହିଛି। ମନ୍ତ୍ରିମଣ୍ଡଳ ସମେତ ଉପରୋକ୍ତ ବ୍ୟକ୍ତିବିଶେଷଙ୍କୁ ସରକାରୀ ସୁବିଧା ଯୋଗାଇ ଦିଆଯିବ। ସେମାନଙ୍କ କାର୍ଯ୍ୟାଳୟରେ କେତେକ ଅଧିକାରୀଙ୍କୁ ନିଯୁକ୍ତି ଦିଆଯିବ। ଏହି ପଦବୀ ମାଡି ବସିବା ପାଇଁ ଲବି ଆରମ୍ଭ ହୋଇଯାଇଛି। କେତେକ ନିଯୁକ୍ତି ପାଇସାରିଥିବା ବେଳେ କେତେକ ଦପ୍ତରରେ ପ୍ରବେଶ ପାଇଁ ବାଟ ଖୋଜୁଛନ୍ତି। ଏଥିପାଇଁ କନିଷ୍ଠ ପ୍ରଶାସନିକ ଅଧିକାରୀମାନେ ବିଭିନ୍ନ ମନ୍ତ୍ରୀଙ୍କୁ ଦେଖା କରିବା ଆରମ୍ଭ କରି ଦେଇଛନ୍ତି। କେତେକ ମନ୍ତ୍ରୀଙ୍କ ନିକଟତମ ବ୍ୟକ୍ତିବିଶେଷଙ୍କୁ ହାତ କରି ପଦବୀ ହାତେଇବା ପାଇଁ କସରତ ଆରମ୍ଭ କରିଦେଇଛନ୍ତି। କେତେକ ବରିଷ୍ଠ କର୍ମଚାରୀଙ୍କ କହିବାନୁଯାୟୀ, ଖିଲାପି ଏବଂ ଲାଭଖୋର ମନୋବୃତ୍ତି ରଖୁଥିବା କର୍ମଚାରୀ ଏଭଳି କାର୍ଯ୍ୟାଳୟକୁ ଆସିବାକୁ ପସନ୍ଦ କରିଥାନ୍ତି। ଏଭଳି କର୍ମଚାରୀଙ୍କ ଦୋଷ ଓ ପ୍ରଶାସନିକ ତ୍ରୁଟି କାରଣରୁ ଖୋଦ୍ ମନ୍ତ୍ରୀ ଏବଂ ମନ୍ତ୍ରୀଙ୍କ କାର୍ଯ୍ୟାଳୟ ନିନ୍ଦିତ ହେବାର ନଜିର ରହିଛି। ଏପରି କି ମନ୍ତ୍ରୀ ଦପ୍ତରକୁ ବ୍ୟବହାର କରି ଅସାଧୁ ଉପାୟରେ ଅର୍ଥ ଅର୍ଜନ କରିବାକୁ ପଛାନ୍ତି ନାହିଁ। ତେଣୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟରେ ମଧ୍ୟମ ଏବଂ କନିଷ୍ଠ ବର୍ଗର ପ୍ରଶାସନିକ ଅଧିକାରୀ ନିଯୁକ୍ତି ସମୟରେ ମନ୍ତ୍ରୀମାନେ ସାବଧାନତା ଅବଲମ୍ବନ କରିବାକୁ ସମୀକ୍ଷକମାନେ ମତ ଦେଇଛନ୍ତି।




ICMR - NATIONAL INSTITUTE OF EPIDEMIOLOGY
R-127, Second Main Road, TNHB,
Ayapakkam, Chennai – 600077.
Contact: 044-044-26136311 / 211.
Candidates are invited to attend **Walk-in Interview / Written Test on 18th June 2019 at Odisha State AIDS Control Society (OSACS)** for the post of **"RESEARCH ASSISTANT" – 04 posts** on contract basis.
For application Proforma and other details regarding qualification and experience,etc please refer to **www.nie.gov.in**
**Director**




**ବିଜେପୁର ପାଇଁ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା ପ୍ରସଙ୍ଗ**

# ପଞ୍ଚମ ପାଳିର ପ୍ରତାରଣା: ଜୟନାରାୟଣ

ଭୁବନେଶ୍ୱର, ୧।୬(ବ୍ୟୁରୋ)

ବିଜେପୁରରେ ହେବାକୁ ଥିବା ଉପନିର୍ବାଚନକୁ ଆଖି ଆଗରେ ରଖି ରାଜ୍ୟ ସରକାର ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା କରିଛନ୍ତି। ଏହା ରାଜ୍ୟ ସରକାରଙ୍କ ପଞ୍ଚମ ପାଳିର ପ୍ରଥମ ପ୍ରତାରଣା ବୋଲି ଭାଜପା ବିଧାୟକ ଜୟ ନାରାୟଣ ମିଶ୍ର ଅଭିଯୋଗ କରିଛନ୍ତି । ଜୟନାରାୟଣ କହିଛନ୍ତି ଯେ, ୨୦୧୭ରେ ବିଜେପୁର ଉପନିର୍ବାଚନ ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜେପୁର ପାଇଁ ଯାହା ପ୍ୟାକେଜ ଘୋଷଣା କରିଥିଲେ, ସେଥିରୁ ଗୋଟିଏ ପ୍ରକଳ୍ପର କାମ ଏ ପର୍ଯ୍ୟନ୍ତ ଆରମ୍ଭ ହୋଇନାହିଁ । ଉପନିର୍ବାଚନ ପୂର୍ବରୁ ଯାହା କହିଥିଲେ ସାଧାରଣ ନିର୍ବାଚନ ପ୍ରଚାରରେ ମଧ୍ୟ ସମାନ ପ୍ରତିଶ୍ରୁତି ଦୋହରାଇଲେ ।

ତୁମକୁ ଯେ ଆଘାତ କରେ- ତାକୁ କ୍ଷମା କରିବା ନିଶ୍ଚୟ ତୁମର ଏକ ମହତ୍ତ୍ୱ। କିନ୍ତୁ ତୁମେ ଯଦି ଅନ୍ୟର ଆଘାତକାରୀକୁ କ୍ଷମା କର- ତାହା କେବେ ବି ତୁମର ମହତ୍ତ୍ୱ ହୋଇ ନ ପାରେ। ତଥାପି ମଧ୍ୟ ଏମାନଙ୍କୁ କ୍ଷମା କରିପାର। କିନ୍ତୁ ପ୍ରୟୋଜନ ହେଲେ- ଏ କ୍ଷେତ୍ରରେ ବି, ପ୍ରତିବିଧାନ କରିବାକୁ ହେବ ତୁମକୁ।

-ଶ୍ରୀଅରବିନ୍ଦ



# ମୋଦି-୨ ସରକାର



ଆକାର ପଟେଲ

ନରେନ୍ଦ୍ର ମୋଦିଙ୍କ ଭବ୍ୟ ଶପଥଗ୍ରହଣ ଉତ୍ସବର ଖବର ସହ ଗଣମାଧ୍ୟମରେ ଅର୍ଥନୀତି ସମ୍ପର୍କିତ ଦୁଇଟି ଖବର ପ୍ରକାଶ ପାଇଛି। ପ୍ରଥମଟି ହେଉଛି ଭାରତର ଅର୍ଥନୈତିକ ଅଭିବୃଦ୍ଧି ୬ ପ୍ରତିଶତ ତଳକୁ ଖସିଯାଇଛି ଯାହା ଗତ ପାଞ୍ଚବର୍ଷ ଭିତରେ ସର୍ବନିମ୍ନ ଏବଂ ବେକାରି ସମସ୍ୟା ୬ ପ୍ରତିଶତରୁ ଅଧିକ ବୃଦ୍ଧିପାଇଛି। ଦ୍ୱିତୀୟ ଖବରଟି ହେଉଛି ନୂଆ ସରକାର ୧୦୦ ଦିନ ଭିତରେ ଦେଶର ଶ୍ରମ ଆଇନରେ ପରିବର୍ତ୍ତନ କରିବେ, ଯାହାଦ୍ୱାରା କମ୍ପାନୀଗୁଡ଼ିକ ବିନା ବାଧାରେ କର୍ମଚାରୀମାନଙ୍କୁ ଛଟେଇ କରିପାରିବେ। ପୁଣି ସିଙ୍ଗୁରରେ ଟାଟା କମ୍ପାନୀ ଜମି ଅଧିଗ୍ରହଣ କଲାବେଳେ ଯେମିତି ବିଦ୍ରୋହର ସମ୍ମୁଖୀନ ହୋଇଥିଲା, ସେପରି ବିଦ୍ରୋହ ବିନା କମ୍ପାନୀଗୁଡ଼ିକ ଯେପରି ବିପୁଳ ପରିମାଣର ଜମି ଅଧିଗ୍ରହଣ କରିପାରିବେ ସେପରି ଆଇନ କରାଯିବ। ନିବେଶକ ବିଶେଷତଃ ବିଦେଶୀ ନିବେଶକମାନଙ୍କୁ ଖୁସି କରିବା ଲାଗି ଆଇନରେ ସଂସ୍କାର ଅଣାଯିବାକୁ ଏହି ନିଷ୍ପତ୍ତି ନିଆଯାଇଛି। ଏଥର ଭାରତୀୟ ଜନତା ପାର୍ଟି (ଭାଜପା) ବିପୁଳ ସଂଖ୍ୟାରେ ଜନସମର୍ଥନ ପାଇଥିବାରୁ ଆଇନରେ ଶୀଘ୍ର ବଡ଼ ବଡ଼ ସଂସ୍କାର ଆଣିବା ଲାଗି କୌଣସି ସମସ୍ୟା ଉପୁଜିବ ନାହିଁ। କିନ୍ତୁ ଏହାକୁ ବିରୋଧୀ ଦଳ ତଥା ଶ୍ରମିକ ସଂଗଠନଗୁଡ଼ିକ ନିଶ୍ଚିତ ଭାବେ ବିରୋଧ କରିବେ। ଅତୀତରେ ସେମାନେ ଏଭଳି ସଂସ୍କାରକୁ ବିରୋଧ କରି ସଂସ୍କାର ଆଣିବାକୁ ଦେଇ ନ ଥିଲେ। କିନ୍ତୁ ମୋଦି ବିପୁଳ ସଂଖ୍ୟାରେ ଜିତିଥିବାରୁ ଏବଂ ଭାରତୀୟ ରାଜନୀତି ଉପରେ ତାଙ୍କର ପୂର୍ଣ୍ଣ ନିୟନ୍ତ୍ରଣ ରହିଥିବାରୁ ଏଭଳି ସଂସ୍କାର ଆଣିବାରେ ତାଙ୍କୁ କେହି ରୋକିପାରିବେ ନାହିଁ।

ଏବେ ଦେଖିବା ସୁରକ୍ଷା ସମ୍ପର୍କିତ କ୍ୟାବିନେଟ୍ କମିଟିରେ କେଉଁମାନେ ଅଛନ୍ତି। ସେମାନେ ହେଉଛନ୍ତି ପ୍ରଧାନମନ୍ତ୍ରୀଙ୍କ ସହ ଅର୍ଥମନ୍ତ୍ରୀ, ସ୍ୱରାଷ୍ଟ୍ରମନ୍ତ୍ରୀ, ପ୍ରତିରକ୍ଷା ମନ୍ତ୍ରୀ ଓ ବିଦେଶ ବ୍ୟାପାର ମନ୍ତ୍ରୀ। ଜୟଶଙ୍କରଙ୍କୁ ବିଦେଶ ମନ୍ତ୍ରୀ ଭାବେ ବଛାଯିବା ମୋ ପାଇଁ କୌତୂହଳଜନକ ଓ ଅସ୍ୱାଭାବିକ କାରଣ ସେ ଜଣେ ବୁଦ୍ଧିଜୀବୀ (ସେ ପିଏଚ୍‌ଡି କରିଛନ୍ତି ଏବଂ ଏକ ବିଶିଷ୍ଟ ବୁଦ୍ଧିଜୀବୀ ପରିବାରରୁ ଆସିଛନ୍ତି)। ପାକିସ୍ତାନ ପରି ପ୍ରସଙ୍ଗରେ ଭାଜପାର ଭାବପ୍ରବଣ ଆଭିମୁଖ୍ୟକୁ ନେଇ ତାଙ୍କୁ ନିଜକୁ ବଦଳାଇବାକୁ ପଡ଼ିବ। ଅର୍ଥମନ୍ତ୍ରଣାଳୟରେ ନିର୍ମଳା ସୀତାରାମନ ଆଉ ଏକ ପଦୋନ୍ନତି ପାଇଛନ୍ତି। ଗତ ଲୋକ ସଭାରେ ଆଶ୍ଚର୍ଯ୍ୟଜନକଭାବେ ତାଙ୍କୁ ପ୍ରତିରକ୍ଷା ମନ୍ତ୍ରୀର ଦାୟିତ୍ୱ ଦିଆଯାଇଥିଲା ଏବଂ ବର୍ତ୍ତମାନ ସେ ଏକ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ୍ ପଦବୀ ପାଇଛନ୍ତି। ତାଙ୍କର ଲୋ ପ୍ରୋଫାଇଲ ଏବଂ ଶାନ୍ତ ସ୍ୱଭାବ ନିଶ୍ଚିତ ଭାବେ ତାଙ୍କୁ ଉନ୍ନତିରେ ସାହାଯ୍ୟ କରିଛି। ରାଜନାଥ ସିଂଙ୍କୁ ସ୍ୱରାଷ୍ଟ୍ରରୁ ଆଣି ଅପେକ୍ଷାକୃତ କମ୍ ଗୁରୁତ୍ୱପୂର୍ଣ୍ଣ ପ୍ରତିରକ୍ଷା ବିଭାଗ ଦିଆଗଲା। ଏହି ତିନୋଟି ବିଭାଗ ଯଥା ବହିର୍ବ୍ୟାପାର, ଅର୍ଥ ଓ ପ୍ରତିରକ୍ଷା ବିଭାଗ ପ୍ରତି ମୋଦିଙ୍କର ସବୁଠାରୁ ବେଶି ଆଗ୍ରହ ଥାଏ ଏବଂ ଏଗୁଡ଼ିକୁ ସେ ନିଜେ ବ୍ୟକ୍ତିଗତ ଭାବେ ଚଳାଇବାକୁ ଚେଷ୍ଟା କରନ୍ତି। ତାଙ୍କ କାମ କରିବାର ଶୈଳୀ ଭିତରେ ଅଛି ସର୍ଜିକାଲ ଷ୍ଟ୍ରାଇକ୍, ବାଲାକୋଟ ଆକ୍ରମଣ, ବିଭିନ୍ନ ଦେଶକୁ ବାରମ୍ବାର ଯାତ୍ରା ଏବଂ ଜି ଜିନ୍‌ପିଙ୍ଗ ଓ ବେନ୍‌ୟାମିନ୍ ନେତାନ୍ୟାହୁଙ୍କ ପରି ଲୋକଙ୍କ ସହ ବ୍ୟକ୍ତିଗତ ସମ୍ପର୍କ ରଖିବା।

ମୋଦିଙ୍କ ଶାସନରେ ଅର୍ଥ ମନ୍ତ୍ରଣାଳୟରେ ଯେଭଳି ନୀତିଗତ ପରିବର୍ତ୍ତନ ହେବ ବୋଲି ଆଶା କରାଯାଉଥିଲା, ୨୦୧୪ରୁ ଆଜିଯାଏ ସେଭଳି କିଛି ପରିବର୍ତ୍ତନ ହୋଇନାହିଁ। ଏ ବିଷୟରେ ଅତୀତରେ ମୋଦିଙ୍କୁ ଯେତେବେଳେ ପଚରାଯାଇଥିଲା, ସେ କହିଥିଲେ ଯେ ଭାରତରେ ବୃହତ୍ ଆର୍ଥିକ ସଂସ୍କାର କରାଯାଇସାରିଛି ଏବଂ ବର୍ତ୍ତମାନ ନୀତିଗତ ପରିବର୍ତ୍ତନ ଅପେକ୍ଷା ଅଧିକ ସୁଶାସନ ବା ସୁପରିଚାଳନାର ଆବଶ୍ୟକତା ଅଛି। ବର୍ତ୍ତମାନ ଶ୍ରମ ଓ ଜମି ଅଧିଗ୍ରହଣ ଆଇନରେ ଯେଉଁ ପରିବର୍ତ୍ତନ ପାଇଁ ଯୋଜନା କରାଯାଇଛି ସେ ପ୍ରକ୍ରିୟା ଯେପରି ସୁସମ୍ପନ୍ନ ହୁଏ ତାହା ସେ ପର୍ଯ୍ୟବେକ୍ଷଣ କରିବେ।

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟରେ ଅମିତ ଶାହ ମୋଦିଙ୍କ ପାଇଁ ସେଇଆ କରିବେ, ଯାହା ସେ ଗୁଜରାଟରେ କରିଥିଲେ। ଗୁଜରାଟରେ ଶାହ ପ୍ରାୟ ଏକ ଦଶନ୍ଧି ଧରି ଗୃହ ରାଷ୍ଟ୍ରମନ୍ତ୍ରୀ ଥିଲେ (ତାଙ୍କୁ କ୍ୟାବିନେଟ୍ ପାହ୍ୟା ମିଳି ନ ଥିଲା) ଏବଂ ତାଙ୍କୁ ମୋଦିଙ୍କୁ ରିପୋର୍ଟ କରିବାକୁ ପଡୁଥିଲା। ବର୍ତ୍ତମାନ ସରକାରରେ ସେ ସ୍ୱାଭାବିକ ଭାବେ ଦୁଇ ନମ୍ବର ସ୍ଥାନରେ ରହିଛନ୍ତି। ବର୍ତ୍ତମାନ ତାଙ୍କୁ ୫୪ ପୂରି ୫୫ ବର୍ଷ ଚାଲିଛି ଏବଂ ଆସନ୍ତା ୫ ବର୍ଷରେ ତାଙ୍କର ପୁନଶ୍ଚ ଉତ୍ଥାନ ଘଟି ମୋଦିଙ୍କ ପରେ ସେ ପ୍ରଧାନମନ୍ତ୍ରୀ ହୋଇପାରନ୍ତି। ଭାଜପାର ଶକ୍ତିବୃଦ୍ଧି ଲାଗି ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ପଶ୍ଚିମବଙ୍ଗ ପରି ଜଟିଳ ରାଜ୍ୟରେ ଦଳର ପ୍ରସାର ଘଟାଇବା ସହ ୨୦୧୪ରେ ଭାଜପା ପାଇଥିବା ସଂଖ୍ୟାଠାରୁ ଏଥର ଆହୁରି ଅଧିକ ପାଇବା ଲାଗି ଶାହଙ୍କ ରଣକୌଶଳ ଦାୟୀ। ପୂର୍ବ ଅଧ୍ୟକ୍ଷଙ୍କ ତୁଳନାରେ ସେ ଭାଜପାର ଜଣେ ଭିନ୍ନ ଓ ଅଧିକ ସଫଳ ଅଧ୍ୟକ୍ଷଭାବେ ନିଜକୁ ପ୍ରମାଣ କରିପାରିଛନ୍ତି। ସେ ଆର୍‌ଏସ୍‌ଏସ୍ ଉପରେ ଭାଜପାର ନିର୍ଭରଶୀଳତା ହ୍ରାସ କରିବା ସହ ଦଳର ସଦସ୍ୟ ସଂଖ୍ୟା ଓ ପାଣ୍ଠି ସଂଗ୍ରହ ଯଥେଷ୍ଟ ବୃଦ୍ଧି କରିବାରେ ସଫଳ ହୋଇଛନ୍ତି।

ଭାଜପାରେ ଜଣେ ଲୋକକୁ ଗୋଟିଏ ପଦବୀ ନିୟମ କିଛିକାଳ ହେଲା ବଳବତ୍ତର ରହିଛି। ବେଳେବେଳେ ଏହାକୁ ଉପେକ୍ଷା କରାଯାଏ କିନ୍ତୁ ଶାହଙ୍କ ପରି ମେଧାବୀ ବ୍ୟକ୍ତିତ୍ୱଙ୍କ ପକ୍ଷରେ ମଧ୍ୟ ନିଶ୍ଚିତଭାବେ ଏପରି ଦୁଇଟି ଗୁରୁତ୍ୱପୂର୍ଣ୍ଣ ପଦଭାର ସମ୍ଭାଳିବା ସମ୍ଭବ ନୁହେଁ। ତେଣୁ ତାଙ୍କୁ ଦଳର ଅଧ୍ୟକ୍ଷ ପଦ ଛାଡ଼ିବାକୁ ହେଲା। ବର୍ତ୍ତମାନ ଉକ୍ତ ଚାରି ମନ୍ତ୍ରୀଙ୍କ ସହ ଦଳର ନୂତନ ଅଧ୍ୟକ୍ଷ ଓ ପ୍ରଧାନମନ୍ତ୍ରୀଙ୍କ ଉପରେ କେବଳ ଦଳ ଓ ସରକାରର ଭବିଷ୍ୟତ ନିର୍ଭର କରୁନାହିଁ ବରଂ ଦେଶର ଭବିଷ୍ୟତ ମଧ୍ୟ ତାଙ୍କ ଉପରେ ନିର୍ଭରଶୀଳ।

Email: aakar.patel@gmail.com

# ସଦିଚ୍ଛାର ସୌଦାଗର



ଚିତ୍ର ଚରିତ୍ର

ନିରଞ୍ଜନ ପାଢ଼ୀ

ପ୍ରାୟ କୋଡିଏ ବର୍ଷରୁ ଊର୍ଦ୍ଧ୍ୱ କାଳ ବିତିଗଲାଣି ତାଙ୍କର ଏ ସଂସାର ଛାଡିବାର। ସେ ସମୟରେ ବା ତା' ପୂର୍ବରୁ ଓଡ଼ିଶାର ଏମିତି କେହି ଲେଖକ ନ ଥିବେ, ଯିଏ ତାଙ୍କ ହାତଲେଖା ଚିଠି ଖଣ୍ଡିଏ ପାଇ ନ ଥିବେ ନିଜ ଜୀବଦ୍ଦଶାରେ। ଦାସିଆ ଅଜା ନାମରେ ଲେଖକଙ୍କ ନିକଟରେ ପରିଚିତ ଏହି ବୃଦ୍ଧ ବ୍ୟକ୍ତି ଜଣକ ତାଙ୍କ କରଣିଆ ଅକ୍ଷରରେ ପୋଷ୍ଟକାର୍ଡରେ ଲେଖିଥିବେ କଥାକୁହା ଦୁଇ ତିନିଟି ଧାଡି- ତୁମ ଲେଖା ପଢିଲି। ଭାରି ମନକୁ ପାଇଲା। ତୁମ ଲେଖାରେ ଠାକୁରେ ଫୁଲଚନ୍ଦନ ବର୍ଷା କରୁଥାନ୍ତୁ। ଏମିତି ଲେଖା ଲେଖି ମନ ମୋହୁଥାଅ। ଖୁସିରେ ଥାଅ। (ଇତି) ଦାସିଆ। ବାସ୍, ଏତିକି। ଅଥଚ କି ଅମୃତ ଥିଲା କେଜାଣି ଏଇ କେତୋଟି କଥା ପଦରେ, ଲେଖକଟିର ସୃଜନ ସତ୍ତା ସଂଜୀବିତ ହେଉଥିଲା ଦୀର୍ଘକାଳ ଯାଏଁ, ଆଗକୁ ଆଉ କିଛି ଲେଖା ଲେଖିବାର ପ୍ରାଣବନ୍ତ ପ୍ରେରଣା ହୋଇ। ଅବଶ୍ୟ ଏ କଥା ସେମାନଙ୍କୁ ବୁଝାଇବା ଲୋଡା ନାହିଁ। ଯେଉଁମାନେ ନିଜେ ବଞ୍ଚିଲେ ବାପର ନାଁ ଭଳି ଆଦର୍ଶକୁ ଜୀବନର ଗୁରୁମନ୍ତ୍ର ଭାବି ଅବଶିଷ୍ଟ ଜଗତ ସହ ସଂଯୁକ୍ତ ହେବାକୁ ସମୟର ଅପଚୟ ବୋଲି ଭାବନ୍ତି, କାହା ପ୍ରତି ସଦିଚ୍ଛା ପ୍ରକଟ କରିବା ତ ଦୂରର କଥା।

କ'ଣ ମିଳେ ଏମିତି ସଦିଚ୍ଛାରୁ? ଦେଉଥିବା ଓ ପାଉଥିବା ଉଭୟ ବର୍ଗର ଲୋକଙ୍କୁ। ହଁ, ପାଉଥିବା ଲୋକର ପ୍ରାପ୍ତିର ଆନନ୍ଦକୁ ବୁଝିବା ଅସହଜ ନୁହେଁ ନିଶ୍ଚୟ। ଆଜିକାଲି ସ୍ୱାର୍ଥ କବଳିତ ଜୀବନର ଜୟଗାନ ମଧ୍ୟରେ ମଣିଷ ଯେତେବେଳେ ବିନା ସ୍ୱାର୍ଥରେ ନିଜ ମାତାପିତାଙ୍କୁ ବି ସାମାନ୍ୟ ସମୟ ଦେଇପାରୁନି, ସେତେବେଳେ ତା'ର ମଙ୍ଗଳ ମନାସି ଚିଠିଟିଏ ଲେଖିଥିବା ଅଜଣା ଅଚିହ୍ନା ଲୋକଟିର ସ୍ନେହ ସଦିଚ୍ଛାର ଭାଷା ପ୍ରାପକ ପ୍ରାଣରେ ଏକ ଅନିର୍ବଚନୀୟ ମୁଗ୍ଧ ଅନୁଭବର ଉଦ୍‌ବେଳନ ସୃଷ୍ଟି କରିଥାଏ। ମାତ୍ର କ'ଣ ପାଇଥାଏ ଏମିତି ସଦିଚ୍ଛା ଅଜାଡି ଦେଇଥିବା ସେଇ ଅପରିଚିତ ଲୋକ? କାହିଁକି ସେ ମାତିଥାଏ ଏମିତି ଏକ କସରତରେ, ଯେଉଁଠି ପ୍ରାପ୍ତିର ସାମାନ୍ୟ ସମ୍ଭାବନା ନ ଥାଏ କି ପରିଚୟ ବା ପ୍ରତିଷ୍ଠାର ଲୋଭ ନ ଥାଏ। ଏବେ ସିନା ମୋବାଇଲ ଯୁଗରେ ସମଗ୍ର ବିଶ୍ୱ ଏ ପ୍ରାନ୍ତରୁ ସେ ପ୍ରାନ୍ତ ପର୍ଯ୍ୟନ୍ତ ତାହାର ଦୂରତା ହରାଇ ବସିଛି।

ବାଙ୍ଗାଲୋର ସହରରେ ଅଲିମ୍ପିକ ସର୍କସ ପଡିଥାଏ। ସର୍କସର ବହୁ ବିସ୍ମୟକର ଖେଳ ମଧ୍ୟରୁ ସବୁଠୁ ଚିତ୍ତାକର୍ଷକ ଥାଏ ଏକ ଲୌହ ଗୋଲକରୁ ଅନ୍ୟ ଏକ ଗୋଲକକୁ ଶୂନ୍ୟରେ ମୋଟରସାଇକେଲ ଚଳାଇନେବା। ଚାଳକ କିଛି ସମୟ ଗୋଟିଏ ଗୋଲକ ମଧ୍ୟରେ ବାଇକ ଚାଳନା କରି ଶୂନ୍ୟେ ଶୂନ୍ୟେ ପ୍ରାୟ ପାଞ୍ଚ ମିଟର ଦୂରରେ ଥିବା ଅନ୍ୟ ଏକ ଗୋଲକ ମଧ୍ୟକୁ ଲମ୍ଫ ପ୍ରଦାନ କରିବା କିଛି ମାମୁଲି କଥା ନ ଥିଲା। ଦିନେ ରାତିରେ ଖେଳ ସରିଲା ପରେ ତାଙ୍କୁ ଚିଠିଟିଏ ଧରାଇଦେଲା ସର୍କସର ଜଣେ କର୍ମଚାରୀ। ଖେଳ ଦେଖିବାକୁ ଆସିଥିବା ଜଣେ ଦର୍ଶକର ଚିଠି ଥିଲା ତାହା। ଲେଖାଥିଲା, "ଚମତ୍କାର ଖେଳ ଦେଖାଇ ତୁମେ ବହୁ ଲୋକଙ୍କୁ ଆନନ୍ଦ ଦେଉଛ ବାବୁ! ଅନ୍ୟମାନଙ୍କୁ ବିହ୍ୱଳିତ କରୁଥିବାବେଳେ ତୁମେ ଭୁଲ୍‌ରେ ବି କେବେ ଅନ୍ୟମନସ୍କ ହୋଇଯିବନି। ତୁମେ ନିର୍ବିଘ୍ନରେ ରହିଲେ ସିନା ଆମ ଭଳି ଲକ୍ଷ ଲକ୍ଷ ଲୋକଙ୍କୁ ଖେଳ ଦେଖାଇ ଆନନ୍ଦ ଦେଇପାରିବ!"

ସର୍କସର ସେଇ ଖେଳାଳି ଜଣକ ପରମ ଆବେଗରେ କାନ୍ଦି ପକାଇଲେ। ଏତେ ଲୋକ ତା'ର ଖେଳ ଦେଖୁଛନ୍ତି, ତାଳି ମାରୁଛନ୍ତି ଓ ଖେଳ ସରିଲା ପରେ ଯିଏ ଯା' ବାଟରେ ଚାଲିଯାଉଛନ୍ତି। ଏଇ ଦର୍ଶକଟି ପରି କେହି ତ କାହିଁ ତା' ନିରାପତ୍ତା ପ୍ରତି ଧ୍ୟାନ ଦେଇନାହାନ୍ତି। ତାଙ୍କର ଇଚ୍ଛା ହେଉଥିଲା, ସେ ଧାଇଁ ଯାଆନ୍ତେ ଓ ସଦିଚ୍ଛାର ସୌଦାଗର ସେଇ ଶୁଭାକାଂକ୍ଷୀ ଦର୍ଶକଙ୍କ ହାତ ଦିଓଟିକୁ ଜାବୁଡି ଧରି କହନ୍ତେ, "ମୁଁ ତୁମ କଥା ମନେ ରଖିବି ଭାଇ। ମୋ ଜୀବନ ପ୍ରତି ଦରଦ ପ୍ରକଟ କରିଥିବାରୁ ମୁଁ ଧନ୍ୟ ହୋଇଛି। ଧନ୍ୟ ହୋଇଛି ମୋର ପାରଦର୍ଶିତା।" ମାତ୍ର ଏମିତି ସମ୍ଭବ ହୁଏନା। ଶୁଭାକାଂକ୍ଷୀ ଦର୍ଶକ ଜଣକ ସେତେବେଳକୁ ଅଜଣା ଅଶୁଣା ଭାବେ ଦୃଶ୍ୟପଟରୁ ଅନ୍ତର୍ହିତ ହୋଇ ସାରିଥାନ୍ତି।

ସେତେବେଳକୁ ମୋବାଇଲ ନୂଆ ନୂଆ ବଜାରକୁ ଆସିଥାଏ। କ୍ରିକେଟର ଭଗବାନ ରୂପେ ବିଦିତ ସଚିନ ତେନ୍ଦୁଲକରଙ୍କ ମୋବାଇଲକୁ ବାର୍ତ୍ତାଟିଏ ଆସିଲା। ବାର୍ତ୍ତାଟି ପଢିସାରିଲା ପରେ ଆବେଗରେ ଜଡସଡ ହୋଇ ସଚିନ ଉତ୍ତର ଫେରାଇଥିଲେ, "ମୁଁ ଆପଣଙ୍କୁ ଭେଟିବାକୁ ଚାହୁଁଛି। କେବେ ଆସିବେ ଜଣାଇଲେ ମୁଁ ଆପଣଙ୍କୁ ଆଣିବାର ବ୍ୟବସ୍ଥା କରିବି।" ଯେଉଁ ତେନ୍ଦୁଲକରଙ୍କ ସାମାନ୍ୟ ସ୍ୱାକ୍ଷର ସନ୍ତକ ପାଇଁ ଲୋକମାନଙ୍କର ଧାଡି ଲାଗିଥାଏ, ତାଙ୍କ ପାଖକୁ ଯିବା ପାଇଁ ଉଷ୍ମ ଆମନ୍ତ୍ରଣ ପାଇଥିବା ସେ ଲୋକ ଜଣକ କିଏ ଯେ! ସେ ସେଇ ଲୋକ, ଯିଏ ତେନ୍ଦୁଲକରଙ୍କ ମୋବାଇଲକୁ ପଠାଇଥିଲେ ଏକ ବିଚିତ୍ର ବାର୍ତ୍ତା। ଆପଣାପଣର ଅମୃତ ସିଞ୍ଚନରେ ଭିଜିଯାଇଥିବା ବାର୍ତ୍ତାଟି ଥିଲା ଏହିପରି।-"ଆପଣ ମୋ ଭଳି ଲକ୍ଷ ଲକ୍ଷ ଲୋକଙ୍କର ଅତି ଆପଣାର। ଏ ଦେଶର ଗୌରବ, ଆପଣଙ୍କ ଜୀବନ ଆମ ପାଇଁ ଓ ଦେଶ ପାଇଁ ଅତ୍ୟନ୍ତ ମୂଲ୍ୟବାନ। କିନ୍ତୁ ସେଦିନ ଆପଣ ୱାଙ୍ଖେଡେ ଷ୍ଟାଡିୟମରେ ମୁଣ୍ଡରେ ହେଲମେଟ ନ ପିନ୍ଧି ଏମିତି ବିପଜ୍ଜନକ ବଲଟିକୁ ମାରିବାକୁ ଯାଉଥିଲେ କିପରି। ଯଦି ବଲଟି କପାଳରେ ବାଜିଥାନ୍ତା, କ'ଣ ହୋଇଥାନ୍ତା ଆପଣଙ୍କର? ଆଉ କ'ଣ ହୋଇଥାନ୍ତା ଦେଶବିଦେଶର କୋଟି କୋଟି କ୍ରିକେଟ ପ୍ରେମୀଙ୍କର। ଦୟାକରି ଏମିତି ଅସତର୍କଭାବେ ଖେଳିବେ ନାହିଁ।" ସୁଖ୍ୟାତ କ୍ରିକେଟିୟରଙ୍କ ସୁରକ୍ଷା ନିମନ୍ତେ କେହି ଜଣେ ଅଜ୍ଞାତ କ୍ରିକେଟପ୍ରେମୀଙ୍କର କି ଆକୁଳ ଆବେଦନ ସତେ!

ଦେଶର ଦ୍ୱିତୀୟ ପ୍ରଧାନମନ୍ତ୍ରୀ, ସବୁ ବର୍ଗର ଲୋକଙ୍କ ସର୍ବମାନ୍ୟ ନେତା ଲାଲବାହାଦୁର ଶାସ୍ତ୍ରୀଙ୍କ ନିକଟକୁ ଡାକରେ ଚିଠିଟିଏ ଆସିଥିଲା। ତାଙ୍କ ଶାସନରେ ଶ୍ରମିକଙ୍କଠୁ ସାମନ୍ତଙ୍କ ଯାଏ ସମସ୍ତଙ୍କ ପାଇଁ ସେ ଥିଲେ ପ୍ରାଣାଧିକ ପ୍ରଧାନମନ୍ତ୍ରୀ। ସମସ୍ତଙ୍କ ପାଇଁ ସହଜଲଭ୍ୟ। ନିତିଦିନ ତାଙ୍କ ନିକଟକୁ ଆସୁଥିବା ଶହ ଶହ ଚିଠି ମଧ୍ୟରୁ ଏ ଚିଠିଟି ଥିଲା ବହୁଆଡୁ ବିଚିତ୍ର। ଚିଠିରେ କୌଣସି ପ୍ରାପ୍ତିର ଆଶା ନେଇ କିଛି ମାଗୁଣି ନ ଥିଲା ନା ଥିଲା ଅପ୍ରାପ୍ତିକୁ ନେଇ ଅବସୋସ କି ଅସନ୍ତୋଷ। ଲେଖାଥିଲା, "ଭାରତର ମୁଁ ଜଣେ ସାଧାରଣ ନାଗରିକ। କିଛି କରୁଣା ଭିକ୍ଷା କରି ମୁଁ ଏ ପତ୍ର ଲେଖୁନାହିଁ। ଆପଣଙ୍କ ପରି ଦିବ୍ୟ ପୁରୁଷ ଯାହାର ପ୍ରଧାନମନ୍ତ୍ରୀ, ତା'ର ପୁଣି ଦୁଃଖ କ'ଣ ଯେ ସେ ଆପଣଙ୍କୁ ହାତ ପାତିବ! ସେଦିନ ଆମ ସହରରେ ଏକ ଜନସଭାକୁ ସମ୍ବୋଧିତ କରୁଥିଲା ବେଳେ ଆପଣଙ୍କୁ ମଳିନ ଦେଖି ଦୁଃଖ ଲାଗିଲା। ଦେଶର ଦାୟିତ୍ୱ ନେବାରେ ବ୍ୟସ୍ତ ରହି ଆପଣ ଆପଣଙ୍କ ସ୍ୱାସ୍ଥ୍ୟର ଯତ୍ନ ନେଉନାହାନ୍ତି ବୋଲି ମୋତେ ଲାଗିଲା। ଆପଣ ସୁଖରେ ରହିଲେ ସିନା ଆମକୁ ସୁଖରେ ରଖିବେ। ନିଜ ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ। ଏତିକି କଲେ ମୁଁ ଖୁସିହେବି। ଆଉ କିଛି ମୋର ଲୋଡା ନାହିଁ।"

ଚିଠିଟି ପଢ଼ି ଶାସ୍ତ୍ରିଜୀଙ୍କ ପ୍ରତିକ୍ରିୟା କ'ଣ ହୋଇଥିବ କେଜାଣି? ଯାହାଙ୍କୁ ସେ କେବେ କିଛି ଅନୁଗ୍ରହ ଦେଖାଇଛନ୍ତି, ତାଙ୍କଠାରୁ ଏମିତି ସମ୍ବେଦନାପୂର୍ଣ୍ଣ ପତ୍ରଟିଏ ପାଇବା କିଛି ବିଚିତ୍ର ନୁହେଁ। ମାତ୍ର ଯାହାକୁ ସେ କେବେ ଜାଣିନାହାନ୍ତି, କୌଣସି ମାଗୁଣି ନେଇ ଯିଏ କେବେ ବି ତାଙ୍କ ଦରବାରରେ ହାତ ପାତିନି, ସେ ପୁଣି ତାଙ୍କ ମଙ୍ଗଳ ପାଇଁ ଏତେ କାତର। ଆବେଗ ଓ ଆନନ୍ଦରେ ମନବୋଧ କରି କାନ୍ଦିବା ବ୍ୟତୀତ ଶାସ୍ତ୍ରିଜୀଙ୍କ ପାଖରେ ଆଉ କିଛି କରିବାର ନ ଥିଲା।

ନିର୍ମଳ ସଦିଚ୍ଛା ସମ୍ବଳିତ ଦାସିଆ ଅଜାଙ୍କ ସେଇ ପୋଷ୍ଟକାର୍ଡ ଚିଠି ଆଜିକାର ଆଧୁନିକ ଯୁଗରେ ଆଉ ଦେଖିବାକୁ ମିଳୁନି ସତ, ମାତ୍ର ପାଠକୀୟ ପ୍ରତିବେଦନର ସେ ଅମୃତଝର ଶୁଖି ଯାଇନାହିଁ। ତାହା ଟେଲିଫୋନର କଥା ବା ବାର୍ତ୍ତା ହୋଇ ଲେଖକକୁ ପ୍ରେରଣା ଯୋଗାଇ ଚାଲିଛି ଆଗକୁ ବଢିବା ପାଇଁ। ନିଜ ମଧୁସ୍ରାବୀ ଲେଖନୀର ଲାଳିତ୍ୟଭରା ଶବ୍ଦ ସମ୍ଭାରରେ ମାନବୀୟ ମୂଲ୍ୟବୋଧର ଜୟଗାନ କରିବା ସହ ସାମାଜିକ ଅବ୍ୟବସ୍ଥା ବିରୋଧରେ ବୌଦ୍ଧିକ ବିଦ୍ରୋହ ସଂରଚନା କରିଥିବା ଜଣେ ଲେଖକଙ୍କ ପାଖକୁ କେବଳ ସଦିଚ୍ଛାର ସ୍ମାରକୀ ହୋଇ ଏତେ ଫୋନକଲ୍ ଆସେ ଯେ ସେ ଆଶ୍ଚର୍ଯ୍ୟ ହୁଅନ୍ତି। କିଏ ଏମାନେ। ଏମାନଙ୍କ ମଧ୍ୟରୁ ଅଧିକାଂଶଙ୍କୁ ତ ସେ ଜାଣନ୍ତି ନାହିଁ। ତଥାପି କେମିତି କେଉଁଠୁ ଭାସି ଆସୁଛି ସଦିଚ୍ଛାର ଏ ଏନ୍ତରଙ୍ଗ ଆଳାପ, "ଆପଣ ଭଲରେ ଥାଆନ୍ତୁ। ଏମିତି ଲେଖି ଆମ ଚେତନାରେ ଚମକ ସୃଷ୍ଟି କରୁଥାନ୍ତୁ।" ବେଳେ ବେଳେ ପୁଣି ଏମିତି ହୁଏ, ଲେଖକ ଅସୁସ୍ଥ ହୋଇପଡିଲେ ସେ କେବେ ବି ଦେଖି ନ ଥିବା ବହୁ ପାଠକପାଠିକା ତାଙ୍କ ପାଇଁ ପ୍ରାର୍ଥନା କରନ୍ତି। ଅସୁସ୍ଥତାରୁ ମୁକ୍ତି ପାଇଁ ବହୁବିଧ ଉପଚାର ବତାଇ ଦିଅନ୍ତି। କ'ଣ ମିଳେ କେଜାଣି ଏ ସଦିଚ୍ଛାର ସୌଦାଗରମାନଙ୍କୁ? କାଳ କାଳ ଧରି ଏଇ ସମ୍ପ୍ରଦାୟଟି ଯେତେ ଯାହା ଶୁଭକାମନା ଅଜାଡ଼ିଦେଲେ ବି ଦେଇ ଦେଇ ସେମାନେ କାଙ୍ଗାଳ ହୋଇଯାଇନାହାନ୍ତି। ସ୍ୱାର୍ଥସର୍ବସ୍ୱ ମଣିଷମାନଙ୍କ ଦୁନିଆରେ ଏହି ପରାର୍ଥପ୍ରାଣମାନଙ୍କର ଜୟ ହେଉ। ସେମାନଙ୍କ ସଦିଚ୍ଛାର ଅମୃତଝର କେବେ ବି ଶୁଖି ନ ଯାଉ!

ଭୁବନେଶ୍ୱର, ମୋ-୮୮୯୫୬୨୪୧୦୫

# ଶିକ୍ଷାର କର୍ଣ୍ଣଧାର

ବ୍ୟକ୍ତିତ୍ୱ



ରମେଶ ପୋଖରିଆଲ ନିଶାଙ୍କ

ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ବିପୁଳ ଭୋଟ ପାଇ ସାଧାରଣ ନିର୍ବାଚନ ଜିତିବା ପରେ କେନ୍ଦ୍ରରେ ନରେନ୍ଦ୍ର ମୋଦି ଦ୍ୱିତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ହୋଇଛନ୍ତି। ମୋଦି ତାଙ୍କ ମନ୍ତ୍ରିମଣ୍ଡଳରେ ଅନେକ ଅଭିଜ୍ଞ ବ୍ୟକ୍ତିଙ୍କୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦେଇଛନ୍ତି। ତେବେ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ଦାୟିତ୍ୱ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ଆଦର୍ଶରେ ଅନୁପ୍ରାଣିତ ତଥା ଉତ୍ତରାଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ରମେଶ ପୋଖରିଆଲ ନିଶାଙ୍କଙ୍କ ଉପରେ ନ୍ୟସ୍ତ କରାଯାଇଛି। ଉଚ୍ଚଶିକ୍ଷା ପାଠ୍ୟକ୍ରମରେ ସଂସ୍କାର ଆଣିବା ଦିଗରେ ଭାଜପା ବାରମ୍ବାର ପ୍ରୟାସ ଜାରି ରଖିଛି। କୁହାଯାଉଛି, ଆର୍‌ଏସ୍‌ଏସ୍ ମୁଖ୍ୟ ମୋହନ ଭାଗବତଙ୍କ ପରାମର୍ଶକ୍ରମେ ନିଶାଙ୍କଙ୍କୁ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ଦାୟିତ୍ୱ ଅର୍ପଣ କରାଯାଇଛି। ସ୍କୁଲ ଶିକ୍ଷକରୁ ଜୀବନ ଆରମ୍ଭ କରିଥିବା ନିଶାଙ୍କ ଏଭଳି ପଦବୀ ମଣ୍ଡନ କରିଥିବାରୁ ତାଙ୍କ ବ୍ୟକ୍ତିତ୍ୱ ଚର୍ଚ୍ଚାକୁ ଆସିଛି।

ନିଶାଙ୍କ ୧୫ ଜୁଲାଇ ୧୯୫୯ରେ ଅବିଭକ୍ତ ଉତ୍ତରପ୍ରଦେଶ (ବର୍ତ୍ତମାନ ଉତ୍ତରାଖଣ୍ଡ)ର ପାଉଡି ଗଡୱାଲ ଅନ୍ତର୍ଗତ ପିନାନି ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ପରମାନନ୍ଦ ପୋଖରିଆଲ୍ ଓ ଭିସାମ୍ବରି ଦେବୀଙ୍କ ଏହି ସୁପୁତ୍ର ସ୍କୁଲ ବେଳୁ ଜଣେ ମେଧାବୀ ଛାତ୍ର ଥିଲେ। ଉତ୍ତରାଖଣ୍ଡର ହୈମବତୀ ନନ୍ଦନ ବହୁଗୁଣା ଗଡୱାଲ ବିଶ୍ୱବିଦ୍ୟାଳୟରୁ ସେ ସ୍ନାତକ ଓ ସ୍ନାତକୋତ୍ତର ଡିଗ୍ରୀ ଅର୍ଜନ କରିଥିଲେ। ଏଥିସହିତ ସାହିତ୍ୟ ରଚନା ଦିଗରେ ଥିବା ସ୍ପୃହା ତାଙ୍କୁ ଲେଖକ ଆଖ୍ୟା ଦେଇଛି। ଏତିକି ପରିଚୟରେ ନିଜକୁ ସୀମିତ ନ ରଖି ଜନସେବା କରିବାକୁ ସେ ଯେତେବେଳେ ମନ ବଳାଇଲେ, ତାଙ୍କୁ ୧୯୯୧ରେ ଉତ୍ତରପ୍ରଦେଶର କର୍ଣ୍ଣପ୍ରୟାଗ ବିଧାନସଭା ଆସନରୁ ନିର୍ବାଚନ ଲଢ଼ିବା ଲାଗି ସୁଯୋଗ ମିଳିଲା ଓ ସେ ସେଥିରେ ବିଜୟୀ ହୋଇଥିଲେ। ପରବର୍ତ୍ତୀ ସମୟରେ ୧୯୯୩ ଓ ୧୯୯୬ରେ ସେହି ଆସନରୁ ନିର୍ବାଚିତ ହୋଇଥିଲେ। ୧୯୯୯ରେ ସେ କଲ୍ୟାଣ ସିଂ ସରକାରରେ ଉତ୍ତରାଞ୍ଚଳ ବିକାଶ ମନ୍ତ୍ରୀ ଭାବେ ସୁଚାରୁରୂପେ ଦାୟିତ୍ୱ ତୁଲାଇଥିଲେ। ୨୦୦୦ରେ ଉତ୍ତରାଖଣ୍ଡ ନୂଆ ରାଜ୍ୟର ମାନ୍ୟତା ପାଇବା ପରେ ଅର୍ଥ ଓ ରାଜସ୍ୱ ଏବଂ ୨୦୦୭ରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ହୋଇଥିଲେ। ପରବର୍ତ୍ତୀ ସମୟରେ ନିଶାଙ୍କ ୨୦୦୯ରୁ ୨୦୧୧ ଯାଏ ଉତ୍ତରାଖଣ୍ଡର ମୁଖ୍ୟମନ୍ତ୍ରୀ ହୋଇଥିଲେ। ୨୦୧୪ରେ ଦୋଇୱାଲା ବିଧାୟକ ପଦବୀରୁ ଇସ୍ତଫା ଦେଇ ହରିଦ୍ୱାର ଲୋକ ସଭା ଆସନରୁ ପାର୍ଲାମେଣ୍ଟକୁ ନିର୍ବାଚିତ ହୋଇଥିଲେ। ୨୦୧୯ ସାଧାରଣ ନିର୍ବାଚନରେ ସେ ପୁନଶ୍ଚ ହରିଦ୍ୱାରରୁ ଲୋକ ସଭାକୁ ନିର୍ବାଚିତ ହେବା ପରେ ତାଙ୍କୁ ମୋଦିଙ୍କ ମନ୍ତ୍ରିମଣ୍ଡଳରେ ସ୍ଥାନ ମିଳିଛି। ସେ ୩୧ ମେ ୨୦୧୯ରେ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟର ଦାୟିତ୍ୱ ଗ୍ରହଣ କରିଛନ୍ତି।

ଶିକ୍ଷକତାରୁ ନିଶାଙ୍କ ଜୀବନ ଆରମ୍ଭ କରିଥିଲେ ହେଁ ଏବେ ତାଙ୍କୁ ଉଚ୍ଚ ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ଲାଗି ମୋଦି ଗୁରୁ ଦାୟିତ୍ୱ ଦେଇଥିବା କୁହାଯାଉଛି। ଅନ୍ୟପକ୍ଷରେ ସମାଲୋଚକମାନେ କହିଛନ୍ତି ଯେ, ଭାଜପା ଉଚ୍ଚଶିକ୍ଷା ପାଠ୍ୟକ୍ରମକୁ ଗୈରିକୀକରଣ କରିବା ଲକ୍ଷ୍ୟ ରଖି ଆର୍‌ଏସ୍‌ଏସ୍ ଆଦର୍ଶର ଅନୁଗାମୀ ନିଶାଙ୍କଙ୍କୁ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ଦେଇଛି। ସମାଲୋଚନାର ସ୍ତର ଯେଉଁ ଯାଏ ଯାଉନା କାହିଁକି, ନିଶାଙ୍କଙ୍କ ବହୁମୁଖୀ ପ୍ରତିଭା ତାଙ୍କୁ ସର୍ବଦା ଚର୍ଚ୍ଚିତ ରଖିଆସିଛି। ରାଜନୀତିକୁ ଛାଡ଼ିଦେଲେ ସାହିତ୍ୟିକ ମହଲରେ ତାଙ୍କର ଢେର ସୁନାମ ରହିଛି। କବିତା, ଗଳ୍ପ, ଉପନ୍ୟାସ, ଶିଶୁ ଲେଖା ଆଦି କ୍ଷେତ୍ରରେ ତାଙ୍କର ଏକାଧିକ ସାହିତ୍ୟକୃତି ରହିଛି। ତେବେ ୧୯୮୩ରେ 'ସମର୍ପଣ' ସଙ୍କଳନ ପାଠକାର୍ପଣ ହେବା ପରେ ତାଙ୍କ ସୃଜନଶୀଳତା ପ୍ରବୀଣ ସାହିତ୍ୟିକଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ସାହିତ୍ୟକୃତି ପାଇଁ ସେ ବିଭିନ୍ନ ସଂସ୍ଥା ପକ୍ଷରୁ ପୁରସ୍କୃତ ହୋଇଛନ୍ତି। ସାହିତ୍ୟ, ସାମାଜିକ ମଙ୍ଗଳ ଏବଂ ରାଜନୈତିକ ଅବଦାନ ସକାଶେ ରିପବ୍ଲିକ୍ ଅଫ୍ ମରିସସ୍ ନିଶାଙ୍କଙ୍କୁ ଗୋପିଓ ଇଣ୍ଟରନ୍ୟାଶନାଲ ଆୱାର୍ଡ ପ୍ରଦାନ କରିଛି।

ବ୍ୟକ୍ତିଗତ ଜୀବନ କହିଲେ ନିଶାଙ୍କ ସ୍ତ୍ରୀ କୁସୁମକାନ୍ତ ପୋଖରିଆଲ୍‌ଙ୍କୁ ୨୦୧୨ରେ ହରାଇଛନ୍ତି। ଆରୁଷି, ଶ୍ରେୟାଶି ଏବଂ ବିଦୂଷୀ ନାମ୍ନୀ ୩ ଝିଅ ଅଛନ୍ତି।

-ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଜେଲରେ ରହନ୍ତି ଜଣେ ମାତ୍ର କଏଦୀ। କଥାଟା ଆଶ୍ଚର୍ଯ୍ୟ ଲାଗିଲେ ବି ସତ। ଗୁଜରାଟ ନିକଟବର୍ତ୍ତୀ ଆରବ ସାଗରର ଡିଉ ଆଇଲାଣ୍ଡରେ ଥିବା ଡିଉ ଫୋର୍ଟରେ ରହିଛି ଏହି ଜେଲ୍। ଏଥିରେ ଦୀପକ କାଞ୍ଜି(୩୦) ନାମକ ଜଣେ କଏଦୀ ରହୁଛନ୍ତି। ଡିଉ ଏକ କେନ୍ଦ୍ରଶାସିତ ଅଞ୍ଚଳ। ୨୦୧୩ରେ ଏଠାରେ ୭ ଜଣ କଏଦୀ ଥିବାବେଳେ ସେମାନଙ୍କ ମଧ୍ୟରୁ ୪ ଜଣଙ୍କୁ ଗୁଜରାଟର ଆମ୍‌ରେଲି ଜେଲକୁ ପଠାଇ ଦିଆଯାଇଥିଲା ଓ ୨ଜଣ ମୁକ୍ତ ହୋଇଯାଇଥିଲେ। ଶେଷକୁ ରହିଯାଇ ଥିଲେ ଦୀପକ। ସ୍ତ୍ରୀଙ୍କୁ ବିଷ ଦେଇ ମାରିବାକୁ ଉଦ୍ୟମ କରିବା ଅଭିଯୋଗରେ ଏବେ ତାଙ୍କ ମାମଲା ଡିଉ ସେସନ୍ସ କୋର୍ଟରେ ବିଚାରାଧୀନ ଅଛି। ଯେବେ ତାଙ୍କ ମାମଲାର ସମାଧାନ ହୋଇଯିବ ସେହିଦିନ ଉକ୍ତ ଜେଲକୁ ଭାରତର ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥାକୁ ହସ୍ତାନ୍ତର କରାଯିବ ଓ ସେ ଦୋଷୀ ସାବ୍ୟସ୍ତ ହେଲେ ତାଙ୍କୁ ଆମ୍‌ରେଲି ଜେଲକୁ ପଠାଇ ଦିଆଯିବ। ସୂଚନାଯୋଗ୍ୟ, ଏବେ ସେହି ଜେଲ୍‌ରେ ଦୀପକଙ୍କ ପାଇଁ ୫ଜଣ ଗାର୍ଡ ଥିବା ବେଳେ ଜଣେ ଆସିଷ୍ଟାଣ୍ଟ ଜେଲର୍ ରହୁଛନ୍ତି। ନିକଟରେ ଥିବା ଏକ ରେଷ୍ଟୁରାଣ୍ଟରୁ ପ୍ରତିଦିନ ଦୀପକଙ୍କ ପାଇଁ ଖାଇବା ଆସିଥାଏ। ସେ ସେଠାରେ ପ୍ରତିଦିନ ଖବରକାଗଜ ଓ ମାଗାଜିନ୍ ପଢିବା ସହ ଦୂରଦର୍ଶନରେ କେବଳ ଆଧ୍ୟାତ୍ମିକ ଚ୍ୟାନେଲ ଦେଖିବାକୁ ପସନ୍ଦ କରନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨ ଜୁନ୍ ୧୯୯୪

- ଇରାନର ଜଣେ କୂଟନୀତିଜ୍ଞଙ୍କୁ ଲଣ୍ଡନ ଛାଡି ଚାଲିଯିବା ପାଇଁ ବ୍ରିଟେନ ନିର୍ଦ୍ଦେଶ ଦେବା ପରେ ଏହାର ପ୍ରତିବାଦ ସ୍ୱରୂପ ଇରାନରେ ଥିବା ବ୍ରିଟିଶ କୂଟନୀତିଜ୍ଞ ଦମିସ କୋୱେଲଙ୍କୁ ଇରାନ ବହିଷ୍କାର କରିଛି।
- ଇସ୍ରାଏଲରେ ବନ୍ଦୀ ଭାବେ ରହିଥିବା ସହସ୍ରାଧିକ ପାଲେଷ୍ଟିନୀୟ କଏଦୀଙ୍କୁ ଇସ୍ରାଏଲ ପ୍ରତିରକ୍ଷା ବାହିନୀ ଖଲାସ କରିଛନ୍ତି।

## ଚିରନ୍ତନୀ

କ୍ଷୁଧିତକୁ ଶିଖାଅ ହେ ଭାଗ୍ୟ ତା'ର ନୁହେଁ ଅନାହାର
ଅପର ନେଇଛି କାଢ଼ି ଜନ୍ମଗତ ସର୍ବ ଅଧିକାର।
ବସ୍ତ୍ରହୀନେ ବତାଅ ହେ ନିଜ ହାତେ ନିର୍ମିବାକୁ ବସ୍ତ୍ର
ନିରସ୍ତ୍ରକୁ ଦିଅ ଆଣି ଅଦ୍‌ଭୁତ ଅହିଂସାର ଅସ୍ତ୍ର।

(ଜାଗ ଜାଗ ଗାନ୍ଧି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | | | 1 | | | | | B | C | 4 | D | | | |
| 3 | 9 | | D | C | | | | 6 | 7 | | | | | |
| | 0 | | | 9 | | | | | | 3 | 5 | 7 | 4 | |
| | A | | 8 | 5 | | | 4 | | | | | | E | 3 |
| | 7 | C | | 4 | | | | | | | | | 9 | |
| | | 7 | 2 | | | | | D | | | C | A | | |
| | | | | A | | E | B | 5 | | | 2 | 9 | 0 | |
| | E | | 9 | | | | 1 | | | A | | | D | |
| | | | | | | | 3 | | | | 8 | 1 | | |
| 9 | | 0 | | 6 | | | | | 3 | 5 | | | | 2 |
| 0 | D | | C | 3 | | | | A | | 6 | | 5 | 8 | |
| | 3 | 5 | | | | | E | | | B | | 4 | | 7 |
| E | 1 | | | | | | C | 3 | | D | A | | | |
| | 6 | | | | | | 2 | | 9 | | | E | | |
| | B | A | | | | | | 8 | 4 | C | | | | 0 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | D | 8 | E | 3 | 7 | 9 | C | 4 | B | A | 2 | 5 | 0 | 1 |
| A | C | 7 | 8 | B | 4 | 5 | 6 | 1 | E | D | 0 | 2 | 3 | 9 |
| 4 | 0 | B | C | 5 | D | A | 2 | 3 | 1 | 9 | 7 | 8 | 6 | E |
| 5 | 9 | 3 | A | 1 | 2 | D | E | 0 | 8 | C | 6 | 4 | B | 7 |
| E | 2 | 1 | 6 | 9 | 0 | B | 8 | 7 | 5 | 3 | 4 | D | C | A |
| 1 | E | C | 5 | D | A | 7 | 4 | 8 | 2 | 6 | 3 | B | 9 | 0 |
| 7 | 5 | 0 | 2 | 4 | 6 | 1 | 9 | B | C | 8 | E | 3 | A | D |
| B | 4 | 2 | 9 | C | 8 | 3 | 0 | D | A | 1 | 5 | E | 7 | 6 |
| 8 | 6 | 9 | 3 | 7 | B | E | A | C | 0 | 4 | D | 1 | 5 | 2 |
| 3 | A | D | 0 | E | 1 | 2 | 5 | 6 | 9 | 7 | B | C | 8 | 4 |
| D | 8 | 5 | 7 | 2 | 9 | 0 | B | A | 3 | E | 1 | 6 | 4 | C |
| 2 | 3 | E | 1 | 8 | C | 4 | 7 | 5 | 6 | 0 | A | 9 | D | B |
| C | 7 | 6 | 4 | A | 3 | 8 | 1 | 2 | D | B | 9 | 0 | E | 5 |
| 9 | B | 4 | D | 0 | 5 | 6 | 3 | E | 7 | 2 | C | A | 1 | 8 |
| 0 | 1 | A | B | 6 | E | C | D | 9 | 4 | 5 | 8 | 7 | 2 | 3 |

ଗତକାଲି ପ୍ରକାଶିତ ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଆଇନରେ ସତ୍ୟର ସ୍ଥାନ

ମହାଶୟ,

ଆଇନରେ ସତ କହିବା କ'ଣ ଅପରାଧ? କାଠଗଡ଼ାରେ ଶପଥ କରୁଛୁ ସତ କହିବାକୁ, କିନ୍ତୁ ଓକିଲ କହୁଛନ୍ତି ମିଛ କହିବାକୁ। ସତ କହିଲେ ପ୍ରତିପକ୍ଷ ଓକିଲ କହୁଛନ୍ତି ମିଛ କହୁଛ। ସତକୁ ମିଛ ଏବଂ ମିଛକୁ ସତ କହି ଆଜି ସର୍ବୋଚ୍ଚ ନ୍ୟାୟାଳୟର ପ୍ରଧାନ ବିଚାରପତିଙ୍କ ବିରୋଧରେ ଅଭିଯୋଗ । ଆର୍ଯ୍ୟ ସଂସ୍କୃତି ଯେଉଁ ମହାତ୍ମାମାନେ ରଚନା କରିଥିଲେ ତାହା କ'ଣ ଭୁଲ? ନାରୀର ଶୁଦ୍ଧତା ଉପରେ ଜାତିର ଶୁଦ୍ଧତା ନିର୍ଭର କରେ। ସର୍ବୋଚ୍ଚ ନ୍ୟାୟାଳୟ ଆଇନ ପ୍ରଣୟନ କଲେ ବିବାହିତା ମହିଳା ସ୍ୱଇଚ୍ଛାରେ ବହୁଗମନ କରିପାରିବ। ଏହା ହିଁ ବିଡମ୍ବନା। ସତ୍ୟର ସବୁ ସମୟରେ ଜୟ, ତାହା ବିଳମ୍ବ ହୋଇପାରେ।

ଅଦ୍ୱୈତ ପ୍ରସାଦ ବେହେରା, ଅରଣା, ଗଡମା, ଜଗତ୍‌ସିଂହପୁର

### ଜାତୀୟ ରାଜପଥ କର୍ତ୍ତୃପକ୍ଷ ସ୍ପଷ୍ଟୀକରଣ ଦିଅନ୍ତୁ

ପୂର୍ବରୁ କଟକ-ମାଛଗାଁ ରାସ୍ତା ପୂର୍ତ୍ତବିଭାଗ ଅଧୀନରେ ଥିବାବେଳେ ୨୦୧୬ରେ ଏହା ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଅଧୀନକୁ ଆସିଛି। ପରେ ଏହାର ନାମ ୫୫ ନମ୍ବର ଜାତୀୟ ରାଜପଥ ରଖାଯାଇ ରାସ୍ତାର ଉଭୟ ପାର୍ଶ୍ୱରେ ନାମ ଫଳକ ଲଗାଯାଇଛି। ଏହା ମଧ୍ୟରେ ୩ ବର୍ଷ ପୂରିଗଲାଣି। ମାତ୍ର ରାସ୍ତା ପ୍ରଶସ୍ତୀକରଣ କାମ ଆରମ୍ଭ ହୋଇନାହିଁ । ଏହାଛଡା ପୂର୍ବରୁ ଢେଙ୍କାନାଳ ଓ ଅନୁଗୋଳ ଜିଲ୍ଲା ଦେଇ ଯାଇଥିବା କଟକ-ସମ୍ବଲପୁର ଜାତୀୟ ରାଜପଥର ନାମ ୫୫ ନମ୍ବର ଜାତୀୟ ରାଜପଥ ରଖାଯାଇଥିବା ବେଳେ କଟକ-ମାଛଗାଁ ଜାତୀୟ ରାଜପଥର ନାମ ୫୫ ନମ୍ବର ରଖାଯିବା କେତେଦୂର ଠିକ୍? ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏ ସମ୍ପର୍କରେ ସ୍ପଷ୍ଟୀକରଣ ଦେବାକୁ ଅନୁରୋଧ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

### ନିର୍ବାଚନରେ ହିଂସା

ସଦ୍ୟ ଅନୁଷ୍ଠିତ ନିର୍ବାଚନରେ ଯେଉଁଭଳି ହିଂସାକାଣ୍ଡ ଘଟିଲା, ବିଭିନ୍ନ ଦଳ ମଧ୍ୟରେ କଥା କଟାକଟି, ଅଶ୍ଳୀଳ ଭାଷାରେ ଗାଳିଗୁଲଜ ହେଲା ତାହା କୌଣସି ସଭ୍ୟ ସମାଜର ଭାଷା ନୁହେଁ। କିଏ କାହା ଉପରେ ମିଥ୍ୟା ଆରୋପ କଲା ତ ଆଉ କିଏ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଅଭିଯୋଗଫର୍ଦ୍ଦ ଦାଖଲ କଲା। ନିର୍ବାଚନ ସମୟରେ ମଦ, ମାଂସ ଭୋଜିଭାତ ଏବଂ ଅର୍ଥ କାରବାର ହେଲା। ଅଥଚ ମୁଖ୍ୟ ନିର୍ବାଚନ ଅଧିକାରୀ ଏହାକୁ ନିୟନ୍ତ୍ରଣ କରିପାରିଲେ ନାହିଁ। ବିଭିନ୍ନ ଦଳର ସଦସ୍ୟମାନେ ଯେଉଁଭଳି ଭାବରେ ପ୍ରତିପକ୍ଷର ଚରିତ୍ର ସଂହାର ବା ହିଂସାକାଣ୍ଡ କଲେ ତାହାର ଏକ ନିରପେକ୍ଷ ତଦନ୍ତ କରାଗଲେ ପ୍ରାର୍ଥୀମାନଙ୍କର ଭଦ୍ରତା, ସ୍ୱଚ୍ଛତା ଲୋକଲୋଚନକୁ ଆସନ୍ତା। ଦାଗୀ ସଦସ୍ୟମାନଙ୍କର ସଦସ୍ୟତାକୁ ନାକଚ କରାଯାଇ ପାରନ୍ତା। ତାହାହେଲେ ଏକ ସୁସ୍ଥ ସମାଜର ପରିକଳ୍ପନା କରାଯାଇପାରନ୍ତା।

ବାସନ୍ତୀ ପଟ୍ଟନାୟକ, ଅ.ପ୍ରା. ପ୍ରଧାନ ଶିକ୍ଷୟିତ୍ରୀ, ରାଉରକେଲା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଅଗ୍ନିକାଣ୍ଡରେ ଦୋକାନ ଜଳିଗଲା



ଖଲ୍ଲିକୋଟ,୧।୬(ଡି.ଏନ.ଏ.)- ଖଲ୍ଲିକୋଟ ସହର ଧରାକୋଟ ସାହିରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ବାଇଣ୍ଡିଙ୍ଗ୍ ଦୋକାନରେ ଅଗ୍ନିକାଣ୍ଡ ଘଟିଛି। ଦୋକାନରେ ଥିବା ଲକ୍ଷାଧିକ ଟଙ୍କାର ବିଦ୍ୟୁତ୍ ସାମଗ୍ରୀ ପୋଡି ନଷ୍ଟ ହୋଇଛି। ପ୍ରକାଶ ଯେ, ଧରାକୋଟ ସାହିର ଶରତ ଚନ୍ଦ୍ର ମାହାନ୍ତି ଶୁକ୍ରବାର ରାତିରେ ଦୋକାନ ବନ୍ଦ କରି ଘରକୁ ଆସିଥିଲେ। ବିଳମ୍ବିତ ରାତିରେ ନିଆଁ ଲାଗିଥିବା ଖବର ପାଇ ଦୋକାନରେ ପହଞ୍ଚିଥିଲେ। ଖବର ପାଇ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନଥିଲେ ମଧ୍ୟ ଶର୍ଟସର୍କିଟରୁ ନିଆଁ ଲାଗିଥିବା ଦମକଳ ବାହିନୀ ପ୍ରକାଶ କରିଛି।

### ଶେରଗଡ ଆଦର୍ଶ ବିଦ୍ୟାଳୟ
### ୬ ଛାତ୍ରୀଛାତ୍ର ଜିଲାପାଳଙ୍କ ଦ୍ୱାରା ସମ୍ମାନିତ



ଶେରଗଡ଼,୧।୬(ଡି.ଏନ୍.ଏ.)- ଛତ୍ରପୁରସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟରେ ଶନିବାର ଶେରଗଡ଼ ଆଦର୍ଶ ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଛି। ଶେରଗଡ଼ ଆଦର୍ଶ ବିଦ୍ୟାଳୟର ୬ଜଣ ଛାତ୍ରୀଛାତ୍ର ଚଳିତ ବର୍ଷ ସିବିଏସ୍‌ଇ ମାଟ୍ରିକ ପରୀକ୍ଷାରେ ୯୫ ପ୍ରତିଶତ ନମ୍ବର ରଖି ଜିଲାରେ ଭଲ ପ୍ରଦର୍ଶନ କରିଥିଲେ। ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଯୋଗଦେଇ ଏହି ପୁରସ୍କାର ଛାତ୍ରୀଛାତ୍ରମାନଙ୍କୁ ପ୍ରଦାନ କରିଥିଲେ। ଉତ୍ସବରେ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଦେବବ୍ରତ ସାହୁ, ଛତ୍ରପୁର ଉପଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି, ଗଞ୍ଜାମ ଜିଲା ଶିକ୍ଷାଅଧିକାରୀ ସନାତନ ପଣ୍ଡାଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଭାଲୁ ଆକ୍ରମଣରେ ଯୁବକ ଗୁରୁତର

**ସଜନାଗଡ଼, ୧।୬(ଡି.ଏନ.ଏ.):** ନୀଳଗିରି ଉପଖଣ୍ଡ ଅନ୍ତର୍ଗତ ପଞ୍ଚଲିଙ୍ଗେଶ୍ୱର ଅଞ୍ଚଳରୁ ମାନଗଡ଼ ଗ୍ରାମର ଶୁକୁରା ଦେଉରୀ (୩୦) ଶୁକ୍ରବାର ରାତିରେ ଫେରୁଥିବା ବେଳେ ଏକ ଭାଲୁ ଆକ୍ରମଣ କରିଥିଲା। ସେହି ସମୟରେ ଏକ ବାଇକ୍ ଆସିଯିବାରୁ ଭାଲୁଟି ଜଙ୍ଗଲ ଭିତରକୁ ପଳାଇଯାଇଥିଲା। ଶୁକୁରାଙ୍କ ମୁଣ୍ଡ, ହାତ, ଗୋଡ଼ରେ ଗଭୀର ଆଘାତ ଲାଗିଛି। ତାଙ୍କୁ ଗୁରୁତର ଅବସ୍ଥାରେ ବାଇକ ଆରୋହୀ ନୀଳଗିରି ମେଡ଼ିକାଲ ଆଣିଥିଲେ। ସେ ଗରିବ ହୋଇଥିବାରୁ ତାଙ୍କୁ ସରକାରଙ୍କ ତରଫରୁ ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ଦାବି ହୋଇଛି।

■କାଳିଆ ଯୋଜନାରୁ ପ୍ରକୃତ ଚାଷୀ ବଞ୍ଚିତ ଅଭିଯୋଗ

# ସମିତି କାର୍ଯ୍ୟାଳୟରେ ତାଲା ପକାଇଲେ ଚାଷୀ

ଦିଗପହଣ୍ଡି,୧।୬(ଡି.ଏନ୍.ଏ.)



କାର୍ଯ୍ୟାଳୟ ସମ୍ମୁଖରେ ଉତ୍ୟକ୍ତ ଗ୍ରାମବାସୀ।

ରାଜ୍ୟ ସରକାରଙ୍କ କାଳିଆ ଯୋଜନାକୁ ନେଇ ଓଡ଼ିଶାର ଚାଷୀ ବହୁତ ଖୁସି ଓ ଉତ୍ସାହ ଥିବା ବେଳେ ସାନଖେମୁଣ୍ଡି ବ୍ଲକ ଏରେଣ୍ଡ ପଞ୍ଚାୟତ ଯୁଗୁଡି ବଳଭଦ୍ରପୁର ଚାଷୀ କାଳିଆ ଯୋଜନାରୁ ପ୍ରକୃତ ଚାଷୀ ବଞ୍ଚିତ ନେଇ ଅଭିଯୋଗ କରିଛନ୍ତି। କାଳିଆ ଯୋଜନାରେ ସରକାରଙ୍କ ପଞ୍ଜୀକୃତ ଚାଷୀମାନଙ୍କୁ ଟଙ୍କା ତିନୋଟି କିସ୍ତିରେ ମିଳିବାର ନିୟମ ରହିଥିଲେ ସୁଦ୍ଧା ପ୍ରଥମ କିସ୍ତିରେ ଗୋଟିଏ ପରିବାରର ସଂଖ୍ୟାଧିକ ଲୋକଙ୍କୁ ମିଳିବା ଓ ଅଣଚାଷୀ, ଧନୀ ଶ୍ରେଣୀର ଲୋକଙ୍କୁ ଟଙ୍କା ମିଳିଥିବାରୁ ଏଥିରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ କରିଛନ୍ତି ଚାଷୀ। ଶନିବାର ଏଥିରୁ ବଞ୍ଚିତ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିବା ସହ ସମବାୟ ସମିତି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ଅଫିସ କାର୍ଯ୍ୟାଳୟରେ ତାଲା ପକାଇଦେଇଥିଲେ। ଯଦ୍ୱାରା ଅଫିସ କାର୍ଯ୍ୟାଳୟ ପରିସର ମଧ୍ୟରେ ଉତ୍ତେଜନା ଦେଖା ଦେଇଥିଲା। ସମବାୟ ସମିତି କର୍ମଚାରୀ ଅଧିକାରୀଙ୍କ ମନମୁଖୀ ଓ ଏକଚାଟିଆ ଶାସନ ଯୋଗୁ ପ୍ରକୃତ ଚାଷୀ କାଳିଆ ଯୋଜନାରୁ ବଞ୍ଚିତ ହୋଇଥିବା କହିଛନ୍ତି ସମବାୟ ସମିତିର ସଭାପତି ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ। ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିବା ସହ ତୁରନ୍ତ ପ୍ରକୃତ ଚାଷୀଙ୍କୁ କାଳିଆ ଯୋଜନାରେ ସାମିଲ କରିବା ସହ ପ୍ରଥମ କିସ୍ତି ପାଉଣା ପ୍ରଦାନ କରିବାକୁ ଦାବି କରିଛନ୍ତି। ଯଦି ଏହା ପୂରଣ ନ ହୁଏ ଆଗାମୀ ଦିନରେ ଚାଷୀ ରାଜରାସ୍ତାକୁ ଓହ୍ଲାଇବା ସହ କୃଷି ବିଭାଗ କାର୍ଯ୍ୟାଳୟ ଘେରାଉ କରିବାକୁ ଚେତାବନୀ ଦେଇଛନ୍ତି। ସମବାୟ ସମିତି ସେକ୍ରେଟାରୀ ସୁବାସ ଚନ୍ଦ୍ର ରାଉତ କହିଛନ୍ତି ଯେ, ଆମେ ଏହି ଭୁଲ ସମ୍ପର୍କରେ ଉଚ୍ଚ ପଦସ୍ତ ଅଧିକାରୀଙ୍କୁ କହି ସମାଧାନ କରିବୁ। ପଞ୍ଜୀକୃତ ହୋଇଥିବା ଚାଷୀଙ୍କୁ ହିଁ କାଳିଆ ଯୋଜନାରେ ଅନ୍ତର୍ଭୁକ୍ତ କରଯାଇଛି।

## ଏଟିଏମ ସେବା ବ୍ୟାହତ, ଗ୍ରାହକ ହନ୍ତସନ୍ତ

ଫିରିଙ୍ଗିଆ,୧।୬

ଫିରିଙ୍ଗିଆ ସହରର ମୁଖ୍ୟ ବଜାର ରେ ଥିବା ଷ୍ଟେଟ ବ୍ୟାଙ୍କ ଏଟିଏମ୍ ଦୀର୍ଘ ୧୦ ଦିନ ହେଲା ଅଚଳ ହୋଇ ପଡ଼ିଛି। ଫଳରେ ଟଙ୍କା ଉଠାଣ ପାଇଁ ଗ୍ରାହକମାନେ ନାହିଁନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ବଜ୍ରପାତ ପ୍ରଭାବରେ ଏହା ଅଚଳ ହୋଇ ପଡିଥିବା ଜଣାପଡିଛି। ଫିରିଙ୍ଗିଆ ବଜରରେ ଥିବା ଏହି ଏଟିଏମ୍ ଉପରେ ପ୍ରାୟ ୨୪ ପଞ୍ଚାୟତର ଲୋକେ ନିର୍ଭର କରନ୍ତି। ଏଟିଏମ ଅଚଳ ହୋଇ ପଡି ରହିଥିବାରୁ ବ୍ୟବସାୟିକ କ୍ଷେତ୍ରରେ ମଧ ଏକ ପ୍ରକାର ଅଚଳାବସ୍ଥା ଦେଖାଦେଇଛି। ବିଭିନ୍ନ ସ୍କୁଲ କଲେଜ ମାନଙ୍କରେ ନାମ ଲେଖାଇବା ପାଇଁ ଛାତ୍ରୀଛାତ୍ର ତଥା ଅଭିଭାବକଙ୍କୁ ଟଙ୍କା ଉଠାଣ ପାଇଁ ବ୍ୟାଙ୍କରେ ଘଣ୍ଟା ଘଣ୍ଟା ଧାଡିରେ ଛିଡା ହେବାକୁ ପଡୁଛି। କେତେକ ଲୋକେ ବାଧ ହୋଇ ଫୁଲବାଣୀ ଆସି ଟଙ୍କା ଉଠାଉଛନ୍ତି। ଆଉ କେତେକ ଲୋକେ ଗ୍ରାହକ ସେବା କେନ୍ଦ୍ରରେ ଟାଣ ଖରାରେ ଧାଡି ଲଗାଉଛନ୍ତି। ଏ ନେଇ ଫିରିଙ୍ଗିଆ ଷ୍ଟେଟବ୍ୟାଙ୍କ ଶାଖା ପରିଚାଳକ ଅଜିତ କୁମାର ଆଚାର୍ଯ୍ୟଙ୍କୁ ପଚାରିବାରୁ ଗତ କିଛିଦିନ ପୂର୍ବେ ଘଡଘଡି ପ୍ରଭାବରେ ଏଟିଏମ୍‌ର ଯନ୍ତ୍ରାଂଶ ପୋଡି ଯାଇଛି। ଯାହା ଫଳରେ ଏହି ସମସ୍ୟା ହୋଇଛି। ସୋମବାର ଏଟିଏମ୍ କାର୍ଯ୍ୟକ୍ଷମ କରିବା ପାଇଁ ଆମେ ଚେଷ୍ଟା କରୁଛୁ ବୋଲି ପ୍ରକାଶ କରିଛନ୍ତି।




ଏଟିଏମ୍‌ରେ ତାଲା।

## ଜଙ୍ଗଲ ଅଧିକାର ଆଇନ ସଚେତନତା ଶିବିର

ଶେରଗଡ଼,୧।୬(ଡି.ଏନ୍.ଏ.)

ଶେରଗଡ଼ ବ୍ଲକ ସଭା ଗୃହରେ ଶନିବାର ଜଙ୍ଗଲ ଅଧିକାର ଆଇନ ୨୦୦୬ର ସମୀକ୍ଷା ବୈଠକ ଓ ସଚେତନତା ଶିବିର ଅନୁଷ୍ଠିତ ହୋଇ ଯାଇଛି। ତହସିଲଦାର ଡ. ଦୟାସିନ୍ଧୁ ପରିଡା ଏଥିରେ ଅଧକ୍ଷତା କରିଥିଲେ। ଜିଲା କାର୍ଯ୍ୟାଳୟ ପକ୍ଷରୁ ସହକାରୀ ସମାଜ ମଙ୍ଗଳ ଅଧିକାରୀ ଜ୍ୟୋତି କୃଷ୍ଣ ବେହେରା ଯୋଗଦେଇ ଜଙ୍ଗଲ ଅଧିକାର ନିୟମ ଉପରେ ଗ୍ରାମବାସୀଙ୍କୁ କହିଥିଲେ। ୨୦୦୫ ପରେ ଯେଉଁ ଗ୍ରାମ ମାନଙ୍କରେ ଆଦିବାସୀମାନେ ଜଙ୍ଗଲ ଜମିକୁ ଅକ୍ତିଆରକୁ ନେଇଥିବେ ଉକ୍ତ ଜମି ତାଙ୍କୁ ଦିଆଯିବ ନାହିଁ। ୨୦୦୫ ପୂର୍ବରୁ ଆଦିବାସୀ ମାନେ ଅକ୍ତିଆର କରୁଥିବା ଜମିକୁ ଜଙ୍ଗଲ ଅଧିକାର ନିୟମ ୨୦୦୬ ବଳରେ ଆଦିବାସୀ ମାନଙ୍କୁ ହସ୍ତାନ୍ତର କରାଯାଇ ପଟ୍ଟା ପ୍ରଦାନ କରାଯିବ। ବୈଠକରେ ଶେରଗଡ଼ ବ୍ଲକ ଡୁମ୍ବାଦଣ୍ଡପଲ୍ଲି ଗ୍ରାମର ଜଙ୍ଗଲ ଜମି ପ୍ରାୟ ୨୩ ଏକର ୨୩ ଜଣ ପରିବାରକୁ ଦେବାପାଇଁ ଗତ ୨ବର୍ଷ ତଳେ ଆବେଦନ କରିଥିଲେ। ଏହି ମାମଲାରେ ସମୀକ୍ଷା କରାଯାଇଥିଲା। ଉକ୍ତ ଜମି ଯେହେତୁ ୨୦୦୫ପରେ ପଟ୍ଟା ପାଇଁ ଆବେଦନ କରାଯାଇଛି ଏହାକୁ ଜିଲା ପ୍ରଶାସନ ସେମାନଙ୍କ ନାମରେ କରାଯାଇପାରିବ ନାହିଁ ବୋଲି କହିଛନ୍ତି। ଉକ୍ତ ୨୩ ଏକର ଜମିରେ ଗଛ କାଟିବାକୁ ମନା କରାଯାଇଛି। ଆମ୍ଭେମାନେ ୨୯ବର୍ଷରୁ ଅଧିକ ହେବ ଉକ୍ତ ଜମିକୁ ଆମେ ଅକ୍ତିଆରରେ ରଖିଛୁ, ଆମ୍ଭକୁ ପଟ୍ଟା ପ୍ରଦାନ କରାଯାଉ ବୋଲି ଗ୍ରାମବାସୀ ବୈଠକରେ କହିଥିଲେ।

## 'ସୁଖ ଆସିଥିଲା ଭଗାରି ହୋଇ' ମଞ୍ଚସ୍ଥ



ନାଟ୍ୟ ନିର୍ଦ୍ଦେଶକଙ୍କ ସହ ଆସିକା ଏମ୍‌ପି, ବିଧାୟିକା ଓ ଅନ୍ୟମାନେ।

ଆସିକା,୧।୬(ଡି.ଏନ୍.ଏ.)

ଆସିକା ବ୍ଲକ୍ କେନ୍ଦୁପଦର ପଞ୍ଚାୟତ ଚାଟୁଲା ଗ୍ରାମରେ ନେତାଜୀ ଯୁବକ ସଂଘ ପକ୍ଷରୁ ଶୁକ୍ରବାର ରାତିରେ ସାମାଜିକ ନାଟକ 'ସୁଖ ଆସିଥିଲା ଭଗାରି ହୋଇ' ମଞ୍ଚସ୍ଥ ହୋଇଥିଲା। ନାଟ୍ୟକାର ଦିଲୀପ କୁମାର ବିଶ୍ୱାଳଙ୍କ ରଚିତ ଓ ଯୁବ ନାଟ୍ୟକାର ଟୁଟୁ ମଳିକଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ନାଟକକୁ ଆସିକା ଏମ୍‌ପି ପ୍ରମିଳା ବିଷୋୟୀ ଉଦ୍‌ଘାଟନ କରିଥିଲେ। ବ୍ଲକ୍ ଅଧକ୍ଷ ହରେକୃଷ୍ଣ ମଳିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ଏବଂ ସମ୍ମାନିତ ଅତିଥି ଭାବେ କବିସୂର୍ଯ୍ୟନଗର ବ୍ଲକ ଅଧକ୍ଷ ସନ୍ତୋଷ କୁମାର ପାଢୀ, ଆସିକା ବ୍ଲକ୍ ଉପାଧକ୍ଷା ସୁଜାତା ସ୍ୱାଇଁ, ପୂର୍ବତନ ଜିଲାପରିଷଦ ଅଧକ୍ଷ ସୁରଥ ପ୍ରଧାନ, ଦିଲୀପ କୁମାର ପାଣିଗ୍ରାହୀ, ସୂର୍ଯ୍ୟକାନ୍ତ ପରିଡା, ସତ୍ୟନାରାୟଣ ସ୍ୱାଇଁ, ଅଜିତ୍ ଚୌଧୁରୀ, ଅନିଲ୍ କୁମାର ନାୟକ, ଅନିଲ୍ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ। ଗ୍ରାମାଞ୍ଚଳରେ କଳା ଓ ସଂସ୍କୃତିକ ବଜାୟ ରଖିବା ସହ ଭାଇଚାରା ସୃଷ୍ଟି କରିବା ଦିଗରେ ଯୁବ ସଂଘର ଏଭଳି ଉଦ୍ୟମକୁ ଅତିଥିମାନେ ପ୍ରଶଂସା କରିଥିଲେ। ନାଟକର ବିଭିନ୍ନ ଭୂମିକାରେ ବିମଳ, ମଣ୍ଟୁ, ସନ୍ତୋଷ, ବୁଲୁ, ପାଣ୍ଡା, ବିନୁ, କାଳିଆ, ଅନିଳ, ମନୁ, ସୂର୍ଯ୍ୟ, ଦୁର୍ଗା, ସୁଦାମଙ୍କ ସମେତ କଣ୍ଢେଇ, ଚାନ୍ଦିନୀ, ବର୍ଷା, ପୂଜା, ଆଦି କଳାକାରମାନେ ଅଂଶଗ୍ରହଣ କରିଥିଲେ।


**OFFICE OF THE PRINCIPAL, S.B.R. GOVT. (AUTO./JR.) WOMEN'S COLLEGE, BERHAMPUR**

No. 1100/ Date : 01.06.2019

**WALK-IN-INTERVIEW FOR ENGAGEMENT OF GUEST FACULTY**

Candidates having atleast 55% marks at the P.G. Level and good academic record are invited to attend the Walk-in-Interview for guest faculty along with relevant documents as per the following programme for both +2 and +3 classes.

| Subject | Date &Time of Interview | |
|---|---|---|
| 1. English, Home Science, Psychology | 10.06.2019 | 11.00 AM |
| 2. Economics, History, Education | 11.06.2019 | 11.00 AM |
| 3. Mathematics, Chemistry | 12.06.2019 | 11.00 AM |
| 4. Odia, Philosophy, Commerce, Political Science | 13.06.2019 | 11.00 AM |
| 5. Physics, Computer Science, Botany | 18.06.2019 | 11.00 AM |
| 6. Environmental Science, Zoology | 18.06.2019 | 11.00 AM |

**Sd./- Principal,
S.B.R. Govt. (Auto./Jr.) Women's College
Berhampur**


## ପାନୀୟ ଜଳ ପାଇଁ ପଞ୍ଚାୟତ ଅଫିସ ଘେରାଉ

■ନିର୍ବାହୀ ଅଧିକାରୀ ଅଟକ■ ଥାନାରେ ଅଭିଯୋଗ

ପୁରୁଷୋତ୍ତମପୁର,୧।୬(ଡି.ଏନ୍.ଏ.)

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ବ୍ଲକ ଜଗନ୍ନାଥପୁର ପଞ୍ଚାୟତରେ ପାନୀୟ ଜଳ ଯୋଗାଣ ବିପର୍ଯ୍ୟସ୍ତ ହୋଇପଡିଥିବା ବେଳେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଦୁର୍ନୀତି କରୁଥିବା ଅଭିଯୋଗ କରି ଶନିବାର ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କରିଛନ୍ତି ଲୋକେ। ନିର୍ବାହୀ ଅଧିକାରୀ ବିନାୟକ ତ୍ରିପାଠୀଙ୍କୁ ୨ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ଅଟକ ରଖି ହୋହଲା କରିଥିଲେ। ପୁରୁଷୋତ୍ତମପୁର ଥାନା ଏଏସ୍‌ଆଇ ରବୀନ୍ଦ୍ର ନାଥ ପାଣିଗ୍ରାହୀ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରି ନିର୍ବାହୀ ଅଧିକାରୀଙ୍କୁ ଉଦ୍ଧାର କରିଥିଲେ।

ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ, ପାନୀୟ ଜଳ ଯୋଗାଣ ହେଉନଥିବାରୁ ଘୋର ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଜନସାଧାରଣଙ୍କ ଲାଗି ପଞ୍ଚାୟତକୁ ଆସୁଥିବା ବିଦ୍ୟୁତ୍ ବଲ୍‌ବ, ବିହନ ହିତାଧିକାରୀଙ୍କୁ ଦିଆଯାଉନାହିଁ। ଲୋକେ ସରକାରଙ୍କ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି। ଏପରିକି ପୁରୁଷୋତ୍ତମପୁର ପୋଲିସରେ ମଧ ଅଭିଯୋଗ କରିଛନ୍ତି। ଏନେଇ ନିର୍ବାହୀ ଅଧିକାରୀ ବିନାୟକ ତ୍ରିପାଠୀ କହିଛନ୍ତି ଯେ, କେତେଜଣ ବ୍ୟକ୍ତି ଲୋକଙ୍କୁ ମତାଇ ମୋ ବିରୋଧରେ ଏଭଳି କାର୍ଯ୍ୟ କରିଛନ୍ତି। କୌଣସି ଅନିୟମିତତା କରାଯାଉନାହିଁ। ଲୋକେ ଜଳଯୋଗାଣର ବକେୟା ଟଙ୍କା ଦେଉନଥିବାରୁ ବିଦ୍ୟୁତ୍ ବିଲ ପୈଠ ନ ହେବା କାରଣରୁ ସଂଯୋଗ କଟି ପାଣି ସମସ୍ୟା ଦେଖା ଦେଇଛି।

## ରନ୍ଧା ମଦ ଜବତ ଅଭିଯୁକ୍ତ ଗିରଫ

ଆସିକା,୧।୬(ଡି.ଏନ୍.ଏ.)

ଗାଙ୍ଗପୁର ଥାନା ପାଇଲିପଡା ଗ୍ରାମରେ ଶୁକ୍ରବାର ରାତିରେ ପୋଲିସ ଚଢାଉ କରି ୨୦ ଲିଟର ରନ୍ଧା ମଦ ଜବତ କରିଛି। ଏହି ମାମଲାରେ ଗ୍ରାମର ବାବୁଲା ପାତ୍ରଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତଙ୍କ ବିରୋଧରେ ଗାଙ୍ଗପୁର ଥାନାରେ ନଂ.୯୩/୧୯ରେ ଏକ ମାମଲା ରୁଜୁ କରାଯାଇ ଶନିବାର କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ସତ୍ୟରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି।






■୧୬ଲକ୍ଷ ୮୫ହଜାର ଟଙ୍କା ଧରି ସରପଞ୍ଚ ଫେରାର ଘଟଣା

# ପାଞ୍ଚମାସ ହେଲା ପତ୍ତା ପାଉନି ପୋଲିସ

ପୁରୁଷୋତ୍ତମପୁର,୧।୬(ଡି.ଏନ୍.ଏ.)

**ପୁରୁଷୋତ୍ତମପୁର ବ୍ଲକ ହାଣ୍ଡିଘର ପଞ୍ଚାୟତ**

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ବ୍ଲକ ହାଣ୍ଡିଘର ପଞ୍ଚାୟତର ସରପଞ୍ଚ ସୂର୍ଯ୍ୟ ନାରାୟଣ ଗୌଡ ସରକାରୀ ଟଙ୍କା (୧୬ ଲକ୍ଷ ୮୫ହଜାର ୧୨୦) ଧରି ଚମ୍ପଟ ମାରିଛନ୍ତି। ପ୍ରାୟ ୫ମାସ ବିତିବାକୁ ବସିଲାଣି ପୋଲିସ ସରପଞ୍ଚଙ୍କ ଟେର ପାଉନାହିଁ। ଟଙ୍କା ଅଭାବରୁ ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟରେ ବ୍ୟାଘାତ ସୃଷ୍ଟି ହୋଇଛି। ଫଳରେ ପଞ୍ଚାୟତବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି। ଘଟଣା ପ୍ରତି ପୋଲିସ ଗୁରୁତ୍ୱ ଦେଉନଥିବା କିମ୍ବା ଚାପର ବଶବର୍ତ୍ତୀ ହୋଇ ଏପରି କରୁଥିବା ସେମାନେ ଅଭିଯୋଗ କରିଛନ୍ତି। ଏନେଇ ବିଡିଓ ସତ୍ୟସୁନ୍ଦର ରାଉତ କହିଛନ୍ତି, ପୋଲିସକୁ ବହୁଥର କହିଛି ମାତ୍ର ସୁଫଳ ମିଳୁନି। ସରପଞ୍ଚଙ୍କୁ ୨ ମାସ ହେଲା ସସ୍‌ପେଣ୍ଡ କରାଯାଇଛି। ନାଏବ ସରପଞ୍ଚ ଶୈଳ ପାତ୍ରଙ୍କୁ ଦାୟିତ୍ୱ ଦିଆଯାଇଛି ବୋଲି କହିଛନ୍ତି। ତଦନ୍ତକାରି ପୋଲିସ ଅଧିକାରୀ ସୁନିଲ କୁମାର ପ୍ରଧାନ କହିଛନ୍ତି, ଘଟଣାର ତଦନ୍ତ ବିଭିନ୍ନ ଦିଗକୁ ନେଇ ଚାଲିଛି। ସରପଞ୍ଚ କେଉଁଠାରେ ରହିଛନ୍ତି ତାହା ଜଣାପଡୁନାହିଁ। ପୋଲିସ କୌଣସି ଚାପରେ ନାହିଁ, ସରପଞ୍ଚଙ୍କୁ ଗିରଫ କରାଯିବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ ଯେ, ହାଣ୍ଡିଘର ପଞ୍ଚାୟତ ସରକାରୀ ଅର୍ଥ ଚତୁର୍ଦ୍ଦଶ ଅର୍ଥ କମିଶନର ଅନୁଦାନ ୧୬ଲକ୍ଷ ୮୫ହଜାର ୧୨୦ ଟଙ୍କା ପୁରୁଷୋତ୍ତମପୁର ଷ୍ଟେଟବ୍ୟାଙ୍କ ଆକାଉଣ୍ଟରେ ରହିଥିଲା। ସରପଞ୍ଚ ସୂର୍ଯ୍ୟ ନାରାୟଣ ଗୌଡ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ଦେବରାଜ ମହାନ୍ତିଙ୍କ ନାଁରେ ଜଏଣ୍ଟ ଆକାଉଣ୍ଟ ରହିଥିଲା। ଏଥିରୁ ଗତ ଡିସେମ୍ବରରେ ସରପଞ୍ଚ ନିର୍ବାହୀ ଅଧିକାରୀଙ୍କ ଜାଲ ଦସ୍ତଖତ କରି ପ୍ରତାପୁର ଗ୍ରାମର ବୀରେନ୍ଦ୍ର ବେହେରାଙ୍କ ଆକାଉଣ୍ଟକୁ ୯ଲକ୍ଷ ୨୦ ହଜାର ୬୦୫ ଟଙ୍କା ଓ ହାଣ୍ଡିଘର ଗ୍ରାମର ସୁଦର୍ଶନ ବେହେରାଙ୍କ ଆକାଉଣ୍ଟକୁ ୬ଲକ୍ଷ ୬୪ହଜାର୫୧୫ ଟଙ୍କା ଆରଟିଜିଏସ୍ ମାଧ୍ୟମରେ ପଠାଇ ଥିଲେ। ନିର୍ବାହୀ ଅଧିକାରୀ ଏହା ଜାଣିପାରି ଜାନୁୟାରୀ ୨୧ରେ ପୁରୁଷୋତ୍ତମପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ନଂ.୧୭।୧୯ରେ ଏକ ମାମଲା ରୁଜୁ ହୋଇଛି।


**ADMISSION NOTICE FOR ITI TRADE**

**ITI MACHINIST**
**(for Bhubaneswar Centre)**
**ITI FITTER & ELECTRICIAN**
**(for Kalinga Nagar Ext. Centre)**

On-line applications are invited from intending candidates for admission to **Two Years ITI in Machinist, Fitter & Electrician Trade** for the **Session 2019-2020 commencing from 01.08.2019.** The course is approved by NCVT, New Delhi and Affiliated to State Council for Technical Education & Vocational Training, Odisha.

**QUALIFICATION :** Matriculation (10th Pass) or equivalent in HSC Examination.

**AGE :** Minimum 14 years as on 01.08.2019

**SELECTION :** As per Govt. of Odisha procedure.

**How to apply :** Only one Application to be filled in through the link available at our website **www.cttc.gov.in** or visiting our Centres at B-36, Chandaka Industrial Area, Bhubaneswar / Kalinga Nagar Extension Centre, Jajpur Cluster Development Ltd. (JCDL) Campus, Kalinga Nagar and Rayagada Extn. Centre, UGMIT Campus, Rayagada **on or before 29.06.2019** along with Photo copy of following Documents : (1) 10th Qualification Certificate, (2) Aadhaar Card, (3) Cast Certificate, (4) Passport size Color Photo & (5) An amount of Rs.100/- for registration through Debit Card, Credit Card / Net Banking.

***Last date for applying online 29.06.2019***

***For Admission Contact : Bhubaneswar : 9778736860, Kalinga Nagar : 8895203735, Rayagada : 9437147392***

Ministry of MSME Govt. of India

**CENTRAL TOOL ROOM & TRAINING CENTRE**
(Ministry of Micro, Small & Medium Enterprises , Govt. of India)
B-36, Chandka Industrial Area, Bhubaneswar-751024
Ph.No.-(0674) 3011733, 3011734, Fax.-(0674) 3011750
E-mail : cttc@cttc.gov.in, Website: www.cttc.gov.in

ISO-9001, 29990 ISO-14001 OHSAS 18001





## ସଂକ୍ଷେପରେ

### ବିଦ୍ୟୁତ୍ ଖୁଣ୍ଟରୁ ଖସି ଯୁବକ ମୃତ ସାଉଥ୍‌କୋ କର୍ମଚାରୀଙ୍କ ବିରୋଧରେ ଅଭିଯୋଗ ଆଣିଲେ ସ୍ତ୍ରୀ

**ଭଞ୍ଜନଗର,୧।୬(ଡି.ଏନ.ଏ.):** ତାରସିଂ ଥାନା କୁଡୁତାଇ ସୋସାଇଟି ନିକଟରେ ଶନିବାର ସକାଳେ ଜଣେ ଯୁବକଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଥାନା ବାଙ୍କତରାର ଯୋଗେନ୍ଦ୍ର ନାୟକ (୨୭)। ଯୋଗେନ୍ଦ୍ର ଶନିବାର କୁଡୁତାଇ ସୋସାଇଟି ନିକଟରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟରେ ଚଢ଼ି କାମ କରୁଥିଲେ। ଏହି ସମୟରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ସେ ତଳେ ପଡ଼ି ଗୁରୁତର ହୋଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ଭଞ୍ଜନଗର ହସ୍ପିଟାଲକୁ ଅଣାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ନେଇ ସମ୍ପୃକ୍ତ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ଅନ୍ୟପଟେ ଯୋଗେନ୍ଦ୍ରଙ୍କ ସ୍ତ୍ରୀ ପିଙ୍କିଙ୍କ ଅଭିଯୋଗ ପ୍ରକାରେ, ଯୋଗେନ୍ଦ୍ରଙ୍କୁ ସାଉଥ୍‌କୋର ଜଣେ କର୍ମଚାରୀ ନେଇ କାର୍ଯ୍ୟରେ ଲଗାଇଥିଲେ। ସକାଳେ ଯୋଗେନ୍ଦ୍ର ଖୁଣ୍ଟରେ ଚଢ଼ି କାମ କରୁଥିବା ସମୟରେ ବିଦ୍ୟୁତ୍ ଆଘାତ ହେବାରୁ ତଳେ ପଡ଼ି ଯାଇ ତାଙ୍କର ମୃତ୍ୟୁ ଘଟିଛି। ତେଣୁ ଅଭିଯୁକ୍ତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ କ୍ଷତିପୂରଣ ଦେବାପାଇଁ ଯୋଗେନ୍ଦ୍ରଙ୍କ ସ୍ତ୍ରୀ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ହସ୍ପିଟାଲକୁ ପଠାଇବା ସହ ଘଟଣାର ତଦନ୍ତ ଚଳାଇଛି। ଅପରପକ୍ଷେ ଘଟଣା ସମ୍ପର୍କରେ ତାରସିଂ ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲିଙ୍କ ମତାମତ ନେବାପାଇଁ ଉଦ୍ୟମ କରାଯାଇଥିଲା କିନ୍ତୁ ତାଙ୍କ ମୋବାଇଲ ଫୋନ ସୁଇଚ୍ ଅଫ୍ ଥିବାରୁ ମତାମତ ନିଆଯାଇ ପାରିନାହିଁ। ଭଞ୍ଜନଗର ଏସ୍‌ଡିପିଓ ଶୁଭ୍ରାଂଶୁ ମିଶ୍ରଙ୍କୁ ମଧ ଫୋନ କରିବାରୁ ସେ ଫୋନ ଉଠାଇ ନ ଥିଲେ। ଫଳରେ ପୋଲିସର ମତାମତ ନିଆଯାଇ ପାରିନାହିଁ। ଏ ନେଇ ସାଉଥ୍‌କୋ ନିର୍ବାହୀଯନ୍ତ୍ରୀଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, ଯୋଗେନ୍ଦ୍ର ସାଉଥ୍‌କୋ କର୍ମଚାରୀ ନୁହଁନ୍ତି। ତାଙ୍କର କିପରି ମୃତ୍ୟୁ ଘଟିଛି ତାହା ତଦନ୍ତ ପରେ ଜଣାପଡ଼ିବ। କିନ୍ତୁ ଏ ନେଇ ସରକାରୀ ଭାବେ ଆମ ପାଖରେ କୌଣସି ଖବର ନାହିଁ।

■ ବର୍ଷା ପାଣିରେ ଉବୁଟୁବୁ କଲୋନୀ ବାସିନ୍ଦା

## ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ ଚେତାବନୀ

**ଦିଗପହଣ୍ଡି,୧।୬(ଡି.ଏନ.ଏ.)**



ରାସ୍ତା ଉପରେ ନର୍ଦ୍ଦମା ପାଣି ଲହଡ଼ି ମାରୁଛି।

ଦିଗପହଣ୍ଡି ଏନ୍‌ଏସି ୧ନଂ. ୱାର୍ଡ ଅଞ୍ଚଳ କଲୋନୀରେ ନୀଳାଦ୍ରି ବିହାର ପ୍ରଥମ ଲେନ୍ ରହିଛି। ପ୍ରବେଶ ପଥରେ ଡ୍ରେନ ପାଣି ନିଷ୍କାସନ ବ୍ୟବସ୍ଥା ନ ଥିବାରୁ ବର୍ଷା ପାଣିରେ ବାସିନ୍ଦା ଉବୁଟୁବୁ ହେଉଛନ୍ତି। ଏହାର ସମାଧାନ ପାଇଁ ସାହିବାସୀ ଉଦ୍ୟମ କରି ବିଫଳ ହେବା ପରେ ଏନ୍‌ଏସିର ଦ୍ୱାରସ୍ଥ ହୋଇଥିଲେ। କିନ୍ତୁ କିଛି ସୁଫଳ ନ ମିଳିବାରୁ ଜନସାଧାରଣରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ତେବେ ପ୍ରଶାସନ ଶୀଘ୍ର ଏହାର ସମାଧାନ ନ କଲେ ସାହିବାସୀ ଆନ୍ଦୋଳନ କରିବେ ବୋଲି ସିପିଆଇ ଦିଗପହଣ୍ଡି ଶାଖା ସମ୍ପାଦକ ତପନ କୁମାର ମିଶ୍ର ଏବଂ କାଉନ୍‌ସିଲର ନିରୁପମା ପଟ୍ଟନାୟକ ଚେତାବନୀ ଦେଇଛନ୍ତି। ଏ ନେଇ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ଡାକୁଆଙ୍କୁ ପଚାରିବାରୁ ବିଶ୍ୱବ୍ୟାଙ୍କ କର୍ତ୍ତୃପକ୍ଷ ଦିଗପହଣ୍ଡି–ଆସିକା ମୁଖ୍ୟ ରାସ୍ତା ନିର୍ମାଣ କରିବା ପରେ କଲୋନୀ ରାସ୍ତାର ଡ୍ରେନ ପାଣି ନିଷ୍କାସନ ହୋଇପାରୁନାହିଁ। ଏପରିକି କିଛି ବ୍ୟକ୍ତି ଡ୍ରେନ ମଧ୍ୟରେ ପଥର ମାଟି ପକାଇ ପୋତି ଦେଇଥିଲେ। ଡ୍ରେନ ଅବରୋଧ ହଟାଇବା ପାଇଁ ସେ ନିର୍ଦ୍ଦେଶ ଦେଇଥିବା କହିଛନ୍ତି। ପୂର୍ତ୍ତ ବିଭାଗ ପକ୍ଷରୁ ସିମେଣ୍ଟ କଂକ୍ରିଟ୍ ରାସ୍ତା ନିର୍ମାଣ ଚାଲିଛି। ଉକ୍ତ କଲୋନୀ ରାସ୍ତା ପୂର୍ତ୍ତ ବିଭାଗ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯାଇଥିବାରୁ ଏନ୍‌ଏସି ପ୍ରଶାସନ ପକ୍ଷରୁ ସେଠାରେ କୌଣସି ନିର୍ମାଣ କାର୍ଯ୍ୟ କରିପାରିବ ନାହିଁ। ପୂର୍ତ୍ତ ବିଭାଗ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯାଇ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ଡ୍ରେନରେ ପାଣି ନିଷ୍କାସନ ନ ହେବା ଯୋଗୁ କଲୋନୀ ମୁଖ୍ୟ ରାସ୍ତା ଉପରେ ୨ ଫୁଟରୁ ଊର୍ଦ୍ଧ୍ୱ ନର୍ଦ୍ଦମା ବର୍ଜ୍ୟପାଣି ଜମି ରହୁଛି। ଏଥିପ୍ରତି ଏନ୍‌ଏସି ଓ ପୂର୍ତ୍ତ ବିଭାଗ ଦୃଷ୍ଟି ଦେବାକୁ ସାହିବାସୀ ଦାବି କରିଛନ୍ତି।

## ରକ୍ତ ଭଣ୍ଡାର ପରିଚାଳନା କମିଟି ବୈଠକ

**ଭଞ୍ଜନଗର,୧।୬(ଡି.ଏନ.ଏ.)**


ବୈଠକରେ ଆଲୋଚନା ଚାଲିଛି।

ଭଞ୍ଜନଗର ରକ୍ତ ଭଣ୍ଡାର ପରିଚାଳନା କମିଟି ବୈଠକ ଶନିବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପଜିଲାପାଳ ରାଜେନ୍ଦ୍ର କୁମାର ମିଞ୍ଜ ଅଧ୍ୟକ୍ଷତା କରି ବିଗତ ବର୍ଷର ଆୟ ବ୍ୟୟ ଏବଂ ଚଳିତ ବର୍ଷର ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ବ୍ଲଡ୍ ବ୍ୟାଙ୍କର ରକ୍ତ ଅଭାବକୁ ଦେଖି ଆଗାମୀ ଦିନରେ ଅଧିକ ରକ୍ତଦାନ ଶିବିର କରିବା ପାଇଁ ବୈଠକରେ ମତପ୍ରକାଶ ପାଇଥିଲା। ଏଥିସହ ଆଗାମୀ ୨୦ ତାରିଖରେ ରକ୍ତଦାତାମାନଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ମେଡିକାଲ ଅଧିକ୍ଷକ ଡ.ପୀତାମ୍ବର ଦାସ, ଡ.ପ୍ରଣବାନନ୍ଦ ପାତ୍ର, ସଭ୍ୟ ଡ.ପ୍ରଫୁଲ୍ଲ ଚନ୍ଦ୍ର ଗୌଡ଼, ରୋଟାରୀ କ୍ଲବ ସଭାପତି ରବୀନ୍ଦ୍ର ପାଣିଗ୍ରାହୀ, ଜ୍ଞାନଚାନ୍ଦ ଜଗନ୍ନାଥ, ଶିବୁ ଜେନା, ଅଧ୍ୟାପକ ରବୀନ୍ଦ୍ର ମିଶ୍ର, ବି.ଗୋବିନ୍ଦ ରାଓ, ଲୋକନାଥ ମହାନ୍ତି ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅମଣିଷକୁ କହି**
**ଖଟା ପଟା ଦହି।**

ଅମଣିଷ ବ୍ୟକ୍ତିକୁ ବାଟକୁ ଆଣିବା କଷ୍ଟକର। କାହା କଥାକୁ ଏମାନଙ୍କ ଭ୍ରୂକ୍ଷେପ ନ ଥାଏ କି କାହାର ହିତୋପଦେଶ ଏମାନଙ୍କ ଉପରେ କୌଣସି ପ୍ରଭାବ ପକାଇ ପାରି ନ ଥାଏ। ଏମାନଙ୍କୁ ବୁଝେଇବା ବା କହିବା ଯାହା ଖଟା ପଟା ଦହି ଖାଇବା ସେଇଆ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅଳପ ଲୋକ ବଡ଼ପଣ ପାଏ**
**ହଗୁଣ୍ଟୁ ମୂତୁଣ୍ଟୁ ଗୀତ ଗାଏ।**

ନୀଚସ୍ତରର ଲୋକ ଉଚ୍ଚ ପଦବୀରେ ଅଧିଷ୍ଠିତ ହେଲେ ଗର୍ବରେ ଫାଟି ପଡ଼ନ୍ତି। ସ୍ଥାନ, କାଳ, ପାତ୍ରକୁ ଭୁଲି ନିଜ ଅହଂଭାବ ଦେଖେଇ ହୁଅନ୍ତି। ନୀଚ ଲୋକ ଉଚ୍ଚ ପଦବୀର ଅପବ୍ୟବହାର କରି ବସୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ରୂଢ଼ି ପ୍ରୟୋଗ
–ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

■ ରକ୍ଷଣାବେକ୍ଷଣ ଅଭାବ

## ଜଳଛତ୍ରରୁ ପାଣି ପିଉନାହାନ୍ତି ଲୋକେ

**ବୁଗୁଡ଼ା,୧।୬(ଡି.ଏନ.ଏ.)**



ଖୋଲାରେ ଥିବା ଜଳଛତ୍ର।

ବୁଗୁଡ଼ା ଏନଏସିର ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲାଯାଇଛି। କିନ୍ତୁ ରକ୍ଷଣାବେକ୍ଷଣ ଅଭାବରୁ ଲୋକେ ଏହି ପାଣି ପିଇବାକୁ ଅମଙ୍ଗ ହେଉଛନ୍ତି। ବିଭିନ୍ନ ସ୍ଥାନରେ ଜଳଛତ୍ର ଉପରେ ନଡ଼ା ଛପର ନଥିବା ଯୋଗୁ ଖରାପଡି ପାଣି ଗରମ ହୋଇଯାଉଛି। ଫଳରେ ଲୋକେ ଏହାକୁ ପିଉନାହାନ୍ତି। ଅପରପକ୍ଷରେ ଜଳଛତ୍ର ନିକଟରେ ଗ୍ଲାସଟିଏ ସୁଦ୍ଧା ରଖାଯାଇନାହିଁ। ପ୍ରତ୍ୟହ ଟାଙ୍କିରୁ ବାସୀ ପାଣି ସଫା କରି ପୁଣି ପାଣି ଭର୍ତ୍ତି କରିବା ବ୍ୟବସ୍ଥା ଥିଲେ ମଧ ଏହା କାର୍ଯ୍ୟକାରୀ ହେଉନାହିଁ। ତେଣୁ ଜଳଛତ୍ରର ପ୍ରକୃତ ଦୃଷ୍ଟି ଦିଆଯାଉନଥିବା ଯୋଗୁ ଏହାର ପାଣି ପିଉନାହାନ୍ତି ଲୋକେ। ଫଳରେ ସରକାର ପଥଚାରୀଙ୍କୁ ଦୃଷ୍ଟିରେ ରଖି କରିଥିବା ଏହି ଯୋଜନା ବାଟବଣା ହେଉଛି। ନାଁକୁ ମାତ୍ର କେବଳ ଜଳଛତ୍ର କରି ବିଲ୍ କରାଯାଉଛି। ତେଣୁ ତୁରନ୍ତ ଏହାର ପ୍ରତିକାର ପାଇଁ ସାଧାରଣରେ ଦାବି ହେଉଛି।


# CLASSIFIED DISPLAY

ALL EDITION - B/W (Everyday)

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

FINANCE

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହରୁଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ରୁଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

LOAN
ଟଙ୍କା ନେଉନ୍ତୁ – ଧୋକା ଦେଉନ୍ତୁ
ଆଗେ କାମ – ପରେ ଦାମ୍
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନକାର୍ଡ ପର୍ସନାଲ, ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395864708, 8929606415
SCO- 106, Second Floor, Vishal Tower, Cannaught Place, Delhi.

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

FINANCE
କ୍ୟାପିଟାଲ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ।
୨% ସୁଧ ୪୦%ଛାଡ। ଘରେ ବସି ପାଆନ୍ତୁ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894251618

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Registration No. - U6519TN198PLC008555)
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି ଏବଂ ସମସ୍ତ ଋଣ ୩ରୁ ୪ ଦିନରେ ଘରେ ବସି ପାଆନ୍ତୁ ୨% ସୁଧ, ୪୦% ରିହାତି (ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ)।
- Helpline Number -
8859690149
PETUMALI, JHARMUNDA, PETUPALI, BARGARH, ODISHA- 768034

BUSINESS

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

BUSINESS
ଖାଲିଥିବା ଜମି ଓ ଛାତ ଉପରେ ୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ କଂପାନୀ ଇଂଡସ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 60,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ।
ଧୋକା ଖାଇଥିବା ବ୍ୟକ୍ତି ଫୋନ କରନ୍ତୁ, ସର୍ଭେ କରାନ୍ତୁ ଏବଂ ହାତା ହାତୀ ଚେକ୍ ପାଆନ୍ତୁ
Plot No - 15/012, Devaraja Mohalla, Bangalore, Karnataka 570001
9499321886

See Color Display Classified on every Tuesday & Friday

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ। ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
9996602452

WISE INVESTMENT
Value Your Money Safely
A Bhubaneswar Based company is looking forward for good investors (MORE THAN ONE CRORE) to invest on land properties within the territory of Odisha.
SSP PVT. LTD.
A/88, Sahid Nagar, Bhubaneswar
6372858860
Email : landbank.19@gmail.com

ବ୍ୟବସାୟ
(ସରକାରୀ ଅନୁମୋଦିତ)
ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ଦ୍ୱାରା
ନିଜର ଖାଲି ଜମି ଛାତ, ପ୍ଲଟ୍, କ୍ଷେତରେ ୪ଜି ଡିଜିଟାଲ ଟାୱାର ଲଗାନ୍ତୁ
- ପାଆନ୍ତୁ -
୯୦ ଲକ୍ଷ ଅଗ୍ରିମ + ୯୦ ହଜାର ଭଡ଼ା
୨ ଜଣଙ୍କ ପାଇଁ ୨୫୦୦୦/-ର ସୁବିଧା
ବାଇକ୍ + ବୀମା + ମୋବାଇଲ
(ଇଣ୍ଟରନେଟ୍ ଫ୍ରି) + ହାଇସ୍ପିଡ୍ ନେଟ୍
ଇଣ୍ଡସ୍ ଟାୱାର
ହେଲ୍‌ପଲାଇନ୍ ନମ୍ବର
18001205460
H. No. # 412, Subhash Nagar, Jind, Haryana

OFFICE SPACE FOR RENT
REDUCE OFFICE RENTAL BY 50% RELOCATE TO GROWING LOCATION ON 200 FEET WIDE BHIMTANGI MAIN ROAD. JUST 2KMs FROM BHUBANESWAR AIRPORT. 3 FLOORS 6000 SQFT NEW BUILDING FOR RENT. EDUCATION INSTITUTES / OFFICES / BANKS / CORPORATE GUEST HOUSES PREFERRED. PROVISION FOR LIFT AND POWER BACKUP.
CONTACT : 9958003695
Email: mishrab1962@gmail.com

GTL Telecom Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ। ଅଗ୍ରିମ - 90 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। 30,000ର ଅନ୍ୟାନ୍ୟ ସୁବିଧା। ମହିଳାଙ୍କ ପାଇଁ ବିଶେଷ ରିହାତି।
Address:- Head Office
G-79 Aadrsh Nagar Karol Bagh
8676907143, 9348274623

SMS JOBS DHAMAKA
(PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167
9973805993

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ମାତାଙ୍କ ଅସୀମ କୃପା
ସର୍ବ ମନୋକାମନାପୂର୍ଣ୍ଣ ଚମତ୍କାରୀ ସିଦ୍ଧ ମୁଦ୍ରିକା
ଏହି ମୁଦିକୁ ପିନ୍ଧିଲେ ସ୍ତ୍ରୀ-ପୁରୁଷ ଯେତେ କଠୋରମନା ହୋଇଥାଆନ୍ତୁ ନା କାହିଁକି, ଆପଣଙ୍କ ଇଚ୍ଛା ଅନୁସାରେ କାମ କରିବେ। ପରୀକ୍ଷାରେ ପ୍ରଥମ ଶ୍ରେଣୀ, ମକଦ୍ଦମାରେ ବିଜୟ, ବିଦେଶ ଯାତ୍ରା, ପ୍ରେମ ବିବାହ, ଜୁଆ-ଲଟେରି, ଶେୟାର୍‌ରେ ସଫଳତା, ବ୍ୟବସାୟରେ ଅଭୂତପୂର୍ବ ଅଭିବୃଦ୍ଧି, ମାଟିରେ କେଉଁଠି ପୋତା ଧନ ଅଛି ତାହା ସ୍ୱପ୍ନରେ ଦେଖାଯିବ, ଘରେ ସୁଖ ଶାନ୍ତି, ରୋଗରୁ ମୁକ୍ତି, ଋଣରୁ ମୁକ୍ତି, ଚାରିଆଡ଼େ ଖୁସି ହିଁ ଖୁସି, ଯେଉଁ କାମରେ ହାତ ମାରିବେ ଆପଣଙ୍କୁ ସଫଳତା ହିଁ ସଫଳତା ପ୍ରାପ୍ତ ହେବ।
ସର୍ବ ମନୋକାମନାପୂର୍ଣ୍ଣ ଚମତ୍କାରୀ ସିଦ୍ଧ ମୁଦି ସହିତ ନଜରଦୋଷ କବଚ ମାଗଣା।
ସାଧାରଣ ମୁଦି - 1100/-
ସ୍ପେଶାଲ ମୁଦି - 1575/-
କାମ ନ ହେଲେ ପଇସା ଫେରସ୍ତ
ଇଚ୍ଛୁକ ବ୍ୟକ୍ତି ଆଶ୍ରମ ସହ ଯୋଗାଯୋଗ କରନ୍ତୁ
7564962303
9354145347

DHARITRI Career appointment Every Wednesday and Saturday

TARIFF

| | Size | Amount |
|---|---|---|
| For Single Day | 6×4 cm | 1500.00 |
| For Single Day | 12×4 cm | 2000.00 |
| For 7 Days | 6×4 cm | 6000.00 |
| For 7 Days | 12×4 cm | 12,000.00 |
| For 15 Days | 6×4 cm | 12,000.00 |
| For 15 Days | 12×4 cm | 25,000.00 |
| For 30 Days | 6×4 cm | 20,000.00 |
| For 30 Days | 12×4 cm | 40,000.00 |
| *GST 5% Extra | | |

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ସଂକ୍ଷେପରେ**

## ନାବାଳିକା ନିଖୋଜ ନେଇ ଅଭିଯୋଗ

**ବୁଗୁଡ଼ା,୧।୬(ଡି.ଏନ.ଏ.):** ବୁଗୁଡ଼ା ଥାନା ଅଞ୍ଚଳରେ ଜଣେ ୧୭ ବର୍ଷର ନାବାଳିକା ନିଖୋଜ ହୋଇଥିବା ନେଇ ଶନିବାର ଥାନାରେ ଅଭିଯୋଗ ହୋଇଛି। ଏ ନେଇ ବୁଗୁଡ଼ା ଥାନାରେ ନଂ. ୧୦୩/୧୯ରେ ମାମଲା ରୁଜୁ ହୋଇଛି। ପ୍ରକାଶ ଯେ, ନାବାଳିକା ଜଣକ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ସାଇକେଲରେ ବୁଗୁଡ଼ା ଇଣ୍ଡିଆନ ଓଭରସିଜ ବ୍ୟାଙ୍କକୁ ଯାଇଥିଲେ। କିନ୍ତୁ ଅପରାହ୍ନ ପ୍ରାୟ ୨ଟା ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ସମ୍ପର୍କୀୟମାନଙ୍କ ଘରକୁ ଯାଇ ଖୋଜାଖୋଜି କରିଥିଲେ ମଧ ଝିଅର କୌଣସି ସନ୍ଧାନ ମିଳି ନ ଥିଲା। ଫଳରେ ଶନିବାର ଝିଅର ବାପା ବୁଗୁଡ଼ା ଥାନାରେ ଅଭିଯୋଗ କରିଛନ୍ତି।

## କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା ନେଇ ଆଲୋଚନା

**ଛତ୍ରପୁର,୧।୬(ଡି.ଏନ.ଏ.):** ଗଞ୍ଜାମ ଜିଲା ହେଡକ୍ୱାର୍ଟର ଛତ୍ରପୁରରେ ଚଳିତ ବର୍ଷ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା ଏକପ୍ରକାର ନିଶ୍ଚିତ ହୋଇଛି । ଛତ୍ରପୁରରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା ପ୍ରସଙ୍ଗ ନେଇ ଶନିବାର କେତେକ ବୁଦ୍ଧିଜୀବୀ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କୁ ଭେଟି ଆଲୋଚନା କରିଛନ୍ତି । ଏହି ଆଲୋଚନା ବେଳେ ଏ ନେଇ ପଦକ୍ଷେପ ନିଆଯାଇଥିବା ଜିଲାପାଳ କହିଥିବା ଜଣାପଡିଛି । ଓକିଲ ପ୍ରଦୀପ ପାଢୀ, ଚୈତନ୍ୟ ପ୍ରଧାନ, ବ୍ରଜମୋହନ ଆଚାର୍ଯ୍ୟ, ପି. ଧରମା ରେଡ୍ଡୀ, ସୁରେଶ ସେନାପତି, ବି.ସୁଧୀର ଓ ବାଦଲ ବେହେରା ପ୍ରମୁଖ ଜିଲାପାଳଙ୍କୁ ଭେଟି ଆଲୋଚନା କରିଥିଲେ ।

## ନାବାଳିକା ଜନ୍ମ ଦେଲେ ପୁତ୍ର ସନ୍ତାନ

**ଖଲ୍ଲିକୋଟ,୧।୬(ଡି.ଏନ.ଏ.):** ଖଲ୍ଲିକୋଟ ବ୍ଲକ ଅଞ୍ଚଳରେ ଜଣେ ନାବାଳିକା ଶୁକ୍ରବାର ରାତିରେ ସ୍ଥାନୀୟ ମେଡିକାଲରେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଛନ୍ତି। ପରିବାର ଲୋକଙ୍କ ଏତଲା କ୍ରମେ ନଂ. ୧୦୫/୨୦୧୯ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ପ୍ରକାଶ ଯେ, ଉକ୍ତ ଅଞ୍ଚଳର ୧୬ ବର୍ଷ ବର୍ଷୀୟା ନାବାଳିକାଙ୍କୁ ବିବାହ ପ୍ରଲୋଭନ ଦେଖାଇ ଜଣେ ଯୁବକ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଆସୁଥିଲେ। କିନ୍ତୁ ପରେ ନାବାଳିକାଙ୍କୁ ଛାଡି ପଳାଇଛନ୍ତି। ନାବାଳିକା ଗର୍ଭବତୀ ହୋଇଥିବା ପରିବାର ଲୋକ ଜାଣିପାରିବାରୁ ଏ ନେଇ ଗତ ଏପ୍ରିଲ ୨୯ରେ ଖଲ୍ଲିକୋଟ ଥାନାରେ ଏତଲା ଦେଇଥିଲେ। ଶୁକ୍ରବାର ରାତିରେ ନାବାଳିକା ଜଣକ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିବା ବେଳେ ଉଭୟ ମା' ଓ ଶିଶୁ ସୁସ୍ଥ ଥିବା ଡାକ୍ତର କହିଛନ୍ତି।

## ଯୁବକଙ୍କୁ ଗାଁ ଦାଣ୍ଡରେ ଖଣ୍ଡାରେ ଆକ୍ରମଣ

**ପୁରୁଷୋତ୍ତମପୁର, ୧।୬(ଡି.ଏନ୍.ଏ.):** ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନା କଇଠଡା ଗ୍ରାମରେ ଶନିବାର ରାତିରେ ଜଣେ ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ ହୋଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସେ ହେଲେ ଡାକ୍ତର ପ୍ରଧାନ (୪୦)। ଡାକ୍ତର ରାତିରେ ଗାଁ ମଣ୍ଡପରେ ବସି ଲୋକଙ୍କ ସହ କଥା ହେଉଥିବାବେଳେ ଗ୍ରାମର ଜଣେ ଯୁବକ ହଠାତ୍ ଆସି ଖଣ୍ଡାରେ ଆକ୍ରମଣ କରିଥିଲେ। କେଉଁ କାରଣରୁ ସେ ଆକ୍ରମଣ କଲେ ତାହା ଜଣା ପଡିନାହିଁ। ପୁରୁଷୋତ୍ତମପୁର ଆଇଆଇସି ଜଗନ୍ନାଥ ମଲ୍ଲିକ ଘଟଣାସ୍ଥଳକୁ ଯାଇ ପଚରାଉଚୁରା ଚଳାଇଛନ୍ତି। ଖବର ଲେଖାହେବା ସୁଦ୍ଧା ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ପୋଲିସ କହିଛି।

■ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ମେଧାବୀ ସମ୍ମାନ ସମାରୋହ

# ଅନୁକରଣ ନ ହୋଇ ଦକ୍ଷତା ବିନିଯୋଗ କର

**ଛତ୍ରପୁର,୧।୬(ଡି.ଏନ.ଏ.)**

ଛତ୍ରପୁରସ୍ଥିତ ଜିଲା ପରିଷଦ ଭବନରେ ଗଞ୍ଜାମ ଜିଲାସ୍ତରୀୟ ଓଡିଶା ଆଦର୍ଶ ବିଦ୍ୟାଳୟ ମେଧାବୀ ସମ୍ମାନ ସମାରୋହ ଶନିବାର ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଯୋଗଦେଇ କହିଥିଲେ, ପ୍ରତ୍ୟେକ ମଣିଷର ସ୍ୱତନ୍ତ୍ର ଦକ୍ଷତା ଅଛି। ଅନ୍ୟକୁ ଅନୁକରଣ କରି ଅସଫଳ ହେବା ଅପେକ୍ଷା ନିଜ ଦକ୍ଷତା ଉପରେ ନିର୍ଭର କରି ସଫଳ ହେବାକୁ ଛାତ୍ରୀଛାତ୍ରମାନଙ୍କୁ ଜିଲାପାଳ ପରାମର୍ଶ ଦେଇଥିଲେ। ଏଥସହ ନିଜେ କିପରି ପ୍ରାଥମିକ ଶିକ୍ଷକରୁ ପରିଶ୍ରମ ବଳରେ ଜିଲାପାଳ ପଦବୀ ମଣ୍ଡନ କରିପାରିଛନ୍ତି। ଏହି ଅକାଟ୍ୟ ସତ୍ୟକୁ ସମସ୍ତଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ। ଗ୍ରାମାଞ୍ଚଳର ପିଲାମାନଙ୍କୁ ଇଂଲିଶ ମାଧ୍ୟମରେ ଶିକ୍ଷା ପ୍ରଦାନ କରି ସର୍ବ ଭାରତୀୟ ସମକକ୍ଷ କରିବାକୁ ରାଜ୍ୟରେ ୨୦୧୬ରେ ଓଡିଶା ଆଦର୍ଶ ବିଦ୍ୟାଳୟ ସ୍ଥାପନ କରାଯାଇଥିଲା। ଗଞ୍ଜାମରେ ପ୍ରଥମେ ୧୩ ଟି ବ୍ଲକରେ ଖୋଲିଥିଲା। ଏବେ ଜିଲାର ୨୨ବ୍ଲକରେ ଏହା ଖୋଲିଥିବା ସୂଚନା ଦିଆଯାଇଥିଲା। ଚିକିଟି ବ୍ଲକରେ ଓଡିଶା ଆଦର୍ଶ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ପାଇଁ ହଷ୍ଟେଲ ସୁବିଧା କରାଯାଇଛି। ଚଳିତ ବର୍ଷ ଏହି ବିଦ୍ୟାଳୟଗୁଡିକର ପ୍ରଥମ ବ୍ୟାଚ୍ ସର୍ବଭାରତୀୟ ବୋର୍ଡ ପରୀକ୍ଷା ଦେଇଥିଲେ। ଜିଲାର ୯୩୭ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ସେଥିମଧ୍ୟରୁ ୮୮୪ ଜଣ ଉତୀର୍ଣ୍ଣ ହୋଇଛନ୍ତି। ରାଜ୍ୟସ୍ତରରେ ଫଳାଫଳ ଏହା ୭୭ ଭାଗ ଥିବା ସ୍ଥଳେ ଗଞ୍ଜାମ ଜିଲାରେ ୯୪ଶତାଂଶ ପାଶ୍ ହାର ରହିଛି। ଜିଲାର ୮୩ ଛାତ୍ରୀଛାତ୍ର ଶତକଡା ୯୦ ଭାଗରୁ ଅଧିକ ନମ୍ବର ରଖିଛନ୍ତି। ପୋଲସରାର ହାତୀଓଟ, ଖଲ୍ଲିକୋଟର ବାଉରୀଗଣ୍ଡାପଲ୍ଲୀ ଓ ପୁରୁଷୋତ୍ତମପୁରର ଭାଟକୁମରଡା ଆଦର୍ଶ ବିଦ୍ୟାଳୟରେ ଶତ ପ୍ରତିଶତ ପିଲା ପାଶ କରିଛନ୍ତି। ରାଜ୍ୟସ୍ତରରେ ଶ୍ରେଷ୍ଠ ୫ ମଧ୍ୟରେ ୮ ଜଣ ରହିଥିବାବେଳେ ସେଥିମଧ୍ୟରେ ଗଞ୍ଜାମ ଜିଲାର ୪ ଜଣ ରହିଛନ୍ତି। ହାତୀଓଟ ଓଡିଶା ଆଦର୍ଶ ବିଦ୍ୟାଳୟର ମହେଶ ପ୍ରସାଦ ସାହୁ ୯୭.୨ ପ୍ରତିଶତ ନମ୍ବର ରଖି ରାଜ୍ୟ ସ୍ତରରେ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। ସେହିପରି ଅନ୍ୟ ୩ ଜଣ ହେଲେ ଚିକିଟି ପୀତାତଳି ଆଦର୍ଶ ବିଦ୍ୟାଳୟର ଭାର୍ଗବୀ ସାହୁ (୯୬.୮ ପ୍ରତିଶତ) ଓ ପ୍ରୀତମ ନାୟକ (୯୬.୬ ପ୍ରତିଶତ), ପୋଲସରା ବ୍ଲକ ହାତୀଓଟ ସ୍କୁଲର ଆଦିତ୍ୟ ସାହୁ (୯୬.୮ ପ୍ରତିଶତ)। ସମସ୍ତ ମେଧାବୀ ଛାତ୍ରୀ ଛାତ୍ରମାନଙ୍କୁ ପ୍ରଶାସନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଏହି ଉତ୍ସବରେ ମୁଖ୍ୟବକ୍ତା ଭାବେ ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରାଏ ଯୋଗଦେଇ କହିଥିଲେ, ସମୟାନୁବର୍ତ୍ତୀତା ଓ ଦୃଷ୍ଟିଭଙ୍ଗୀ ହିଁ ଜୀବନକୁ ଗତିଶୀଳ କରିବାରେ ସହାୟକ ହୋଇଥାଏ। ଏଣୁ ଯିଏ ଯେଉଁ କ୍ଷେତ୍ରରେ ଅଛନ୍ତି ସେଥିରେ ସର୍ବୋତ୍ତମ ହେବା ପାଇଁ ଚେଷ୍ଟା କରିବାକୁ ଏସ୍‌ପି ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ କବୀନ୍ଦ୍ର କୁମାର ସାହୁ ଓ ଲକ୍ଷ୍ମୀକାନ୍ତ ସେଠୀ, ବ୍ରହ୍ମପୁର ଉପଜିଲାପାଳ ଦିଗନ୍ତ ରାଉତରାୟ, ଛତ୍ରପୁର ଉପଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି, ଜିଲା ସହରାଞ୍ଚଳ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ସବ୍ୟସାଚୀ ହୋତା, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଦେବବ୍ରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ଶିକ୍ଷାଅଧିକାରୀ ଡ. ସନାତନ ପଣ୍ଡା ସ୍ୱାଗତ ଭାଷଣ ଦେଇଥିବାବେଳେ ରଙ୍ଗେଇଲୁଣ୍ଡା ବ୍ଲକ ଶିକ୍ଷା ଅଧିକାରୀ ପ୍ରଭାତୀ ମହାପାତ୍ର ଏହାକୁ ପରିଚାଳନା କରିଥିଲେ।


ମେଧାବୀ ଛାତ୍ରଙ୍କୁ ସମ୍ମାନିତ କରାଯାଉଛି ।

## ବିଭିନ୍ନ ସମସ୍ୟା ନେଇ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର

**ଗଞ୍ଜାମ,୧।୬(ଡି.ଏନ.ଏ.)**

ରମ୍ଭା ଅଞ୍ଚଳର ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ନେଇ ଓଡ଼ିଶା କୃଷକ ସଭା ପକ୍ଷରୁ ଶନିବାର ରମ୍ଭା ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଓଡ଼ିଶା କୃଷକ ସଭା ଜିଲା ସମ୍ପାଦକ ପି. ହରେକୃଷ୍ଣ ରେଡ୍ଡୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଭେଟି ୧୦ ଦଫା ଦାବିପତ୍ର ପ୍ରଦାନ କରିଛନ୍ତି। ସମସ୍ତ ଗରିବ ଓ ବାସହୀନଙ୍କୁ ଆବାସ ଯୋଜନାରେ ଗୃହ ଯୋଗାଣ, ସହରାଞ୍ଚଳ ଜନ ଅଧିକାର ଆଇନ ୨୦୧୭ ଅନୁଯାୟୀ ଜମି ଓ ପଟ୍ଟା ପ୍ରଦାନ, ପ୍ରତ୍ୟେକ ୱାର୍ଡରେ ଡ୍ରେନେଜ ପୁନରୁଦ୍ଧାର, ପ୍ରତ୍ୟେକ ୱାର୍ଡରେ ୫ଟି ଲେଖାଏ ନଳକୂପ ଖନନ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ୧୦ ଲକ୍ଷ ଟଙ୍କା ସହାୟତା, କୃଷକ ଓ କୃଷି ଶ୍ରମିକ ଓ ଦିନ ମଜୁରିଆଙ୍କୁ ୧ ଲକ୍ଷ ଟଙ୍କା ବିନା ସୁଧରେ ଋଣ ପ୍ରଦାନ, ରାସ୍ତାଘାଟ ନିର୍ମାଣ ଆଦି ଦାବି ରହିଛି। ଦାବିପତ୍ର ପ୍ରଦାନ ବେଳେ କିଶୋର ବେହେରା, ପୂର୍ଣ୍ଣଚନ୍ଦ୍ର ବେହେରା, ଦେବରାଜ ବେହେରା ଓ ନାରାୟଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ।


କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

■ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ସମୀକ୍ଷା

## ଚାଷୀଙ୍କୁ ଋଣ ଦେଇ ବୀମାଭୁକ୍ତ କରିବାକୁ ନିର୍ଦ୍ଦେଶ

**ଛତ୍ରପୁର,୧।୬(ଡି.ଏନ.ଏ.)**

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର କାର୍ଯ୍ୟକାରିତା ନେଇ ଶନିବାର ଛତ୍ରପୁରସ୍ଥିତ ଜିଲାପାଳଙ୍କ ସମ୍ମିଳନୀ ଗୃହରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଅଧ୍ୟକ୍ଷତା କରିଥିଲେ। ଏହି ଯେଜନାରେ କିଭଳି ଅଧିକରୁ ଅଧିକ ଚାଷୀ ସାମିଲ ହୋଇପାରିବେ ତା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ଋଣ ନେଇଥିବା ଚାଷୀ ଏହି ଯୋଜନାରେ ସାମିଲ ହେବାକୁ ଥିବାବେଳେ ଅନ୍ୟ ଚାଷୀମାନଙ୍କୁ ମଧ ସାମିଲ ହେବାର ବ୍ୟବସ୍ଥା କରିବାକୁ କୁହାଯାଇଥିଲା । ଜିଲାର ୧ ଲକ୍ଷ ୪୬ ହଜାର ୯୧୬ ଜଣ ଚାଷୀ ଋଣ ନେଇଛନ୍ତି ଏବଂ ଏମାନେ ଫସଲ ବୀମା କରିଥିଲେ। କିଭଳି ଅଧିକରୁ ଅଧିକ ଚାଷୀ ଋଣ ସହାୟତା ପାଇପାରିବେ ସେନେଇ ଏକ ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରିବାକୁ କୁହାଯାଇଛି । ଋଣ ବଣ୍ଟନ ନେଇ ବ୍ଲକ ଓ ପଞ୍ଚାୟତସ୍ତରରେ ମେଳାର ଆୟୋଜନ ହେବ । ଏଥିପାଇଁ ଚାଷୀମାନଙ୍କୁ ସଚେତନ କରିବାକୁ ଜିଲାପାଳ ବୈଠକରେ ନିର୍ଦ୍ଦେଶ ଦେଇଛନ୍ତି । ବୀମା କମ୍ପାନୀ ମାନଙ୍କର ପ୍ରତିନିଧିମାନଙ୍କୁ ମଧ ଏହି କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ସାମିଲ କରିବାକୁ କୁହାଯାଇଥିଲା । ଜିଲାରେ ହରଡ ଡାଲି ଚାଷ ପାଇଁ ଉନ୍ମୁକ୍ତ ରହିଛି । ଏହି ଚାଷ କିଭଳି ଅଧିକ ହେବ ତା ଉପରେ ଚାଷୀଙ୍କୁ ସଚେତନ କରି ଏହି ଫସଲ ବୃଦ୍ଧି କରିବାକୁ ଜିଲାପାଳ କହିଥିଲେ । ଏହି ଫସଲ ଦ୍ୱାରା ଚାଷୀମାନେ ଅଧିକ ଲାଭବାନ ହେବ ବୋଲି କୁହାଯାଇଛି। ବୈଠକରେ ଅତିରିକ୍ତ ଜିଲାପାଳ ଲକ୍ଷ୍ମୀକାନ୍ତ ସେଠୀ, ଡିଆରସିଏସ୍ ସୁଶାନ୍ତ କୁମାର ପଣ୍ଡାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

## ୩ ଭରଣ ଭେଣ୍ଡି ପଦର ନଷ୍ଟ ଅଭିଯୋଗ

**ବୁଗୁଡ଼ା,୧।୬(ଡି.ଏନ.ଏ.)**

ବୁଗୁଡ଼ା ଥାନା କାଞ୍ଚିଆପଲ୍ଲୀରେ ପ୍ରାୟ ୩ ଭରଣ ଭେଣ୍ଡି ପଦରକୁ କୌଣସି ଦୁର୍ବୃତ୍ତ ନଷ୍ଟ କରିଥିବା ନେଇ ରଙ୍କନିଧି ଗୌଡ଼ ଶନିବାର ବୁଗୁଡ଼ା ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ କୌଣସି ମାମଲା ରୁଜୁ ହୋଇନଥିବା ଜଣାପଡ଼ିଛି। କାଞ୍ଚିଆପଲ୍ଲୀର ରଙ୍କନିଧି ୩ ଭରଣ ପଦରରେ ଭେଣ୍ଡି ଲଗାଇଥିଲେ। ଭେଣ୍ଡି ଗଛ ବଡ଼ ହୋଇ ଫୁଲ ଫଳ ମଧ ଧରିଥିଲା। ତେବେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି କୌଣସି ଦୁର୍ବୃତ୍ତ ସାରା ଭେଣ୍ଡି ପରିବା ପଦରକୁ କାଟି ନଷ୍ଟ କରିଥିବା ସେ ଅଭିଯୋଗ କରିଛନ୍ତି।


ନଷ୍ଟ ହୋଇଥିବା ଭେଣ୍ଡି ପଦର ।

## ସଡ଼କ ଦୁର୍ଘଟଣାରେ ଜଣେ ମୃତ

**ଗୋପାଳପୁର,୧।୬**

ଗୋପାଳପୁର ୧୬ ନଂ. ଜାତୀୟ ରାଜପଥ ହଳଦିଆପଦର ଓଭର ବ୍ରିଜ ନିକଟରେ ଶୁକ୍ରବାର ରାତିରେ ଦୁଇ ବାଇକ୍ ଧକ୍କାରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ତୁଲୁ ଗାଁର ଦଣ୍ଡ ନାଇକ। ଗୁରୁତର ମନ୍ତ୍ରିଡି ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ସରୋଜ ସାହୁ ବିଶାଖାପାଟଣାସ୍ଥିତ ଏକ ଘରୋଇ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ପ୍ରକାଶ ଯେ, ଶୁକ୍ରବାର ରାତି ୧୧ଟାରେ ସରୋଜ ଏକ ବାଇକ୍‌ରେ ବ୍ରହ୍ମପୁରରୁ ଗ୍ରାମକୁ ଫେରୁଥିବା ବେଳେ ହଳଦିଆପଦର ଓଭରବ୍ରିଜ ନିକଟରେ ଦଣ୍ଡଙ୍କ ଟିଭିଏସ ଧକ୍କା ହୋଇଥିଲା। ଉଭୟେ ରାସ୍ତାକଡରେ ଛିଟିକି ହୋଇ ପଡି ଗୁରୁତର ହୋଇଥିଲେ। ପାଟ୍ରୋଲିଂ ଗାଡି ପହଞ୍ଚି ଆହତଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରିଥିଲା। ସରୋଜଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ବିଶାଖାପାଟଣାସ୍ଥିତ ଏକ ଘରୋଇ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଦଣ୍ଡଙ୍କ ଶନିବାର ମୃତ୍ୟୁ ଘଟିଛି। ଖବର ପାଇ ବ୍ରହ୍ମପୁର ଟ୍ରାଫିକ ଥାନା ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଦୁଇ ଗାଡି ଜବତ କରିଛି। ଏ ନେଇ ଥାନାରେ ମାମଲା ରୁଜୁ ହୋଇନାହିଁ।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଦିଗପହଣ୍ଡି,୧।୬(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ବୀର ପୀତାମ୍ବରପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦାମୋଦର ପାଢୀଙ୍କ ଶୁକ୍ରବାର ଅବସରଗ୍ରହଣ ପରିପ୍ରେକ୍ଷୀରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପରିସରରେ ଆୟୋଜିତ ସଭାରେ ବିଇଓ ବସନ୍ତ କୁମାର ପଣ୍ଡା ସଭାପତିତ୍ୱ କରିବା ସହ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ପାଢୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟାଳୟ ପକ୍ଷରୁ ପ୍ରୋଭିଜନାଲ ପେନ୍‌ସନ ଏବଂ ବୃତାନ୍ତ ଆଦେଶ ପତ୍ର ମଧ ପ୍ରଦାନ କରାଯାଇଥିଲା। ଏଥିରେ ଏବିଇଓ ସୁଦାମ ଦାସ, ଶିକ୍ଷା ବିଭାଗର ମୁଖ୍ୟ କିରାଣି ଶ୍ରୀନିବାସ ପଟ୍ଟନାୟକ, ସୂର୍ଯ୍ୟମଣି ବେହେରା, ଶ୍ରୀକାନ୍ତ ପାତ୍ର, ସଂଘ ସମ୍ପାଦକ ଗଣେଶ ପାଢ଼ୀଙ୍କ ସମେତ ବିଜୟ କୁମାର ବ୍ରହ୍ମା, ସୁନୀଲ ପାଢ଼ୀ, ସନାତନ ପଟ୍ଟନାୟକ, ଦେବରାଜ ସାବତ, ଶ୍ରୀହରି ମହାନ୍ତି, ସନ୍ତୋଷ ଗୌଡ଼, ଜିତୁ ଶ୍ରୀହରି, ଦେବେନ୍ଦ୍ର ବେହେରା ପ୍ରମୁଖ ବହୁ ଶିକ୍ଷକ ଉପସ୍ଥିତ ଥିଲେ।

## ଶେରଗଡ଼ ରଥଯାତ୍ରା ପ୍ରସ୍ତୁତି ବୈଠକ

**ଶେରଗଡ଼,୧।୬(ଡି.ଏନ୍.ଏ.)**

ଶେରଗଡ଼ ରଥଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ଶେରଗଡ଼ ରାଜ ପ୍ରସାଦରେ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜଗନ୍ନାଥ ମନ୍ଦିର ପରିଚାଳନା ଟ୍ରଷ୍ଟି ପୂର୍ଣ୍ଣଚନ୍ଦ୍ର ସିଂଦେଓଙ୍କ ନିର୍ଦ୍ଦେଶକ୍ରମେ ତହସିଲଦାର ଡ. ଦୟାସିନ୍ଧୁ ପରିଡା ଅଧ୍ୟକ୍ଷତା କରିଥିଲେ। ଚଳିତ ରଥଯାତ୍ରାରେ ୩ଲକ୍ଷ ୫୦ହଜାର ଟଙ୍କା ଖର୍ଚ୍ଚ କରିବା ନେଇ ଏକ ବଜେଟ ପ୍ରସ୍ତୁତ କରାଯାଇଛି। ଶାନ୍ତିଶୃଙ୍ଖଳାରେ ଯାତ୍ରା ପରିଚାଳନା ପାଇଁ ସ୍ଥାନୀୟ ଥାନାଧିକାରୀ ରମେଶ ଚନ୍ଦ୍ର ଦାସ ମତ ପ୍ରକାଶ କରିଥିଲେ। ରଥଯାତ୍ରାକୁ ଆକର୍ଷଣୀୟ କରିବା ପାଇଁ ସ୍ଥାନୀୟ ଆଡ଼ପ ମନ୍ଦିରରେ ବ୍ୟାପକ ବ୍ୟବସ୍ଥା କରାଯିବ। ଏନେଇ ଆଡ଼ପ ମନ୍ଦିର ସମ୍ମୁଖରେ ୯ଦିନ ବ୍ୟାପି ମନୋରଞ୍ଜନ କାର୍ଯ୍ୟକ୍ରମ କରିବାକୁ ସ୍ଥିର ହୋଇଛି। ପ୍ରତିବର୍ଷ ଭଳି ବାହୁଡ଼ା ଯାତ୍ରା ଦିନ ସଂସ୍କୃତି ବିଭାଗ ପକ୍ଷରୁ ଭଜନ ପରିବେଷଣ ପାଇଁ ଏକପତ୍ର ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠାଇବାକୁ ବୈଠକରେ ସ୍ଥିର ହୋଇଥିଲା। ରଥଯାତ୍ରାରେ ପାଣି, ଆଲୁଅ, ବ୍ୟାପକ ସାଜସଜ୍ଜା ନେଇ ବିଭିନ୍ନ କମିଟି ଗଠନ କରା ଯାଇଥିଲା। ଆଡ଼ପ ମନ୍ଦିର ଭୋଗକୁ ସୁସ୍ୱାଦୁ କରିବା ନେଇ ଆଲୋଚନା କରାଯାଇଥିଲା। ବୈଠକରେ ପ୍ରସନ୍ନ କୁମାର ସିଂଦେଓ, ବାବୁଲା କୁମାର ଚୌଧୁରୀ, ହୃଷିକେଶ ପାଢ଼ୀ, ଚେଇନ ପାତ୍ର, ସୀତରାମ ପଟ୍ଟନାୟକ, ସତ୍ୟ ନାରାୟଣ ପାତ୍ର, ବାସୁଦେବ ସ୍ୱାଇଁ, ଶ୍ରୀଦୀପ କୁମାର ମହାପାତ୍ର, ଚିନ୍ମୟ ପାତ୍ର, ବଳରାମ ପାଢ଼ୀ ସମେତ ବହୁସଭ୍ୟ ଯୋଗ ଦେଇଥିଲେ।

## ଗୁନ୍ଥାଣୀ ଜଳସେଚନ ପ୍ରକଳ୍ପ ପୁନରୁଦ୍ଧାର କାମ ଆରମ୍ଭ

**ରାଇକିଆ,୧।୬(ଡି.ଏନ୍.ଏ)**

ରାଇକିଆ ବ୍ଲକର ଗୁନ୍ଥାଣୀ କ୍ଷୁଦ୍ର ଜଳ ସେଚନ ପ୍ରକଳ୍ପର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଯାଇଛି। ଦୀର୍ଘ ବର୍ଷ ହେଲା ଏହି ପ୍ରକଳ୍ପ ଏକ ପ୍ରକାର ପରିତ୍ୟକ୍ତ ଅବସ୍ଥାରେ ଥିଲା ଏବଂ ରକ୍ଷଣାବେକ୍ଷଣ ଅଭାବରୁ ଏହାର ଜଳ ଧାରଣ କ୍ଷମତା କମିବା ସହ କେନାଲରେ ପାଣି ଯିବା ମଧ ବନ୍ଦ ହୋଇ ଯାଇଥିଲା। ଏଥିପାଇଁ ବହୁ ଜମି ଚାଷ ହୋଇ ନ ପାରି ଶୁଖିଲା ପଡିଥିଲା। ବିଶେଷ କରି ଡ୍ୟାମରେ ଲିକେଜ ଯୋଗୁ ବର୍ଷା ଦିନେ ମଧ ପାଣି ରହୁ ନ ଥିଲା। ବର୍ତ୍ତମାନ ଖରିଫ୍‌ରେ କେବଳ ୨୦ ରୁ ୩୦ ହେକ୍ଟର ଜମିରେ ଜଳ ସେଚନ ହୋଇ ପାରୁଛି। ରବି ଋତୁରେ ଶୁଖିଲା ପଡୁଛି। ପ୍ରକଳ୍ପ ପୁନରୁଦ୍ଧାର କାମ ସରିଲେ ପାଖାପାଖି ୮୦ ହେକ୍ଟର ପର୍ଯ୍ୟନ୍ତ ଜଳ ସେଚନ ହୋଇ ପାରିବ ଏବଂ ରବି ଋତୁରେ ମଧ ୪୦ ହେକ୍ଟର ପର୍ଯ୍ୟନ୍ତ ହୋଇ ପାରିବ ବୋଲି କ୍ଷୁଦ୍ର ଜଳ ସେଚନ ବିଭାଗ ପକ୍ଷରୁ କୁହାଯାଇଛି। ଏଥିପାଇଁ ୫୯ ଲକ୍ଷ ଟଙ୍କା ବ୍ୟୟ ଅଟକଳ ଧାର୍ଯ୍ୟ କରାଯାଇଛି। ଡ୍ୟାମର ପରିଧିକୁ ଦୁଇ ହେକ୍ଟର ପର୍ଯ୍ୟନ୍ତ ସଂପ୍ରସାରଣ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି। ବିଭିନ୍ନ ସ୍ଥାନରେ ପୋତି ହୋଇ ଯାଇଥିବା କେନାଲ କାମ ମଧ ଆରମ୍ଭ ହୋଇଛି। ଫଳରେ ପୂର୍ବାପେକ୍ଷା ଅଧିକ ଜଳ ରହିପାରିବ ଏବଂ କେନାଲ ମାଧ୍ୟମରେ ଚାଷ ଜମିରେ ପହଞ୍ଚି ପାରିବ। ଖରିଫ ଓ ରବି ଋତୁରେ ମଧ ଅଧିକରୁ ଅଧିକ ଚାଷୀ ଉପକୃତ ହୋଇପାରିବେ।


ଡ୍ୟାମ ପୁନରୁଦ୍ଧାର କାର୍ଯ୍ୟ ଚାଲିଛି ।



## ସଂକ୍ଷେପରେ

### ପ୍ରଧାନମନ୍ତ୍ରୀଙ୍କ ନୂତନ ଯୋଜନାକୁ ଜିଲା ଭାଜପାର ସ୍ୱାଗତ

**ପାରଳାଖେମୁଣ୍ଡି, ୧୬(ସ୍ୱ.ପ୍ର.) :** ପାରଳାଖେମୁଣ୍ଡି ସ୍ଥିତ ରାଜନହର ନିକଟସ୍ଥ କଲ୍ୟାଣମଣ୍ଡପ ପରିସରରେ ଜିଲା ଭାଜପା ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ନୂତନ ଭାବେ ଘୋଷଣା କରାଯାଇଥିବା ବିଭିନ୍ନ ଯୋଜନାକୁ ସ୍ୱାଗତ କରାଯାଇଛି । ଏହି ଖବରଦାତା ସମ୍ମିଳନୀରେ ମୁଖ୍ୟତଃ ପ୍ରଧାନମନ୍ତ୍ରୀ କ୍ଷୁଦ୍ର ବ୍ୟବସାୟୀ ଏବଂ ଆତ୍ମନିଯୁକ୍ତିରେ ଚଳୁଥିବା ସ୍ୱଳ୍ପ ରୋଜଗାରୀଙ୍କ ପାଇଁ ଲାଗୁ ହୋଇଥିବା ପେନ୍ସନ ଯୋଜନା ଖୁବ୍ ଫଳପ୍ରଦ ହେବ ବୋଲି ଜିଲା ଭାଜପା ପକ୍ଷରୁ କୁହାଯାଇଛି । ସେହିପରି ୫ଏକରରୁ କମ୍ ପରିମାଣର ଚାଷ ଜମିଥିବା କ୍ଷୁଦ୍ର ଚାଷୀ ତଥା ପ୍ରଧାନମନ୍ତ୍ରୀ ସମ୍ମାନନିଧି ଯୋଜନାରେ ଅନ୍ତର୍ଭୁକ୍ତ ୧୨କୋଟି ୫୦ଲକ୍ଷ କୃଷକଙ୍କୁ ସାରାଦେଶରେ ଚିହ୍ନଟ କରାଯାଇଥିବାବେଳେ ଏବେ ତାହା ବୃଦ୍ଧିପାଇ ୧୪କୋଟି ୫୦ଲକ୍ଷ କୃଷକଙ୍କୁ ଚିହ୍ନଟ କରାଯାଇଥିବାରୁ ଏହି ଯୋଜନାକୁ ନେଇ ଜିଲା ଭାଜପା ପକ୍ଷରୁ ସ୍ୱାଗତ କରାଯାଇଥିଲା । ସେହିପରି ଯେଉଁମାନେ ଆତଙ୍କବାଦୀ ଏବଂ ମାଓବାଦୀଙ୍କ ସହ ଲଢ଼ି ଶହୀଦ ହୋଇଛନ୍ତି, ସେମାନଙ୍କ ପୁଅ ମାନଙ୍କୁ ୫୦୦ ଏବଂ ଝିଅଙ୍କୁ ୩୦୦୦ ଟଙ୍କା ବୃତ୍ତି ପ୍ରଦାନ କରାଯିବ ବୋଲି ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି ।

ଗଜପତି ଜିଲା ଏକ ମାଓବାଦୀ ପ୍ରବଣ ଅଞ୍ଚଳ ହୋଇଥିବାରୁ ଏହି ଯୋଜନା ଗଜପତି ଜିଲାର ହିତସାଧନରେ ସହାୟକ ହୋଇପାରିବ ବୋଲି ଜିଲା ଭାଜପା ପକ୍ଷରୁ କୁହାଯାଇଛି । ତେଣୁ ଏହି ସମସ୍ତ ଯୋଜନା ସ୍ୱାଗତଯୋଗ୍ୟ ବୋଲି ଜିଲା ଭାଜପା ପକ୍ଷରୁ ଜିଲା ସାଧାରଣ ସମ୍ପାଦକ ଜଗନ୍ନାଥ ମହାପାତ୍ର, ଜିଲା କୃଷକ ମୋର୍ଚ୍ଚା ସଭାପତି ପ୍ରଶାନ୍ତ କୁମାର ପାଳ, ବରିଷ୍ଠ ନେତା ସିଦ୍ଧେଶ୍ୱର ମିଶ୍ର ପ୍ରକାଶ କରିଛନ୍ତି।

### ଥାନା ପରିସରରେ ନୂତନ କୋଠା ଉଦ୍‌ଘାଟିତ

**ଗୁମ୍ମା, ୧୬ (ସ୍ୱ.ପ୍ର.) :** ଗଜପତି ଜିଲା ଗୁମ୍ମା ବ୍ଲକ୍ ଅନ୍ତର୍ଗତ ସେରଙ୍ଗ ଥାନା ପରିସରରେ ନୂତନ କୋଠା ଉଦ୍‌ଘାଟିତ ହୋଇଛି। ୧ କୋଟି ୧୮ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି କୋଠାକୁ ଅତିରିକ୍ତ ଡ଼ିଜି ଲଳିତ ଦାସ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟକ୍ରମରେ ଗଜପତି ଏସ୍‌ପି ସାରା ଶର୍ମା, ଡିଏସ୍‌ପି ପ୍ରକାଶ ଜେନା, ଥାନା ଅଧିକାରୀ ଦେବାଶିଷ ମହାନ୍ତି, ଓଆଇସିପି ସ୍ୱରୂପ କିଶନ୍, ଗୁମ୍ମା ଫାଣ୍ଡି ଅଧିକାରୀ ଆର୍ତ୍ତତ୍ରାଣ ନାୟକ, ଗାଇବା ଫାଣ୍ଡି ଅଧିକାରୀ ପି.କେ ପ୍ରଧାନ ଉପସ୍ଥିତ ଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

---

■ ଆସନ୍ତା ୬ରୁ ଯୁକ୍ତ ଦୁଇ ନାମଲେଖା ପ୍ରକ୍ରିୟା ଆରମ୍ଭ

# କଟ୍‌ଅଫ୍ ମାର୍କକୁ ଦେଖି ଆବେଦନ

**ବ୍ରହ୍ମପୁର ଅଫିସ୍,୧୬**

ଚଳିତବର୍ଷ ଯୁକ୍ତ ୨ ନାମଲେଖା ପାଇଁ ତାରିଖ ଘୋଷଣା ହୋଇଯାଇଛି । ଆସନ୍ତା ୬ ତାରିଖରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହେବ । କେବଳ ଅନ୍‌ଲାଇନ୍‌ରେ ନାମଲେଖା ଅନୁଷ୍ଠିତ ହେବ । ତେବେ ନାମଲେଖା ପାଇଁ ଆବେଦନ କରିବା ବେଳେ ପୂର୍ବ ବର୍ଷର କଟ୍‌ଅଫ୍ ଉପରେ ଛାତ୍ରୀଛାତ୍ର ଏବଂ ଅଭିଭାବକମାନେ ନଜର ପକାଉଛନ୍ତି । କେଉଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ(କଲେଜ)ର କଟ୍‌ଅଫ୍ ଅଧିକ ରହିଥିଲା, ନିଜ ମାର୍କକୁ ଦେଖି ସେଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆବେଦନ କରିହେବ ନା ନାହିଁ, ତାକୁ ନେଇ ଆଲୋଚନା ଚାଲିଛି । ସେହିଭଳି ନିଜ ମାର୍କ ଅନୁଯାୟୀ, ବିଷୟ ଚୟନକୁ ନେଇ ମଧ୍ୟ ଦ୍ୱନ୍ଦ୍ୱ ଦେଖାଦେଇଛି । ବିଶେଷ କରି ମାଟ୍ରିକ୍‌ରେ ଥିବା ମାର୍କ ଅନୁଯାୟୀ ବିଷୟ ଚୟନକୁ ଗୁରୁତ୍ୱ ଦିଆଯାଉଛି । ଜୁନ୍ ୨୦ତାରିଖ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ବିଭାଗ ୱେବ୍‌ସାଇଟ୍‌ରେ ଆବେଦନ କରିପାରିବେ । ୨୧ତାରିଖ ଅପରାହ୍ନ ୫ଟା ସୁଦ୍ଧା ସମସ୍ତ ଡକ୍ୟୁମେଣ୍ଟ ସହ ଫିଁ' ସାମ୍‌ସ ସେଣ୍ଟର୍‌ରେ ଦାଖଲ କରିବାକୁ ପଡ଼ିବ । ଜୁନ୍ ୨୬ତାରିଖରେ ପ୍ରଥମ ପର୍ଯ୍ୟାୟ ଯୋଗ୍ୟ ତାଲିକା ପ୍ରକାଶ ପାଇବ । ଜୁନ୍ ୨୮ରୁ ଜୁଲାଇ ୨ତାରିଖ ପର୍ଯ୍ୟନ୍ତ ଯୋଗ୍ୟ ଛାତ୍ରୀଛାତ୍ରମାନେ ନାମ ଲେଖାଇବେ ।

ଚଳିତ ବର୍ଷ ଗଞ୍ଜାମ ଜିଲାର ୧୩୬ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମୋଟ ୪୨ହଜାର୨୭୪ଟି ସିଟ୍ ପାଇଁ ନାମଲେଖା ଅନୁଷ୍ଠିତ ହେବ । କଳାରେ ୨୦ହଜାର ଏକଟି ସିଟ୍ ଥିବା ବେଳେ ବିଜ୍ଞାନରେ ୧୭ ହଜାର ୫୭ ଏବଂ ବାଣିଜ୍ୟରେ ୫ ହଜାର୨୧୬ଟି ସିଟ୍ ରହିଛି । ଗତ ବର୍ଷ ୧୧୪ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମୋଟ ୪୧ହଜାର ୬୭୧ ସିଟ୍ ପାଇଁ ନାମଲେଖା ଅନୁଷ୍ଠିତ ହୋଇଥିଲା । ହେଲେ ଚଳିତ ଥର ୨୨ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଅନ୍‌ଲାଇନ୍ ନାମଲେଖାରେ ଯୋଡ଼ାଯାଇଛି । ସେହି ପରିମାଣରେ ସିଟ୍ ସଂଖ୍ୟା ମଧ୍ୟ ବଢ଼ିଛି ।

**ଗତ ବର୍ଷର କଟ୍‌ଅଫ୍ ମାର୍କ**

| ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ | କଳା | ବିଜ୍ଞାନ | ବାଣିଜ୍ୟ |
|---|---|---|---|
| ଖଲ୍ଲିକୋଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ | ୫୬.୧୭ | ୮୦.୧୭ | ୫୫.୬୭ |
| ବିନାୟକ ଆଚାର୍ଯ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ | ୪୮.୦୦ | ୩୪.୬୭ | ୩୩.୦୦ |
| ଏସ୍‌ବିଆର୍ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ | ୬୦.୦୦ | ୭୫.୫୦ | ୫୫.୦୦ |
| ମହାମାୟୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ | ୪୭.୧୭ | ୭୦.୦୦ | ୩୩.୦୦ |
| ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟା ମନ୍ଦିର | -- | ୮୭.୬୭ | ୬୧.୮୩ |
| ହିଞ୍ଜିଳିକାଟୁ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ | ୫୪.୦୦ | ୭୦.୦୦ | ୪୧.୬୭ |
| ଆସିକା ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ | ୪୬.୬୭ | ୩୫.୮୩ | ୫୩.୮୩ |
| କେଏସ୍‌ୟୁବି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ | ୪୫.୩୩ | ୪୬.୬୭ | ୩୪.୮୩ |
| ଖଲ୍ଲିକୋଟ ଆର୍‌ସିଏମ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ | ୫୧.୫୦ | ୬୦.୦୦ | ୩୩.୦୦ |
| ଛତ୍ରପୁର ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ | ୪୬.୬୭ | ୩୬.୫୦ | ୩୩.୦୦ |

---

## ସୁରଟ ଅଗ୍ନିକାଣ୍ଡ ପରେ ଅଗ୍ନିଶମ ବିଭାଗ ତତ୍ପର

# ୧୦ କୋଚିଂ ସେଣ୍ଟରରେ ଯାଞ୍ଚ



ନିଆଁ ଦାଉରୁ ସୁରକ୍ଷା ନେଇ ବିଦ୍ୟାର୍ଥୀଙ୍କୁ ସଚେତନ କରୁଛନ୍ତି ଅଗ୍ନିଶମ କର୍ମଚାରୀ ।

**ବ୍ରହ୍ମପୁର ଅଫିସ,୧୬**

ନିକଟରେ ଗୁଜରାଟର ସୁରଟରେ ଘଟିଥିବା ଏକ କୋଚିଂ ସେଣ୍ଟର ଅଗ୍ନିକାଣ୍ଡରେ ୨୩ ଛାତ୍ରୀଛାତ୍ରଙ୍କ ମୃତ୍ୟୁ ଘଟିଥିବା ବେଳେ ଏବେ ମୃତ୍ୟୁସଂଖ୍ୟା ବଢ଼ି ଚାଲିଛି । ଏହି ଘଟଣା ପରେ ବ୍ରହ୍ମପୁର ଅଗ୍ନିଶମ ବିଭାଗ ତତ୍ପରତା ଦେଖାଇଛି । ପ୍ରାଥମିକ ପର୍ଯ୍ୟାୟରେ ବ୍ରହ୍ମପୁର ଅଗ୍ନିଶମ ବିଭାଗ ମହାନଗର ପରିସରରେ ଥିବା ୧୦ କୋଚିଂ ସେଣ୍ଟରରେ ଶନିବାର ଚଢ଼ାଉ ଆରମ୍ଭ କରିଛି । ଚଢ଼ାଉ ବେଳେ ୮ ଟିମ୍ ସାମିଲ ରହିଥିବା ବେଳେ ପ୍ରତି ଟିମ୍‌ରେ ୪ ଜଣ ଲେଖାଏ କର୍ମଚାରୀ ରହିଛନ୍ତି । ପ୍ରତି ଟିମ ଦାୟିତ୍ୱ ଜଣେ ବରିଷ୍ଠ ଅଧିକାରୀଙ୍କ ଉପରେ ନ୍ୟସ୍ତ କରାଯାଇଥିଲା । କୋଚିଂ ସେଣ୍ଟର ଗୁଡିକର ଅଗ୍ନି ନିରାପତ୍ତା ବ୍ୟବସ୍ଥା ଯାଞ୍ଚ କରାଯାଇଛି । ଏଥିସହ ଜରୁରିକାଳୀନ ପରିସ୍ଥିତିରେ କିଭଳି ନିଜକୁ ବଞ୍ଚାଇ ପାରିବ ସେ ନେଇ ସଚେତନ କରାଯାଇଛି। ସେହିଭଳି କୋଚିଂ ସେଣ୍ଟର ମାଲିକମାନଙ୍କୁ ଆବଶ୍ୟକ ଅଗ୍ନି ନିରାପତ୍ତା ଯନ୍ତ୍ର ମହଜୁଦ ରଖିବା ଓ ତାର ପରିଚାଳନା ତଥା ବ୍ୟବହାର ଉପରେ ସଚେତନ କରାଯାଇଛି। ନିଆଁ ଲାଗିଲେ ବିଦ୍ୟାର୍ଥୀମାନେ କିପରି ନିଜକୁ ରକ୍ଷା କରିପାରିବେ ସେ ସମ୍ପର୍କରେ ଅଗ୍ନିଶମ କର୍ମଚାରୀ ପରାମର୍ଶ ଦେଇଛନ୍ତି। ଯାଞ୍ଚ ବେଳେ କୌଣସି କୋଚିଂ ସେଣ୍ଟରରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନ ଥିବା ଦେଖିବାକୁ ମିଳିଛି। କେତେକ ସ୍ଥାନରେ ଅଗ୍ନି ନିରାପତ୍ତା ଯନ୍ତ୍ରପାତି ଥିଲେ ମଧ ତାହା ଠିକ୍ ଭାବେ କାର୍ଯ୍ୟକ୍ଷମ ନ ଥିଲା । ଆଉ କେତେକ କୋଚିଂ ସେଣ୍ଟରରେ ଫାୟାର ଏକ୍ସଟିଙ୍ଗୁଇସର ବ୍ୟବହାର ଅନେକଙ୍କୁ ଜଣା ନ ଥିଲା। କେତେକ ସ୍ଥାନରେ ପିଲାଙ୍କ ପାଇଁ ସତର୍କ ସୂଚନା ଫଳକ ନ ଥିଲା । ତେଣୁ ତୁରନ୍ତ ନିୟମ ପାଳନ କରିବାକୁ କୋଚିଂ ସେଣ୍ଟର ମାଲିକ ଓ ପରିଚାଳକଙ୍କୁ ଅଗ୍ନିଶମ ବିଭାଗ ତାଗିଦ କରିଛି । ଯଦି ନିର୍ଦ୍ଦେଶକୁ ଉଲ୍ଲଂଘନ କରାଯାଇଥିବା ଜଣାପଡେ ତେବେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସହକାରୀ ଅଗ୍ନିଶମ ଅଧିକାରୀ ସନାତନ ମହାପାତ୍ର ସୂଚନା ଦେଇଛନ୍ତି।

---

# ପିଜି କାଉନ୍‌ସିଲ ଅଧ୍ୟକ୍ଷ ହେଲେ ଅରୁନ୍ଧତୀ

## ବଦଳିଲେ ୧୫ ବିଭାଗୀୟ ମୁଖ୍ୟ, ୪ କୋଅର୍ଡିନେଟର



ଛାତ୍ରୀଛାତ୍ରମାନେ ନୂତନ ସ୍ନାତକୋତ୍ତର ଅଧ୍ୟକ୍ଷା ପ୍ରଫେସର ଅରୁନ୍ଧତୀ ରଥଙ୍କୁ ଶୁଭେଚ୍ଛା ପ୍ରଦାନ କରୁଛନ୍ତି ।

**ବ୍ରହ୍ମପୁର ଅଫିସ, ୧୬**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦର ନୂତନ ଅଧ୍ୟକ୍ଷା (ପିଜି କାଉନସିଲ ଚେୟାରମ୍ୟାନ) ଭାବେ ଶନିବାର ପ୍ରଫେସର ଅରୁନ୍ଧତୀ ରଥ ଦାୟିତ୍ୱ ଗ୍ରହଣ କରିଛନ୍ତି । ପୂର୍ବତନ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଦେବୀ ପ୍ରସନ୍ନ ପଟ୍ଟନାୟକଙ୍କ ଶୁକ୍ରବାର ତଥା ମେ ୩୧ରେ କାର୍ଯ୍ୟକାଳ ଶେଷ ହୋଇଛି । ଶନିବାରଠାରୁ ପ୍ରଫେସର ରଥ ନୂତନ ପରିଷଦ ଅଧ୍ୟକ୍ଷା ଭାବେ ଦାୟିତ୍ୱ ନେଇଛନ୍ତି । ପୂର୍ବରୁ ପ୍ରଫେସର ରଥ ଗୃହ ବିଜ୍ଞାନ ବିଭାଗର ମୁଖ୍ୟ ଓ ବିଶ୍ୱବିଦ୍ୟାଳୟର କଲେଜ ଡେଭଲପମେଣ୍ଟ କାଉନସିଲର ନିର୍ଦ୍ଦେଶକ ଭାବେ ଦାୟିତ୍ୱ ନିର୍ବାହ କରି ଆସୁଥିଲେ । ତେବେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ ପରେ ପ୍ରଫେସର ରଥ ଶିକ୍ଷାର ବିକାଶ ଉପରେ ପ୍ରାଧାନ୍ୟତା ଉପରେ ଗୁରୁତ୍ୱ ଦେବା ନେଇ ନିଜ ପ୍ରତିକ୍ରିୟାରେ କହିଛନ୍ତି । ଅନ୍ୟପକ୍ଷରେ ନୂତନ ଶିକ୍ଷା ବର୍ଷ ଆରମ୍ଭ ହେବା ପୂର୍ବରୁ ବିଭିନ୍ନ ସ୍ନାତକୋତ୍ତର ବିଭାଗର ୧୫ ବିଭାଗୀୟ ମୁଖ୍ୟ ଓ ୪ କୋଅର୍ଡିନେଟର ମଧ ବଦଳିଛନ୍ତି । ସମସ୍ତ ବିଭାଗର ନୂତନ କୋଡିନେଟର ଓ ବିଭାଗୀୟ ମୁଖ୍ୟ ମଧ ଶନିବାରଠାରୁ ଦାୟିତ୍ୱରେ ଯୋଗଦେଇଥିବା ଜଣାପଡିଛି । ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ଭାବେ ଡ. ବାମାକାନ୍ତ ଗଡନାୟକ ଦାୟିତ୍ୱ ନେଇଥିବା ବେଳେ କମ୍ପ୍ୟୁଟର ସାଇନ୍ସର ପ୍ରଫେସର ଡ. ଏମ୍. ଆର. ପାତ୍ର, ଇଲେକ୍ଟ୍ରୋନିକ୍ସ ସାଇନ୍ସ ରିଡର ଡ. ଡି.ସି. ପଣ୍ଡା, ଇତିହାସ ବିଭାଗ ରିଡର ଡ. ସଦାନନ୍ଦ ନାୟକ, ଗୃହ ବିଜ୍ଞାନ ବିଭାଗ ରିଡର ଡ. ହରପ୍ରିୟା ସାମନ୍ତରାୟ ବିଭାଗୀୟ ମୁଖ୍ୟ ଭାବେ ଦାୟିତ୍ୱ ନେଇଛନ୍ତି । ସେହିପରି ପ୍ରଫେସର ଡ. ବି.ବି. ମହାପାତ୍ର, ଆଇଆର ଏଣ୍ଡ ପିଏମ୍, ପ୍ରଫେସର ଭାଗୀରଥି ପାଣିଗ୍ରାହୀ, ଆଇନ ବିଭାଗ, ଡ. ସ୍ମିତା ସିହ୍ନା, ଲିଙ୍ଗୁଇଷ୍ଟିକ, ଡ. ସଦାନନ୍ଦ ନାୟକ ଓଡିଆ, ପ୍ରଫେସର ସୁକାନ୍ତ ତ୍ରିପାଠୀ ପଦାର୍ଥ ବିଜ୍ଞାନ, ଡ. ପ୍ରସନ୍ନ କୁମାର ଦୀକ୍ଷିତ ପ୍ରାଣୀ ବିଜ୍ଞାନ ବିଭାଗର ମୁଖ୍ୟ ଭାବେ ଦାୟିତ୍ୱ ନେଇଛନ୍ତି । ଡ. ଏ. ଲିଲାବେଣୀଙ୍କୁ ଉଦ୍ଭିଦ ବିଜ୍ଞାନ, ଅଧ୍ୟାପକ ଡ. ଦାଶରଥି ଭୂୟାଁଙ୍କୁ ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗ, ଡ. ପଦ୍ମନାଭ ସାମନ୍ତଙ୍କୁ ଗଣିତ, ଡ. ରାଜେଶ ସେଠୀଙ୍କୁ ରାଜନୀତି ବିଜ୍ଞାନ ବିଭାଗ କୋଅର୍ଡିନେଟର ଭାବେ ଦାୟିତ୍ୱ ଦିଆଯାଇଥିବା ବିଶ୍ୱବିଦ୍ୟାଳୟ ପକ୍ଷରୁ ସୂଚନା ମିଳିଛି ।

---

## ଜିଲାସ୍ତରୀୟ ଆମ୍ବ ମେଳା ଉଦ୍‌ଘାଟିତ

**ପାରଳାଖେମୁଣ୍ଡି, ୧୬ (ସ୍ୱ.ପ୍ର.)**

ପାରଳାଖେମୁଣ୍ଡି ସ୍ଥିତ ଗୁଣ୍ଡିଚାବାଡି ପଡିଆରେ ଜିଲାସ୍ତରୀୟ ଆମ୍ବମେଳା ଜିଲା ଓର୍‌ମାସ ପକ୍ଷରୁ ଉଦ୍‌ଘାଟିତ ହୋଇଯାଇଛି । ଶନିବାର ସକାଳେ ଗଜପତି ଜିଲାପାଳ ଅନୁପମ ସାହା ଯୋଗଦେଇ ଏହି ମେଳାର ଉଦ୍‌ଘାଟନ କରିଥିଲେ । ଆମ୍ବମେଳାରେ ଓର୍‌ମାସ ଦ୍ୱାରା ଜିଲାର ଗୁମ୍ମା, ଆର୍.ଉଦୟଗିରି, ନୂଆଗଡ ଆଦି ବିଭିନ୍ନ ବ୍ଲକ ଅଞ୍ଚଳର ଚାଷୀମାନଙ୍କ ଠାରୁ ଆମ୍ବ ସଂଗ୍ରହ କରାଯାଇଥିବା ଜଣାପଡ଼ିଛି। ଏଠାରେ ଆମ୍ରପାଲି, ଲେଙ୍ଗଡା, ସୁନ୍ଦରୀ, ଦଶେରୀ, ମଲ୍ଲିକା, ବାଇଗଣପଲ୍ଲୀ ଇତ୍ୟାଦି ବିଭିନ୍ନ କିସମର ଆମ୍ବ ସିଧାସଳଖ ଉତ୍ପାଦକ ଗୋଷ୍ଠୀଙ୍କ ଠାରୁ ସଂଗ୍ରହ କରାଯାଇ ଗ୍ରାହକମାନଙ୍କ ନିମନ୍ତେ ସୁଲଭ ମୂଲ୍ୟରେ ଉପଲବ୍ଧ ହେଉଛି। ଏହି ମେଳା ୧ରୁ ଆରମ୍ଭ ହୋଇ ୭ ତାରିଖ ପର୍ଯ୍ୟନ୍ତ ଚାଲୁରହିବାକୁ ଥିବାବେଳେ ପ୍ରତିଦିନ ସକାଳ ୭ଟାରୁ ପୂର୍ବାହ୍ନ ସାଢ଼େ୧୧ଟା ପର୍ଯ୍ୟନ୍ତ ଏବଂ ପୁନର୍ବାର ଅପରାହ୍ନ ୪ଟାରୁ ରାତି ୯ଟା ପର୍ଯ୍ୟନ୍ତ ଖୋଲାରହିବ। ଉଦ୍‌ଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଚଞ୍ଚଳ ରାଣା, ଜିଲା ଓର୍‌ମାସ୍‌ର ଉପନିର୍ଦ୍ଦେଶକ ତଥା ପରିଚାଳକ ଗୁଣ୍ଡିଚା ବେହେରାଙ୍କ ସମେତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ । ଅନ୍ୟପକ୍ଷରେ ସାବିତ୍ରୀ ବ୍ରତକୁ ଦୃଷ୍ଟିରେ ରଖି ମେଳାରେ ପାଚିଲା ଆମ୍ବ ଉପଲବ୍ଧ ହେବ।

---

# ସ୍ୱତଃପ୍ରବୃତ୍ତ ଆସି ଦେଲେ ରକ୍ତ



ଶିବିରରେ ରକ୍ତ ସଂଗ୍ରହ କରାଯାଉଛି ।

**ବ୍ରହ୍ମପୁର ଅଫିସ୍,୧୬**

ବ୍ରହ୍ମପୁର ସବୁଜ ବାହିନୀ, ଆଞ୍ଚଳିକ ବିକାଶ ପରିଷଦ ଗୁଣ୍ଡିବନ୍ଧ, ମାରୱାଡି ମହିଳା ସମିତି, ନେଚର ଲଭର୍ସ ଓଡିଶା ଏବଂ ବକ୍ସିଂ ଓଡ଼ିଶାର ମିଳିତ ଆନୁକୂଲ୍ୟରେ ବ୍ରହ୍ମପୁର ରକ୍ତ ଭଣ୍ଡାରର ରକ୍ତ ଅଭାବ ସମସ୍ୟା ଦୂର କରିବା ପାଇଁ ଶିବିର ଆୟୋଜନ କରାଯାଉଛି । 'ଆସନ୍ତୁ ଗଢ଼ିବା ରକ୍ତ ସମ୍ପର୍କ' ଅଭିଯାନ ଆରମ୍ଭ ହୋଇଯାଇଛି । ଏହି ଅଭିଯାନରେ ବିଭିନ୍ନ ବର୍ଗର ଲୋକମାନେ ଆସି ରକ୍ତ ଦେଉଛନ୍ତି । ଶନିବାର ଛ' ଜଣ ରକ୍ତ ଭଣ୍ଡାରକୁ ଆସି ସ୍ୱତଃପ୍ରବୃତ୍ତ ଭାବେ ରକ୍ତ ଦେଇଛନ୍ତି । ସେଥିରେ ଲୋକେନ୍ଦ୍ର ସିଂ ରାଠୋର୍ ଏବଂ ଗିରିଧର ସିଂ ରାଠୋର୍ ନାମକ ଦୁଇ ଭାଇ ମଧ୍ୟ ଅଛନ୍ତି । ଭଣ୍ଡାରର ଡା.ରଶ୍ମିତା ପାଣିଗ୍ରାହୀ ଓ ଅନ୍ୟାନ୍ୟ କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ । ସବୁଜ ବାହିନୀ ସଭାପତି ଶିବରାମ ପାଣିଗ୍ରାହୀ, ସମ୍ପାଦକ ଏମ୍.ଦିଲୀପ କୁମାର, ବନମାଳୀ ପ୍ରଧାନଙ୍କ ସମେତ ବହୁ ସ୍ୱେଚ୍ଛାସେବୀ ଯୋଗଦେଇ ପରିଚାଳନା କରିଥିଲେ ।

---

# ୧୬ଜଣିଆ ଓଡ଼ିଶା ଯୁବ ବକ୍ସିଂ ଦଳ ଘୋଷିତ



ଦୁଇ ଖେଳାଳିଙ୍କ ମଧ୍ୟରେ ମ୍ୟାଚ୍ ଚାଲିଛି ।

**ବ୍ରହ୍ମପୁର ଅଫିସ୍,୧୬**

ଉତ୍ତରାଖଣ୍ଡର ରୁଦ୍ରପୁରରେ ଜୁନ୍ ୮ରୁ ୧୩ତାରିଖ ପର୍ଯ୍ୟନ୍ତ ତୃତୀୟ ଜାତୀୟ ୟୁଥ୍ ପୁରୁଷ ଏବଂ ମହିଳା ବକ୍ସିଂ ଚାମ୍ପିୟନ୍‌ଶିପ୍ ଅନୁଷ୍ଠିତ ହେବାକୁ ଯାଉଛି। ଏହି ପ୍ରତିଯୋଗିତାରେ ଭାଗନେବା ପାଇଁ ଓଡ଼ିଶା ଦଳର ଚୟନ ଶିବିର ବ୍ରହ୍ମପୁରରେ ଅନୁଷ୍ଠିତ ହୋଇଥିଲା । ୧୦ଟି ଜିଲାର ୬୦ଜଣ ଖେଳାଳି ଏଥିରେ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରେ ମ୍ୟାଚ୍ ଖେଳାଯିବା ପରେ ଦଳ ଘୋଷଣା କରାଯାଇଛି । ପୁରୁଷ ଦଳରେ ଗଞ୍ଜାମର ଅବିନାଶ କୁମାର ବିଷୋୟୀ(୪୯କିଲୋ), ବିକ୍ରମ ନାୟକ(୫୨କିଲୋ), ରାଜେଶ କୁମାର ସାହୁ(୫୬କିଲୋ), ପୁରୀ ଜିଲାର ଏସ୍.ଆର୍. ସାହୁ(୬୦କିଲୋ), ଗଞ୍ଜାମର ଗଣେଶ ମହାପାତ୍ର(୬୪କିଲୋ), ପି.ରାହୁଲ(୬୯କିଲୋ), ବି.ସୁରଜ(୭୫କିଲୋ), କଟକର ନରେନ୍ଦ୍ର ସାହୁ(୮୧କିଲୋ) ଏବଂ ବାଲେଶ୍ୱରର ପ୍ରକାଶ ଦାସ(୯୧କିଲୋ) ଓଡ଼ିଶା ଦଳରେ ସାମିଲ୍ ହୋଇଛନ୍ତି । ସେହିଭଳି ମହିଳା ଦଳରେ ଗଞ୍ଜାମର ଏ.ରିତୁ ରାଓ(୪୮କିଲୋ), ଭୁବନେଶ୍ୱରର ପୂର୍ଣ୍ଣିମା ସେଠୀ(୫୧କିଲୋ), ଗଞ୍ଜାମର ଏସ୍.ରୋଜା ଆଚାରୀ(୫୪କିଲୋ), ରାଉରକେଲାର ପ୍ରିୟଙ୍କା ମୁଣ୍ଡିଆ(୫୭କିଲୋ), ଗଞ୍ଜାମର ଶ୍ରୋତା ଶତପଥୀ(୬୪କିଲୋ), ପୁରୀର ସୁନୀତା ଜେନା(୬୯କିଲୋ) ଏବଂ ଭୁବନେଶ୍ୱରର ପୂଜା ନାୟକ(୭୫କିଲୋ) ମନୋନୀତ ହୋଇଛନ୍ତି। ଚୟନକର୍ତ୍ତା ଭାବେ ଶିଶିର କୁମାର ପାଣିଗ୍ରାହୀ, ଶିବରାମ ପାତ୍ର, କେ.ପ୍ରଭାକର ରାଓ, ଅରକ୍ଷିତ ପାଣିଗ୍ରାହୀ, ବିଜୟ ଚନ୍ଦ୍ର ଦାଶ, ସୁଦର୍ଶନ ସାହୁ, ପଦ୍ମନାଭ ପାତ୍ର, ଲଡୁକିଶୋର ସାହୁ ଦାୟିତ୍ୱ ତୁଲାଇଥିଲେ । ଗଞ୍ଜାମ ଜିଲା କ୍ରୀଡ଼ା ସଂସଦ ଏବଂ ଜିଲା ବକ୍ସିଂ କ୍ଲବ ଶିବିର ପରିଚାଳନା କରିଥିଲା ।

---

■ ବିଏମ୍‌ସିର ନୂଆ ପ୍ରୟାସ: ପରିବେଶ ସୁରକ୍ଷା, ଆବର୍ଜନାର ସଦୁପଯୋଗ

# ଜନସଚେତନତା ସୃଷ୍ଟି କରିବ ସ୍କ୍ରାପ ସାମଗ୍ରୀରୁ ପ୍ରସ୍ତୁତ ମଡେଲ

**ହ୍ମପୁର ଅଫିସ, ୧୬**

ପରିବେଶ ପ୍ରଦୂଷଣ ସୃଷ୍ଟିକାରୀ ବାହକ ମଧ୍ୟରେ ସବୁଠାରୁ କ୍ଷତିକାରୀ ହେଉଛି ସ୍କ୍ରାପ ସାମଗ୍ରୀ । ଏହି କ୍ଷତିକାରକ ବାହକଠାରୁ ପରିବେଶକୁ ରକ୍ଷା କରିବାକୁ ସ୍କ୍ରାପ ସାମଗ୍ରୀର ପୁନଃ ବିନିଯୋଗ ଉପରେ ଏବେ ଗୁରୁତ୍ୱ ଦିଆଯାଉଛି । ବ୍ରହ୍ମପୁର ଆଇଟିଆଇରେ ଆବର୍ଜନା ତଥା ସ୍କ୍ରାପ ସାମଗ୍ରୀ ଗୁଡିକର ପୁନର୍ବିନିଯୋଗ ନେଇ ପ୍ରୟାସ ଆରମ୍ଭ ହୋଇଛି । ଏବେ ବ୍ରହ୍ମପୁର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ପରିବେଶର ସୁରକ୍ଷା, ଆବର୍ଜନାର ପୁନଃ ବିନିଯୋଗ ଦିଗରେ ଜନସଚେତନତା ସୃଷ୍ଟି ନେଇ ପ୍ରୟାସ ଆରମ୍ଭ ହୋଇଛି । ବିଭିନ୍ନ ସ୍ଥାନରୁ ସ୍କ୍ରାପ ତଥା ଆବର୍ଜନା ସଂଗ୍ରହ କରି ବିଏମ୍‌ସି ପକ୍ଷରୁ ସେଥିରେ ପ୍ରସ୍ତୁତ ହୋଇଛି ବିଭିନ୍ନ ମଡେଲ । ସେହି ମଡେଲଗୁଡ଼ିକୁ ସହରର ବିଭିନ୍ନ ସ୍ଥାନରେ ସହରବାସୀଙ୍କ ସଚେତନତା ସୃଷ୍ଟି ପାଇଁ ସ୍ଥାପନ କରାଯାଉଥିବା ଦେଖିବାକୁ ମିଳିଛି ।

ତେବେ ନିଗମ ଏହି କାର୍ଯ୍ୟକୁ ହାତକୁ ନେଇଥିବା ଘରୋଇ ସଂସ୍ଥା ଇମାଜେରୀ ପକ୍ଷରୁ ମିଳିଥିବା ସୂଚନା ପ୍ରକାରେ, ଖୋଡାସିଙ୍ଗିସ୍ଥିତ ବିଏମ୍‌ସିର ନିଜସ୍ୱ ଏକ ପଡିଆରେ ଗତ ମାର୍ଚ୍ଚ ୧୬ ରୁ ଏହି ମଡେଲ ପ୍ରସ୍ତୁତ କାର୍ଯ୍ୟ ଆରମ୍ଭ ହୋଇ ଏପ୍ରିଲ ୧୧ରେ ଶେଷ ହୋଇଛି । ୨୬ ଦିନ ମଧ୍ୟରେ ପ୍ରାୟ ୧୦ ବିଭିନ୍ନ ମଡେଲ ପ୍ରସ୍ତୁତ ହୋଇଛି । ପ୍ରତି ମଡେଲରେ ୩ ରୁ ୪ ଟନ ସ୍କ୍ରାପ ସାମଗ୍ରୀ ବ୍ୟବହାର କରାଯାଇଥିବା ବେଳେ ସମୁଦାୟ ୧୦ ମଡେଲରେ ପ୍ରାୟ ୩୦ ରୁ ୪୦ ଟନ ସ୍କ୍ରାପ ସାମଗ୍ରୀ ବ୍ୟବହୃତ ହୋଇଛି । ପ୍ରତି ମଡେଲ ଗୁଡିକର ଉଚ୍ଚତା ୧୨ ରୁ ୧୮ ଫୁଟ ମଧ୍ୟରେ ରହିଛି । ଏହାର ପ୍ରସ୍ତୁତିରେ ସଂସ୍ଥା କ୍ୟୁରେଟର କାନ୍ତ କିଶୋର ମହାରଣା, ସହକାରୀ କ୍ୟୁରେଟର ଦିବ୍ୟସିଂହ ସ୍ୱାଇଁ, କୋଅର୍ଡିନେଟର ପ୍ରତାପ ମହାରଣାଙ୍କ ସମେତ ରାଜ୍ୟ ତଥା ରାଜ୍ୟ ବାହାରୁ ୧୦ ଆର୍ଟିଷ୍ଟ, ୧୦ ୱେଲଡର ଏହି କାର୍ଯ୍ୟରେ ନିୟୋଜିତ ହୋଇଥିବା ସଂସ୍ଥା ପକ୍ଷରୁ ସୂଚନା ମିଳିଛି । ଏହି ମଡେଲ ପାଇଁ ବ୍ରହ୍ମପୁର, କଟକ, ଜଗତପୁର ଅଞ୍ଚଳରୁ ସ୍କ୍ରାପ ସାମଗ୍ରୀ ସଂଗ୍ରହ କରାଯାଇଥିବା ସହକାରୀ କ୍ୟୁରେଟର ସ୍ୱାଇଁ କହିଛନ୍ତି । ତେବେ ଶୁକ୍ରବାର ସୁଦ୍ଧା ସହରର ବିଭିନ୍ନ ସ୍ଥାନରେ ୬ ସ୍କ୍ରାପ ସାମଗ୍ରୀ ତଥା ଆବର୍ଜନାରେ ପ୍ରସ୍ତୁତ ମଡେଲ ସ୍ଥାପନ କରାଯାଇଛି । ସେଥିମଧ୍ୟରେ ଫାଷ୍ଟଗେଟରେ କଇଁଛ, ବିଏମ୍‌ସି କାର୍ଯ୍ୟାଳୟ ପରିସରରେ ହାତୀ, ଇଞ୍ଜିନିୟରିଂ ସ୍କୁଲ ଛକରେ ଚିଙ୍ଗୁଡି, ଶିଳ୍ପାଞ୍ଚଳରେ ଶାଗୁଣା ଏବଂ କମାପଲ୍ଲୀ ଛକରେ ବାଘ ଓ ମୟୂରର ମଡେଲ ସ୍ଥାପନ କରାଯାଇଛି । ଆସନ୍ତା ୨ ଦିନ ମଧ୍ୟରେ ବିଜୁ ପଟ୍ଟନାୟକ ପାର୍କ, ରୋଲାଣ୍ଡ କଲେଜ, ଆମ୍ବମାର୍କେଟ ଛକ ଭଳି ସ୍ଥାନରେ ଆଉ ୪ ଟି ମଡେଲ ସ୍ଥାପନ କରାଯିବାର ଯୋଜନା ରହିଥିବା ସଂସ୍ଥାର କ୍ୟୁରେଟର ସ୍ୱାଇଁ କହିଛନ୍ତି । ଅନ୍ୟପକ୍ଷରେ ଏହି ମଡେଲ ସହରବାସୀଙ୍କୁ ପରିବେଶର ସୁରକ୍ଷା ତଥା ଆବର୍ଜନାର ସଦୁପଯୋଗ ଉପରେ ସଚେତନତାର ବାର୍ତ୍ତା ବହନ କରିବ ବୋଲି କହିଛନ୍ତି ନିଗମ କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର ।






ସ୍କ୍ରାପ ସାମଗ୍ରୀରେ ପ୍ରସ୍ତୁତ କଇଁଛ ଓ ଚିଙ୍ଗୁଡି ।

# ବୁଲୁ, ହୃଷୀକେଶଙ୍କୁ ଏନ୍‌କାଉଣ୍ଟର

**ବ୍ରହ୍ମପୁର ଅଫିସ,୧୬**

ଆସିକା କଂଗ୍ରେସ ବିଧାୟକ ପ୍ରାର୍ଥୀ ମନୋଜ ଜେନାଙ୍କୁ ଗତ ୨୨ ତାରିଖ ରାତି ସାଢ଼େ ୯ଟା ବେଳେ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥ ଲାଞ୍ଜିପଲ୍ଲୀ ଇସ୍କନ ମନ୍ଦିର ସମ୍ମୁଖ ରାସ୍ତାରେ ଗୁଳିମାଡ଼ ଓ ତଣ୍ଟି କାଟି ହତ୍ୟା କରାଯାଇଥିଲା । ଏହି ମର୍ଡର କେସ୍‌ରେ ପୋଲିସ ଶୁକ୍ରବାର ରାତି ସାଢ଼େ ୧୧ଟାରେ ଗୋଳନ୍ଥରା ଥାନା ଅମିତ ହସ୍ପିଟାଲ ନିକଟରେ ୨ଜଣଙ୍କୁ ଏନ୍‌କାଉଣ୍ଟର କରିଛି। ସେମାନେ ହେଲେ ଆସିକାର ବୁଲୁ ଓରଫ ଗଣେଶ ନାୟକ (୨୫) ଓ ହୃଷୀକେଶ ପାତ୍ର (୨୭)। ଉଭୟଙ୍କ ନାଁରେ ୬ଟି ହତ୍ୟା ମାମଲା ରହିଥିବା ନେଇ ଶନିବାର ବ୍ରହ୍ମପୁର ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି ପିନାକ ମିଶ୍ର ସୂଚନା ଦେଇଛନ୍ତି ।

ଏହି ହତ୍ୟାକାଣ୍ଡ ପଛରେ ପୂର୍ବ ଶତ୍ରୁତା ଓ ମଦ ବ୍ୟବସାୟ ଜଡିତ ରହିଥିବା ପୋଲିସ ପ୍ରାଥମିକ ତଦନ୍ତକୁ ଆଧାର କରି ଅନୁମାନ କରୁଛି । ମନୋଜ ହତ୍ୟା ଘଟଣାରେ ୭ ଜଣଙ୍କ ନାଁରେ ଏତଲା ଦାଏର ହୋଇଥିବା ବେଳେ ପୋଲିସ ୨ ଜଣ ମୁଖ୍ୟ ଅଭିଯୁକ୍ତଙ୍କୁ ଏନ୍‌କାଉଣ୍ଟର କରିଛି । ବୁଲୁ ପ୍ରଥମେ ମନୋଜଙ୍କ ଉପରକୁ ଗୁଳି ଫୁଟାଇବା ପରେ ସେ ଖସି ପଳାଇବାକୁ ଉଦ୍ୟମ କରିଥିଲେ । ପରେ ହୃଷୀକେଶ ମନୋଜଙ୍କୁ ଗୋଡ଼ାଇ ଗୋଡାଇ କାବୁ କରି ଶେଷରେ ଧାରୁଆ ଅସ୍ତ୍ରରେ ତାଙ୍କ ତଣ୍ଟି କାଟି ଦେଇଥିଲେ ବୋଲି ଏସ୍‌ପି ମିଶ୍ର କହିଛନ୍ତି । ଉଭୟଙ୍କୁ ଜେରା କରିବା ପରେ ଅଧିକ ତଥ୍ୟ ମିଳିବ ବୋଲି ଏସ୍‌ପି କହିଛନ୍ତି । ସେହିପରି ଏହି ହତ୍ୟା ଘଟଣା ପଛରେ ଷଡ଼ଯନ୍ତ୍ରକାରୀ ଓ ସୁପାରିକିଲରଙ୍କୁ ଧରିବା ପାଇଁ ପୋଲିସ ଉଦ୍ୟମ ଜାରି ରଖିଛି ବୋଲି ସେ ପ୍ରକାଶ କରିଛନ୍ତି। ବୁଲୁ ଓ ହୃଷୀକେଶଙ୍କ ନାଁରେ ବୁଗୁଡ଼ା ଏନ୍‌ଏସିର ପୂର୍ବତନ ଅଧ୍ୟକ୍ଷ ବାଳକୃଷ୍ଣ ପାତ୍ର ହତ୍ୟା ମାମଲା, ଆସିକା ବୁଢ଼ା ବିଷୋୟୀ ହତ୍ୟା ଭଳି ଦୁଇଟି ମାମଲା ରହିଥିବା ବେଳେ ମନୋଜ ହତ୍ୟା ମାମଲାରେ ମଧ୍ୟ ସେମାନଙ୍କ ସମ୍ପୃକ୍ତି ରହିଥିବା ପୋଲିସ ସ୍ପଷ୍ଟ କରିଛି । ଦୁର୍ଦ୍ଦାନ୍ତ ଅପରାଧୀ ହୃଷୀକେଶ ପାତ୍ର ୨୦୧୫ରୁ ଫେରାର ଥିବା ବେଳେ ବୁଲୁ ଓରଫ ଗଣେଶ ନାୟକ ୨୦୧୬ରୁ ଫେରାର ଥିଲେ ବୋଲି ଏସ୍‌ପି କହିଛନ୍ତି । ଏହି ହତ୍ୟା ଘଟଣାର ଅପରାଧୀଙ୍କୁ ଚିହ୍ନଟ କରିବା ଓ ସେମାନଙ୍କ ଗତିବିଧି ଉପରେ ନଜର ରଖିବା ସହ ଶୁକ୍ରବାର ଏନ୍‌କାଉଣ୍ଟର ଘଟଣାରେ ୩ଟି ସ୍ୱତନ୍ତ୍ର ଟିମ୍, ଏଏସ୍‌ପି ପ୍ରଭାତ ରାଉତରାୟ, ବ୍ରହ୍ମପୁର ଏସ୍‌ଡିପିଓ ବିଷ୍ଣୁ ପ୍ରସାଦ ପତି, ଆସିକା ଏସ୍‌ଡିପିଓ ଏସ୍‌ଏମ୍ ପ୍ରଧାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଏସପି କହିଛନ୍ତି ।

ପ୍ରକାଶ ଯେ ଶୁକ୍ରବାର ରାତ୍ର ସାଢ଼େ ୧୧ଟା ବେଳେ ମନୋଜ ହତ୍ୟା ମାମଲାର ଅଭିଯୁକ୍ତମାନେ ଗୋଳନ୍ଥରା ଦେଇ ଆନ୍ଧ୍ରପ୍ରଦେଶକୁ ଫେରାର ହୋଇଯିବା ପାଇଁ ଉଦ୍ୟମ କରୁଥିଲେ । ଏହାର ଖବର ପାଇ ଗୋଷାଣୀ ନୂଆଗାଁ ଥାନାଧିକାରୀ ସୁମିତ କୁମାର ସୋରେନ, ବୈଦ୍ୟନାଥପୁର ଥାନା ଏସ୍‌ଆଇ କୈଶିକ ମାଝି ଏକ ଟିମ୍ ନେଇ ଅପରାଧୀଙ୍କ ପିଛା କରିଥିଲେ । ଅପରାଧୀମାନେ ଗୋଳନ୍ଥରା ଥାନା ଅନ୍ତର୍ଗତ ରଣ୍ଡା ନିକଟ ଅମିତ ହସ୍ପିଟାଲ ଜାତୀୟ ରାଜପଥ ଦେଇ ଯାଉଥିବା ବେଳେ ପୋଲିସକୁ ଦେଖି ସେମାନଙ୍କ ଉପରକୁ ଗୁଳିମାଡ଼ କରିଥିଲେ। ଏହାର ଜବାବରେ ପୋଲିସ ପାଲଟା ଗୁଳି ଚଳାଇଥିଲା । ଫଳରେ ହୃଷୀକେଶ ଓ ବୁଲୁଙ୍କ ଗୋଡ଼ରେ ଗୁଳି ବାଜିଥିଲା । ଉଭୟ ଆହତ ହୋଇ ବାଇକରୁ ଖସି ତଳେ ପଡ଼ି ଯାଇଥିଲେ । ସେପଟେ ଅନ୍ୟ ୩ଜଣ ଅଭିଯୁକ୍ତ ବାଇକ୍ ଧରି ଆନ୍ଧ୍ରପ୍ରଦେଶ ଅଭିମୁଖେ ଚମ୍ପଟ ମାରିଥିଲେ ବୋଲି ଏସ୍‌ପି କହିଛନ୍ତି । ପୋଲିସ ଘଟଣାସ୍ଥଳରୁ ଉଭୟଙ୍କୁ ଗିରଫ କରିଥିବା ବେଳେ ଏକ ଦେଶୀ ପିସ୍ତଲ, ତିନୋଟି ଗୁଳି ଓ ଗୋଟିଏ ବାଇକ୍ ଜବତ କରିଥିଲା । ଉଭୟ ଅଭିଯୁକ୍ତଙ୍କ ଗୋଡ଼ରେ ଗୁଳି ବାଜିଥିବା ବେଳେ ସେମାନଙ୍କୁ ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଛି । ଶନିବାର ଖବରଦାତା ସମ୍ମିଳନୀରେ ଏସପି ପିନାକ ମିଶ୍ରଙ୍କ ସମେତ ଅତିରିକ୍ତ ଏସପି ପ୍ରଭାତ ରାଉତରାୟ, ଆସିକା ଏସ୍‌ଡିପିଓ ଏସ୍‌ଏମ୍ ପ୍ରଧାନ ଉପସ୍ଥିତ ଥିଲେ ।



ଖବରଦାତା ସମ୍ମିଳନୀରେ ଏସ୍‌ପି ପିନାକ ମିଶ୍ର ସୂଚନା ଦେଇଛନ୍ତି ।

**ମନୋଜ ହତ୍ୟା ମାମଲା**

- ଉଭୟଙ୍କ ନାଁରେ ୬ ହତ୍ୟା ମାମଲା
- ମାଷ୍ଟରମାଇଣ୍ଡଙ୍କୁ ଖୋଜୁଛି ପୋଲିସ

## ସଂକ୍ଷେପରେ

### ଜିଲାପାଳଙ୍କ ନିର୍ଦ୍ଦେଶରେ ମିଳିତ ଚଢ଼ାଉ
### ୧୨ ଟ୍ରାକ୍ଟର ଜବତ, ୧ଲକ୍ଷ ୬୮ ହଜାର ଟଙ୍କା ଜରିମାନା ଆଦାୟ

**ପାରଳାଖେମୁଣ୍ଡି, ୧୬ (ସ୍ୱ.ପ୍ର.):** ଗୋଷାଣୀ ବ୍ଲକ ଗୁରାଣ୍ଡି-ମାଛମରା ରାସ୍ତାରେ ମିଳିତ ଚଢ଼ାଉ କରାଯାଇ ୧୨ଟି ବାଲି ବୋଝେଇ ଟ୍ରାକ୍ଟର ଜବତ କରିବା ସହ ୧ଲକ୍ଷ ୬୮ ହଜାର ୬୦୦ଟଙ୍କା ଜରିମାନା ଆଦାୟ କରାଯାଇଛି । ଜିଲାପାଳ ଅନୁପମ ସାହାଙ୍କ ନିର୍ଦ୍ଦେଶ କ୍ରମେ ଉପଜିଲାପାଳ ରଜନୀକାନ୍ତ ସ୍ୱାଇଁଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ସ୍କାର୍ଡ ଗଠନ କରାଯାଇ ଏହି ଅତର୍କିତ ଚଢଉ କରାଯାଇଥିଲା । ଏଠାରେ ସୂଚନା ଯୋଗ୍ୟ ଯେ ଏହି ବାଲି ବୋଝେଇ ଗାଡି ଗୁଡିକ ମହେନ୍ଦ୍ରତନୟା ନଦୀ ତଟରୁ ଚୋରାବାଲି ଉଠାଇ ଗୋଷାଣୀ ବ୍ଲକର ବିଭିନ୍ନ ସ୍ଥାନକୁ ଚାଲାଣ କରୁଥିଲେ । ଏ ସମ୍ପର୍କରେ ସୂଚନାପାଇ ଜିଲା ପ୍ରଶାସନ ପକ୍ଷରୁ ଅଚାନକ ଚଢଉ କରାଯାଇଥିଲା। ଗାଡିଗୁଡିକରେ ଆବଶ୍ୟକତା ଠାରୁ ମଧ ଅଧିକ ବାଲି ବୋଝେଇ ନିଆଯାଉଥିବା ଜଣାପଡିଛି । ଚଢାଉରେ ପାରଳାଖେମୁଣ୍ଡି ତହସିଲଦାର ସୀମାଞ୍ଚଳ ମହାନ୍ତି, ରାଜସ୍ୱ ନିରୀକ୍ଷକ ସାଗର ରାଜ ଦଳେଇ, ବିପୀନ ଚନ୍ଦ୍ର ଲିମ୍ମା, ନଳନୀ କାନ୍ତ ପଟ୍ଟନାୟକ, ଇପିଲି ବାପୁଜୀ, ଜି.ମଧୁ ଉପସ୍ଥିତଥିଲେ ।

### ମଦ ଜବତ, ଜଣେ ଗିରଫ

**ଗୋଷାଣୀ, ୧୬(ଡି.ଏନ୍.ଏ):** ଗଜପତି ଜିଲା ଗୁରାଣ୍ଡି ଥାନା ଅନ୍ତର୍ଗତ ବାଟସିରିପୁର ଛକ ନିକଟରୁ ପୋଲିସ ବେଆଇନ୍ ମଦ କାରବାର କରୁଥିବା ଜଣେ ବ୍ୟବସାୟୀଙ୍କୁ ଗିରଫ କରିଥିବା ବେଳେ ତାଙ୍କ ନିକଟରୁ ବହୁ ପରିମାଣର ବିଦେଶୀ ମଦ ଜବତ ହୋଇଛି । ଗିରଫ ଯୁବକର ନାମ ଟାଙ୍ଗୁଡୁ ହରିଶ ଏବଂ ତାର ଘର ଏମ୍‌ଏନ୍‌ପେଟା ଗ୍ରାମରେ ବୋଲି ଜଣାପଡିଛି । ମିଳିଥିବା ସୂଚନା ଅନୁସାରେ ଶୁକ୍ରବାର ସନ୍ଧ୍ୟାରେ ପୋଲିସ ବାରିସିରିପୁର ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ବେଳେ ଜଣେ ବ୍ୟକ୍ତି ୩ଟି ବ୍ୟାଗ୍ ସହ ଛିଡା ହୋଇଥିବା ଦେଖି ସନ୍ଦେହରେ ଯାଞ୍ଚ କରିବା ବେଳେ ୧୬୯ଟି ବିୟର ବୋତଲ ମିଳିଛି। ପୋଲିସ ମଦ ଜବତ କରିବା ସହ ସମ୍ପୃକ୍ତ ଯୁବକକୁ ଗିରଫକରି କୋର୍ଟଚାଲାଣ କରିଛି। ବିଭିନ୍ନ ସ୍ଥାନରେ ଏଭଳି ମଦ କାରବାର ଚାଲିଥିବା ପୋଲିସ ସୂଚନା ପାଇଥିବା ବେଳେ ଚଢ଼ାଉ କରାଯିବ ବୋଲି ଗୁରାଣ୍ଡି ଥାନାଧିକାରୀ ମୁକେଶ ଲାକ୍ରା କହିଛନ୍ତି ।

### ଠାକୁରାଣୀ ପର୍ବରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ

**ପାରଳାଖେମୁଣ୍ଡି, ୧୬ (ସ୍ୱ.ପ୍ର.) :** ଗଜପତି ଜିଲା ଗୋଷାଣୀ ବ୍ଲକ ଅନ୍ତର୍ଗତ ବ୍ରାହ୍ମଣ ସୀତାପୁର ଗ୍ରାମରେ ଚାଲିଥିବା ଠାକୁରାଣୀ ଯାତ୍ରା ୫ମ ଦିନରେ ପହଞ୍ଚିଛି। ଏଠାରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଶ୍ରଦ୍ଧାଳୁଙ୍କୁ ମନମୁଗ୍ଧ କରୁଛି ।
ଏହି ଅବସରରେ ଯୁବରାଜପୁର ଅମ୍ବିକା ନାଟ୍ୟକଳା ସାଂସଦର କଳାକାରମାନଙ୍କର ଦ୍ୱାରା ପାରମ୍ପରିକ ଭୂତକେଳୀ ନାଚ ଅନୁଷ୍ଠିତ ହୋଇଛି । ସେହିପରି ବିଭିନ୍ନ ବେଶଧାରଣ ସମସ୍ତଙ୍କୁ ଆକର୍ଷିତ କରୁଛି। ଅନ୍ୟପକ୍ଷରେ ପ୍ରତି ସନ୍ଧ୍ୟାରେ ମୀନା ବଜାରରେ ଶ୍ରଦ୍ଧାଳୁଙ୍କ ଭିଡ ଜମୁଛି। ଯାତ୍ରା ଆହୁରି ୪ଦିନ ବାକି ରହିଥିବାବେଳେ ଶ୍ରଦ୍ଧାଳୁଙ୍କ ଅଧିକ ଭିଡ଼ ଜମିବ। ତେଣୁ ଯାତ୍ରା କମିଟି ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି ।

## ଏଇ ସପ୍ତାହର କାର୍ଯ୍ୟକ୍ରମ

**୨।୬।୨୦୧୯ (ରବିବାର)**
- ମାସିକ ସାହିତ୍ୟ ସମାରୋହ। ସ୍ଥାନ- ଗଞ୍ଜାମ କଳା ପରିଷଦ, ସମୟ-ପୂର୍ବାହ୍ନ ୧୦ଟା ।
- ଖାଦ୍ୟ ଏବଂ ବସ୍ତ୍ର ବଣ୍ଟନ। ସ୍ଥାନ- ଲୋଚାପଡ଼ା ଜରା ନିବାସ, ସମୟ- ମଧାହ୍ନ ୧୨ଟା।
- ଲଳିତା କଲ୍‌ଚୁରାଲ୍ ଏକାଡ଼େମୀର ଚତୁର୍ଥ ବାର୍ଷିକ ଉତ୍ସବ। ସ୍ଥାନ- ଜଟାଧରେଶ୍ୱର ସ୍ୱାମୀ କଲ୍ୟାଣ ମଣ୍ଡପ, ସମୟ-ଅପରାହ୍ନ ୫ଟା।

**୩।୬।୨୦୧୯ (ସୋମବାର)**
- ସାବିତ୍ରୀ ବ୍ରତ ଉପଲକ୍ଷେ ମହିଳା ଶ୍ରଦ୍ଧାଳୁଙ୍କ ସମୂହ ପୂଜାର୍ଚ୍ଚନା। ସ୍ଥାନ- ଶ୍ରୀ ଚନ୍ଦ୍ରଚୁଡେଶ୍ୱର ଶୈବପୀଠ ଦିଗପହଣ୍ଡି, ସମୟ- ସକାଳ ୯ଟା।

**୪।୬।୨୦୧୯ (ମଙ୍ଗଳବାର)**
- ଶିଶୁ ଓ ପ୍ରସୂତିଙ୍କ ପାଇଁ ମମତା ଦିବସ ସଚେତନତା କାର୍ଯ୍ୟକ୍ରମ। ସ୍ଥାନ- ସମସ୍ତ ୨୫ଟି ଉପସ୍ୱାସ୍ଥ୍ୟକେନ୍ଦ୍ର, ଦିଗପହଣ୍ଡି ବ୍ଲକ, ସମୟ- ସକାଳ ୮ଟା।

**୫।୬।୨୦୧୯ (ବୁଧବାର)**
- ଶିଶୁ ଓ ଗର୍ଭବତୀଙ୍କୁ ଟିକାକରଣ କାର୍ଯ୍ୟକ୍ରମ। ସ୍ଥାନ- ବମକେଇ ଓ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ- ସକାଳ ୯ଟା।
- ବିଶ୍ୱ ପରିବେଶ ଦିବସ ପାଳନ। ସ୍ଥାନ-ଖଲ୍ଲିକୋଟ କଲେଜ ଷ୍ଟାଡିୟମ୍, ସମୟ-ଅପରାହ୍ନ ୫ଟା ।

**୬।୬।୨୦୧୯ (ଗୁରୁବାର)**
- ଶିବ ବିବାହ ପାଇଁ ଗୁଆ ଅନୁକୂଳ। ସ୍ଥାନ- ଜଗନ୍ନାଥ ମନ୍ଦିର ଜି.ଉଦୟଗିରି, ସମୟ- ସନ୍ଧ୍ୟା ୭ଟା ୩୦ ମିନିଟ୍।
- ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ସେକ୍ଟର ସ୍ତରୀୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ସମୀକ୍ଷା ବୈଠକ। ସ୍ଥାନ- ବମକେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହ, ଦିଗପହଣ୍ଡି, ସମୟ- ପୂର୍ବାହ୍ନ ୧୦ଟା ।

**୭।୬।୨୦୧୯ (ଶୁକ୍ରବାର)**
- ଶିବ ବିବାହ ପାଇଁ ବାଟବରଣ। ସ୍ଥାନ- ଗାନ୍ଧୀ ଛକ ଜି.ଉଦୟଗିରି, ସମୟ- ସନ୍ଧ୍ୟା ୮ଟା।
- ଗର୍ଭବତୀଙ୍କ ଏଚ୍‌ଆଇଭି ପରୀକ୍ଷା। ସ୍ଥାନ- ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ- ସକାଳ ୯ଟା।

**୮।୬।୨୦୧୯ (ଶନିବାର)**
- ଶିବ ପାର୍ବତୀ ଯୁଗଳ ମୂର୍ତ୍ତିଙ୍କ ନଗର ପରିକ୍ରମା। ସ୍ଥାନ- ଜି.ଉଦୟଗିରି, ସମୟ- ସନ୍ଧ୍ୟା ୭ଟା।
- ବ୍ଲକସ୍ତରୀୟ ବିଭିନ୍ନ ସରକାରୀ ଯୋଜନା ଅଗ୍ରଗତି ସମ୍ପର୍କରେ ସମୀକ୍ଷା। ସ୍ଥାନ- ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ-ପୂର୍ବାହ୍ନ ୧୧ଟା।

## ଖୋଲା ଟ୍ରାକ୍ଟରରେ ବୁହା ହେଉଛି ଆବର୍ଜନା

**ପାରଳାଖେମୁଣ୍ଡି, ୧୬ (ସ୍ୱ.ପ୍ର.)**

ଗଜପତି ଜିଲା ପାରଳାଖେମୁଣ୍ଡି ପୌରପରିଷଦ ପକ୍ଷରୁ ସଂଗୃହିତ ଅଳିଆ ଆବର୍ଜନା ସହର ତଳି ଅଞ୍ଚଳରେଥିବା ଅଳିଆଗଦାରେ ପକାଯାଉଛି । ସେଠାରୁ ଆବର୍ଜନା ଖୋଲା ଗାଡି ଗୁଡ଼ିକରେ ନିଆଯାଉଛି। ଫଳରେ ରାସ୍ତା ସାରା ଅଳିଆ, ଆବର୍ଜନା ପଡୁଥିବା ଦେଖିବାକୁ ମିଳୁଛି। ଅନ୍ୟସ୍ଥାନରେ ପୌରପରିଷଦ ପକ୍ଷରୁ ଅଳିଆ ବୋହିବା ପାଇଁ ଟ୍ରାକ୍ଟର ଡାଲାରେ ଢାଙ୍କୁଣୀ ଥିବା ଗାଡି ବ୍ୟବହାର କରାଯାଉଥିବାବେଳେ ପାରଳାଖେମୁଣ୍ଡି ଠାରେ ଟ୍ରାକ୍ଟର ଗୁଡିକର ଖୋଲା ଡାଲାରେ ଅଳିଆ ବୁହାଯାଉଛି । ଫଳରେ ଅଳିଆ ରାସ୍ତାରେ ପଡ଼ି ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଏହାଦ୍ୱାରା ମହାମାରି ବ୍ୟାପିବା ଆଶଙ୍କା ରହିଛି। ଏଥିପାଇଁ ସହରବାସୀ ବାରମ୍ବାର ଅଭିଯୋଗ କରୁଥିଲେ ମଧ ଖୋଲା ଡାଲାଯୁକ୍ତ ଗାଡିଗୁଡିକରେ ଅଳିଆ ବୁହା ଯାଉଥିବା ଦେଖିବାକୁ ମିଳୁଛି ।

■ ୧୪ଦିନରେ ମା’ ତାରାଦେବୀ ଠାକୁରାଣୀ ଯାତ୍ରା

# ମନମୋହୁଛି ବିଭିନ୍ନ ସାହି ରଥ, କଳାକୁଞ୍ଜ

**ବ୍ରହ୍ମପୁର ଅଫିସ,୧୬**

ବ୍ରହ୍ମପୁରର ଅନ୍ୟତମ ପ୍ରସିଦ୍ଧ ମା’ ତାରାଦେବୀଙ୍କ ଦ୍ୱିବାର୍ଷିକ ଯାତ୍ରା ଶନିବାର ୧୪ ଦିନରେ ପହଞ୍ଚିଛି । ଏହା ଆଉ ୯ ଦିନ ଯାତ୍ରା ବାକି ରହିଥିବା ବେଳେ ଏବେ ଲାଞ୍ଜିପଲ୍ଲୀ ଅଞ୍ଚଳ ଉତ୍ସବ ମୁଖର ହୋଇଉଠିଛି । ରଙ୍ଗୀନ ଆଲୋକମାଳା ଓ ସାଜସଜ୍ଜାରେ ପ୍ରତି ସାହି ଝଲସୁଥିବା ବେଳେ ଯାତ୍ରା ଦାଣ୍ଡକୁ ଓହ୍ଲାଇଛି ବିଭିନ୍ନ ସାହିର ରଥ ଓ କଳାକୁଞ୍ଜ । ଶନିବାର ସୁଦ୍ଧା ୩ ସାହିରେ ୩ ରଥ ଓ ଗୋଟିଏ କଳାକୁଞ୍ଜ ଯାତ୍ରା ଦାଣ୍ଡକୁ ଆସିଛି । ରଥ ଓ କଳାକୁଞ୍ଜ ଦେଖିବାକୁ ଏବେ ସାହିଗୁଡିକରେ ଭିଡ ଜମୁଥିବା ଦେଖିବାକୁ ମିଳିଛି । ଅନ୍ୟପକ୍ଷରେ ୧୪ତମ ଦିନରେ ସନ୍ଧ୍ୟାରେ ମା’ଙ୍କ ୧୦୮ ଆଳତି ପରେ ବିଭିନ୍ନ ସାହିରେ ଘଟ ପରିକ୍ରମା ଅନୁଷ୍ଠିତ ହୋଇଯାଇଛି ।

ପରମ୍ପରା ଅନୁସାରେ ଅସ୍ଥାୟୀ ପୀଠ ରଘୁନାଥ ମଠ ସାହିରେ ଭୋରରୁ ମା’ଙ୍କ ପୂଜାର୍ଚ୍ଚନା ସହ ବାଲଭୋଗ, ଦହି ଅନ୍ନଭୋଗ ଲାଗୁ କରାଯାଇଥିଲା। ସନ୍ଧ୍ୟାରେ ମା’ଙ୍କ ୧୦୮ ଆଳତି ପରେ ଅସ୍ଥାୟୀ ପୀଠରୁ ଘଟ ଶୋଭାଯାତ୍ରା ବାହାରିଥିଲା । ମା’ଙ୍କ ବାପା କୁହାଯାଉଥିବା ଦେଶୀବେହେରା ସାହିର କୁନା ସାବତ ମା’ଙ୍କ ମୁଖ୍ୟଘଟକୁ ମୁଣ୍ଡାଇଥିଲେ । ବାଦ୍ୟ, ବାଜଣା, ଘଣ୍ଟ, ମହିଳାଙ୍କ ହୁଳହୁଳି ନାଦ ମଧ୍ୟ ଅସ୍ଥାୟୀ ପୀଠରୁ ଘଟ ପ୍ରଥମେ ରାଜା ଭାଗବତ ପ୍ରସାଦ ଦେଓ ବାସଭବନକୁ ଯାଇଥିଲା । ସେଠାରେ ପୂଜାର୍ଚ୍ଚନା ପରେ ଘଟ ବିଭିନ୍ନ ସାହି ପରିକ୍ରମା କରିଥିଲା । ଘଟ ପ୍ରଥମେ ବ୍ରହ୍ମଣସାହି, କାଳିଞ୍ଜି ସାହି ଓ କାଞ୍ଜିଆମ୍ମା ମନ୍ଦିର ଦେଇ ଚାଣକ୍ୟ ନଗର ଦ୍ୱିତୀୟ, ତୃତୀୟ ଲାଇନ, ସାନଭଦ୍ରା ହୁଡା ସାହି ପରିକ୍ରମା କରିଥିଲା । ଏହାପରେ ଘଟ ପୁଣି ଚାଣକ୍ୟନଗରର ଦ୍ୱିତୀୟ, ତୃତୀୟ ଲାଇନ, ପ୍ରଥମ ଲାଇନ, ମାର୍କଣ୍ଡେଶ୍ୱର ନଗର ଦେଇ ଅସ୍ଥାୟୀ ପୀଠକୁ ବାହୁଡି ଥିଲା । ଉପରୋକ୍ତ ସାହି ପରିକ୍ରମା ବେଳେ ମହିଳାମାନେ ନିଜସ୍ୱ ବାସଗୃହ ଆଗରେ ଜଳକୁମ୍ଭ ସ୍ଥାପନ ସହ ମୁଖ୍ୟ ଘଟଧାରୀଙ୍କ ପାଦରେ ହଳଦୀ, କର୍ପୁର ମିଶା ପାଣି ଢାଳି ପୂଜାର୍ଚ୍ଚନା କରିଥିଲେ । ଅନ୍ୟପକ୍ଷରେ ଯାତ୍ରା ପରମ୍ପରା ଅନୁସାରେ ବିଭିନ୍ନ ସାହି ପକ୍ଷରୁ ପ୍ରସ୍ତୁତ ରଥ ଓ କଳାକୁଞ୍ଜ ଯାତ୍ରା ଦାଣ୍ଡକୁ ଓହ୍ଲାଇବା ଆରମ୍ଭ ହୋଇଛି । ଶନିବାର ସୁଦ୍ଧା ଚାଣକ୍ୟ ନଗରର ରାମ ରଥ, ତୋଟା ସାହିରେ ହନୁମାନ ରଥ ଓ ସାନ ଜ୍ୱାଳାମୁଖୀ ରଥ ଏବଂ କେଶବ ନଗରର ଠାକୁରାଣୀ କଳାକୁଞ୍ଜ ଯାତ୍ରା ଦାଣ୍ଡକୁ ଓହ୍ଲାଇଥିବା ଯାତ୍ର କମିଟି ପକ୍ଷରୁ କୁହାଯାଇଛି । ମା’ ତାରାଦେବୀ ଠାକୁରାଣୀ ଯାତ୍ରା କମିଟି ସଭାପତି ଭଗବତ ପ୍ରସାଦ ସିଂ ଦେଓ, ସମ୍ପାଦକ ହୃଷୀକେଶ ପାତ୍ର, ସଂଗଠକ କାହ୍ନୁଚରଣ ଚୌଧୁରୀ, ସହକାରୀ ସମ୍ପାଦକ ସୀମାଦ୍ରୀ ପାତ୍ର, ସଦସ୍ୟ ଲଡୁକିଶୋର ପାଣିଗ୍ରାହୀଙ୍କ ସମେତ ସମସ୍ତ କମିଟି ସଦସ୍ୟ ଯାତ୍ରା ପରିଚାଳନା ସହଯୋଗ କରୁଛନ୍ତି ।



ତୋଟା ସାହିର ଜ୍ୱାଳାମୁଖୀ ରଥ ।

## ଡାଇଭର୍ସନ ରାସ୍ତାରେ ପଥଚାରୀ ବେହାଲ

**ଝରିଗାଁ,୧୬(ସ୍ୱ.ପ୍ର)**

ନବରଙ୍ଗପୁର ଜିଲା ଝରିଗାଁ ଠାରୁ ଗୋରାମ୍ବା ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗର ତତ୍ତ୍ୱାବଧାନରେ ଚାଲିଛି ରାସ୍ତା। ପୋଲ ନିର୍ମାଣ ହେଉଥିବାରୁ ଲୋକଙ୍କ ଯାତାୟାତ ପାଇଁ ଏକ ଡାଇଭର୍ସନ ରାସ୍ତା ନିର୍ମାଣ କରାଯାଇଛି। ତେବେ ବର୍ଷା ହେଲେ ଉକ୍ତ ରାସ୍ତାରେ ଯାତାୟାତ କରିବା ସମୟରେ ପଥଚାରୀ ବେହାଲ ହେଉଛନ୍ତି। ପୋଲ ନିର୍ମାଣ ସକାଶେ ଡାଇଭର୍ସନ କରାଯାଇଥିଲେ ମଧ ସେହି ସ୍ଥାନରେ ସାଇନ୍ ବୋର୍ଡ ଖଣ୍ଡିଏ ବ୍ୟବହାର କରାଯାଇନାହିଁ। ଫଳରେ ଖାସ୍‌କରି ରାତ୍ରି ସମୟରେ ସେହି ରାସ୍ତାରେ ଯାତାୟତ କରୁଥିବା ଲୋକେ ନାହିଁ ନଥିବା ଅସୁବିଧାର ଶିକାର ହେଉଛନ୍ତି। କାଳବୈଶାଖି ପ୍ରଭାବରେ ହେଉଥିବା ବର୍ଷାରେ ସେହି ଡାଇଭର୍ସନରେ ଚାଲିକି ଯିବା କଷ୍ଟକର ହୋଇପଡୁଛି। ବହୁ ବାଇକ ଆରୋହୀ କାଦୁଅରେ ପଡି ବାଇକ ନଷ୍ଟ ହୋଇ ନିଜେ ମଧ ଖଣ୍ଡିଆ ଖାବରା ହେଉଛନ୍ତି। ଶନିବାର ଝରିଗାଁ ନିକଟରେ ରହିଥିବା ଡାଇଭର୍ସନରେ ଯାତାୟତ କରୁଥିବା ବାଇକ, ଅଟୋ, ବସ, ଟ୍ରକ୍,ଆମ୍ବୁଲାନ୍ସ ଭଳି ବହୁ ଗାଡି କାଦୁଅରେ ଫସି ଯାଇଥିବା ବେଳେ ପଥଚାରୀମାନେ ହଇରାଣ ହୋଇଥିଲେ। ଡାଇଭର୍ସନ ସକାଶେ ବ୍ୟାପକ ଟଙ୍କା ରହିଥିଲେ ମଧ ତାହା କାର୍ଯ୍ୟରେ ଆସୁନାହିଁ। ବର୍ଷାର ହେବାର ଆଗମନ ସୂଚନା ରହିଥିଲେ ମଧ ସମ୍ପୃକ୍ତ ଠିକାଦାର ଏବଂ ବିଭାଗୀୟ ଅଧିକାରୀଙ୍କ ମନମୁଖୀ ଯୋଗୁଁ ସାଧାରଣ ଲୋକେ ଅସୁବିଧାରେ ପଡୁଛନ୍ତି। ଏନେଇ ବିଭାଗୀୟ ନିର୍ବାହୀଯନ୍ତ୍ରୀ ପ୍ରଫୁଲ୍ଲ କୁମାର ମିଶ୍ରଙ୍କୁ ଯୋଗାଯୋଗ କରିବାରୁ ସେହି ଡାଇଭର୍ସନରେ ତୁରନ୍ତ ପଥର ଗୁଣ୍ଡ ସହ ବାଲି ପଡିବ ବୋଲି କହିଛନ୍ତି।

## ତମାଖୁ ବର୍ଜନ ପାଇଁ ଆହ୍ୱାନ

**ବ୍ରହ୍ମପୁର ଅଫିସ,୧୬**

ବ୍ରହ୍ମନଗର ପ୍ରଥମ ଲେନ୍‌ସ୍ଥିତ କ୍ରାନ୍ତି ଅନୁଷ୍ଠାନ ତରଫରୁ ବିଶ୍ୱ ତମାଖୁ ବର୍ଜନ ଦିବସ ଅବସରରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଖଲ୍ଲିକୋଟ କ୍ଲଷ୍ଟର ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଅନୁଷ୍ଠାନ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଡ. ଦେବାନନ୍ଦ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ବିଡ଼ିଏ ଅଧ୍ୟକ୍ଷ ସୁବାସ ମହାରଣା, ଲୋକ ସେବକ ମଣ୍ଡଳ ଆଜୀବନ ସଦସ୍ୟ ରାଜେନ୍ଦ୍ର କୁମାର ଜେନା, ଆଇଏସ୍‌ଆର୍‌ଡ଼ି ନିର୍ଦ୍ଦେଶକ ସୁଧୀର ସାବତ, କଲାମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ସମ୍ପାଦକ ସନ୍ତୋଷ କୁମାର ଜେନା, ବରିଷ୍ଠ ଚକ୍ଷୁ ବିଶେଷଜ୍ଞ ଡ. ନାଗେଶ୍ୱର ରାଓ ସୁବୁଦ୍ଧିଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ତମାଖୁ ବର୍ଜନ ଦିବସ ଅବସରରେ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ଏହି ଅବସରରେ ତମାଖୁ ବର୍ଜନ ଉପରେ ଏକ ସ୍ଲୋଗାନ୍ ପୋଷ୍ଟର୍ ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ନିର୍ମଳା ଦାଶ, ଦେବରାଜ ରାଉତ, ସୁଶିଲ୍ ପାଢ଼ୀ, ଅବିନାଶ ନାୟକ, କୃଷ୍ଣଚନ୍ଦ୍ର ଚୌଧୁରୀ, ଦେବବ୍ରତ ଗୌଡ଼, ଅରୁଣ କୁମାର ରଥ, ମୁକୁନ୍ଦ ସାହୁ, ଚର୍ଚ୍ଚିକା ଦାଶ, ଦିଲ୍ଲୀପ କୁମାର ମହାପାତ୍ର ଓ ଚିନ୍ମୟାନନ୍ଦ ଦାଶଙ୍କ ସମେତ କ୍ରାନ୍ତି ଅନୁଷ୍ଠାନର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ସଚେତନତା କାନ୍ଥରେ ଅତିଥିମାନେ ବାର୍ତ୍ତା ଲେଖୁଛନ୍ତି ।

## ଡ୍ରେନେଜ ସମସ୍ୟା ନେଇ କମିଶନରଙ୍କୁ ଦାବିପତ୍ର ପ୍ରଦାନ



ଦାବିପତ୍ର ପ୍ରଦାନ ଅବସରରେ ବିଏମ୍‌ସି କାର୍ଯ୍ୟାଳୟ ପରିସରରେ ଉପସ୍ଥିତ ଅଞ୍ଚଳବାସୀ ।

**ବ୍ରହ୍ମପୁର ଅଫିସ,୧୬**

ବ୍ରହ୍ମପୁର ମହାନଗର ନିଗମ(ବିଏମ୍‌ସି) ୧୪ ନଂ. ୱାର୍ଡ ଅନ୍ତର୍ଗତ ଅନ୍ନପୂର୍ଣ୍ଣା ନଗରରେ ଦୀର୍ଘ ଦିନ ଧରି ଡ୍ରେନ୍ ମରାମତି କାର୍ଯ୍ୟ ହେଉ ନ ଥିବା ନେଇ ଅଭିଯୋଗ ହୋଇଛି । ଏନେଇ ଅନ୍ନପୂର୍ଣ୍ଣା ନଗର ବାସିନ୍ଦା ଶନିବାର ବିଏମ୍‌ସି କମିଶନର ଚକ୍ରବର୍ତ୍ତୀ ସିଂ ରାଠୋରଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି । ସହରର ବିଭିନ୍ନ ଅଞ୍ଚଳରେ ଡ୍ରେନେଜ ସମସ୍ୟା ସୁଧାରିବାକୁ ନୂତନ ଡ୍ରେନ ସହ କଭର ସ୍ଲାବ ନିର୍ମାଣ କରାଯାଉଥିବା ବେଳେ ୧୪ ନଂ. ୱାର୍ଡ ଶାସ୍ତ୍ରୀନଗରଠାରୁ ଅନ୍ନପୂର୍ଣ୍ଣା ନଗର କୁଠାରୀ ମନ୍ଦିର ସାହିକୁ ସଂଯୋଗ କରୁଥିବା ଡ୍ରେନ୍‌ର ପୁନରୁଦ୍ଧାର କାର୍ଯ୍ୟରେ ଅବହେଳା କରାଯାଉଛି। ଫଳରେ ଡ୍ରେନ୍ ପାଣି ସାହିର ମୁଖ୍ୟରାସ୍ତାରେ ଜମି ରହୁଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏ ନେଇ ବହୁବାର ଅଭିଯୋଗ କରାଯାଇଥିଲେ ମଧ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଞ୍ଚଳବାସୀ କହିଛନ୍ତି। ବର୍ଷାଦିନ ପୂର୍ବରୁ ଡ୍ରେନ୍ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ସତ୍ୟ ସାହୁଙ୍କ ସମେତ ବହୁ ଅଞ୍ଚଳବାସୀ ଉପସ୍ଥିତ ଥିଲେ ।

■ ପରିଚାଳନା ବୋର୍ଡ ଡାଇରେକ୍ଟରଙ୍କ ଅଭିଯୋଗ

# ବ୍ରହ୍ମପୁର ସମବାୟ ଅର୍ବାନ ବ୍ୟାଙ୍କରେ ଅଚଳାବସ୍ଥା

**ବ୍ରହ୍ମପୁର ଅଫିସ,୧୬**

ବ୍ରିଟିଶ ଶାସନରେ ରେଶମ ସହର ମାନ୍ଦ୍ରାସ ପ୍ରେସିଡେନ୍ସି ଅଧୀନରେ ଥିଲା । କେତେକ ଉଚ୍ଚଶିକ୍ଷିତ ଓ ପ୍ରତିଷ୍ଠିତ ତେଲୁଗୁ ବ୍ୟକ୍ତିଙ୍କ ଉଦ୍ୟମରେ ୧୯୦୬ରେ ସହରାଞ୍ଚଳ ଲୋକଙ୍କ ସେବା ପାଇଁ ପ୍ରତିଷ୍ଠା କରାଯାଇଥିଲା ବ୍ରହ୍ମପୁର ସମବାୟ ଅର୍ବାନ ବ୍ୟାଙ୍କ । ୧୧୩ ବର୍ଷର ଏହି ବ୍ୟାଙ୍କରେ କେବଳ ଘର ବନ୍ଧକ ରଖି ସର୍ବାଧିକ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଲଗାଣ କରାଯାଉଛି। ସୁଧ ଅତ୍ୟଧିକ ହୋଇଥିଲେ ମଧ ଅତି କମ ଦିନରେ ଲୋକଙ୍କୁ ଋଣ ମିଳୁଛି। ବହୁବର୍ଷ ଧରି ଅର୍ବାନ ବ୍ୟାଙ୍କ ଘରୋଇ ଅନୁଷ୍ଠାନ ଭାବେ ଥିଲା ଏବଂ ବିନା ସରକାରୀ ସହାୟତାରେ ଏବେବି ଚାଲିଛି ବ୍ୟାଙ୍କ କାରବାର । ଅନ୍ୟପକ୍ଷରେ ୧୧୩ ବର୍ଷର ଏହି ପୁରାତନ ବ୍ୟାଙ୍କ ଶତବାର୍ଷିକୀ ପାଳନ କରିନାହିଁ । ବିଭିନ୍ନ ସମୟରେ ବହୁ ବିଶିଷ୍ଟ ବ୍ୟକ୍ତି ଏହି ସମବାୟ ଅନୁଷ୍ଠାନର ପରିଚାଳନା ବୋର୍ଡ ସଭାପତି ହୋଇଥିବା ନଜିର ଅଛି । ପ୍ରତି ୫ ବର୍ଷରେ ପରିଚାଳନା ବୋର୍ଡ ନିର୍ବାଚନ ହେଉଛି ।

ଏହି ପୁରାତନ ବ୍ୟାଙ୍କରେ ଦୀର୍ଘବର୍ଷରୁ ପୂର୍ଣ୍ଣକାଳୀନ ପ୍ରଶାସନିକ ଅଧିକାରୀ ବା ସମ୍ପାଦକ ନାହାନ୍ତି । ଜଣେ କର୍ମଚାରୀ ଭାରପ୍ରାପ୍ତ ସମ୍ପାଦକ ରୂପେ କାର୍ଯ୍ୟ ତୁଲାଉଛନ୍ତି । ଅପରପକ୍ଷରେ ମଞ୍ଜୁରୀପ୍ରାପ୍ତ ୪୭ କର୍ମଚାରୀଙ୍କ ପରିବର୍ତ୍ତେ ୩୨ ଜଣ ଅଛନ୍ତି । ମୁଖ୍ୟ ଶାଖା ଓ ସନ୍ଧ୍ୟା ଶାଖାରେ କର୍ମଚାରୀ ଅଭାବରୁ ଗ୍ରାହକଙ୍କୁ ଉପଯୁକ୍ତ ବ୍ୟାଙ୍କ ସେବା ଯୋଗାଇବା ସମ୍ଭବପର ହେଉନାହିଁ। ସରକାରୀ କଟକଣା ଲାଗି ରହିଥିବାରୁ ନୂଆ ନିଯୁକ୍ତିରେ ପ୍ରତିବନ୍ଧକ ଦେଖାଦେଇଛି। ଶନିବାର ଯୋଗାଯୋଗ ବେଳେ ବ୍ୟାଙ୍କ ସଭାପତି ଦୁର୍ଯ୍ୟୋଧନ ସ୍ୱାଇଁ ପୂର୍ଣ୍ଣକାଳୀନ ସମ୍ପାଦକ ନ ଥିବା ଏବଂ ଆବଶ୍ୟକ ମୁତାବକ କର୍ମଚାରୀ ଅଭାବକୁ ସ୍ୱୀକାର କରିଛନ୍ତି । ଏହାର ସମାଧାନ ପାଇଁ ତ୍ୱରିତ ପଦକ୍ଷେପ ନିଆଯିବାର ସେ ଦର୍ଶାଇଛନ୍ତି ।

ବ୍ରହ୍ମପୁର ପୌର ପରିଷଦର ପୂର୍ବତନ ନଗରପାଳ ଓ ବର୍ତ୍ତମାନ ଅର୍ବାନ ବ୍ୟାଙ୍କ ପରିଚାଳନା ବୋର୍ଡ ଡାଇରେକ୍ଟର ପି. ଭୀମୁଡୁଙ୍କ ଅଭିଯୋଗ ଅନୁଯାୟୀ ଦୀର୍ଘ ୮ ବର୍ଷ ହେବ ସମ୍ପାଦକ ପଦ ଖାଲି ପଡ଼ିଛି। ଫଳରେ ପ୍ରଶାସନିକ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି । ଋଣ ଲଗାଣ ଓ ଆଦାୟରେ ମଧ ପ୍ରତିବନ୍ଧକ ସୃଷ୍ଟି ହୋଇଛି। କର୍ମଚାରୀଙ୍କ ପଦୋନ୍ନତି ନେଇ ନିଷ୍ପତ୍ତି ନିଆଯାଇ ପାରୁନି । ଭାରପ୍ରାପ୍ତ ସମ୍ପାଦକ ରିସ୍କ ନେଇ କୌଣସି କାର୍ଯ୍ୟ କରିବାକୁ ଅମଙ୍ଗ ହେଉଛନ୍ତି। କେବଳ ସେତିକି ନୁହେଁ ଅନାଦାୟ ଋଣ ପରିମାଣ ବଢ଼ି ଚାଲିଛି। ଋଣ ଲଗାଣ ମଧ କମିବାରେ ଲାଗିଥିବାରୁ ବ୍ୟାଙ୍କ କାରବାର ମାନ୍ଦା ପଡ଼ିଯାଇଛି । ୨୦୧୭ ମେ ୨୨ରେ ସମବାୟ ବିଭାଗର ଉପନିବନ୍ଧକ ଏହି ବ୍ୟାଙ୍କ କାର୍ଯ୍ୟର ସମୀକ୍ଷା କରିଥିଲେ। ଭାରପ୍ରାପ୍ତ ସମ୍ପାଦକଙ୍କୁ ହଟାଇ ଯୋଗ୍ୟ କର୍ମଚାରୀଙ୍କୁ ସ୍ଥାୟୀ ସମ୍ପାଦକ ଭାବେ ନିଯୁକ୍ତି ଦେବା ପାଇଁ ଉପନିବନ୍ଧକ ନିର୍ଦ୍ଦେଶ ଦେଇଥିଲେ। ଏହାର ଦୁଇବର୍ଷ ବିତିଛି ଏବଂ ନିର୍ଦ୍ଦେଶ ଅଦ୍ୟାବଧି କାର୍ଯ୍ୟକାରୀ ହୋଇ ନ ଥିବା ଭୀମୁଡୁ ଅଭିଯୋଗ ବାଢ଼ିଛନ୍ତି । ୨୦୧୮ ସେପ୍ଟେମ୍ବରରେ ହୋଇଥିବା ପରିଚାଳନା ବୋର୍ଡ ବୈଠକରେ ସ୍ଥାୟୀ ସମ୍ପାଦକ ନିଯୁକ୍ତି ପାଇଁ ଗୃହୀତ ପ୍ରସ୍ତାବ ଅନୁମୋଦନ ଲାଗି ସରକାରଙ୍କୁ ପଠାଯାଇଛି। ତାହା ମଧ କାର୍ଯ୍ୟକାରୀ ହୋଇନଥିବା ସେ ଦର୍ଶାଇଛନ୍ତି । ବ୍ୟାଙ୍କର ଅଚଳାବସ୍ଥା ଦୂର କରାଯିବାକୁ ଭୀମୁଡୁ ଗୁରୁତ୍ୱାରୋପ କରିଛନ୍ତି ।

**ନାହାନ୍ତି ପୂର୍ଣ୍ଣକାଳୀନ ସମ୍ପାଦକ, ଖାଲି ପଡ଼ିଛି ୧୫ ପଦ**



ଇଭିଏମ୍-ଭିଭିପିଏଟି ବ୍ୟବସ୍ଥାକୁ ନେଇ ଲୋକମାନଙ୍କ ମନରେ ରହିଥିବା ସନ୍ଦେହକୁ ନିର୍ବାଚନ କମିଶନ ଦୂର କରିବା ଆବଶ୍ୟକ।

—ଏସ୍.ୱାଇ. କୁରେଶି, ପୂର୍ବତନ ସିଇସି

# ୫ ଜୀବନ ବଞ୍ଚାଇ ଭାସିଗଲେ ଗାଇଡ୍

**ଶ୍ରୀନଗର,୧।୬(ପି.ଟି.):** ଦୁଇ ବିଦେଶୀଙ୍କ ସମେତ ୫ ପର୍ଯ୍ୟଟକଙ୍କ ଜୀବନ ବଞ୍ଚାଇବା ପରେ ଜଣେ ଟୁରିଷ୍ଟ ଗାଇଡ୍ ନଦୀରେ ଭାସିଯାଇ ପ୍ରାଣ ହରାଇଛନ୍ତି। ଏଭଳି ଦୁଃଖଦ ଘଟଣା ଘଟିଛି ଜମ୍ମୁ-କଶ୍ମୀରସ୍ଥିତ ଅନନ୍ତନାଗ ଜିଲା ପହଲ୍‌ଗାମର ଏକ ରିସର୍ଟରେ। ଦକ୍ଷିଣ କଶ୍ମୀରର ମାଣ୍ଡୁରା ପହଲଗାମସ୍ଥିତ ରାଫ୍ଟିଙ୍ଗ୍ ପଏଣ୍ଟରେ ଶୁକ୍ରବାର ପର୍ଯ୍ୟଟକଙ୍କୁ ଏକ ରବର ବୋଟ୍‌ରେ ନେଇ ଗାଇଡ୍ ରୌଫ୍ ଅହମଦ ଦର ବାହାରିଥିଲେ। ନଈମଝିରେ ହଠାତ୍ ଖୁବ୍ ଜୋର୍‌ରେ ପବନ ବହିବାରୁ ଭେଳା ବୁଡ଼ିଯାଇଥିଲା। ରୌଫ୍ ନିଜ ଜୀବନକୁ ବାଜି ଲଗାଇ ବୁଡ଼ିଯାଉଥିବା ୫ ପର୍ଯ୍ୟଟକଙ୍କୁ ଉଦ୍ଧାର କରିଥିଲେ। ସେମାନଙ୍କୁ ସୁରକ୍ଷିତ ଭାବେ ସେ ବଞ୍ଚାଇଦେଇଥିଲେ।



ହେଲେ ନଦୀ ସ୍ରୋତରେ ନିଜେ ଭାସିଯାଇଥିଲେ। ଉଦ୍ଧାରକାରୀ ଦଳ ଆସି ରୌଫ୍‌ଙ୍କୁ ଖୋଜିବା ବେଳକୁ ଅନ୍ଧାର ହୋଇଯାଇଥିଲା। ଶନିବାର ସକାଳେ ସାହସୀ ଟୁରିଷ୍ଟ ଗାଇଡ୍‌ଙ୍କ ମୃତଦେହ ଭବାନୀ ବ୍ରିଜ୍ ନିକଟରୁ ମିଳିଛି। ତାଙ୍କର ଏହି ଦୁଃସାହସିକ କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି।

# ୫ ମହିଳାଙ୍କୁ ଚୁମ୍ବନ ଦେଲେ ଡୁଟେର୍ଟେ

**ଟୋକିଓ,୧।୬(ଆଇଏଏନ୍‌ଏସ୍ ):** ଫିଲିପାଇନ୍ସ ରାଷ୍ଟ୍ରପତି ରୋଡ୍ରିଗୋ ଡୁଟେର୍ଟେ ଏକ ବିଚିତ୍ର କାରନାମାକୁ ନେଇ ଏବେ ଚର୍ଚ୍ଚାରେ। ସେ ଜାପାନର ରାଜଧାନୀ ଟୋକିଓରେ ଏକ କାର୍ଯ୍ୟକ୍ରମରେ ଭାଷଣ ଦେବାବେଳେ ମଞ୍ଚ ଉପରେ ଲଗାତର ୫ ମହିଳାଙ୍କୁ ଚୁମ୍ବନ ଦେଇଛନ୍ତି। ସେହି ସୁନ୍ଦରୀ ମହିଳାମାନେ ତାଙ୍କୁ ଗେ (ପୁରୁଷ ସମଲିଙ୍ଗୀ) ସମସ୍ୟାରୁ ମୁକ୍ତିପାଇବା ପାଇଁ ସାହାଯ୍ୟ କରିଥିବା ଡୁଟେର୍ଟେ ପ୍ରକାଶ କରିଛନ୍ତି। ୪ ଦିନିଆ ଜାପାନ ଗସ୍ତରେ ଥିବା ୭୪ ବର୍ଷୀୟ ଡୁଟେର୍ଟେ ଗୁରୁବାର ଟୋକିଓରେ ଫିଲିପିନୋ ସମୁଦାୟକୁ ସମ୍ବୋଧିତ କରୁଥିଲେ। ମଞ୍ଚରେ ତାଙ୍କ ସହ ଉପସ୍ଥିତ ଥିଲେ ନିଜ ଦୀର୍ଘକାଳୀନ ସଙ୍ଗିନୀ। କାର୍ଯ୍ୟକ୍ରମ ଶେଷରେ ଡୁଟେର୍ଟେ ମଞ୍ଚ ନିକଟରେ ବସିଥିବା ମହିଳା 'ସ୍ୱେଚ୍ଛାସେବୀମାନଙ୍କୁ' ଚୁମ୍ବନର ପ୍ରସ୍ତାବ ଦେଇଥିଲେ। ପ୍ରଥମ ମହିଳା ତାଙ୍କୁ ଓଠରେ ଚୁମ୍ବନ ଦେବା ପାଇଁ କୁଣ୍ଠାବୋଧ କରିଥିଲେ। ଗାଲରେ ଚୁମ୍ବନ ଦେବା ପରେ ସେ ମଞ୍ଚ ଛାଡ଼ି ଚାଲିଯାଇଥିଲେ। ଡାଭାଓ ବାସିନ୍ଦା ଦ୍ୱିତୀୟ ମହିଳା ଏଭଳି ବିରଳ ସୁଯୋଗ ପାଇଥିବାରୁ ତାଙ୍କ ଆଖି ଛଳଛଳ ହୋଇଯାଇଥିଲା। ସେ ଡୁଟେର୍ଟେଙ୍କ ଥୋଡିରେ ଚୁମା ଦେଇଥିଲେ। ଏହା ପରେ ଜଣ ଜଣ କରି ଆଉ ୩ ମହିଳା ତାଙ୍କୁ ଚୁମ୍ବନ ଦେଇଥିଲେ। ଡୁଟେର୍ଟେ ମଧ ସେହି ୫ ମହିଳାଙ୍କୁ ଚୁମ୍ବନ ଦେଇଥିଲେ। ଏହି ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଖିଆଲି ସ୍ୱଭାବର ଏହି ରାଷ୍ଟ୍ରପତି କହିଥିଲେ, ସୁନ୍ଦରୀ ମହିଳାମାନେ ତାଙ୍କୁ ସମଲିଙ୍ଗୀ ହେବାରୁ ରକ୍ଷା କରିଛନ୍ତି। ପ୍ରକାଶ ଯେ, ୨୦୧୮ ଜୁନ୍‌ରେ ଡୁଟେର୍ଟେ ଦକ୍ଷିଣ କୋରିଆ ରାଜଧାନୀ ସିଓଲରେ ଫିଲିପାଇନ୍ସର ଜଣେ ବିବାହିତାଙ୍କୁ ଚୁମ୍ବନ ଦେଇ ବିବାଦୀୟ ହୋଇଥିଲେ।



# ମୁଖ୍ୟସ୍ରୋତକୁ ଫେରିଲେ ୫ ଆତଙ୍କବାଦୀ

**ଶ୍ରୀନଗର,୧।୬(ପି.ଟି.):** ଆତଙ୍କବାଦରେ ଜର୍ଜରିତ ଜମ୍ମୁ-କଶ୍ମୀରରୁ ଶନିବାର ଏକ ଭଲ ଖବର ଆସିଛି। କୁଲଗାମ ଜିଲାର ୫ ଆତଙ୍କବାଦୀ ଅସ୍ତ୍ରତ୍ୟାଗ କରି ସମାଜର ମୁଖ୍ୟସ୍ରୋତକୁ ଫେରିଛନ୍ତି। ବିଭିନ୍ନ ଆତଙ୍କବାଦୀ ସଙ୍ଗଠନରେ ସାମିଲ ହୋଇଥିବା ୫ ଯୁବକଙ୍କୁ ମୁଖ୍ୟସ୍ରୋତକୁ ଫେରାଇ ଆଣିବା ଲାଗି ସେମାନଙ୍କ ପରିବାର ଓ ପୋଲିସ ପକ୍ଷରୁ ଉଦ୍ୟମ କରାଯାଇଥିଲା, ଯାହାକି ସଫଳ ହୋଇଛି। ତେବେ ସୁରକ୍ଷା କାରଣରୁ ପୋଲିସ ସେମାନଙ୍କ ପରିଚୟ ଗୋପନ ରଖିଛି। ପୁଲ୍‌ୱାମା ଆକ୍ରମଣ ପରେ ସୁରକ୍ଷା ବଳ ପକ୍ଷରୁ ଚାଲିଥିବା ମିଳିତ ଅପରେଶନରେ ଶତାଧିକ ଆତଙ୍କବାଦୀ ନିହତ ହେଲେଣି, ଯାହାଙ୍କ ମଧ୍ୟରୁ ୫ ଜଣ ଶୁକ୍ରବାର ପ୍ରାଣ ହରାଇଥିଲେ। ଆତଙ୍କବାଦୀଙ୍କୁ ଅସ୍ତ୍ରତ୍ୟାଗ ପାଇଁ ପୋଲିସ ଓ ସେନା ଚଳାଇଥିବା ଉଦ୍ୟମକୁ ପ୍ରଶଂସା କରାଯାଉଛି।



# କଂଗ୍ରେସ ପାଇଁ ଆତ୍ମସମୀକ୍ଷାର ବେଳ

ନୂଆଦିଲ୍ଲୀ,୧।୬



କଂଗ୍ରେସ ସଂସଦୀୟ ଦଳ ବୈଠକରେ ଅଧ୍ୟକ୍ଷ ରାହୁଲ ଗାନ୍ଧୀ।

**୫ ବର୍ଷରେ ବଢ଼ିଛି ୮ ଆସନ**

୨୦୦୪ରୁ ୨୦୧୪ ଉପା ସରକାରର ମଙ୍ଗ ଧରିଥିବା କଂଗ୍ରେସ ଏବେ ବିପର୍ଯ୍ୟସ୍ତ। ଦୀର୍ଘଦିନ କ୍ଷମତାରୁ ଦୂରେଇ ରହି ସତେ ଯେପରି ଏହି ସର୍ବପୁରାତନ ଦଳ ସ୍ଥାଣୁ ପାଲଟିଯାଇଛି। କଂଗ୍ରେସ ପାଖରେ ନା ଅସଲ ପ୍ରସଙ୍ଗ ଅଛି ନା ନିର୍ଣ୍ଣାୟକ ନେତୃତ୍ୱ ନେବା ଭଳି ବ୍ୟକ୍ତିତ୍ୱ। ସମ୍ଭବତଃ ଏଥିପାଇଁ କଂଗ୍ରେସ ଜାତୀୟ ରାଜନୀତିରେ ଏକପ୍ରକାର ବାଟବଣା ହେଲା ଭଳି ମନେହେଉଛି। ଉପଯୁକ୍ତ ନୀତି ଓ ରଣନୀତି ନ ଆପଣାଇଲେ ଦଳର ସାଙ୍ଗଠନିକ ସ୍ଥିତି ଆହୁରି ଦୋହଲିଯାଇପାରେ ବୋଲି କୁହାଯାଉଛି।

୨୦୧୪ ସାଧାରଣ ନିର୍ବାଚନରେ କଂଗ୍ରେସକୁ ମାତ୍ର ୪୪ ଆସନ ମିଳିଥିଲା। କେନ୍ଦ୍ରରେ ଉପା ସରକାର ୧୦ ବର୍ଷ ରହିବା ପରେ ସେତେବେଳେ ଲୋକେ ପରିବର୍ତ୍ତନ ଚାହିଁଥିଲେ। ଦେଶରେ ଉପା ସରକାର ବିରୋଧୀ ମନୋଭାବ ସାଙ୍ଗକୁ ନରେନ୍ଦ୍ର ମୋଦିଙ୍କ ସପକ୍ଷରେ ଲହର ସୃଷ୍ଟି ହୋଇଥିଲା। ଫଳରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ୩୦୦ରୁ ଊର୍ଦ୍ଧ୍ୱ ଆସନରେ ବିଜୟୀ ହୋଇ ସରକାର ଗଢ଼ିଥିଲା। ତେବେ ଏନ୍‌ଡିଏ କ୍ଷମତାରେ ରହିବାର ୫ ବର୍ଷ ପରେ ମଧ ୨୦୧୯ ନିର୍ବାଚନରେ ସରକାର ବିରୋଧୀ ପ୍ରସଙ୍ଗଗୁଡ଼ିକୁ ଜନସାଧାରଣଙ୍କ ସାମନାକୁ ଆଣି ସେଗୁଡ଼ିକୁ ଭୋଟରେ ବଦଳାଇବାରେ କଂଗ୍ରେସ ବିଫଳ ହେଲା। ଅନ୍ୟ ପ୍ରସଙ୍ଗଗୁଡ଼ିକରୁ ଦୂରେଇ ଯାଇ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ କେବଳ ରାଫାଲ ପ୍ରସଙ୍ଗକୁ ନେଇ ନିର୍ବାଚନୀ ସଭାଗୁଡ଼ିକରେ ବାରମ୍ବାର ମୋଦିଙ୍କୁ ଚୋର କହିବା କଥାକୁ ସାଧାରଣ ଲୋକେ ଗ୍ରହଣ କଲେନି। ଏହା ବ୍ୟତୀତ ନ୍ୟାୟ ଯୋଜନାରେ ଗରିବ ପରିବାରକୁ ବର୍ଷକୁ ୭୨ ହଜାର ଟଙ୍କା ଯୋଗାଇଦେବା ଲାଗି କଂଗ୍ରେସର ପ୍ରତିଶ୍ରୁତିକୁ ଲୋକେ ବିଶ୍ୱାସକୁ ନେଲେ ନାହିଁ। କୃଷି ସମସ୍ୟା, ବେକାରି, ବିମୁଦ୍ରୀକରଣ ଏବଂ ଜିଏସ୍‌ଟି ପରବର୍ତ୍ତୀ ଆର୍ଥିକ ଅବନତି ଆଦି ସାଧାରଣ ଜନତାଙ୍କୁ ପ୍ରଭାବିତ କରିବା ଭଳି ପ୍ରସଙ୍ଗରେ ନରେନ୍ଦ୍ର ମୋଦି ସରକାରଙ୍କ ବିଫଳତାକୁ ନେଇ କଂଗ୍ରେସ ଲୋକଙ୍କ ପାଖରେ ପହଞ୍ଚି ପାରିଲା ନାହିଁ। ଫଳରେ ୫ ବର୍ଷର ସୁଯୋଗ ପାଇ ମଧ କଂଗ୍ରେସ ଲୋକ ସଭାରେ ମାତ୍ର ୮ ଆସନ ବଢ଼ାଇବାରେ ସକ୍ଷମ ହେଲା। ଏପରିକି ଗାନ୍ଧୀ ପରିବାରର ପାରମ୍ପରିକ ଆସନ ଉତ୍ତରପ୍ରଦେଶର ଅମେଠିରେ ମଧ ଦଳ ଅଧ୍ୟକ୍ଷ ରାହୁଲଙ୍କୁ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଲା। କ୍ଷମତାକୁ ଫେରିବା ଲାଗି ଲକ୍ଷ୍ୟ ରଖିଥିବା କଂଗ୍ରେସ ମାତ୍ର ୫୨ ଆସନରେ ସୀମିତ ରହିଲା। ୨୦୧୯ ଲୋକ ସଭା ନିର୍ବାଚନରେ କଂଗ୍ରେସର ଶୋଚନୀୟ ପ୍ରଦର୍ଶନ ପରେ ଏବେ ଦଳର ନୀତି, ରଣନୀତି ଓ କାର୍ଯ୍ୟଧାରାର ସମୀକ୍ଷା ଜରୁରୀ ହୋଇପଡ଼ିଛି ବୋଲି ରାଜନୈତିକ ବିଶେଷଜ୍ଞମାନେ ମତ ଦେଇଛନ୍ତି।

ଅମେଠିରେ ରାହୁଲଙ୍କ ପରାଜୟର ସମୀକ୍ଷା କରୁଛି କଂଗ୍ରେସ। ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀଙ୍କ ରାଜନୈତିକ କାର୍ଯ୍ୟକୁ ଅନୁଧ୍ୟାନ କରୁଥିବା ଜୁବେର ଖାନ୍ ଏବଂ ସୋନିଆ ଗାନ୍ଧୀଙ୍କ ପାଇଁ ପ୍ରତିନିଧିତ୍ୱ କରୁଥିବା କିଶୋରୀଲାଲ ଶର୍ମା କିଛିଦିନ ହେଲା ଅମେଠିରେ ରହି ପରିସ୍ଥିତିର ଅନୁଧ୍ୟାନ କରୁଛନ୍ତି। ତେବେ କେବଳ ଅମେଠି ପରାଜୟ ନୁହେଁ, ସାରା ଦେଶରେ ଦଳ ସମ୍ମୁଖୀନ ହୋଇଥିବା ବିପର୍ଯ୍ୟୟର ସମୀକ୍ଷା ହେବା ଦରକାର ବୋଲି ରାଜନୈତିକ ପଣ୍ଡିତମାନେ କହିଛନ୍ତି।

## କଂଗ୍ରେସ ଲଢ଼ି ନ ପାରେ ୟୁପି ଉପନିର୍ବାଚନ

ଲକ୍ଷ୍ନୌ,୧।୬(ଆଇଏଏନ୍‌ଏସ୍)

ଉତ୍ତରପ୍ରଦେଶ (ୟୁପି)ର ୧୧ଟି ବିଧାନସଭା ଆସନରେ ଉପନିର୍ବାଚନ ହେବାକୁ ଥିବାବେଳେ ସେଥିରେ କଂଗ୍ରେସ ପ୍ରତିଦ୍ୱନ୍ଦ୍ୱିତା କରି ନ ପାରେ ବୋଲି ଜଣାପଡ଼ିଛି। ୟୁପିର ୧୧ ବିଧାୟକ ଲୋକ ସଭାକୁ ନିର୍ବାଚିତ ହୋଇଥିବାରୁ ସେଠାରେ ଉପନିର୍ବାଚନ ଆବଶ୍ୟକ ପଡୁଛି। ବୁଥ୍ ସ୍ତରରେ ଦଳୀୟ ସଂଗଠନ ମଜଭୁତ ନ ହେବା ପର୍ଯ୍ୟନ୍ତ ଉପନିର୍ବାଚନ ଲଢ଼ିବାରୁ କଂଗ୍ରେସ ଦୂରେଇ ରହିବା ଉଚିତ ବୋଲି ଅଧିକାଂଶ ଦଳୀୟ ନେତା ଅନୁଭବ କରୁଛନ୍ତି। ନିର୍ବାଚନ ଲଢ଼ିବା ପୂର୍ବରୁ ଦଳୀୟ ସଂଗଠନକୁ ମଜଭୁତ କରି ଗଢ଼ିବା ଉପରେ ମନୋନିବେଶ କରିବା ଲାଗି କେତେଜଣ ପୂର୍ବତନ କଂଗ୍ରେସ ବିଧାୟକ ଏବଂ ନେତା ରାହୁଲ ଗାନ୍ଧୀଙ୍କୁ ପତ୍ର ଲେଖି ଜଣାଇଛନ୍ତି। ରାଜ୍ୟ ବିଧାନସଭାରେ ଭାଜପା ପୂର୍ଣ୍ଣ ସଂଖ୍ୟାଗରିଷ୍ଠ ଥିବାରୁ ଉପନିର୍ବାଚନ ଫଳାଫଳ ବିଶେଷ କିଛି ପ୍ରଭାବ ପକାଇବ ନାହିଁ। ଅନ୍ୟପକ୍ଷରେ କଂଗ୍ରେସ ଯଦି ଭଲ ନ କରେ ତେବେ ଏହାକୁ ଅଧିକ ସମାଲୋଚିତ ହେବାକୁ ପଡିବ ବୋଲି ସେମାନେ କହିଛନ୍ତି। ଉପନିର୍ବାଚନ ପରିବର୍ତ୍ତେ ୨୦୨୨ ବିଧାନସଭା ନିର୍ବାଚନ ଲାଗି କଂଗ୍ରେସ ପ୍ରସ୍ତୁତି ଆରମ୍ଭ କରିବାକୁ ସେମାନେ ପରାମର୍ଶ ଦେଇଛନ୍ତି।

# ପ୍ରତିଭାଙ୍କୁ ମେକ୍ସିକୋର ସର୍ବୋଚ୍ଚ ସମ୍ମାନ

ପୁଣେ,୧।୬(ଆଇଏଏନ୍‌ଏସ୍)



ଭାରତର ପୂର୍ବତନ ରାଷ୍ଟ୍ରପତି ପ୍ରତିଭା ପାଟିଲଙ୍କୁ ଶନିବାର ମେକ୍ସିକୋର ସର୍ବୋଚ୍ଚ ବେସାମରିକ ସମ୍ମାନ 'ଅର୍ଡନ୍ ମେକ୍ସିକାନା ଡେଲ୍ ଆଗୁଇଲା ଆଜ୍‌ଟେକା'ରେ ସମ୍ମାନିତ କରାଯାଇଛି। ବିଦେଶୀମାନଙ୍କୁ ମେକ୍ସିକୋ ସରକାର ଏହି ପୁରସ୍କାର ପ୍ରଦାନ କରିଥାନ୍ତି। ପୁଣେର ଏମ୍‌ସିସିଆଇଏ ଭବନରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ଦେଶର ପ୍ରଥମ ମହିଳା ରାଷ୍ଟ୍ରପତି ପ୍ରତିଭାଙ୍କୁ ମେକ୍ସିକୋ ରାଷ୍ଟ୍ରଦୂତ ମେଲବା ପ୍ରିଆ ଏହି ସମ୍ମାନ ପ୍ରଦାନ କରିଥିଲେ। ଏଭଳି ପୁରସ୍କାର ପାଇବାରେ ପ୍ରତିଭା ହେଉଛନ୍ତି ଦେଶର ଦ୍ୱିତୀୟ ରାଷ୍ଟ୍ରପତି। ଏହା ପୂର୍ବରୁ ଦିବଂଗତ ରାଷ୍ଟ୍ରପତି ଏସ୍. ରାଧାକ୍ରିଷ୍ଣନଙ୍କୁ ମେକ୍ସିକୋର ସର୍ବୋଚ୍ଚ ବେସାମରିକ ସମ୍ମାନ ପ୍ରଦାନ କରାଯାଇଥିଲା। ଏହାବ୍ୟତୀତ ନୋବେଲ ବିଜେତା ଅମର୍ତ୍ତ୍ୟ ସେନ୍, ଖ୍ୟାତନାମା ଚିତ୍ରକର ସତୀଶ ଗୁଜରାଲ, ଶିଳ୍ପପତି ରଘୁପତି ସିଂଘାଣିଆ ପ୍ରମୁଖ ଏହି ପୁରସ୍କାର ପାଇଛନ୍ତି।



କୋଲକାତାର ଆଲିପୁର ପ୍ରାଣୀ ଉଦ୍ୟାନରେ ଗ୍ରୀଷ୍ମ ପ୍ରବାହ ଦାଉରୁ ରକ୍ଷା ପାଇବା ପାଇଁ ହାତୀ ନିଜ ଉପରେ ପାଣି ଛିଞ୍ଚୁଛି।

# 'ଜୟ ଶ୍ରୀରାମ' ସ୍ଲୋଗାନରୁ ହିଂସା

କୋଲକାତା,୧।୬(ଆଇଏଏନ୍‌ଏସ୍)

ପଶ୍ଚିମବଙ୍ଗର ଉତ୍ତର ୨୪ ପ୍ରଗଣା ଜିଲା କାଞ୍ଚରାପଡାରେ ବିକ୍ଷୋଭବେଳେ 'ଜୟ ଶ୍ରୀରାମ' ସ୍ଲୋଗାନକୁ ନେଇ ହିଂସାକାଣ୍ଡ ଘଟିଛି। ଉକ୍ତ ଅଞ୍ଚଳରେ ତୃଣମୂଳ କଂଗ୍ରେସର ଏକ ସଭା ହେବାକୁ ଥିବାବେଳେ ଭାଜପା ସମର୍ଥକ ରାସ୍ତା ଅବରୋଧ କରି ଜୟ ଶ୍ରୀରାମ ସ୍ଲୋଗାନ ଦେବାରୁ ସଂଘର୍ଷର ସୂତ୍ରପାତ ହୋଇଥିଲା। ଭାଜପା ସମର୍ଥକଙ୍କୁ ଘଉଡାଇବାକୁ ଯାଇ ପୋଲିସ ଲାଠିଚାଳନା କରିଥିଲା। ଟିଏମ୍‌ସି ନେତା ଏବଂ କେତେଜଣ ମନ୍ତ୍ରୀ ଅତିକ୍ରମ କରିବାକୁ ଥିବା ରାସ୍ତାକୁ ଭାଜପା କର୍ମୀମାନେ ଅବରୋଧ ଉଦ୍ୟମ କରିଥିଲେ। ପୋଲିସ ସେମାନଙ୍କୁ ବୁଝାଶୁଝା କରି ସେଠାରୁ ହଟାଇବାରେ ବିଫଳ ହୋଇଥିଲା। ପରେ ସ୍ଥିତି ନିୟନ୍ତ୍ରଣ ଲାଗି ଦ୍ରୁତ କାର୍ଯ୍ୟାନୁଷ୍ଠାନ ବାହିନୀ (ଆର୍‌ଏଏଫ୍)କୁ ମୁତୟନ କରାଯାଇଥିଲା। ମୁକୁଲ ରୟଙ୍କ ପୁଅ ଶୁଭ୍ରାଂଶୁ ଭାଜପାରେ ଯୋଗ ଦେବା ପରେ କାଞ୍ଚରାପଡା ଥାନା ଅଞ୍ଚଳରେ ଥିବା ତାଙ୍କ କାର୍ଯ୍ୟାଳୟକୁ ଟିଏମ୍‌ସି ଅକ୍ତିଆର ପାଇଁ ଉଦ୍ୟମ କରୁଛି।

# ଦାୟିତ୍ୱ ନେଲେ ଶାହ, ରାଜନାଥ

ନୂଆଦିଲ୍ଲୀ,୧।୬(ପି.ଟି.)

କେନ୍ଦ୍ରମନ୍ତ୍ରୀ ଭାବେ ଶପଥ ନେବାର ଦୁଇଦିନ ପରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଶନିବାର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଦାୟିତ୍ୱ ନେଇଛନ୍ତି। ସେହିପରି ପ୍ରତିରକ୍ଷା ମନ୍ତ୍ରୀ ଭାବେ ବରିଷ୍ଠ ନେତା ରାଜନାଥ ସିଂ ମଧ ଦାୟିତ୍ୱ ଗ୍ରହଣ କରିଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ନର୍ଥ ବ୍ଲକ୍ କାର୍ଯ୍ୟାଳୟରେ ବିଭାଗୀୟ ସଚିବ ରାଜୀବ ଗୌବେ, ଗୋଇନ୍ଦା ବ୍ୟୁରୋ ମୁଖ୍ୟ ରାଜୀବ ଜୈନ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଶାହଙ୍କୁ ସ୍ୱାଗତ କରିଥିଲେ। ସ୍ୱରାଷ୍ଟ୍ର ବିଭାଗର ଦୁଇ ରାଷ୍ଟ୍ରମନ୍ତ୍ରୀ ଜି.କେ. ରେଡ୍ଡୀ ଏବଂ ନିତ୍ୟାନନ୍ଦ ରାୟ ମଧ ଶନିବାର ଦାୟିତ୍ୱ



ନୂଆଦିଲ୍ଲୀସ୍ଥିତ ନର୍ଥ ବ୍ଲକ୍‌ରେ କାର୍ଯ୍ୟଭାର ଗ୍ରହଣ କରିବା ପରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହଙ୍କ ମନ୍ତ୍ରଣାଳୟର ଦୁଇ ରାଷ୍ଟ୍ରମନ୍ତ୍ରୀ ଜି. କିଷନ ରେଡ୍ଡୀ (ବାମ) ଓ ନିତ୍ୟାନନ୍ଦ ରୟ (ଡାହାଣ) ।

ଗ୍ରହଣ କରିଥିବା ଜଣାପଡିଛି। ଏନ୍‌ଡିଏ ସରକାରର ଆତଙ୍କବାଦକୁ ବରଦାସ୍ତ କରା ନ ଯିବା ଏବଂ ବେଆଇନ ଆପ୍ରବାସନ ରୋକିବା ନୀତିକୁ ଶାହ ପ୍ରାଥମିକତା ଦେବେ ବୋଲି ଆଶା କରାଯାଉଛି।

ଦାୟିତ୍ୱ ଗ୍ରହଣ ପରେ ରାଜନାଥଙ୍କୁ ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ ଶ୍ରୀପଦ ନାଏକ, ସଚିବ ସଞ୍ଜୟ ମିତ୍ର ଏବଂ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ରାଜନାଥଙ୍କୁ ଭବ୍ୟ ସ୍ୱାଗତ କରିଥିଲେ। ପରେ ରାଜନାଥ ପ୍ରତିରକ୍ଷା ବିଭାଗର ଏକ ଉଚ୍ଚସ୍ତରୀୟ ବୈଠକରେ ଯୋଗଦେଇଥିଲେ। ଏଥି ସହିତ ସେ ସ୍ଥଳସେନା ମୁଖ୍ୟ ଜେନେରାଲ ବିପିନ ରାୱତ, ବାୟୁସେନା ମୁଖ୍ୟ ବି.ଏସ୍. ଧନୋଆ ଏବଂ ନବନିଯୁକ୍ତ ନୌସେନା ମୁଖ୍ୟ କରମ୍‌ବୀର ସିଂଙ୍କ ସହ ବୈଠକ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ପରିବେଶ ମନ୍ତ୍ରୀ ପ୍ରକାଶ ଜାଭଡେକର ଶନିବାର ନିଜ ମନ୍ତ୍ରଣାଳୟର ଦାୟିତ୍ୱ ନେଇଛନ୍ତି। ପରିବେଶର ସୁରକ୍ଷା ଏବଂ ଉନ୍ନତିକୁ ସେ ପ୍ରାଧାନ୍ୟ ଦେବେ ବୋଲି କହିଛନ୍ତି।

# ୧୨ ଜଣଙ୍କୁ ହତ୍ୟାକଲେ ଅସନ୍ତୁଷ୍ଟ କର୍ମଚାରୀ

ୱାଶିଂଟନ,୧।୬(ପି.ଟି.)



ଡ୍ୱେନ୍ କ୍ରାଡୋକ୍

ଆମେରିକାର ଭର୍ଜିନିଆସ୍ଥିତ ଏକ ମ୍ୟୁନିସିପାଲ ସେଣ୍ଟର ବିଲ୍ଡିଂରେ ଜଣେ ଅସନ୍ତୁଷ୍ଟ କର୍ମଚାରୀ ଆଖିବୁଜା ଗୁଳିବର୍ଷା କରି ୧୨ ଜଣଙ୍କ ଜୀବନ ନେଇଛନ୍ତି। ତାଙ୍କ ଗୁଳିମାଡ଼ରେ ଅନ୍ୟ ୬ ଜଣ ଆହତ ହୋଇଛନ୍ତି। ପୋଲିସ ସହ ଗୁଳି ବିନିମୟ ବେଳେ ଆକ୍ରମଣକାରୀ ନିହତ ହୋଇଛନ୍ତି। ଭର୍ଜିନିଆ ବିଚ୍‌ର ପବ୍ଲିକ୍ ୟୁଟିଲିଟି ଡିପାର୍ଟମେଣ୍ଟରେ ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିବା ୪୦ ବର୍ଷୀୟ ଡ୍ୱେନ୍ କ୍ରାଡୋକ୍ ଶନିବାର ଅପରାହ୍ନ ୪ଟାରେ ନିଜ ସହକର୍ମୀମାନଙ୍କ ଉପରେ ଅବିଚାରିତ ଭାବେ ଗୁଳି ଚଳାଇଥିଲେ। ଚାହୁଁ ଚାହୁଁ ଭୟ ଓ ଆତଙ୍କରେ ଯିଏ ଯୁଆଡେ ପଳାଇବାରେ ଲାଗିଲେ। ଇତିମଧ୍ୟରେ ୧୨ ଜଣଙ୍କ ପ୍ରାଣହାନି ଘଟିସାରିଥିଲା। ଶେଷରେ ଡ୍ୱେନ୍ ପୋଲିସ ଗୁଳିରେ ଟଳିପଡ଼ିଥିଲେ। ତାଙ୍କ ମୃତଦେହ ନିକଟରୁ ଏକ ୪୫ କାଲିବର ସେମିଅଟୋମେଟିକ୍ ହ୍ୟାଣ୍ଡଗନ୍ ଉଦ୍ଧାର କରାଯାଇଛି। ଏହାକୁ ଚଳିତବର୍ଷର ସବୁଠୁ ଘାତକ ଆକ୍ରମଣ ବୋଲି ଭର୍ଜିନିଆ ବିଚ୍ ପୋଲିସ ମୁଖ୍ୟ ଜେମ୍ସ ଏ. ସର୍ଭେରା ଅଭିହିତ କରିଛନ୍ତି।

ଇତିହାସର ଆଇନାରେ

## ଜୁନ୍ ୨ର ପ୍ରମୁଖ ଘଟଣା

୧୯୭୯ ଜୁନ୍ ୨ରେ ପୋପ୍ ଜନ୍ ପଲ୍ ଦ୍ୱିତୀୟ ପୋଲାଣ୍ଡ ଗସ୍ତ କରିଥିଲେ। ଏକ କମ୍ୟୁନିଷ୍ଟ ଦେଶ ଗସ୍ତ କରିବାରେ ହେଉଛନ୍ତି ପ୍ରଥମ ପୋପ୍। ୧୯୭୮ରୁ ୨୦୦୫ ମଧ୍ୟରେ ସେ କ୍ୟାଥଲିକ୍ ଚର୍ଚ୍ଚ ମୁଖ୍ୟ ଥିଲେ।

୨୦୧୨ ଜୁନ୍ ୨ରେ ଇଜିପ୍ଟର ପୂର୍ବତନ ରାଷ୍ଟ୍ରପତି ହୋସ୍‌ନି ମୁବାରକଙ୍କୁ ଆଜୀବନ କାରାଦଣ୍ଡାଦେଶ ହୋଇଥିଲା। ୨୦୧୧ରେ ଇଜିପ୍ଟରେ ବିପ୍ଳବ ବେଳେ କେତେକ ବିକ୍ଷୋଭକାରୀଙ୍କୁ ହତ୍ୟା କରିବାରେ ତାଙ୍କର ମୁଖ୍ୟ ଭୂମିକା ଥିବା ଅଭିଯୋଗରେ ତାଙ୍କୁ ଏହି ଦଣ୍ଡ ମିଳିଥିଲା।



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବ।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘୁଆ ରହିବା ସହିତ ଅପରାହ୍ନରେ ବର୍ଷା ହେବା ସମ୍ଭାବନା ଅଛି। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୬ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୫.୬ | ୨୧.୦ |
| ଚାନ୍ଦବାଲି | ୩୯.୧ | ୨୬.୬ |
| କଟକ | ୩୬.୦ | ୨୪.୦ |
| ପାରାଦ୍ୱୀପ | ୩୨.୬ | ୨୫.୯ |
| ଭୁବନେଶ୍ୱର | ୩୫.୬ | ୨୨.୯ |
| ଗୋପାଳପୁର | ୩୨.୦ | ୨୫.୯ |
| ପୁରୀ | ୩୪.୨ | ୨୩.୮ |
| ଅନୁଗୋଳ | ୪୨.୧ | ୨୧.୬ |
| ବାରିପଦା | ୩୬.୦ | ୨୩.୫ |
| ଝାରସୁଗୁଡ଼ା | ୪୨.୬ | ୨୬.୬ |
| କେନ୍ଦୁଝର | ୩୭.୬ | ୨୨.୬ |
| ସମ୍ବଲପୁର | ୪୨.୦ | ୨୬.୮ |
| ସୁନ୍ଦରଗଡ଼ | ୪୦.୦ | ୨୩.୦ |
| ହୀରାକୁଦ | ୪୧.୬ | ୨୭.୧ |
| ତାଳଚେର | ୪୦.୫ | ୨୭.୩ |
| ଭବାନୀପାଟଣା | ୪୦.୦ | ୨୩.୫ |
| ବଲାଙ୍ଗୀର | ୪୦.୦ | ୨୫.୫ |
| କୋରାପୁଟ | ୩୫.୦ | ୧୮.୬ |
| ଫୁଲବାଣୀ | ୩୯.୦ | ୨୩.୨ |
| ଟିଟିଲାଗଡ଼ | ୪୦.୦ | ୨୧.୫ |
| ମାଲକାନଗିରି | ୩୯.୬ | ୨୩.୪ |
| ସୋନପୁର | ୪୦.୨ | ୨୪.୦ |
| ଦାରିଙ୍ଗିବାଡ଼ି | ୩୫.୦ | ୨୦.୧ |

ଡିଗ୍ରୀ ସେଲ୍‌ସିୟସ୍

# ୧୪ରେ ରିଲିଜ ହେବ 'ଗେମ୍ ଓଭର'

**ମୁମ୍ବାଇ:** ଆଗାମୀ ବହୁଭାଷିକ ଥ୍ରିଲର 'ଗେମ୍ ଓଭର' ରିଲିଜ ଅପେକ୍ଷାରେ ବଲିଉଡ୍ ଅଭିନେତ୍ରୀ ତାପସୀ ପନ୍ନୁ। । ଏଥିରେ ସେ ଜଣେ ଭିନ୍ନକ୍ଷମ ଚରିତ୍ରରେ ଅଭିନୟ କରିଛନ୍ତି। ଏକ ହୁଇଲ୍ ଚେୟାରରେ ନିଜର ଜୀବନ ସଂଗ୍ରାମ ଜାରି ରଖିଛନ୍ତି। ଅଶ୍ୱିନ ସର୍ବାନନ୍ଦଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମର ହିନ୍ଦୀ ଭର୍ସନରେ ସ୍ୱର ଦେଇଛନ୍ତି ତାପସୀ। 'ଗେମ୍ ଓଭର'ର ଯୁଗ୍ମ ପ୍ରଯୋଜନା ଦାୟିତ୍ୱରେ ଅଛନ୍ତି ୱାଇ ନଟ୍ ଷ୍ଟୁଡିଓ ଏବଂ ରିଲାଏନ୍ସ ଏଣ୍ଟରଟେନ୍‌ମେଣ୍ଟ। ଏହାର ହିନ୍ଦୀ ଭର୍ସନରେ ଅନୁରାଗ କଶ୍ୟପ ଭଏସ୍ ଦେଇଥିବା ବେଳେ ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି ରନ୍ ୟୋହନ୍। ଏହା ଜୁନ୍ ୧୪ରେ ରିଲିଜ ହେବାର ଅଛି। ତାପସୀ ଇତିମଧ୍ୟରେ ମୁମ୍ବାଇରେ ୩ ବେଡରୁମ୍ ବିଶିଷ୍ଟ ଏକ ଫ୍ଲାଟ୍ କିଣିଛନ୍ତି। ତାଙ୍କ ଭଉଣୀ ନୂଆ ଆପାର୍ଟମେଣ୍ଟର ଅଭ୍ୟନ୍ତର ସାଜସଜ୍ଜା ଦାୟିତ୍ୱ ନେଇଛନ୍ତି। ଏଥିପାଇଁ ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ ବୋଲି ସୂଚନା ମିଳିଛି। ଉକ୍ତ ଅଭିନେତ୍ରୀ ଗୃହର ସାଜ ସରଞ୍ଜାମ କିଣିବାରେ ରୁଚି ରଖନ୍ତି। ଥାଇଲାଣ୍ଡର କୋହ ସାମୁଇ ଗସ୍ତ କରିଥିବାବେଳେ ସେଠାରୁ କିଛି ଲାଇଟ୍ କିଣିବା ସହିତ ଗତବର୍ଷ ସ୍ପେନ୍‌କୁ ଛୁଟି କଟାଇବାକୁ ଯାଇଥିବାବେଳେ ଘରସଜେଇବା ସାମଗ୍ରୀ କିଣି ସେ ସବୁକୁ ସାଇତି ରଖିଛନ୍ତି।



# ମର୍ନିଂ ୱାକ୍ ଓ ଫିଟ୍‌ନେସ୍









**ଆଜିକାଲିର ଯୁବପିଢ଼ି ନିଜ ସ୍ୱାସ୍ଥ୍ୟକୁ ନେଇ ଖୁବ୍ ସଚେତନ। ଦୈନନ୍ଦିନ ଖାଦ୍ୟରୁଚିକୁ ନେଇ ହେଉ ବା ଶାରୀରିକ ବ୍ୟାୟାମ , ପ୍ରତ୍ୟେକ କ୍ଷେତ୍ରରେ ସେମାନେ ଯତ୍ନବାନ। ତେବେ ଶାରୀରିକ ବ୍ୟାୟାମ କଥା ଯେତେବେଳେ ଆସେ ଅନେକ ଯୁବତୀଯୁବକଙ୍କ ପ୍ରଥମ ପସନ୍ଦ ଥାଏ ଜିମ୍‌ରେ ୱର୍କଆଉଟ । ହେଲେ ଏହା ସଭିଙ୍କ ପାଇଁ ସମ୍ଭବ ହୋଇ ନ ଥାଏ ; ଯାହାର ବେଷ୍ଟ ବିକଳ୍ପ ହେଉଛି ମର୍ନିଂ ୱାକ୍। ଏହାର ଭରପୂର ସ୍ୱାସ୍ଥ୍ୟଗତ ଲାଭ ଉଠାଇବା ଲାଗି କେତେକ ଦିଗ ପ୍ରତି ଦୃଷ୍ଟିଦେବା ବି ଆବଶ୍ୟକ....**

**ୱାକ୍ କରିବାର ଉପକାରିତା–**

* ପ୍ରତିଦିନ ଅଧଘଣ୍ଟା ୱାକ୍ କରିବା ଦ୍ୱାରା ହାର୍ଟ ଆଟାକ୍ ହେବା ଆଶଙ୍କା କମିଥାଏ। ଏହା ବ୍ୟତୀତ ହୃଦ୍‌ରୋଗ ସମ୍ବନ୍ଧିତ ଅନ୍ୟ ସମସ୍ୟା ବି ଦୂର ହୋଇଥାଏ।

* ଏହା ବ୍ଲଡ୍ ପ୍ରେସରକୁ କଣ୍ଟ୍ରୋଲ କରିବା ସହ ହାଇ କୋଲେଷ୍ଟରଲ ସ୍ତରକୁ କମ୍ କରିବାରେ ସାହାଯ୍ୟ କରିଥାଏ।

* ଏକ ଗବେଷଣା ଅନୁଯାୟୀ ପ୍ରତ୍ୟେକ ଦିନ ୱାକ୍ କରିବା ବା ଦୌଡ଼ିବା ଦ୍ୱାରା ହାଡ଼ ସୁଦୃଢ଼ ହେବା ସହ ମାଂସପେଶୀ ଏବଂ ଗଣ୍ଠିକୁ ନୂତନ ଊର୍ଜା ମିଳିଥାଏ।

* ଓଜନ କମ୍ କରିବାର ସବୁଠାରୁ ସହଜ ଉପାୟ ହେଉଛି ୱାକ୍। ଚାଲିବା ବା ଦୌଡ଼ିବା ଦ୍ୱାରା ଶରୀରରେ କ୍ୟାଲୋରି ମାତ୍ରା ନିୟନ୍ତ୍ରଣରେ ରହିବା ସହ ଓଜନ ଶୀଘ୍ର ହ୍ରାସ ପାଇଥାଏ।



* ସକାଳର ଶାନ୍ତ ପରିବେଶରେ ଚାଲିବା ବା ଦୌଡ଼ିବା ଦ୍ୱାରା ଆପଣ ହାଲ୍‌କା ଅନୁଭବ କରିବା ସହ ଦିନ ସାରା ସତେଜ ରହିବେ। ଏହା ପରୋକ୍ଷରେ ଆପଣଙ୍କୁ ବିଶାଦମୁକ୍ତ କରି ମାନସିକ ଚାପକୁ କମ୍ କରିବାରେ ସାହାଯ୍ୟ କରିଥାଏ।

* ଏକ ଗବେଷଣାରୁ ଜଣାଯାଇଛି ଯେ ଏହା କ୍ୟାନ୍‌ସର ଭଳି ମାରାତ୍ମକ ରୋଗଠାରୁ ଦୂରେଇ ରଖିବାରେ ସାହାଯ୍ୟ କରିଥାଏ।

* ଡାଇବେଟିସ୍ ବା ସୁଗାର ଥିବା ବ୍ୟକ୍ତିଙ୍କ ପାଇଁ ପ୍ରତ୍ୟହ ମର୍ନିଂ ୱାକ୍ କରିବା ଲାଭଦାୟକ । ଏହା ଶରୀରରେ ସୁଗାରର ମାତ୍ରାକୁ ନିୟନ୍ତ୍ରଣରେ ରଖିବା ସହ କ୍ୟାଲୋରି ପରିମାଣକୁ କମ୍ କରିଥାଏ।

* ଏହା ମାଂସପେଶୀରେ ରକ୍ତ ସଞ୍ଚାଳନ ପ୍ରକ୍ରିୟାକୁ ସ୍ୱାଭାବିକ କରିବାରେ ସାହାଯ୍ୟ କରୁଥିବାରୁ ମସଲ୍ସ ଇଞ୍ଜୁରି ଆଶଙ୍କା କମିଥାଏ।

*ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ସହିତ ଶରୀରର ଶକ୍ତିବୃଦ୍ଧିକାରୀ ରାସାୟନିକ ପ୍ରକ୍ରିୟାକୁ ମଧ୍ୟ ତ୍ୱରାନ୍ୱିତ କରିଥାଏ।

ମର୍ନିଂ ୱାକ୍ କରିବାର ଏକାଧିକ ଉପକାର ଥିଲେ ସୁଦ୍ଧା ଏଥିରେ ସାମାନ୍ୟ ଅସାବଧାନତା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜିପାରେ। ତେଣୁ ମର୍ନିଂ ୱାକ୍ ବେଳେ କେଉଁ ଦିଗରେ ସଚେତନ ରହିଲେ ଏହାର ଠିକ୍ ଉପକାରିତା ମିଳିବ ଜାଣିରଖନ୍ତୁ ...

* ଚାଲିବା ସମୟରେ ମୁଣ୍ଡ ଏବଂ ବେକକୁ ସିଧା ରଖନ୍ତୁ।

* ଏଣେତେଣେ ନ ଦେଖି ସାମ୍ନାକୁ ଦେଖି ଚାଲନ୍ତୁ।

* ପେଟକୁ ଭିତରକୁ ଟାଣିରଖି ଯଦି ଚାଲିପାରିବେ ତେବେ ଲାଭ ମିଳିଥାଏ।

* ଏପରି ଚାଲନ୍ତୁ ଯେପରି ଗୋଡ଼ର ଆଙ୍ଗୁଳି, ଗୋଇଠି, ଆଣ୍ଠୁ, ହାତ ମଧ୍ୟ ଗତିଶୀଳ ହେଉଥିବ।

* କେବଳ ୱାକିଂ ଶୁ' ପିନ୍ଧି ହିଁ ୱାକିଂ ବା ଜଗିଂ କରନ୍ତୁ। ଏହି ସମୟରେ ଢିଲା ଏବଂ କମ୍ଫର୍ଟେବଲ ପୋଷାକ ପରିଧାନ କରନ୍ତୁ।

* ପ୍ରଥମ ଥର ଲାଗି ଯଦି ୱାକ୍‌ରେ ଯାଉଛନ୍ତି ତେବେ ୱାକ୍ ଆରମ୍ଭ କରିବା ପୂର୍ବରୁ ଗୋଡ଼ ଏବଂ ହାତକୁ ସାମାନ୍ୟ ଷ୍ଟ୍ରେଚ୍ କରନ୍ତୁ। ଯାହାଦ୍ୱାରା ମସଲ୍ସ କ୍ରାମ୍ପ୍ ହେବା ଆଶଙ୍କା କମିବ।

* ଚାଲିବା ସମୟରେ ପାଟି ବାଟେ ନିଃଶ୍ୱାସ ନ ନେଇ ନାକ ବାଟେ ହିଁ ନିଅନ୍ତୁ। ପାଟି ବାଟେ ନିଃଶ୍ୱାସ ନେବା ଦ୍ୱାରା ପାଟି ଶୁଖିଯବାରୁ ଫୁସ୍‌ଫୁସ୍ ସମେତ ସମଗ୍ର ଶରୀରକୁ ଠିକ୍ ଭାବେ ଅମ୍ଳଜାନ ପହଞ୍ଚିପାରେ ନାହିଁ।

* ଗୋଇଠିରେ ବେଶି ପ୍ରେସର ନ ଦେଇ ପାଦରେ ପ୍ରେସର ଦେଇ ଚାଲନ୍ତୁ। ନଚେତ୍ ଗଣ୍ଠିରେ ଯନ୍ତ୍ରଣା ଯୋଗୁ ଆପଣ ବେଶି ଦୂର ଚାଲିପାରିବେ ନାହିଁ।

* ହଠାତ୍ ଜୋରରେ ନ ଚାଲି ଆସ୍ତେ ଆସ୍ତେ ଗତି ବଢ଼ାନ୍ତୁ। ସେହିପରି ଜୋର ଚାଲିବା ପରେ ହଠାତ୍ ନ ଅଟକିଯାଇ ଗତିକୁ ଧୀରେ ଧୀରେ କମାଇ ଅଟକିବା ଭଲ।

* ଚାଲିବା ବେଳେ ଶରୀରର କୌଣସି ସ୍ଥାନରେ ଯଦି ଯନ୍ତ୍ରଣା ଅନୁଭବ କରୁଥାନ୍ତି ତେବେ ଡାକ୍ତରଙ୍କ ପରାମର୍ଶକ୍ରମେ ୱାକ୍‌ରେ ଯା'ନ୍ତୁ।

* ଚାଲିବା ସମୟରେ ଶରୀର ଏବଂ ମସ୍ତିଷ୍କ ମଧ୍ୟରେ ତାଳମେଳ ରହିବା ନିହାତି ଜରୁରୀ। ତେଣୁ ଚାଲିଲା ବେଳେ ଅନ୍ୟମନସ୍କ ରହିବା ଏବଂ ଫୋନରେ କଥା ହେବାଠାରୁ ଦୂରେଇ ରୁହନ୍ତୁ।

* ୱାକ୍ କଲା ବେଳେ ଆପଣ ଇୟର ଫୋନ୍ ଦେଇ ସ୍ଲୋ ଭଲ୍ୟୁମରେ ମ୍ୟୁଜିକ୍ ଶୁଣିଲେ ଏକାଗ୍ରତା ଠିକ୍ ରହିବା ସହ ରିଲାକ୍ସ ମଧ୍ୟ ଅନୁଭବ କରିବେ। ହେଲେ ରାସ୍ତାରେ ୱାକ୍ କଲାବେଳେ ଇୟର ଫୋନ୍‌କୁ ଯେତେ ସମ୍ଭବ ଦୂରେଇ ରଖନ୍ତୁ।

* ଗରମ ଯଦି ଅଧିକ ହେଉଥାଏ ତେବେ ୱାକ୍‌ରେ ନ ଯିବା ଭଲ। ନଚେତ୍ ହିଟ୍ ଷ୍ଟ୍ରୋକ୍ ହେବା ଆଶଙ୍କା ବଢ଼ିଯାଇଥାଏ।

## ଏକ୍ସପର୍ଟ ଯାହା କୁହନ୍ତି–

ଏକ ସ୍ୱାସ୍ଥ୍ୟପ୍ରଦ ଜୀବନଶୈଳୀ ପାଇଁ ବ୍ୟାୟାମ ନିତାନ୍ତ ଆବଶ୍ୟକ। ଏ କ୍ଷେତ୍ରରେ ମର୍ନିଂ ୱାକ୍ ବିଶେଷ ଭାବେ ଲାଭଦାୟକ ହୋଇଥାଏ।



ଏହା ନା କେବଳ ଏକ ସୁସ୍ଥ ଶରୀର ଗଠନ କରିବାରେ ସହାୟକ ହୋଇଥାଏ ବରଂ ସୁସ୍ଥ ମସ୍ତିଷ୍କ ଗଠନ କରିବାରେ ମଧ୍ୟ ବେଶ୍ ଗୁରୁତ୍ୱ ବହନକରେ। ପ୍ରତ୍ୟହ ସକାଳୁ ୩୦ ମିନିଟ ବା ୧୦,୦୦୦ ଷ୍ଟେପ ଚାଲିବା ଦ୍ୱାରା ଶରୀରକୁ ଅନେକ ସକାରାତ୍ମକ ଉର୍ଜା ମିଳିଥାଏ ବୋଲି ଗବେଷଣାରୁ ଦେଖାଯାଇଛି। ପ୍ରତ୍ୟେକ ଦିନ ଚାଲିବା ଦ୍ୱାରା ଆର୍ଥ୍ରାଇଟିସ୍, ଡାଇବେଟିସ୍, ସ୍ମରଣ ଶକ୍ତି ହ୍ରାସ ଭଳି ଅନେକ ଜଟିଳ ସମସ୍ୟା ହେବା ସମ୍ଭାବନାକୁ ମଧ୍ୟ ଏଡାଇ ଦିଆଯାଇପାରିବ। ତେବେ ବିଶେଷକରି ଯୁବଗୋଷ୍ଠୀଙ୍କ ଠାରେ ଦେଖାଦେଉଥିବା ମାନସିକ ଚାପ, ଉଦ୍‌ବେଗ ଆଦିକୁ କମ୍ କରିବାରେ ମର୍ନିଂ ୱାକ୍ ବିଶେଷଭାବେ ସହାୟକ ହୋଇଥାଏ। ତେଣୁ ନିଜ ଦୈନନ୍ଦିନ ଜୀବନଶୈଳୀରେ ମର୍ନିଂ ୱାକ୍‌କୁ ସାମିଲ କରନ୍ତୁ ଏବଂ ଏକ ସୁସ୍ଥ ଶରୀର ଲାଭ କରନ୍ତୁ।

*– **ଅଭିଷେକ ମହାନ୍ତି,** ପାୱାର ଯୋଗ ଏକ୍ସପର୍ଟ, ବୁଦ୍ଧେଶ୍ୱରୀ କଲୋନି, ଭୁବନେଶ୍ୱର*

## ଏ ସପ୍ତାହର ପ୍ରଶ୍ନ

୧– ଇଣ୍ଟରନ୍ୟାଶନାଲ ଶୁଟିଂ ସ୍ପୋର୍ଟ୍ସ ଫେଡେରେଶନର ଭାଇସ୍ ପ୍ରେସିଡେଣ୍ଟ ଭାବେ ନିର୍ବାଚିତ ପ୍ରଥମ ଭାରତୀୟ..... ?
୨– ସର୍ବାଧିକ ପ୍ରାକୃତିକ ଉପଗ୍ରହ ଥିବା ଗ୍ରହ...... ?
୩– ....... ଦେଶ ପ୍ରଥମେ ଏଫ୍‌ଏମ୍ ରେଡିଓ ପ୍ରସାରଣକୁ ପ୍ରତିରୋଧ କରିଥିଲା ?
୪– ମିଲ୍କମ୍ୟାନ୍ ଉପନ୍ୟାସର ଲେଖକ ...... ?
୫– ' ମଣିଷ ଗୋଟିଏ ରାଜନୈତିକ ପଶୁ' ବୋଲି ..... କହିଥିଲେ ?

## ଗତ ଥରର ଉତ୍ତର

୧ ଆମ୍ପିଅର୍
୨ ହୀରା
୩ ପଞ୍ଜାବ
୪ କର୍ଣ୍ଣାଟକ
୫ ପାଟଳିପୁତ୍ର

## ଉତ୍ତର ଦାତା



ବନାନୀରାଣୀ ପଟ୍ଟନାୟକ, ଫୁଲବାଣୀ



ରାଜେଶ କୁମାର ଦାସ, ବାଲେଶ୍ୱର



ଈପ୍‌ସିତା ପାତ୍ର, ଭୁବନେଶ୍ୱର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

## ଜାଣନ୍ତୁ ଦୁନିଆ

❖ସ୍ୟାନ୍ ମ୍ୟାରିନୋକୁ ପୃଥିବୀର ସବୁଠୁ ପୁରୁଣା ଦେଶ ଭାବେ ଗ୍ରହଣ କରାଯାଏ। ଏହା ଏକମାତ୍ର ଦେଶ ଯେଉଁଠି ଜନସଂଖ୍ୟା ତୁଳନାରେ କାର୍ ସଂଖ୍ୟା ଅଧିକ।

❖ନାଇଜର ହେଉଛି ପୃଥିବୀର ସର୍ବାଧିକ ଯୁବବର୍ଗ ଥିବା ଦେଶ। ଅର୍ଥାତ୍ ଏହି ଦେଶର ସମୁଦାୟ ଜନସଂଖ୍ୟାର ୫୦% ହେଉଛନ୍ତି ୧୪ ବର୍ଷ ବୟସରୁ କମ୍।

❖ଭାରତ ବ୍ୟତୀତ ଫିଜି ହେଉଛି ଏକମାତ୍ର ଦେଶ ଯାହାର ଅଫିସିଆଲ ଲାଙ୍ଗୁଏଜ ହିନ୍ଦୀ।

❖ନିଉଇ ହେଉଛି ଖୁବ୍ କମ୍ ଜନସଂଖ୍ୟା ଥିବା ଏକ ଦ୍ୱୀପରାଷ୍ଟ୍ର ଯାହାକି ପୃଥିବୀର ପ୍ରଥମ ଏବଂ ଏକମାତ୍ର ୱାଇଫାଇ ଦେଶ।

❖ପୃଥିବୀରେ ବର୍ତ୍ତମାନ ସୁଦ୍ଧା ୨୨ଟି ଦେଶରେ ସୈନ୍ୟବାହିନୀ ନାହାନ୍ତି।

❖ପ୍ରଶାନ୍ତ ମହାସାଗର ମଧ୍ୟରେ ଥିବା ମାର୍ଶାଲ ଦ୍ୱୀପ ପୃଥିବୀର ସବୁଠାରୁ ସଙ୍କଟଗ୍ରସ୍ତ ଦ୍ୱୀପରାଷ୍ଟ୍ର। କାରଣ ଏଠାରେ ପାଣିପାଗ ପରିବର୍ତ୍ତନ ସହ ବନ୍ୟା ଆଶଙ୍କା ସର୍ବାଧିକ।

❖ପାପୁଆ ନ୍ୟୁଗିନି ପୃଥିବୀର ସର୍ବାଧିକ ଭାଷାଗତ ବିବିଧତା ଥିବା ଦେଶ। ତେବେ ଏଠାକାର ରାଷ୍ଟ୍ରୀୟ ଭାଷା ଇଂଲିଶ ହୋଇଥିଲେ ହେଁ ମାତ୍ର ୧–୨ ପ୍ରତିଶତ ବାସିନ୍ଦା ଏହି ଭାଷାରେ କଥା ହୋଇପାରନ୍ତି।

❖ପୃଥିବୀର ସର୍ବାଧିକ ସଂଖ୍ୟକ ଯମଜ ନାଇଜେରିଆରେ ଜନ୍ମ ଗ୍ରହଣ କରୁଥିବାର ରେକର୍ଡ ରହିଛି।

❖ପୃଥିବୀର ପ୍ରାୟ ୯୦% ମଧୁରଜଳ ଆଣ୍ଟାର୍କଟିକାରେ ରହିଛି।



ଆଣ୍ଟାର୍କଟିକା

■ ମୋଦି କ୍ୟାବିନେଟ୍‌ରେ ସହଯୋଗୀଙ୍କୁ ମିଳିନି ଉପଯୁକ୍ତ ପ୍ରତିନିଧିତ୍ୱ

# ଏନ୍‌ଡିଏ ୨: ଆରମ୍ଭରୁ ଫାଟ

**ନୂଆଦିଲ୍ଲୀ,୧।୬**

ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ପୂର୍ଣ୍ଣ ବହୁମତ ପାଇ କେନ୍ଦ୍ରରେ ପୁଣିଥରେ କ୍ଷମତାସୀନ ହୋଇଛି। ସାଧାରଣ ନିର୍ବାଚନରେ ଲୋକ ସଭାର ୫୪୨ ସିଟ୍‌ରୁ ଭାଜପାକୁ ୩୦୩ଟିରେ ସଫଳତା ମିଳିଥିବାବେଳେ ଏନ୍‌ଡିଏ ୩୫୩ ଆସନ ଦଖଲ କରିଛି। ସଂଖ୍ୟାବଳରେ ବଳୀୟାନ ଏହି ମେଣ୍ଟର ଦ୍ୱିତୀୟ ପାଳି ଶାସନ ଶପଥ ଗ୍ରହଣ ପରେ ବିଧିବଦ୍ଧ ଭାବେ ଆରମ୍ଭ ହୋଇଛି। ହେଲେ କ୍ୟାବିନେଟ୍‌ରେ ସ୍ଥାନ ପାଇ ନ ଥିବା କେତେକ ସହଯୋଗୀ ଦଳ ଖୋଲାଖୋଲି ଅସନ୍ତୋଷ ବ୍ୟକ୍ତ କରିବାରେ ଲାଗିଲେଣି। ସଂଖ୍ୟାଗରିଷ୍ଠତା ଦୃଷ୍ଟିରୁ ୫ ବର୍ଷ ଯାଏ କେନ୍ଦ୍ର ସରକାର ପ୍ରତି କିଛି ବିପଦ ନ ଥିଲେ ମଧ ମେଣ୍ଟ ରାଜନୀତି ପାଇଁ ଏହା ଆଦୌ ଶୁଭଙ୍କର ନୁହେଁ ବୋଲି ବିଶ୍ଳେଷକମାନେ ମତଦେଇଛନ୍ତି।

ସଦ୍ୟ ଅନୁଷ୍ଠିତ ନିର୍ବାଚନରେ ଏନ୍‌ଡିଏରେ ସାମିଲ ଥିବା (ଭାଜପାକୁ ବାଦ୍ ଦେଲେ) ଦଳଗୁଡ଼ିକୁ ପ୍ରାୟ ୫୦ ଆସନରେ ସଫଳତା ମିଳିଛି। ସେଗୁଡ଼ିକ ମଧ୍ୟରୁ ପ୍ରମୁଖ ଶିବସେନାକୁ ୧୮, ସଂଯୁକ୍ତ ଜନତା ଦଳ (ଜେଡିୟୁ) ୧୬ ଓ ଲୋକ ଜନଶକ୍ତି ପାର୍ଟି (ଏଲ୍‌ଜେପି)କୁ ୬ ଆସନ ମିଳିଛି। ସେହିପରି ଶିରୋମଣି ଅକାଳୀ ଦଳ (ଏସ୍‌ଏଡି) ଏବଂ ଅପ୍‌ନା ଦଳ (ସୋନେଲାଲ)କୁ ୨ଟି ଲେଖାଏ ଆସନ ମିଳିଥିବାବେଳେ ଏଆଇଏଡିଏମ୍‌କେ ମାତ୍ର ଗୋଟିଏ ଆସନରେ ବିଜୟୀ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱିତୀୟ ପାଳି ସରକାରରେ ଏହି ପ୍ରମୁଖ ୬ ସହଯୋଗୀ ଦଳ ଭାଗରେ ଗୋଟିଏ ଲେଖାଏ ମନ୍ତ୍ରୀପଦ ମିଳିବ ବୋଲି କୁହାଯାଉଥିଲା। ହେଲେ ଗୁରୁବାର ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶିବସେନାର ଲୋକ ସଭା ସଦସ୍ୟ ଅରବିନ୍ଦ ସାୱନ୍ତ ଏବଂ ଏସ୍‌ଏଡିର ହର୍‌ସିମ୍‌ରତ୍ କୌର ବାଦଲଙ୍କୁ ଶପଥପାଠ କରାଇଥିଲେ। କ୍ୟାବିନେଟରେ ସ୍ଥାନ ପାଇଥିବା ଅନ୍ୟ ୨ ସଦସ୍ୟ ହେଲେ ଏଲ୍‌ଜେପି ଅଧ୍ୟକ୍ଷ ରାମବିଳାସ ପାଶ୍ୱାନ ଏବଂ ରିପବ୍ଲିକାନ୍ ପାର୍ଟି ଅଫ୍ ଇଣ୍ଡିଆ (ଆର୍‌ପିଆଇ) ମୁଖ୍ୟ ରାମଦାସ ଅଠାୱଲେ। ଏହି ଦୁଇନେତା ହେଉଛନ୍ତି ରାଜ୍ୟ ସଭା ସଦସ୍ୟ। ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଜେଡିୟୁ, ତାମିଲନାଡୁରେ କ୍ଷମତାସୀନ ଏଆଇଏଡିଏମ୍‌କେ ଏବଂ ଅନୁପ୍ରିୟା ପଟେଲଙ୍କ ଅପ୍‌ନା ଦଳର କେହି ଜଣେ ହେଲେ କ୍ୟାବିନେଟରେ ସାମିଲ ହୋଇନାହାନ୍ତି। ଏହାକୁ ନେଇ ଅସନ୍ତୋଷ ସୃଷ୍ଟି ହୋଇଛି। ନୀତୀଶ ଶେଷ ମୁହୂର୍ତ୍ତ ଯାଏ ଜେଡିୟୁ ପାଇଁ ଅନ୍ୟୂନ ୨ଟି ମନ୍ତ୍ରୀପଦ ଦାବି କରିଥିଲେ, ଯାହାକୁ ମୋଦି ଗ୍ରହଣ କରି ନ ଥିଲେ। ମାତ୍ର ଗୋଟିଏ ମନ୍ତ୍ରୀପଦ ପାଇଁ ନୀତୀଶ ରାଜି ନ ହେବାରୁ ଶେଷରେ କ୍ୟାବିନେଟରେ ସାମିଲ ହେବାକୁ ଥିବା ଆର୍‌ସିପି ସିଂ ଶପଥ ନେଲେନାହିଁ। ସେହିପରି ପୂର୍ବ ମନ୍ତ୍ରିମଣ୍ଡଳରେ ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ଥିବା ଅନୁପ୍ରିୟା ପଟେଲ ଏଥର କ୍ୟାବିନେଟ ପାହ୍ୟା ଦାବି କରିଥିବାବେଳେ ତାହା ଅଗ୍ରାହ୍ୟ ହୋଇଯାଇଥିଲା। ଫଳରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)ରୁ ଫୋନ୍ କଲ୍ ଆସିବା ପରେ ମଧ ସେ ଶପଥ ନେବାକୁ ଗଲେନାହିଁ। ଅନୁରୂପ ଭାବେ ତାମିଲନାଡୁ ଉପମୁଖ୍ୟମନ୍ତ୍ରୀ ଓ. ପନ୍ନିରସେଲଭମ୍‌ଙ୍କ ପୁଅ ତଥା ଏଆଇଏଡିଏମ୍‌କେର ଏକମାତ୍ର ଲୋକ ସଭା ସଦସ୍ୟ ରବୀନ୍ଦ୍ରନାଥ କୁମାର ଏବଂ ରାଜ୍ୟ ସଭା ସଦସ୍ୟ ଆର୍. ଭାଇଥିଲିଙ୍ଗମ୍ କ୍ୟାବିନେଟ୍‌ରେ ସ୍ଥାନ ପାଇବେ ବୋଲି ଚର୍ଚ୍ଚା ଚାଲିଥିବାବେଳେ ଶପଥ ଗ୍ରହଣ ପାଇଁ ଉଭୟଙ୍କ ମଧ୍ୟରୁ କାହାକୁ ଡକରା ଆସି ନ ଥିଲା। ଏହାକୁ ନେଇ ଏଆଇଏଡିଏମ୍‌କେରେ ନୈରାଶ୍ୟ ଦେଖାଦେଇଛି। ରାମବିଳାସ ମଧ ତାଙ୍କ ପୁଅ ଚିରାଗ ପାଶ୍ୱାନଙ୍କ ପାଇଁ ମନ୍ତ୍ରୀପଦ ଦାବି କରୁଥିବା ଜଣାପଡ଼ିଛି। ତେଣୁ ପରବର୍ତ୍ତୀ ସମୟରେ କେନ୍ଦ୍ର କ୍ୟାବିନେଟରେ ଏହି ସହଯୋଗୀ ଦଳଗୁଡ଼ିକୁ ଉପଯୁକ୍ତ ପ୍ରତିନିଧିତ୍ୱ ନ ମିଳିଲେ ଏନ୍‌ଡିଏରେ ଫାଟ ବଢ଼ିବା ଆଶଙ୍କା କରାଯାଉଛି। ବିହାରରେ ୨୦୨୦ ଅକ୍ଟୋବର, ତାମିଲନାଡୁରେ ୨୦୨୧ ମେ ଓ ଉତ୍ତରପ୍ରଦେଶରେ ୨୦୨୨ ଫେବୃୟାରୀ ଆଡ଼କୁ ବିଧାନସଭା ନିର୍ବାଚନ ହେବାକୁ ଥିବାରୁ ଏନ୍‌ଡିଏର ଏହି ଅଂଶୀଦାର ଦଳଗୁଡ଼ିକ ଭାଜପା ପାଇଁ ଅଡୁଆ ସାଜିପାରନ୍ତି ବୋଲି ରାଜନୈତିକ ପଣ୍ଡିତମାନେ କହୁଛନ୍ତି।



ଅନୁପ୍ରିୟା ପଟେଲ



ରବୀନ୍ଦ୍ରନାଥ କୁମାର

# ୫୧ କେନ୍ଦ୍ରମନ୍ତ୍ରୀ କୋଟିପତି

**ନୂଆଦିଲ୍ଲୀ, ୧।୬(ଆଇଏଏନ୍‌ଏସ୍)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱିତୀୟ ପାଳି କ୍ୟାବିନେଟରେ ସାମିଲ ହୋଇଥିବା ୫୬ ମନ୍ତ୍ରୀଙ୍କ ମଧ୍ୟରୁ ୫୧ ଜଣ କୋଟିପତି। ସେମାନଙ୍କ ମଧ୍ୟରୁ ପଞ୍ଜାବସ୍ଥିତ ଭଟିଣ୍ଡା ଆସନର ଶିରୋମଣି ଅକାଳୀ ଦଳ (ଏସ୍‌ଏଡି) ଏମ୍‌ପି ହର୍‌ସିମ୍‌ରତ୍ କୌର ବାଦଲ ସବୁଠୁ ଧନୀ ବୋଲି ନିର୍ବାଚନୀ ସଂସ୍କାର କ୍ଷେତ୍ରରେ କାର୍ଯ୍ୟରତ ଆସୋସିଏଶନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମସ୍ (ଏଡିଆର୍) ପକ୍ଷରୁ ଶୁକ୍ରବାର କୁହାଯାଇଛି।

ଏଡିଆର୍ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ହର୍‌ସିମ୍‌ରତ୍‌ଙ୍କ ସମ୍ପତ୍ତି ସର୍ବାଧିକ ୨୧୭ କୋଟି ଟଙ୍କା। ତାଙ୍କ ତଳକୁ ଅଛନ୍ତି ରାଜ୍ୟ ସଭା ସଦସ୍ୟ ପୀୟୂଷ ଗୋୟଲ, ଯାହାଙ୍କ ସମ୍ପତ୍ତିର ମୂଲ୍ୟ ହେଉଛି ୯୫ କୋଟି ଟଙ୍କା। ଗୁରୁଗ୍ରାମ ଏମ୍‌ପି ରାଓ ଇନ୍ଦ୍ରଜିତ୍ ତୃତୀୟ ଧନୀ କେନ୍ଦ୍ରମନ୍ତ୍ରୀ। ସେ ୪୨ କୋଟି ଟଙ୍କା ସମ୍ପତ୍ତିର ମାଲିକ। ସେହିପରି ସ୍ୱରାଷ୍ଟ୍ରମନ୍ତ୍ରୀ ଦାୟିତ୍ୱ ସମ୍ଭାଳିଥିବା ଗାନ୍ଧୀନଗର ଏମ୍‌ପି ଅମିତ୍ ଶାହଙ୍କ ସମ୍ପତ୍ତି ୪୦ କୋଟି ବୋଲି ସେ ନିଜ ସତ୍ୟପାଠରେ ଦର୍ଶାଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଧନୀ ମନ୍ତ୍ରୀଙ୍କ ତାଲିକାର ୪୬ତମ ସ୍ଥାନରେ ଅଛନ୍ତି। ମୋଦିଙ୍କ ସମ୍ପତ୍ତିର ମୂଲ୍ୟ ୨ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ବୋଲି ତାଙ୍କ ସତ୍ୟପାଠରୁ ଜଣାପଡ଼ିଛି। କ୍ୟାବିନେଟର ୧୦ ସଦସ୍ୟ ସେମାନଙ୍କ ସମ୍ପତ୍ତି ମୋଦିଙ୍କଠାରୁ କମ୍ ବୋଲି ଦର୍ଶାଇଛନ୍ତି। ଅର୍ଜୁନରାମ ମେଘୱାଲ (ବିକାନେର) ଓ ନରେନ୍ଦ୍ର ସିଂ ତୋମର (ମୋରେନା)ଙ୍କ ସମ୍ପତ୍ତିର ମୂଲ୍ୟ ପ୍ରାୟ ୨ କୋଟି ବୋଲି ଜଣାପଡ଼ିଛି। ସଞ୍ଜୀବ କୁମାର ବାଲ୍ୟାନ୍ (ମୁଜାଫରନଗର), କିରେନ୍ ରିଜିଜୁ (ଅରୁଣାଚଳ ୱେଷ୍ଟ) ଓ ସାଧ୍ୱୀ ନିରଞ୍ଜନା ଜ୍ୟୋତି (ଫତେପୁର) ସେମାନଙ୍କ ସମ୍ପତ୍ତି ୧ କୋଟି ଟଙ୍କା ବୋଲି ଘୋଷଣା କରିଛନ୍ତି। ସେହିପରି କୋଟିଏ ଟଙ୍କାରୁ କମ୍ ମୂଲ୍ୟ ସମ୍ପତ୍ତିର ଅଧିକାରୀ ଥିବା ୫ କେନ୍ଦ୍ରମନ୍ତ୍ରୀ ଅଛନ୍ତି। ଦେବଶ୍ରୀ ଚୌଧୁରୀ (ରାଣୀଗଞ୍ଜ) ୬୧ ଲକ୍ଷ, ରାମେଶ୍ୱର ତେଲି (ଡିବ୍ରୁଗଡ଼) ୪୩ ଲକ୍ଷ, ଭି. ମୁରଲୀଧରନ୍ (କେରଳ) ୨୭ ଲକ୍ଷ, କୈଳାସ ଚୌଧରୀ (ବାର୍‌ମେର) ୨୪ ଲକ୍ଷ ଏବଂ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ (ବାଲେଶ୍ୱର) ୧୩ ଲକ୍ଷ ଟଙ୍କା ସମ୍ପତ୍ତିର ମାଲିକ।



ପୀୟୂଷ ଗୋୟଲ



ହର୍‌ସିମ୍‌ରତ୍ କୌର ବାଦଲ



❝ ଏମ୍‌ଏସ୍‌ଏମ୍‌ଇ ସେକ୍ଟରରେ ଅଧିକ ନିଯୁକ୍ତି ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯିବ। ଏହାକୁ ଏକ ଚ୍ୟାଲେଞ୍ଜ ଭାବେ ସରକାର ଗ୍ରହଣ କରିଛନ୍ତି। ଏଥିପାଇଁ ସମସ୍ତ ଶକ୍ତି ବିନିଯୋଗ କରାଯିବ।

–ନୀତିନ ଗଡ଼କରୀ, କେନ୍ଦ୍ର ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ



❝ ନଗଦ ସଙ୍କଟ ଯୋଗୁ ଅଟୋ ସେକ୍ଟରରେ ଅଭିବୃଦ୍ଧି ହ୍ରାସ ପାଇଚାଲିଛି। ଏଥିସହ ତୈଳ ଦର ବୃଦ୍ଧି ମଧ୍ୟ ଏହି ସେକ୍ଟର ପାଇଁ ଏକ ଚ୍ୟାଲେଞ୍ଜ ହୋଇଛି।

–ରାଜେଶ ଗୋଏଲ,ହୋଣ୍ଡା କାର୍ସ ଇଣ୍ଡିଆ ଲିମିଟେଡ

## ସଂକ୍ଷେପରେ

### ମେ'ରେ ଜିଏସ୍‌ଟି ଆଦାୟ ୧ ଲକ୍ଷ କୋଟି ଟପିଲା

ନୂଆଦିଲ୍ଲୀ,୧-୬: ମେ'ରେ ସାମଗ୍ରୀ ଏବଂ ସେବା ଟିକସ(ଜିଏସ୍‌ଟି) ଆଦାୟ ୧ ଲକ୍ଷ କୋଟି ଟଙ୍କା ଟପିଛି। ଗତ ବର୍ଷ ଏହି ସମୟରେ ଏହା ୯୪,୦୧୬ କୋଟି ଟଙ୍କା ଥିଲା। ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଜାରି ତଥ୍ୟରୁ ଜଣାପଡିଛି ଯେ, ମେ'ରେ ୧,୦୦,୨୮୯ କୋଟି ଟଙ୍କାର ଜିଏସ୍‌ଟି ଆଦାୟ ହୋଇଛି। ତେବେ ଏପ୍ରିଲରେ ଆଦାୟ ହୋଇଥିବା ୧,୧୩,୮୬୫ କୋଟି ଟଙ୍କା ଠାରୁ ଏହା ସାମାନ୍ୟ କମ୍। ସେହିପରି ମେ'ରେ ୭୨.୪୫ ଲକ୍ଷ ଜିଏସ୍‌ଟିଆର୍-୩ବି ଫର୍ମ ପୂରଣ କରାଯାଇଛି ବୋଲି ମନ୍ତ୍ରଣାଳୟ କହିଛି। ଏପ୍ରିଲରେ ଏହା ୭୨.୧୩ ଲକ୍ଷ ଥିଲା। ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି ଯେ, ମେ'ରେ କେନ୍ଦ୍ରୀୟ ଜିଏସ୍‌ଟି(ସିଜିଏସ୍‌ଟି) ବାବଦରେ ୧୭,୮୧୧ କୋଟି ଟଙ୍କା, ରାଜ୍ୟ ଜିଏସ୍‌ଟି(ଏସ୍‌ଜିଏସ୍‌ଟି) ବାବଦରେ ୨୪,୪୬୨ କୋଟି ଟଙ୍କା, ଏକିକୃତ ଜିଏସ୍‌ଟି(ଆଇଜିଏସ୍‌ଟି) ବାବଦରେ ୪୯,୮୯୧ କୋଟି ଟଙ୍କା ଏବଂ ଉପକର ବାବଦରେ ୮୧୨୫ କୋଟି ଟଙ୍କା ଆଦାୟ ହୋଇଛି। ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ଫେବୃୟାରୀ-ମାର୍ଚ୍ଚରେ ଜିଏସ୍‌ଟି କ୍ଷତିପୂରଣ ବାବଦରେ ରାଜ୍ୟଗୁଡ଼ିକୁ ୧୮,୯୩୪ କୋଟି ଟଙ୍କା ଦିଆଯାଇଛି।

### ସୋମନାଥ ନନ୍ଦ ବିଓବିର ନୂତନ କ୍ଷେତ୍ରୀୟ ମୁଖ୍ୟ



ଭୁବନେଶ୍ୱର,୧-୬

ବ୍ୟାଙ୍କ ଅଫ୍ ବରୋଦା(ବିଓବି) ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ନୂତନ କ୍ଷେତ୍ରୀୟ ମୁଖ୍ୟ ଭାବେ ଉପମହାପ୍ରବନ୍ଧକ ସୋମନାଥ ନନ୍ଦ କାର୍ଯ୍ୟ ଭାର ଗ୍ରହଣ କରିଛନ୍ତି। ସେ ବ୍ୟାଙ୍କିଙ୍ଗ ଶିଳ୍ପ ସହ ଗତ ୩୬ ବର୍ଷ ହେବ ଜଡିତ ଅଛନ୍ତି। ବିଜୟା ବ୍ୟାଙ୍କରେ କାର୍ଯ୍ୟ କରିବା ସହ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ଅବସ୍ଥାପିତ ହୋଇଛନ୍ତି। ଏହା ପୂର୍ବରୁ ସେ ବାଙ୍ଗାଲୋର ମୁଖ୍ୟ କାର୍ଯ୍ୟାଳୟରେ ସିଆଣ୍ଡଆଇ ବିଭାଗର ଉପମହାପ୍ରବନ୍ଧକ ଭାବେ କାର୍ଯ୍ୟ କରିଛନ୍ତି।

### ଆର୍ଥିକ ସଂସ୍କାର ଲାଗି ସରକାର ପ୍ରତିଶ୍ରୁତିବଦ୍ଧ:ନୀତି ଆୟୋଗ

ନୂଆଦିଲ୍ଲୀ,୧-୬: ଆର୍ଥିକ ଅଭିବୃଦ୍ଧିକୁ ଗତିଶୀଳ କରିବା ଉଦ୍ଦେଶ୍ୟରେ ଘରୋଇ ପୁଞ୍ଜିନିବେଶ ବୃଦ୍ଧି ସହ କୃଷି କ୍ଷେତ୍ରକୁ ଆଧୁନିକୀକରଣ କରିବା ଭଳି ନୂଆ ସଂସ୍କାରମୂଳକ ପଦକ୍ଷେପ ନେବାକୁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ନୀତି ଆୟୋଗ ଉପାଧ୍ୟକ୍ଷ ରାଜୀବ କୁମାର ଶନିବାର କହିଛନ୍ତି। ଆସନ୍ତା ୧୦୦ ଦିନ ଭିତରେ ସରକାର ନୂଆ ସଂସ୍କାରମୂଳକ ପଦକ୍ଷେପ ଘୋଷଣା କରିବାକୁ ଯାଉଛନ୍ତି ବୋଲି ସେ କହିଛନ୍ତି। ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ ସେ କହିଛନ୍ତି ଯେ, ପିଏମ୍-କିଷାନ ଯୋଜନାର ପରିଧିକୁ ସରକାର ବ୍ୟାପକ କରିଥିବାରୁ କୁମାର ଏହାକୁ ସ୍ୱାଗତ କରିଛନ୍ତି। ଏହାଦ୍ୱାରା ଗ୍ରାମାଞ୍ଚଳରେ ଅର୍ଥନୀତିକୁ ଗତିଶୀଳ କରିବ। ଆୟୁର୍ବେଦ ଔଷଧରେ ଅଧିକ ଗବେଷଣାର ଆବଶ୍ୟକତା ରହିଛି ବୋଲି ସେ ଏହି ଅବସରରେ କହିଛନ୍ତି। ପାରମ୍ପାରିକ ଔଷଧ ବ୍ୟବସ୍ଥା ପାଇଁ ନୂଆ ପାଠ୍ୟକ୍ରମ ପ୍ରଚଳନ ଲାଗି ସରକାର ନ୍ୟାଶନାଲ କାଉନସିଲ୍ ଅଫ୍ ଇଣ୍ଟିଗ୍ରେଟେଡ୍ ମେଡିସିନ୍ ଗଠନ କରିବାକୁ ଯାଉଛନ୍ତି ବୋଲି ସେ ସୂଚନା ଦେଇଛନ୍ତି।

# ଭାରତର ଜିଏସ୍‌ପି ମାନ୍ୟତା ପ୍ରତ୍ୟାହାର କଲା ଆମେରିକା

ୱାଶିଂଟନ/ନୂଆଦିଲ୍ଲୀ,୧-୬

ଭାରତକୁ ମିଳୁଥିବା ଜେନେରାଲାଇଜ୍‌ଡ ସିଷ୍ଟମ ଅଫ୍ ପ୍ରିଫରେନ୍ସେସ(ଜିଏସ୍‌ପି) ମାନ୍ୟତାକୁ ଆମେରିକା ପ୍ରତ୍ୟାହାର କରିନେଇଛି। ଏହା ଆସନ୍ତା ୫ରୁ ଲାଗୁ ହୋଇଯିବ। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ହ୍ୱାଇଟ୍ ହାଉସ୍‌ରେ ଏ ସମ୍ପର୍କରେ ଘୋଷଣା କରିଥିଲେ। ଭାରତଠାରୁ ଏହି ମାନ୍ୟତା ପ୍ରତ୍ୟାହାର କରାଯିବ ବୋଲି ଟ୍ରମ୍ପ ମାର୍ଚ୍ଚ ୪ରେ ସୂଚନା ଦେଇଥିଲେ। ତେବେ ବାଣିଜ୍ୟ ବିବାଦର ସମାଧାନ ପାଇଁ ଭାରତ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବକୁ ପୂର୍ବରୁ ଆମେରିକା ପ୍ରତ୍ୟାଖ୍ୟାନ କରିଦେଇଥିଲା। ଭାରତ ନିଜର ବଜାରରେ ଆମେରିକାକୁ ସମାନ ପ୍ରବେଶ ଅଧିକାର ଦେଉନାହିଁ ବୋଲି ଅଭିଯୋଗ କରି ରାଷ୍ଟ୍ରପତି ଟ୍ରମ୍ପ ଏପରି ପଦକ୍ଷେପ ନେଇଥିବା ସୂଚନା ଦେଇଛନ୍ତି। ଏଥିଲାଗି ୬୦ ଦିନର ନୋଟିସ ପିରିୟଡ ଧାର୍ଯ୍ୟ ହୋଇଥିଲା, ଯାହା କି ମେ ୩ରେ ଶେଷ ହୋଇଛି।

## ଜିଏସ୍‌ପି ମାନ୍ୟତା କ'ଣ

ବିକାଶଶୀଳ ଦେଶର ଆର୍ଥିକ ବୃଦ୍ଧି ଲାଗି ଆମେରିକା ପକ୍ଷରୁ ୧୯୭୬ରେ ଜିଏସ୍‌ପି ମାନ୍ୟତା ପ୍ରଦାନ ଆରମ୍ଭ କରାଯାଇଥିଲା। ଏହି ମାନ୍ୟତା ପାଇଥିବା ଦେଶ ଆମେରିକାକୁ ଟିକସ ନ ଦେଇ ସାମଗ୍ରୀ ରପ୍ତାନି କରିପାରୁଛନ୍ତି। ଏବେ ମାନ୍ୟତା ପ୍ରତ୍ୟାହାର କରାଯିବା ପରେ ଆମେରିକାକୁ ରପ୍ତାନି କରାଯାଉଥିବା ସାମଗ୍ରୀ ଉପରେ ଭାରତ ଟିକସ ଦେବାକୁ ବାଧ ରହିବ। ଏହି କାରଣରୁ ଆମେରିକାରେ ଭାରତୀୟ ସାମଗ୍ରୀ ଦର ମହଙ୍ଗା ହୋଇଯିବ ଏବଂ ବିକ୍ରି ଉପରେ ଏହାର ସିଧାସଳଖ ପ୍ରଭାବ ପଡିବ। ଫଳରେ ଆମେରିକାକୁ ଭାରତର ସାମଗ୍ରୀ ରପ୍ତାନି ଧୀରେ ଧୀରେ ହ୍ରାସ ପାଇବ। ରପ୍ତାନି କମିବା ଭାରତର ଅର୍ଥନୀତି ପାଇଁ ଶୁଭଙ୍କର ନୁହେଁ। କାରଣ ଭାରତ ପୂର୍ବରୁ ହିଁ ବାଣିଜ୍ୟ ନିଅଣ୍ଟର ସାମ୍ନା କରୁଛି। ଭାରତ ପ୍ରାୟ ୨୦୦୦ ପ୍ରକାର ଉତ୍ପାଦ ଆମେରିକାକୁ ରପ୍ତାନି କରିଥାଏ। ଏହିସବୁ ଉତ୍ପାଦ ଉପରେ ଆମେରିକାରେ ଆମଦାନୀ ଶୁଳ୍କ ଆଦାୟ କରାଯାଉ ନଥିଲା। ଭାରତ ୨୦୧୭ରେ ଜିଏସ୍‌ପି କାର୍ଯ୍ୟକ୍ରମ ଅଧୀନରେ ସବୁଠାରୁ ବଡ଼ ଲାଭାର୍ଥୀ ଥିଲା। ଏହା ଆମେରିକାକୁ ୫.୭ ବିଲିୟନ ଡଲାର(ପ୍ରାୟ ୪୦ ହଜାର କୋଟି ଟଙ୍କା)ର ଶୁଳ୍କ ମୁକ୍ତ ସାମଗ୍ରୀ ରପ୍ତାନି କରିଥିଲା। ଆମେରିକା ପକ୍ଷରୁ ଯୁକ୍ତି ଦର୍ଶାଯାଇ କୁହାଯାଇଛି ଯେ, ଭାରତ ତାଙ୍କ ଦେଶରେ ବିନା ଶୁଳ୍କ ଦେଇ ସାମଗ୍ରୀ ବିକ୍ରି କରୁଛି। ଅଥଚ, ଭାରତରେ ଆମେରିକାର ସାମଗ୍ରୀ ବିକ୍ରି କରିବା ବେଳେ ଆମଦାନୀ ଶୁଳ୍କ ଆଦାୟ କରାଯାଉଛି।

## ଭାରତର ପ୍ରତିକ୍ରିୟା

ଆମେରିକାର ଉକ୍ତ ପଦକ୍ଷେପ ଉପରେ ପ୍ରତିକ୍ରିୟା ପ୍ରକାଶ କରି ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତି ଜାରି କରାଯାଇଛି। ଏଥିରେ କୁହାଯାଇଛି ଯେ, ଆମେରିକା ସହ ବାଣିଜ୍ୟ ସମାଧାନ ଲାଗି ଭାରତ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା। ତେବେ ଆମେରିକା ଏହାକୁ ସ୍ୱୀକାର କରିନାହିଁ। ଆମେରିକା ଅଥବା ଅନ୍ୟ କୌଣସି ଦେଶ ହେଉ ଭାରତ ନିଜର ରାଷ୍ଟ୍ରହିତକୁ ପ୍ରଥମେ ଗୁରୁତ୍ୱ ଦେବ। ଦେଶର ବିକାଶକୁ ଆଗେଇ ନେବା ବେଳେ ଅନେକ ଚିନ୍ତା କରିବାକୁ ପଡେ। କାରଣ ଭଲରେ ବଞ୍ଚିବାର ଅଧିକାର ସମସ୍ତେ ଚାହାଁନ୍ତି। ଦେଶ-ଦେଶ ଭିତରେ ଆର୍ଥିକ ସମ୍ପର୍କରେ ଏଭଳି ଅଘଟଣ ହୁଏ। ଯାହାକୁ ନିଜ-ନିଜ ଭିତରେ ସମାଧାନ କରାଯାଇଥାଏ। ଏହା ଏକ ନିରବଚ୍ଛିନ୍ନ ପ୍ରକ୍ରିୟା ଏବଂ ଆମେରିକା ସହିତ ଭାରତ ନିଜର ସମ୍ପର୍କ ଦୃଢ଼ିଭୂତ କରିବା ଜାରି ରଖିବ।



ଡୋନାଲ୍ଡ ଟ୍ରମ୍ପ

## କ'ଣ ପ୍ରଭାବ ପଡ଼ିବ

ଜିଏସ୍‌ପି ମାନ୍ୟତା ଅଧୀନରେ ଭାରତ ରସାୟନ ଏବଂ ଇଞ୍ଜିନିୟରିଂ ସେକ୍ଟରରେ ପ୍ରାୟ ୧୯୦୦ ଏବଂ ଅନ୍ୟାନ୍ୟ କ୍ଷେତ୍ରରୁ ପ୍ରାୟ ୧ ହଜାର ପ୍ରକାର ସାମଗ୍ରୀ ଆମେରିକାକୁ ବିନା ଶୁଳ୍କ ଦେଇ ରପ୍ତାନି କରିଥାଏ। ଜିଏସ୍‌ପି ମାନ୍ୟତା ପ୍ରତ୍ୟାହାର ଭାରତ ପାଇଁ ନିଶ୍ଚିତ ଭାବେ ଏକ ବଡ଼ ଝଟକା କୁହାଯାଇପାରେ। ତେବେ ବାଣିଜ୍ୟ ସଚିବ ଅନୁପ ୱାଧବନ ନିକଟ ଅତୀତରେ କହିଥିଲେ ଯେ, ମାନ୍ୟତା ପ୍ରତ୍ୟାହାର ଦ୍ୱାରା ଭାରତ ଉପରେ ବିଶେଷ କିଛି ପ୍ରଭାବ ପଡ଼ିବ ନାହିଁ। କାରଣ ଜିଏସ୍‌ପି ଯୋଗୁ ଭାରତକୁ ସେଭଳି ବିଶେଷ ଫାଇଦା ମିଳୁ ନ ଥିଲା। ଭାରତ ପ୍ରାୟ ୫.୭ ବିଲିୟନ ଡଲାର ମୂଲ୍ୟର ସାମଗ୍ରୀ ଆମେରିକାକୁ ରପ୍ତାନି କରିଥାଏ। ଏହାଦ୍ୱାରା ଭାରତକୁ ବାର୍ଷିକ ୧୯କୋଟି ଡଲାର ଅର୍ଥାତ୍ ୧୩୪୫ କୋଟି ଟଙ୍କାର ଶୁଳ୍କ ଛାଡ଼ ମିଳେ। ଭାରତ ମୁଖ୍ୟତଃ କଞ୍ଚାମାଲ ଏବଂ ଅର୍ଗାନିକ କେମିକାଲ୍ସ ଭଳି ସାମଗ୍ରୀ ଆମେରିକାକୁ ରପ୍ତାନି କରିଥାଏ। ସେ କହିଛନ୍ତି ଯେ, ଭାରତ ୨୦୧୭-୧୮ରେ ଆମେରିକାକୁ ପ୍ରାୟ ୪୮ ବିଲିୟନ ଡଲାର(୩,୩୯,୮୧୧ କୋଟି ଟଙ୍କା)ର ସାମଗ୍ରୀ ରପ୍ତାନୀ କରିଥିଲା। ତନ୍ମଧ୍ୟରେ ପ୍ରାୟ ୩୯,୬୪୫ କୋଟି ଟଙ୍କାର ସାମଗ୍ରୀ ଜିଏସ୍‌ପି ଅଧୀନରେ ପଠାଯାଇଛି। ଅନ୍ୟପକ୍ଷରେ ଆମେରିକା ସହିତ ଟ୍ରେଡ୍ ସର୍‌ପ୍ଲସ୍ ଅର୍ଥାତ ବାଣିଜ୍ୟ ବଳକା କ୍ଷେତ୍ରରେ ଭାରତ ୧୧ ତମ ସ୍ଥାନରେ ରହିଛି। ଅର୍ଥାତ୍ ଆମେରିକାକୁ ଭାରତ ଅଧିକ ମାଲ୍ ପଠାଇଥାଏ ଓ କମ୍ ଆମଦାନୀ କରିଥାଏ। ଏହି ଟ୍ରେଡ୍ ସର୍‌ପ୍ଲସ୍‌କୁ ହ୍ରାସ କରିବା ପାଇଁ ଟ୍ରମ୍ପ ଏଭଳି ନିଷ୍ପତ୍ତି ନେଇଥିବା କୁହାଯାଉଛି।

## କଂଗ୍ରେସର ତୀବ୍ର ପ୍ରତିକ୍ରିୟା

ଭାରତଠାରୁ ଆମେରିକା ଜିଏସ୍‌ପି ମାନ୍ୟତା ପ୍ରତ୍ୟାହାର କରିବା ନେଇ ବିରୋଧୀ ଦଳ କଂଗ୍ରେସ ତୀବ୍ର ପ୍ରତିକ୍ରିୟା ବ୍ୟକ୍ତ କରିଛି। ଏଭଳି କାହିଁକି ହେଲା ଏବଂ ଏଦିଗରେ ଭାରତ କିପ୍ରକାର ପଦକ୍ଷେପ ନେବାକୁ ଯାଉଛି, ସେ ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ଜଣାନ୍ତୁ ଏବଂ ଦେଶବାସୀଙ୍କ ଭରସା ଦିଅନ୍ତୁ ବୋଲି କଂଗ୍ରେସ କହିଛି। ଦଳର ମୁଖ୍ୟ ମୁଖପାତ୍ର ରଣଦୀପ ସୁରଜେୱାଲା କହିଛନ୍ତି ଯେ, ଜିଏସ୍‌ପି ପ୍ରତ୍ୟାହାର ଯୋଗୁ ଅର୍ଥନୀତି ଉପରେ ଗଭୀର ପ୍ରଭାବ ପଡ଼ିବ। ଦେଶର ମୋଟ୍ ରପ୍ତାନି ୧୬% ପର୍ଯ୍ୟନ୍ତ ପ୍ରଭାବିତ ହେବ। ଦେଶର ବିକାଶ ହାର କମିଥିବା ବେଳେ ବେକାରି ହାର ୪୫ ବର୍ଷର ସର୍ବୋଚ୍ଚ ସ୍ତରରେ ପହଞ୍ଚିଯାଇଥିବା ବେଳେ ଆମେରିକାର ଉକ୍ତ ପଦକ୍ଷେପ ଦେଶର ଅର୍ଥନୀତିକୁ ଆହୁରି କ୍ଷତିଗ୍ରସ୍ତ କରିବ।

# ବିନୟ ଦୁବେଙ୍କ ବିରୋଧରେ ଲୁକ୍‌ଆଉଟ ନୋଟିସ ଜାରି

ନୂଆଦିଲ୍ଲୀ,୧-୬



ଜେଟ୍ ଏୟାରୱେଜ୍‌ର ପୂର୍ବତନ ସିଇଓ ବିନୟ ଦୁବେଙ୍କ ବିରୋଧରେ ଲୁକ୍‌ଆଉଟ ନୋଟିସ ଜାରି କରାଯାଇଛି। ଅର୍ଥାତ ସେ ବିନାନୁମତିରେ ଆଉ ବିଦେଶ ଯାଇପାରିବେ ନାହିଁ। କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏହି ନୋଟିସ ଜାରି କରାଯାଇଛି ବୋଲି ସୂଚନା ମିଳିଛି। ଜେଟ୍‌ର ଆର୍ଥିକ ଅନିୟମିତତା ମାମଲାରେ ଦୁବେଙ୍କ ବିରୋଧରେ ଯାଞ୍ଚ ଆରମ୍ଭ ହୋଇଛି। ଦୁବେ ବ୍ୟକ୍ତିଗତ କାରଣ ଦର୍ଶାଇ ମେ ୧୪ରେ ଜେଟ୍ ଏୟାରୱେଜର ସିଇଓ ପଦରୁ ଇସ୍ତଫା ଦେଇଥିଲେ। ଏୟାରଲାଇନ୍ସର ରିଜଲ୍ୟୁଶନ ଅନୁଯାୟୀ ପ୍ରମୋଟର ନରେଶ ଗୋୟଲ ଏବଂ ତାଙ୍କ ସ୍ତ୍ରୀ ଅନୀତା ଗୋୟଲ ମାର୍ଚ୍ଚ ୨୫ରେ ବୋର୍ଡ ଅଫ୍ ଡାଇରେକ୍ଟର୍ସରୁ ଇସ୍ତଫା ଦେଇଥିଲେ। ଏଥିସହ ନରେଶ ଅଧ୍ୟକ୍ଷ ପଦରୁ ମଧ୍ୟ ଇସ୍ତଫା ଦେଇଥିଲେ। ଜରୁରୀକାଳୀନ ପାଣ୍ଠି ନ ମିଳିବା କାରଣରୁ ଜେଟ୍ ଏବେ ସାମୟିକ ବନ୍ଦ ହୋଇଯାଇଛି। ଅପରପକ୍ଷରେ ଗତ ଶନିବାର ଗୋୟଲ ଦମ୍ପତି ମୁମ୍ବାଇରୁ ଦୁବାଇ ବାଟେ ଲଣ୍ଡନ ପଳାଇବାକୁ ଉଦ୍ୟମ କରି ବିଫଳ ହୋଇଥିଲେ। ସେମାନଙ୍କ ବିରୋଧରେ ସିରିୟସ୍ ଫ୍ରଡ୍ ଇନ୍‌ଭେଷ୍ଟିଗେଶନ ଅଫିସ(ଏସ୍‌ଏଫ୍‌ଆଇଓ) ପକ୍ଷରୁ ଲୁକ୍‌ଆଉଟ ନୋଟିସ ଜାରି କରାଯାଇଥିଲା। ଇତିମଧ୍ୟରେ କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ୨୦ ଜଣଙ୍କ ବିରୋଧରେ ଉକ୍ତ ନୋଟିସ ଜାରି କରାଯାଇଛି।

# ୟୁଏସ୍ ସାମଗ୍ରୀ ଉପରେ ଚାଇନାର ୨୫% ଟାରିଫ ବୃଦ୍ଧି

ବେଜିଂ,୧-୬

ଚାଇନା ଏବଂ ଆମେରିକା(ୟୁଏସ୍) ମଧ୍ୟରେ ଟ୍ରେଡ ୱାର୍ ଥମିବାର ନାଁ ନେଉନି। ଆମେରିକାକୁ ଜବାବ ଦେଇ ଚାଇନା ଟାରିଫ ବୃଦ୍ଧି କରିଛି। ଆମେରିକାର ୬୦ ବିଲିୟନ ଡଲାର ସାମଗ୍ରୀ ଆମଦାନୀ ଉପରେ ଚାଇନା ୨୫% ଟାରିଫ ବୃଦ୍ଧି କରିଛି। ଏଥିପୂର୍ବରୁ ଚାଇନାରୁ ଆସୁଥିବା ୨୦୦ ବିଲିୟନ ଡଲାର ପର୍ଯ୍ୟନ୍ତ ସାମଗ୍ରୀ ଉପରେ ଆମେରିକା ଟାରିଫ ବୃଦ୍ଧି କରିଥିଲା। ମେ'ରେ ଆମେରିକା ଓ ଚାଇନା ମଧ୍ୟରେ ହୋଇଥିବା ବାଣିଜ୍ୟ ଆଲୋଚନା ଫଳାଫଳ ଶୂନ୍ୟ ଥିଲା। ଏହାପରେ ଆମେରିକା ଚାଇନାର ସାମଗ୍ରୀ ଉପରେ ଟାରିଫ ବୃଦ୍ଧି କରିଛି। ଫଳରେ ଚାଇନାର ସାମଗ୍ରୀ ଉପରେ ୧୦ରୁ ୨୫%କୁ ଟାରିଫ ବୃଦ୍ଧି ପାଇଛି। ଚାଇନାର ସରକାର ନିୟନ୍ତ୍ରିତ ଖବର କାଗଜ ଚାଇନା ଡେଲି କଷ୍ଟମ୍ସ ଟାରିଫ କମିଶନର ତଥ୍ୟକୁ ଉଲ୍ଲେଖ କରି କହିଛି ଯେ, ୧୦ରୁ ୨୫% ପର୍ଯ୍ୟନ୍ତ ଟାରିଫ ବୃଦ୍ଧି ପାଇବ। ଆମେରିକାରୁ ଆସୁଥିବା ବ୍ୟୁଟି ପ୍ରଡକ୍ଟସ, ସ୍ପୋର୍ଟ୍ସ ଇକ୍ୟୁପମେଣ୍ଟସ, ମ୍ୟୁଜିକାଲ ଇନ୍‌ଷ୍ଟ୍ରୁମେଣ୍ଟସ, ୱାଇନ, କଣ୍ଡମ, ଡାଏମଣ୍ଡ, କାଠ, ଫ୍ୟାବ୍ରିକ୍ ଏବଂ ଖେଳନା ଉପରେ ଟାରିଫ ବୃଦ୍ଧି ପାଇଛି।

# ପାତ୍ରପଡ଼ାରେ ଖୋଲିଲା ବଜାର କୋଲକାତା

ଭୁବନେଶ୍ୱର,୧-୬

ପୂର୍ବ ଭାରତର ପ୍ରମୁଖ ରିଟେଲ ଚେନ୍ ବଜାର କୋଲକାତା ପକ୍ଷରୁ ସ୍ଥାନୀୟ ପାତ୍ରପଡାଠାରେ ନୂଆ ଶୋ'ରୁମ ଶନିବାର ଶୁଭାରମ୍ଭ ହୋଇଛି। ଓଡ଼ିଆ ସିନେମା ଅଭିନେତ୍ରୀ ଏଲିନା ସାମନ୍ତରାୟ ଶୋ'ରୁମକୁ ଉଦ୍‌ଘାଟନ କରିଥିଲେ। ୧୧ ହଜାର ବର୍ଗଫୁଟ ପରିମିତ ସ୍ଥାନରେ ଏହି ଶୋ'ରୁମରେ ମହିଳା, ପୁରୁଷ, କିଡସ୍‌ଙ୍କ ପୋଷାକପତ୍ର ସମେତ ବିଭିନ୍ନ ଆନୁସଙ୍ଗିକ ସାମଗ୍ରୀ ଉପଲବ୍ଧ ହେବ। ମହିଳାଙ୍କ ବର୍ଗରେ ମାତ୍ର ୯୯ ଟଙ୍କାରୁ ପୋଷାକ ଉପଲବ୍ଧ ହେଉଥିବା ବେଳେ ପୁରୁଷ ବର୍ଗରେ ୯୯ ଟଙ୍କା ଏବଂ ଶିଶୁ ମାନଙ୍କର ପୋଷାକ ମାତ୍ର ୭୯ ଟଙ୍କାରୁ ଆରମ୍ଭ ହେଉଛି। ଉଦ୍‌ଘାଟନୀ ଅବସରରେ ଗ୍ରାହକଙ୍କ ଲାଗି ସ୍ୱତନ୍ତ୍ର କୁପନ ଯୋଗେ ଭାଗ୍ୟଶାଳୀ ଗ୍ରାହକଙ୍କ ଲାଗି କାର ଏବଂ ବାଇକ ଜିତିବାର ସୁଯୋଗ ରହିଛି। ସେହିଭଳି ୯୯୯ ଟଙ୍କାର କିଣାକିଣି ଉପରେ ନିଶ୍ଚିତ ଉପହାର ଦିଆଯାଉଛି। ରାଜ୍ୟରେ ବଜାର କୋଲକତା ଷ୍ଟୋର ସଂଖ୍ୟା ୧୮ ଛୁଇଁଥିବା ବେଳେ ୨୦୨୦ ଶେଷ ସୁଦ୍ଧା ଆଉ ୧୦ ଷ୍ଟୋର ଖୋଲିବା ଯୋଜନା ରହିଥିବା ରିଟେଲ ହେଡ୍ ଦିପକ ଲାଲ୍ କହିଛନ୍ତି। ଦେଶରେ କମ୍ପାନୀର ୬୯ ଷ୍ଟୋର ରହିଛି ଏହାକୁ ୧୦୦କୁ ବଢାଯିବ ବୋଲି ସେ ସୂଚନା ଦେଇଛନ୍ତି।

- କଟକରେ ନୂଆ ଷ୍ଟୋର
- ରାଜ୍ୟରେ ଆଉ ୧୦ ଷ୍ଟୋର ଖୋଲିବାକୁ ଯୋଜନା



## କଟକ ଦୋଳମୁଣ୍ଡାଇରେ ନୂଆ ଷ୍ଟୋର

ସେହିଭଳି କଟକର ଦୋଳମୁଣ୍ଡାଇ ଛକଠାରେ କମ୍ପାନୀର ଆଉ ଏକ ନୂଆ ଷ୍ଟୋର ଶୁଭାରମ୍ଭ ହୋଇଛି। ଏହାକୁ ଓଡ଼ିଆ ସିନେମା ଅଭିନେତା ଆକାଶ ଦାସ ନାୟକ ଉଦଘାଟନ କରିଥିଲେ। ଏହା ୮୫୦୦ ବର୍ଗଫୁଟ ପରିମିତ ସ୍ଥାନରେ ଖୋଲିଛି। ଏହି ଅବସରରେ ମାର୍କେଟିଂ ବିଭାଗ ମୁଖ୍ୟ ଉମେଶ ଶର୍ମା ଏବଂ ପ୍ଲାନିଂ ବିଭାଗ ମୁଖ୍ୟ ସୌଗତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଭୂଷଣ ଏନର୍ଜିକୁ ଟାଟା ଷ୍ଟିଲ୍‌ର ଅଧିଗ୍ରହଣ ସମ୍ପୂର୍ଣ୍ଣ

ନୂଆଦିଲ୍ଲୀ,୧-୬

ଋଣରେ ବୁଡ଼ି ରହିଥିବା ଭୂଷଣ ଏନର୍ଜି ଲିମିଟେଡର ଅଧିଗ୍ରହଣ ପ୍ରକ୍ରିୟା ଶେଷ ହୋଇଛି ବୋଲି ଟାଟା ଷ୍ଟିଲ୍ ପକ୍ଷରୁ ଶନିବାର ଘୋଷଣା କରାଯାଇଛି। ୮୦୦ କୋଟି ଟଙ୍କାରେ ଭୂଷଣ ଏନର୍ଜିକୁ କିଣିବା ଲାଗି ନ୍ୟାଶନାଲ କମ୍ପାନୀ ଲ' ଟ୍ରିବ୍ୟୁନାଲ(ଏନ୍‌ସିଏଲ୍‌ଟି) ଅନୁମତି ଦେବା ପରେ ଟାଟା ଷ୍ଟିଲ୍ ପକ୍ଷରୁ ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ଟାଟା ଷ୍ଟିଲ୍ ବିଏସ୍‌ଏଲ୍ ଲିମିଟେଡ ଏହି ଅଧିଗ୍ରହଣ କରିଛି ବୋଲି ଟାଟା ଷ୍ଟିଲ୍ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜକୁ ଜଣାଇଛି। ଏହି ଅଧିଗ୍ରହଣ ଯୋଗୁ ବିଇଏଲ୍‌ର ୯୯.୯୯ ପ୍ରତିଶତ ଶେୟାର ନିଜ ପାଖରେ ରଖିଛି।

# ହୁଡ୍‌କୋର ଆର୍ଥିକ ଫଳାଫଳ ଘୋଷଣା

ଭୁବନେଶ୍ୱର,୧-୬



ରାଷ୍ଟ୍ରାୟତ୍ତ ହାଉସିଂ ଆଣ୍ଡ ଅର୍ବାନ ଡେଭଲପମେଣ୍ଟ କର୍ପୋରେଶନ ଅଫ୍ ଇଣ୍ଡିଆ(ହୁଡକୋ) ପକ୍ଷରୁ ୨୦୧୮-୧୯ ବର୍ଷର ଆର୍ଥିକ ଫଳାଫଳ ଘୋଷଣା କରାଯାଇଛି। ଏହି ସମୟରେ କମ୍ପାନୀର ଲାଭ ସର୍ବୋଚ୍ଚ ସ୍ତରରେ ରହିଛି। ନେଟ୍ ଲାଭ ୧୭% ବୃଦ୍ଧି ଘଟି ୧୧୮୦ କୋଟି ଟଙ୍କା ଛୁଇଁଥିବା କମ୍ପାନୀର ସିଏମ୍‌ଡି ଏମ୍. ରବିକାନ୍ତ ସୂଚନା ଦେଇଛନ୍ତି। ୨୦୧୭-୧୮ ବର୍ଷରେ ଲାଭ ୧୦୧୦ କୋଟି ଟଙ୍କା ରହିଥିବା ବେଳେ ୨୦୧୮-୧୯ରେ ଏଥିରେ ଉଲ୍ଲେଖନୀୟ ଅଭିବୃଦ୍ଧି ରହିଥିବା କାନ୍ତ କହିଛନ୍ତି। ୨୦୧୭-୧୮ରେ ନେଟ ସମ୍ପତ୍ତି ଲାଭ ୯୯୪୩ କୋଟି ଟଙ୍କା ରହିଥିଲା ବେଳେ ଏଥିରେ ୧୦% ବୃଦ୍ଧି ପରିଲକ୍ଷିତ ହୋଇଛି। ଏହା ୨୦୧୮-୧୯ରେ ୧୦,୯୫୬ କୋଟି ଟଙ୍କାକୁ ବୃଦ୍ଧି ଘଟିଛି।

ଆଲୋଚ୍ୟ ଆର୍ଥିକ ବର୍ଷରେ ହୁଡକୋର ଋଣ ପ୍ରଦାନରେ ୮୭% ଅଭିବୃଦ୍ଧି ହୋଇଛି। ଏହି ସମୟରେ ଏହା ୩୧,୦୦୯ କୋଟି ଟଙ୍କା ପ୍ରଦାନ କରିଛି। ଏହାର ପୂର୍ବ ଆର୍ଥିକବର୍ଷରେ କମ୍ପାନୀ ୧୬,୫୬୫ କୋଟି ଟଙ୍କା ଋଣ ପ୍ରଦାନ କରିଥିଲା। ବାଲାନ୍ସ ସିଟ ୪୮,୯୧୫ କୋଟି ଟଙ୍କାରୁ ବଢି ୭୨,୮୨୯ କୋଟି ଟଙ୍କାରେ ପହଞ୍ଚିଛି। ଏହି କ୍ଷେତ୍ରରେ ୪୯% ଅଭିବୃଦ୍ଧି ହୋଇଥିବା କାନ୍ତ କହିଛନ୍ତି। ଏହାର ନେଟ୍ ଏନ୍‌ପିଏ ୦.୫% ରହିଛି। କମ୍ପାନୀ ୨୦୧୮-୧୯ ଆର୍ଥିକ ବର୍ଷରେ ୨୦.୬୮ ଲକ୍ଷ ୟୁନିଟ ବାସଗୃହ ମଞ୍ଜୁର କରିଛି। ଏହା ମଧ୍ୟରେ ଇଡବ୍ଲ୍ୟୁଏସ୍, ଏଲ୍‌ଆଇଜି ଭଳି ବର୍ଗ ସାମିଲ ରହିଛି। ଏହା ୨୦୧୭-୧୮ରେ ୮.୮୮ ଲକ୍ଷ ୟୁନିଟ ରହିଥିଲା।

# ମ୍ୟାକ୍ସ ପକ୍ଷରୁ ଲିଟିଲ ଆଇକନ୍ ୨୦୧୯

ଭୁବନେଶ୍ୱର,୧-୬

ପ୍ରମୁଖ ଫ୍ୟାଶନ ବ୍ରାଣ୍ଡ ମ୍ୟାକ୍ସ ଫ୍ୟାଶନ ପକ୍ଷରୁ ଲିଟିଲ ଆଇକନ୍ ୨୦୧୯ କାର୍ଯ୍ୟକ୍ରମ ସ୍ଥାନୀୟ ଏସ୍‌ପ୍ଲାନେଡ ୱାନ ମଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ପରିସମାପ୍ତି ଘୋଷଣା ସହ ରଜ ଲୋଗୋକୁ ଉନ୍ମୋଚନ କରାଯାଇଛି। କାର୍ଯ୍ୟକ୍ରମ ଅବସରରେ ୩୦ ଜଣ ଏନ୍‌ଜିଓ ବାଳିକାବାଳକଙ୍କ ଦ୍ୱାରା ମ୍ୟାକ୍ସ ଫେଷ୍ଟିଭ କଲେକ୍ସନର ବଜାର ପ୍ରବେଶ କରାଯାଇଛି। ମ୍ୟାକ୍ସ ଲିଟିଲ ଆଇକନର ଫିନାଲେରେ ଆଦ୍ୟାଶା ପି.ବେହେରା, ଦିବ୍ୟାଶୀଂ ମିଶ୍ର ଏବଂ ହୃଷିକେଶ ପଟ୍ଟନାୟକ ଯଥାକ୍ରମେ ଗୀତ, ନାଚ ଏବଂ ଡ୍ରଇଁରେ ଟାଇଟଲ ବିଜୟୀ ହୋଇଥିଲେ। କଣ୍ଠଶିଳ୍ପୀ ଜାଜ୍ଞସେନୀ, ଫାଇନ ଆର୍ଟସ କଳାକାର ନରୋତ୍ତମ ଦାଶ ଏବଂ କୋରିଓଗ୍ରାଫର ସ୍ୱାଗତିକା ରଥ ବିଚାରକ ଭାବେ ରହିଥିଲେ। ମ୍ୟାକ୍ସର ଏହି କାର୍ଯ୍ୟକ୍ରମ ପିଲାଙ୍କର ପ୍ରତିଭା ପ୍ରଦର୍ଶନର ଏକ ପ୍ଲାଟଫର୍ମ ବୋଲି ମ୍ୟାକ୍ସ ଏଭିପି ରାଜୀବ ମୁଖାର୍ଜୀ କହିଛନ୍ତି। ଏଭଳି କାର୍ଯ୍ୟକ୍ରମ ଶିଶୁଙ୍କ ଆତ୍ମବିଶ୍ୱାସ ଦୃଢ କରୁଥିବା ସ୍ୱାଗତିକା ରଥ କହିଛନ୍ତି। ଏଥି ସହ ମ୍ୟାକ୍ସ ରଜ ଅଫର ଆରମ୍ଭ କରିଥିବା ସୂଚନା ଦେଇଛି।





# 'ଅର୍ଥନୀତିକୁ ଚାଲୁ କରିବା ସରକାରଙ୍କ ପ୍ରାଥମିକତା ହେଉ'

ମୁମ୍ବାଇ,୧-୬

ଅର୍ଥନୀତିକୁ ଚାଲୁ କରିବା ନୂଆ ସରକାରଙ୍କ ପ୍ରାଥମିକତା ହେବା ଆବଶ୍ୟକ। ମାର୍ଚ୍ଚ ତ୍ରୈମାସରେ ଦେଶର ଅର୍ଥନୈତିକ ଅଭିବୃଦ୍ଧି ହାର ୫.୮%କୁ ଖସିଛି। ଭାରତ ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ରାଷ୍ଟ୍ର ମାନ୍ୟତା ହରାଇଛି। ଏଭଳି ସ୍ଥିତିରେ ଦେଶର ଅର୍ଥନୈତିକ କାର୍ଯ୍ୟକଳାପ ବୃଦ୍ଧି ତଥା ଅର୍ଥବ୍ୟବସ୍ଥାକୁ ଗତିଶୀଳ କରାଇବା ଦିଗରେ କେନ୍ଦ୍ରର ଏନ୍‌ଡିଏ ସରକାର ବିଭିନ୍ନ ପଦକ୍ଷେପ ଅଗ୍ରାଧିକାର ଭିତ୍ତିରେ ନେବା ଉଚିତ ବୋଲି ଦେଶର ଶିଳ୍ପ ଜଗତ ମତ ରଖିଛି। ୨୦୧୮-୧୯ରେ ଜିଡିପି ଅଭିବୃଦ୍ଧି ୬.୮%କୁ ଖସିଛି। ଏହା ୨୦୧୭-୧୮ରେ ୭.୨% ରହିଥିଲା। କନ୍‌ଫେଡେରେଶନ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରି (ସିଆଇଆଇ) ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦେଶର ଶିଳ୍ପ ସହ ଜଡିତ ପ୍ରମୁଖ ବ୍ୟକ୍ତି ବିଶେଷ ଏଭଳି ମତ ରଖିଛନ୍ତି। ଏନ୍‌ବିଏଫ୍‌ସି କ୍ଷେତ୍ରରେ ଅସୁବିଧା ଯୋଗୁ ବର୍ତ୍ତମାନ ଅର୍ଥ ବ୍ୟବସ୍ଥାରେ ନଗଦ ଯୋଗାଣ କମିଛି। ଲୋକମାନେ ସାମଗ୍ରୀ କ୍ରୟକୁ ଏତେଟା ଗୁରୁତ୍ୱ ଦେଉ ନ ଥିବା ଟିଭିଏସ୍ ମୋଟର୍ସ ଅଧ୍ୟକ୍ଷ ବେଣୁ ଶ୍ରୀନିବାସନ କହିଛନ୍ତି।

ଗ୍ରାମାଞ୍ଚଳ ଅର୍ଥନୀତି ସହ ଅର୍ଥବ୍ୟବସ୍ଥାକୁ ଠିକ୍ କରିବା ଦିଗରେ ସରକାର ବିଭିନ୍ନ ପଦକ୍ଷେପ ନେବା ଉପରେ ଟାଟା ଷ୍ଟିଲ ପରିଚାଳନା ନିର୍ଦ୍ଦେଶକ ଟି.ଭି. ନରେନ୍ଦ୍ରନ ଏଥିରେ ମତ ରଖିଛନ୍ତି। ଏଫ୍‌ଏମ୍‌ସିଜି, କାର୍, ଟ୍ରାକ୍ଟର, ଟୁହ୍ୱିଲର୍ସ ଭଳି କ୍ଷେତ୍ର ବର୍ତ୍ତମାନ ପ୍ରଭାବିତ ସ୍ଥିତିରେ ରହିଥିବା ବେଳେ କ୍ଷେତ୍ରଗୁଡିକର ଉନ୍ନତି ଲାଗି ସରକାର ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ପ୍ରଫେସର ଲର୍ଡ ସୁଶାନ୍ତ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି। କାର୍ଯ୍ୟକ୍ରମରେ ରତନ ଟାଟା ଅର୍ଥନୀତିର ବିଭିନ୍ନ ଦିଗ ସହ ଶିଳ୍ପାୟନ ନେଇ ରହିଥିବା ତାଙ୍କର ଅଭିଜ୍ଞତା ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ଟାଟା ସନ୍ସ ଗ୍ରୁପ ଅଧ୍ୟକ୍ଷ ଏନ୍.ଚନ୍ଦ୍ରଶେକରନ, ଗୋଦରେଜ ମାନୁଫାକଚରିଂ କମ୍ପାନୀର ଏମ୍‌ଡି ଜାମସେଦ ଏନ୍. ଗୋଦରେଜ, ହିରୋ ଏଣ୍ଟରପ୍ରାଇଜେସ ଅଧ୍ୟକ୍ଷ ସୁନୀଲ କାନ୍ତ ମୁଞ୍ଜାଲ ପ୍ରମୁଖ ଉପସ୍ଥିତ ଥିଲେ।







# ବିଶ୍ୱକପ୍ ପୂର୍ବାନୁମାନ

ଗୁରୁବାରଠାରୁ ଆରମ୍ଭ ହୋଇଛି ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ବିଶ୍ୱକପ୍‌ର ଦ୍ୱାଦଶ ସଂସ୍କରଣ। ବିଶ୍ୱର ଶ୍ରେଷ୍ଠ ୧୦ଟି ଦଳ ଏଥିରେ ଅଂଶଗ୍ରହଣ କରିଛନ୍ତି। ଆସନ୍ତା ୬ ସପ୍ତାହ ମଧ୍ୟରେ କିଏ ବିଶ୍ୱକପ୍ ଜିତିବ ତାହା ସ୍ପଷ୍ଟ ହୋଇଯିବ। ଟୁର୍ନାମେଣ୍ଟରେ ମୋଟ ଉପରେ ୪୮ଟି ମ୍ୟାଚ୍ ଖେଳାଯିବ। ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆ ଏଥର ଟାଇଟଲ ବଜାୟ ରଖିବାକୁ ପ୍ରୟାସ କରିବ। ପୁଣି ଆୟୋଜକ ଇଂଲଣ୍ଡ ସମେତ କେତେକ ଦଳ ମଧ୍ୟ ପ୍ରଥମଥର ପାଇଁ ଟାଇଟଲ ଜିତିବା ଲକ୍ଷ୍ୟରେ ରହିଛନ୍ତି। ଇଂଲଣ୍ଡ ଓ ଅଷ୍ଟ୍ରେଲିଆକୁ ବାଦ୍ ଦେଲେ ଦୁଇଥର ଟାଇଟଲ ହାସଲ କରିଥିବା ଭାରତ ମଧ୍ୟ ଅନ୍ୟତମ ଫେଭରାଇଟ ଦଳ ବିବେଚିତ ହେଉଛି। ନ୍ୟୁଜିଲାଣ୍ଡ ମଧ୍ୟ ଟାଇଟଲ ଦୌଡରେ ପଛରେ ପଡିନାହିଁ। କେଉଁ ଦଳ ବିଜୟ ମୁକୁଟ ପିନ୍ଧିବ ସେ ନେଇ ପ୍ରଶଂସକଙ୍କଠାରୁ ଆରମ୍ଭ କରି କ୍ରିକେଟ ପଣ୍ଡିତମାନେ ପୂର୍ବାନୁମାନ ଆରମ୍ଭ କରିଦେଇଛନ୍ତି। ଜୁଲାଇ ୧୪ରେ କେଉଁ ଦଳ ଚାମ୍ପିୟନ ହେବ ସେ ନେଇ ମଧ୍ୟ କେତେଜଣ କ୍ରିକେଟ କିମ୍ବଦନ୍ତୀ ତଥା ପୂର୍ବତନ ଖେଳାଳି ପୂର୍ବାନୁମାନ କରିଛନ୍ତି। ଏହି କିମ୍ବଦନ୍ତୀ ଖେଳାଳିଙ୍କ ମତ ତଥା ପୂର୍ବାନୁମାନ ନିମ୍ନରେ ଦିଆଗଲା...



## ମାଇକେଲ ଭନ୍

ଇଂଲଣ୍ଡର ପୂର୍ବତନ ବ୍ୟାଟ୍ସମ୍ୟାନ ତଥା ଅଧିନାୟକ ମାଇକେଲ ଭନ୍ ଆୟୋଜକ ଇଂଲଣ୍ଡକୁ ଫେଭରାଇଟ ବିବେଚନା କରିଛନ୍ତି। ଇଂଲଣ୍ଡ ଏବେ ବିଶ୍ୱର ୧ ନମ୍ବର ଦିନିକିଆ ଦଳ ଭାବେ ଉଭା ହୋଇଛି। ଇଂଲଣ୍ଡ ସେମିଫାଇନାଲରେ ନିଶ୍ଚିତ ପ୍ରବେଶ କରିବ ବୋଲି ସେ ଆଶାପ୍ରକାଶ କରିଛନ୍ତି। ଅଷ୍ଟ୍ରେଲିଆ ମଧ୍ୟ ପଛରେ ପଡିନାହିଁ ବୋଲି ସେ କହିଛନ୍ତି। ଷ୍ଟିଭ ସ୍ମିଥ୍ ଓ ଡେଭିଡ ୱାର୍ନର ଦଳକୁ ଫେରିବା ପରେ ଦଳ ଆହୁରି ଦୃଢ ହୋଇଛି। ପୁଣି ଅଷ୍ଟ୍ରେଲିଆର ବୋଲିଂ ବେଶ୍ ଶକ୍ତିଶାଳୀ ମନେହେଉଛି। ବିରାଟ କୋହଲିଙ୍କ ନେତୃତ୍ୱରେ ଭାରତ ଟାଇଟଲ ଦୌଡରେ ରହିଛି। କୋହଲି ବିଶ୍ୱର ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଓ ଯଶପ୍ରୀତ ବୁମ୍‌ରା ବିଶ୍ୱର ଶ୍ରେଷ୍ଠ ବୋଲର ବିବେଚିତ ହେଉଛନ୍ତି। ପୁଣି ଭାରତୀୟ ଦଳରେ ସନ୍ତୁଳନ ରହିଛି। ତେଣୁ ଭାରତ ମଧ୍ୟ ଟାଇଟଲ ଦାବିଦାର ଭାବେ ଉଭା ହୋଇଛି ବୋଲି ସେ କହିଛନ୍ତି। ପାକିସ୍ତାନ ଦୁର୍ବଳ ମନେ ହେଉଥିଲେ ମଧ୍ୟ ବିପର୍ଯ୍ୟୟ ଘଟାଇବାର ଦକ୍ଷତା ରଖୁଛି। ତେଣୁ ଏହି ସେମିଫାଇନାଲରେ ପ୍ରବେଶ କରିବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ଭନ୍ ପୂର୍ବାନୁମାନ କରିଛନ୍ତି।



ମାଇକେଲ ଭନ୍



ଆଲାନ ବର୍ଡର

## ବ୍ରେଟ୍ ଲୀ

ଅଷ୍ଟ୍ରେଲୀୟ ପୂର୍ବତନ ଦ୍ରୁତ ବୋଲର ବ୍ରେଟ୍ ଲୀ ନିଜ ଦଳକୁ ଫେଭରାଇଟ ବୋଲି କହିଛନ୍ତି। ଅଷ୍ଟ୍ରେଲିଆ ଏପର୍ଯ୍ୟନ୍ତ ୫ଥର ବିଶ୍ୱକପ୍ ଜିତିଛି। ତେଣୁ ବିଶ୍ୱକପ୍ କିଭଳି ଜିତିବାକୁ ହୁଏ ତାହା ଆମକୁ ବେଶ୍ ଭଲଭାବେ ଜଣା। ପୁଣି ଅଷ୍ଟ୍ରେଲିଆ ଦଳରେ ସନ୍ତୁଳନ ରହିଛି ଓ ଏହି ଦଳ ଶକ୍ତିଶାଳୀ ଦଳ ଭାବେ ଉଭା ହୋଇଛି। ତେଣୁ ଅଷ୍ଟ୍ରେଲିଆ ବିଶ୍ୱକପ୍ ଜିତିବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ଲୀ କହିଛନ୍ତି।



ବ୍ରେଟ୍ ଲୀ



ଫିଲ୍ ଟଫ୍‌ନେଲ

## ଆଲେକ ଷ୍ଟିୱାର୍ଟ

ବିଶ୍ୱକପ୍ ସେମିଫାଇନାଲରେ ଇଂଲଣ୍ଡ, ଭାରତ ଓ ଅଷ୍ଟ୍ରେଲିଆ ପ୍ରବେଶ କରିବେ ବୋଲି ପୂର୍ବତନ ଇଂଲଣ୍ଡ ଉଇକେଟକିପର ବ୍ୟାଟ୍ସମ୍ୟାନ ଆଲେକ ଷ୍ଟିୱାର୍ଟ କହିଛନ୍ତି। ପୁଣି ଯଦି ଡେଲ ଷ୍ଟେଇନ୍ ଫିଟ୍ ରୁହନ୍ତ ତାହେଲେ ଦକ୍ଷିଣ ଆଫ୍ରିକା ମଧ୍ୟ ସେମିକୁ ଉଠିବ। ଇଂଲଣ୍ଡ ସବୁ ଦୃଷ୍ଟିକୋଣରୁ ଆଗରେ ଥିବା ଭଳି ମନେହେଉଛି। ଦଳରେ ସନ୍ତୁଳନ ରହିଛି ଓ ପ୍ରାୟ ସବୁ ଖେଳାଳି ବିଶ୍ୱସ୍ତରୀୟ। ଅନ୍ୟପଟେ ବିଶ୍ୱକପ୍ ପୂର୍ବରୁ ଅଷ୍ଟ୍ରେଲିଆ ପିକ୍‌ରେ ଥିବା ଭଳି ମନେହେଉଛି। ଷ୍ଟେଇନ୍‌ଙ୍କ ପ୍ରଦର୍ଶନ ବଳରେ ଦକ୍ଷିଣ ଆଫ୍ରିକା ସେମିକୁ ଉଠିବ। ଏହି ଦଳରେ ଏକାଧିକ ମ୍ୟାଚ୍ ୱିନର ରହିଛନ୍ତି। ଅଭିଜ୍ଞ ଓ ଯୁବ ଖେଳାଳିଙ୍କୁ ନେଇ ଏହି ଦଳ ବେଶ୍ ସନ୍ତୁଳିତ ମନେହେଉଛି। ଇଅନ ମୋର୍ଗାନଙ୍କ ନେତୃତ୍ୱରେ ଓ କୋଚ୍ ଟ୍ରେଭର ବେଲିସଙ୍କ ତତ୍ତ୍ୱାବଧାନରେ ଇଂଲଣ୍ଡ ଏଥର ପ୍ରଥମଥର ପାଇଁ ବିଶ୍ୱକପ୍ ଜିତିବ ବୋଲି ସେ କହିଛନ୍ତି।



ଆଲେକ ଷ୍ଟିୱାର୍ଟ



ମାର୍କ ୱ

## ୱାକର ୟୁନିସ୍

ବିଶ୍ୱକପ୍‌ର ଫର୍ମାଟ ଏବେ ସମସ୍ତଙ୍କୁ ସୁହାଇଛି। ଯେକୌଣସି ଦଳ ସେମିଫାଇନାଲରେ ପ୍ରବେଶ କରିପାରିବ ଓ ଏଥିପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଛି ବୋଲି ପୂର୍ବତନ ପାକିସ୍ତାନ ଦ୍ରୁତ ବୋଲର ୱାକର ୟୁନିସ କହିଛନ୍ତି। ଇଂଲଣ୍ଡ କ୍ଲିୟର ଫେଭରାଇଟ୍ ମନେହେଉଛି। ଅଷ୍ଟ୍ରେଲିଆ ମଧ୍ୟ ଆତ୍ମବିଶ୍ୱାସ ଫେରିପାଇଛି। ଉପମହାଦେଶରୁ ଭାରତ କମାଲ କରିବ ବୋଲି ଆଶା କରାଯାଉଛି। ଏସବୁ ସତ୍ତ୍ୱେ ପାକିସ୍ତାନ ବିଶ୍ୱକପ୍ ଜିତୁ ବୋଲି ମୋ ହୃଦୟ ଚାହୁଁଛି। ନ୍ୟୁଜିଲାଣ୍ଡ ମଧ୍ୟ ସେମିଫାଇନାଲରେ ପ୍ରବେଶ କରିବ। ତେବେ ଇଂଲଣ୍ଡ ଟାଇଟଲ ଜିତିବ ବୋଲି ୟୁନିସ୍ କହିଛନ୍ତି।

## ଡାରେନ ସାମି

ଏଥର ୱେଷ୍ଟଇଣ୍ଡିଜ ବିଶ୍ୱକପ ଚାମ୍ପିୟନ ହେବ ବୋଲି ପୂର୍ବତନ ୱେଷ୍ଟଇଣ୍ଡିଜ ଅଧିନାୟକ ଡାରେନ ସାମି କହିଛନ୍ତି। ବିଶ୍ୱକପ୍ ପରେ କ୍ରିସ୍ ଗେଲ୍ ଅବସର ନେବ। ତେଣୁ କ୍ରିକେଟ ଛାଡିବା ପୂର୍ବରୁ ସେ ବିଶ୍ୱକପ୍ ହାସଲ କରିବାକୁ ଚେଷ୍ଟା କରିବେ। ୪୦ ବର୍ଷ ତଳେ ଆମେ ବିଶ୍ୱକପ୍ ଜିତିଥିଲୁ। ଦଳରେ କେତେକ ମ୍ୟାଚ୍ ୱିନର ଓ ତାରକା ଖେଳାଳି ରହିଛନ୍ତି। ତେଣୁ ୱେଷ୍ଟଇଣ୍ଡିଜ ବିଶ୍ୱକପ୍ ଜିତିବାର ସମୟ ଉପନୀତ ହୋଇଛି ବୋଲି ସାମି ମତ ଦେଇଛନ୍ତି।

## ଆଡାମ୍ ଗିଲକ୍ରିଷ୍ଟ

ପୁଣି ଥରେ ଅଷ୍ଟ୍ରେଲିଆ ଚାମ୍ପିୟନ ହୋଇ କ୍ରମାଗତ ଦ୍ୱିତୀୟଥର ଟାଇଟଲ ଜିତିବାକୁ ଯାଉଛି। ଗତ ସମରରେ ଭାରତ ଓ ୟୁଏଇରେ ଦମ୍‌ଦାର ପ୍ରଦର୍ଶନ କରି ଅଷ୍ଟ୍ରେଲିଆ ଦିନିକିଆରେ ପ୍ରତ୍ୟାବର୍ତ୍ତନ କରିଛି। ସ୍ମିଥ୍ ଓ ୱାର୍ନର ଫେରିବା ପରେ ଦଳ ଆହୁରି ଶକ୍ତିଶାଳୀ ହୋଇଛି। ଯୁବ ଓ ଅଭିଜ୍ଞ ଖେଳାଳିଙ୍କୁ ନେଇ ଦଳ ବେଶ୍ ସନ୍ତୁଳିତ। ଦଳରେ କେତେକ ମ୍ୟାଚ୍ ୱିନର ତଥା ବିଶ୍ୱବିଜେତା ରହିଛନ୍ତି। ଅଷ୍ଟ୍ରେଲିଆକୁ ବାଦ ଦେଲେ ଇଂଲଣ୍ଡ ମଧ୍ୟ ଫାଇନାଲରେ ପ୍ରବେଶ କରିବ। ମୁମେଣ୍ଟମ ବଜାୟ ରଖିଲେ ଅଷ୍ଟ୍ରେଲିଆ ବିଶ୍ୱକପ୍ ହାସଲ କରିବ ବୋଲି ପୂର୍ବତନ ଉଇକେଟକିପର ବ୍ୟାଟ୍ସମ୍ୟାନ ଆଡାମ ଗିଲକ୍ରିଷ୍ଟ କହିଛନ୍ତି।

## ଗ୍ରେମ୍ ସ୍ୱାନ

ଇଂଲଣ୍ଡ ବିଶ୍ୱକପ୍ ଜିତିବ। ଘରୋଇ ପରିବେଶରେ ଦଳ ଆଦୌ ଚାପର ସମ୍ମୁଖୀନ ହେବନାହିଁ। ପୁଣି ଘରୋଇ ଦର୍ଶକଙ୍କ ସମର୍ଥନ ଇଂଲଣ୍ଡକୁ ସହାୟତା ପ୍ରଦାନ କରିବ। ତେଣୁ ଇଂଲଣ୍ଡ ବିଶ୍ୱକପ୍ ଜିତିବାରେ ତିଳେ ମାତ୍ର ସନ୍ଦେହ ନାହିଁ ବୋଲି ଏହି ପୂର୍ବତନ ସ୍ପିନର ଜଣକ କହିଛନ୍ତି।

## ମାର୍କ ୱ

ଅଷ୍ଟ୍ରେଲିଆ ବିଶ୍ୱକପ୍ ଜିତୁ ବୋଲି ମୁଁ ଚାହୁଁଛି। କିନ୍ତୁ ଇଂଲଣ୍ଡ ଅପେକ୍ଷାକୃତ ଶକ୍ତିଶାଳୀ ମନେ ହେଉଛି ବୋଲି ପୂର୍ବତନ ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନ ମାର୍କ ୱ କହିଛନ୍ତି। ଇଂଲଣ୍ଡର ବ୍ୟାଟିଂ ଓ ବୋଲିଂରେ ଗଭୀରତା ରହିଛି। ପୁଣି ଇଂଲଣ୍ଡ ଖେଳାଳିମାନେ ନିର୍ଭୀକ କ୍ରିକେଟ ଖେଳୁଛନ୍ତି। ଘରୋଇ ଗ୍ରାଉଣ୍ଡରେ ଇଂଲଣ୍ଡ ଆହୁରି ସାହସୀ ଖେଳ ପ୍ରଦର୍ଶନ କରିବ। ତେଣୁ ଇଂଲଣ୍ଡ ବିଶ୍ୱକପ୍ ଜିତିବାର ହକ୍ ରଖୁଛି। ସେହିପରି ଅଷ୍ଟ୍ରେଲିଆ ସମେତ ଭାରତ ସେମିଫାଇନାଲରେ ପ୍ରବେଶ କରିବ। ସେମିରେ ପ୍ରବେଶ କରିବା ପରେ ଯାହା କିଛି ସମ୍ଭବ ବୋଲି ମାର୍କ କହିଛନ୍ତି।

## ଫିଲ୍ ଟଫ୍‌ନେଲ

ଅଷ୍ଟ୍ରେଲିଆ, ଭାରତ, ପାକିସ୍ତାନ ଓ ଇଂଲଣ୍ଡ ସେମିଫାଇନାଲରେ ପ୍ରବେଶ କରିବେ। ଅଷ୍ଟ୍ରେଲିଆର ବୋଲିଂ ବେଶ୍ ଉଚ୍ଚକୋଟୀର। ଭାରତୀୟ ଦଳରେ ବେଶ୍ କେତେଜଣ ବିଶ୍ୱସ୍ତରୀୟ ବ୍ୟାଟ୍ସମ୍ୟାନ ରହିଛନ୍ତି। ପାକିସ୍ତାନ ମଧ୍ୟ ବିପର୍ଯ୍ୟୟ ଘଟାଇବାର ଦକ୍ଷତା ରଖୁଛି। ତେବେ ଏସବୁ ସତ୍ତ୍ୱେ ଇଂଲଣ୍ଡ ବିଶ୍ୱକପ୍ ଜିତିବା ସମ୍ଭାବନା ବେଶି ରହିଛି ବୋଲି ପୂର୍ବତନ ଇଂଲଣ୍ଡ କ୍ରିକେଟର ଫିଲ୍ ଟଫ୍‌ନେଲ କହିଛନ୍ତି।

## ଆଲାନ ବର୍ଡର

ଏଥର ଅଷ୍ଟ୍ରେଲିଆ ବିଶ୍ୱକପ୍ ଜିତିବା ଯଥେଷ୍ଟ ସମ୍ଭାବନା ରହିଛି। ସ୍ମିଥ ଓ ୱାର୍ନର ଫେରିବା ପରେ ଦଳ ଆହୁରି ଶକ୍ତିଶାଳୀ ହୋଇଛି। ମିଚେଲ ଷ୍ଟାର୍କଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆ ବୋଲିଂ ପୂରା ଲୟରେ ରହିଛି। ତେଣୁ ଅଷ୍ଟ୍ରେଲିଆ ବିଶ୍ୱକପ୍ ଜିତିବ ବୋଲି ପୂର୍ବତନ ଅଷ୍ଟ୍ରେଲୀୟ ଅଧିନାୟକ ଆଲାନ ବର୍ଡର ମତ ଦେଇଛନ୍ତି।



ୱାକର ୟୁନିସ୍



ଡାରେନ ସାମି



ଆଡାମ୍ ଗିଲକ୍ରିଷ୍ଟ



ଗ୍ରେମ୍ ସ୍ୱାନ

# ଦକ୍ଷିଣ ଆଫ୍ରିକା-ବାଂଲାଦେଶ ମୁକାବିଲା ଆଜି

ବିଶ୍ୱକପର ପଞ୍ଚମ ମ୍ୟାଚ୍‌ରେ ରବିବାର ଫାଫ୍ ଡୁପ୍ଲେସିଙ୍କ ନେତୃତ୍ୱାଧୀନ ଦକ୍ଷିଣ ଆଫ୍ରିକା ଅପେକ୍ଷାକୃତ ଦୁର୍ବଳ କୁହାଯାଉଥିବା ବାଂଲାଦେଶକୁ ଭେଟିବ। ଉଦ୍‌ଘାଟନୀ ମ୍ୟାଚ୍‌ରେ ଆୟୋଜକ ଇଂଲଣ୍ଡଠାରୁ ବୃହତ୍ ୧୦୪ ରନରେ ପରାସ୍ତ ହୋଇ ଦକ୍ଷିଣ ଆଫ୍ରିକା ବିଶ୍ୱକପ୍ ଅଭିଯାନ ଆରମ୍ଭ କରିଥିଲା। ତେବେ ଦ୍ୱିତୀୟ ମ୍ୟାଚ୍‌ରେ ବାଂଲାଦେଶକୁ ହରାଇ ଦକ୍ଷିଣ ଆଫ୍ରିକା ପ୍ରତ୍ୟାବର୍ତ୍ତନ କରିବା ଲକ୍ଷ୍ୟରେ ରହିଛି।



ପ୍ରଥମ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ଇଂଲଣ୍ଡକୁ ୩୧୧/୮ରେ ସୀମିତ ରଖିଥିଲା। ତେବେ ଇଂଲଣ୍ଡ ଯୁବ ଦ୍ରୁତ ବୋଲର ଜୋଫ୍ରା ଆର୍ଚରଙ୍କ ସମ୍ମୁଖୀନ ହୋଇ ନ ପାରି ଦକ୍ଷିଣ ଆଫ୍ରିକା ୨୦୭ ରନରେ ଅଲଆଉଟ ହୋଇ ପରାସ୍ତ ହୋଇଥିଲା। ଫଳରେ ଦକ୍ଷିଣ ଆଫ୍ରିକାର ଆରମ୍ଭ ଯନ୍ତ୍ରଣାଦାୟକ ଥିଲା। ସ୍ଥାନୀୟ କେନିଂଟନ ଓଭାଲ ଗ୍ରାଉଣ୍ଡରେ ଦକ୍ଷିଣ ଅଫ୍ରିକା ବାଂଲାଦେଶକୁ ଚକ୍‌ମା ଦେବା ଲକ୍ଷ୍ୟରେ ରହିଛି। ପ୍ରଥମ ମ୍ୟାଚ୍‌ରେ ପରାସ୍ତ ହୋଇଥିଲେ ମଧ୍ୟ ଭୟଭୀତ ହେବାର ନାହିଁ ବୋଲି ଦକ୍ଷିଣ ଆଫ୍ରିକା ଅଧିନାୟକ ଡୁପ୍ଲେସି କହିଛନ୍ତି। ଗ୍ରୁପ୍ ପର୍ଯ୍ୟାୟରେ ୧୦ଟି ଦଳ ପରସ୍ପର ବିପକ୍ଷରେ ମ୍ୟାଚ୍‌ରେ ଅବତୀର୍ଣ୍ଣ ହେବେ। ଫଳରେ ଗୋଟିଏ ଦଳ ଅତିକମ୍‌ରେ ୯ଟି ମ୍ୟାଚ୍ ଖେଳିବାର ସୁଯୋଗ ହାସଲ କରିବ। ଶ୍ରେଷ୍ଠ ୪ ଦଳ ସେମିଫାଇନାଲରେ ପ୍ରବେଶ କରିବେ। ପ୍ରଥମ ମ୍ୟାଚ୍‌ରୁ ତ୍ରୁଟି ସୁଧାରିବା ଲକ୍ଷ୍ୟରେ ଡୁପ୍ଲେସି ରହିଛନ୍ତି। ଖେଳାଳିଙ୍କ ଉପରେ ଅଧିକ ଧ୍ୟାନ ଦେବେ ବୋଲି ସେ କହିଛନ୍ତି। କ୍ୱାଲିଟି ଦଳଗୁଡିକ ବିପକ୍ଷରେ ଆମେ ଖେଳିବାକୁ ଯାଉଛୁ। ପ୍ରଥମ ମ୍ୟାଚ୍‌ରେ ଇଂଲଣ୍ଡ ଆମଠାରୁ ଅଧିକ ଭଲ ପ୍ରଦର୍ଶନ କରିଥିଲା। ଏବେ ଲିଗ୍‌ର ବାକି ମ୍ୟାଚ୍‌ଗୁଡିକ ଉପରେ ଆମକୁ ଧ୍ୟାନ ଦେବାକୁ ହେବ। ଯେଉଁ ବିଭାଗରେ ଆମେ ଦୁର୍ବଳ ପ୍ରଦର୍ଶନ କରିଥିଲୁ ସେଗୁଡିକ ଉପରେ ଆମକୁ ଧ୍ୟାନ ଦେବାକୁ ହେବ। ଇଂଲଣ୍ଡ ବିପକ୍ଷରେ ଦକ୍ଷିଣ ଆଫ୍ରିକା ଶୃଙ୍ଖଳିତ ବୋଲିଂ ପ୍ରଦର୍ଶନ କରିଥିଲା। ତେଣୁ ବୋଲିଂ ଉପରେ ଡୁପ୍ଲେସିଙ୍କ ଯଥେଷ୍ଟ ଭରସା ରହିଛି। ଲୁନ୍‌ଗି ଏନ୍‌ଗିଡି ୧୦ ଓଭର ବୋଲିଂ କରି ୩ ଉଇକେଟ ନେଇଥିଲେ। ସେହିପରି ସାଥି ଦ୍ରୁତ ବୋଲର କାଗିସୋ ରାବାଡ଼ା ମୂଲ୍ୟବାନ ଦୁଇ ଉଇକେଟ ନେଇ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ବାଂଲାଦେଶ ବିପକ୍ଷରେ ଦୁଇ ବୋଲର ଏହି ପ୍ରଦର୍ଶନକୁ ଦୋହରାଇ ଚାପ ପ୍ରୟୋଗ କରିବେ ବୋଲି ଡୁପ୍ଲେସି ଆଶା ପ୍ରକାଶ କରିଛନ୍ତି। ପ୍ରଥମେ ମନ୍ଥର ଆରମ୍ଭ କରିଥିଲେ ମଧ୍ୟ ଲୁନ୍‌ଗି ବଟଲରଙ୍କୁ ଆଉଟ କରି ଜବରଦସ୍ତ ପ୍ରତ୍ୟାବର୍ତ୍ତନ କରିଥିଲେ। ବଟଲର ଏବେ ବିଶ୍ୱର ଶ୍ରେଷ୍ଠ ଷ୍ଟ୍ରାଇକର ଭାବେ ପରିଗଣିତ ହେଉଛନ୍ତି। ଏହି ଦୁଇ ବୋଲର ଆମର ମୁଖ୍ୟ ଅସ୍ତ୍ର ହେବେ।

ଅପରପକ୍ଷରେ ବାଂଲାଦେଶ ତା'ର ପ୍ରଥମ ମ୍ୟାଚ ଖେଳିବ। ଗତ ବିଶ୍ୱକପ୍‌ରେ ବାଂଲାଦେଶ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ଏଥର ପ୍ରଦର୍ଶନରେ ଆହୁରି ଉନ୍ନତି ଆଣିବ ବୋଲି ଆଶା କରାଯାଉଛି। ଆଘାତ ସମସ୍ୟାରୁ ପ୍ରତ୍ୟାବର୍ତ୍ତନ କରିଥିବା ମାଶ୍ରାଫି ମୋର୍ତ୍ତାଜା ଦଳରେ ନେତୃତ୍ୱ ନେଉଛନ୍ତି। ଭାରତ ବିପକ୍ଷ ଅଭ୍ୟାସ ମ୍ୟାଚ୍‌ରେ ସେ ବୋଲିଂ କରିଥିଲେ। ସମ୍ପୂର୍ଣ୍ଣ ଫିଟ୍ ମନେହେଉ ନ ଥିଲେ ମଧ୍ୟ ମୋର୍ତ୍ତାଜା ଦକ୍ଷିଣ ଆଫ୍ରିକା ବିପକ୍ଷରେ ଦମ୍ ଦେଖାଇବା ଲକ୍ଷ୍ୟରେ ରହିଛନ୍ତି। ଭାରତ ବିପକ୍ଷ ଅଭ୍ୟାସ ମ୍ୟାଚ୍‌ରେ ତାମିମ ଇକ୍‌ବାଲ ଖେଳି ନ ଥିଲେ ମଧ୍ୟ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳିବେ ବୋଲି ଆଶା କରାଯାଉଛି। ଏହି ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ଫେଭରାଇଟ ମନେହେଉଛି। ତେବେ ଗତକିଛି ବର୍ଷ ମଧ୍ୟରେ ଆଶାତୀତ ଉନ୍ନତି କରିଥିବା ବାଂଲାଦେଶ ଦକ୍ଷିଣ ଆଫ୍ରିକାକୁ ସହଜରେ ବାଟ ଛାଡିବ ନାହିଁ ଓ ଏହି ମ୍ୟାଚ୍‌ରେ କଡ଼ା ମୁକାବିଲା ଦେଖିବାକୁ ମିଳିବ।

- ବାଂଲାଦେଶ ଦଳ: ମାଶ୍ରାଫି ମୋର୍ତ୍ତାଜା (ଅଧିନାୟକ), ଆବୁ ଜାଏଦ, ଲିଟନ ଦାସ, ମହମୁଦୁଲ୍ଲା, ମେହିଦି ହାସନ, ମହମ୍ମଦ ମିଥୁନ, ମହମ୍ମଦ ସୈଫୁଦ୍ଦିନ, ମୋସାଡେକ ହୋସେନ, ମୁଶଫିକର ରହିମ୍, ମୁସ୍ତାଫିଜୁର ରହମାନ, ରୁବେଲ ହୋସେନ, ସବିର ରହମାନ, ସାକିବ ଅଲ ହାସନ, ସୌମ୍ୟ ସରକାର ଓ ତାମିମ ଇକବାଲ
- ଦକ୍ଷିଣ ଆଫ୍ରିକା ଦଳ: ଫାଫ୍ ଡୁପ୍ଲେସି (ଅଧିନାୟକ), ହାସିମ ଅମଲା, କ୍ୱିଣ୍ଟନ ଡିକକ, ଜେପି ଡୁମିନି, ଇମ୍ରାନ ତାହିର, ଏଡେନ ମାରକ୍ରାମ, ଡେଭିଡ ମିଲର, କ୍ରିସ ମୋରିସ୍, ଲୁନ୍‌ଗି ଏନ୍‌ଗିଡି, ଆଣ୍ଡିଲ ଫେଲକ୍ୱାୟୋ, ଡ୍ୱେନ ପ୍ରିଟୋରିୟସ, କାଗିସୋ ରାବାଡ଼ା, ତାବ୍ରେଜ ସାମସି, ଡେଲ ଷ୍ଟେଇନ ଓ ରାସି ଭାନ ଡେର ଡୁସେନ



ଶନିବାର ସାଉଥାମ୍ପଟନ୍‌ଠାରେ ଅଭ୍ୟାସ ସେସନ ଅବସରରେ ଭାରତୀୟ ଦଳର ଅଧିନାୟକ ବିରାଟ କୋହଲି।

## ଆଜିର ମ୍ୟାଚ୍

ଦକ୍ଷିଣ ଆଫ୍ରିକା ବନାମ ବାଂଲାଦେଶ
ସ୍ଥାନ: ଲଣ୍ଡନ
ସମୟ: ଅପରାହ୍ନ ୩ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ



"୧୯୭୦ ଦଶକ ପ୍ରଥମ ଭାଗରେ ଏସିଆର ଅନ୍ୟତମ ଶକ୍ତିଶାଳୀ ଫୁଟ୍‌ବଲ ଦଳ ଭାବେ ଗଣନା କରାଯାଉଥିବା ଭାରତକୁ ପୁଣି ସେହି ସ୍ଥାନକୁ ଫେରିବାକୁ ପଡ଼ିବା ।
–ଇଗୋର ଷ୍ଟିମାକ୍, ଭାରତୀୟ ଫୁଟ୍‌ବଲର ମୁଖ୍ୟ କୋଚ୍



"ୱେଷ୍ଟଇଣ୍ଡିଜ ବିପକ୍ଷ ପରାଜୟ ପାଇଁ ପାକିସ୍ତାନକୁ ହେୟଜ୍ଞାନ ମନେ କରିବା ଉଚିତ୍ ନୁହେଁ,କାରଣ ୧୯୯୨ରେ ପ୍ରଥମ ମ୍ୟାଚ ହାରି ଦଳ ବିଶ୍ୱକପ୍ ଜିତିଥିଲା ।
–ୱାକର ୟୁନିସ୍, ପାକିସ୍ତାନର ପୂର୍ବତନ ଫାଷ୍ଟ ବୋଲର

## ସଂକ୍ଷେପରେ

### କରୁଣାରତ୍ନେଙ୍କ ବିଶ୍ୱକପ୍ ରେକର୍ଡ

**କାର୍ଡିଫ,୧।୬:** ଶ୍ରୀଲଙ୍କା ଦଳର ଅଧିନାୟକ ଦିମୁଥ କରୁଣାରତ୍ନେ ଚଳିତ ବିଶ୍ୱକପ୍‌ରେ ଏକ ରେକର୍ଡର ଅଧିକାରୀ ହୋଇଛନ୍ତି। ଏଠାରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳାଯାଇଥିବା ମ୍ୟାଚ୍‌ରେ ସେ ଓପନିଂ ବ୍ୟାଟିଂ କରିବାକୁ ଆସି ଦଳ ଅଲଆଉଟ୍ ହେବା ପର୍ଯ୍ୟନ୍ତ ନଟ୍‌ଆଉଟ୍ ରହିଥିଲେ। ସେ ୮୪ ବଲର ସମ୍ମୁଖୀନ ହୋଇ ୪ ଚୌକା ସହାୟତାରେ ୫୨ ରନ୍‌ର ଅର୍ଦ୍ଧଶତକୀୟ ଇନିଂସ ଖେଳି ଅପରାଜିତ ଥିଲେ। କରୁଣାରତ୍ନେ ଦ୍ୱିତୀୟ ବ୍ୟାଟ୍ସମ୍ୟାନ ଭାବେ ବିଶ୍ୱକପ୍‌ରେ ଏଭଳି ବିଶ୍ୱକପ୍ କୀର୍ତ୍ତିମାନର ଅଧିକାରୀ ହୋଇଛନ୍ତି। ତାଙ୍କ ପୂର୍ବରୁ ୧୯୯୯ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ବିପକ୍ଷରେ ୱେଷ୍ଟଇଣ୍ଡିଜର ରିଡ୍‌ଲେ ଜ୍ୟାକବ୍ସ (୪୯) ଏହି ରେକର୍ଡ ନିଜ ନାମରେ କରିଥିଲେ।

### ପେନ୍‌ସନରେ ବୃଦ୍ଧି କରିବ ବିସିସିଆଇ

**ନୂଆଦିଲ୍ଲୀ,୧।୬:** ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) କାର୍ଯ୍ୟକାରୀ ସଭାପତି ସି.କେ. ଖାନ୍ନା ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ପ୍ରଶାସକ କମିଟି (ସିଓଏ)କୁ ପୂର୍ବତନ ଖେଳାଳିଙ୍କ ପେନ୍‌ସନରେ ବୃଦ୍ଧି କରିବାକୁ ପ୍ରସ୍ତାବ ଦେଇଛନ୍ତି। ୨୦୦୩ରୁ ୪ ପର୍ଯ୍ୟନ୍ତ ଅତିକମ୍‌ରେ ୨୫ ପ୍ରଥମ ଶ୍ରେଣୀ ଖେଳିଥିବା ପୂର୍ବତନ କ୍ରିକେଟରଙ୍କ ପେନ୍‌ସନରେ ୫୦ ପ୍ରତିଶତ ବୃଦ୍ଧି କରିବାକୁ ପ୍ରସ୍ତାବରେ ଉଲ୍ଲେଖ କରାଯାଇଛି। ଫଳରେ ୨୫ରୁ ୫୦ ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳିଥିବା କ୍ରିକେଟରଙ୍କୁ ମାସିକ ୧୫ ହଜାର, ୫୦ରୁ ୭୪ ମ୍ୟାଚ୍ ଖେଳିଥିବା କ୍ରିକେଟରଙ୍କୁ ୨୨୫୦୦ ଓ ୭୪ରୁ ଊର୍ଦ୍ଧ୍ୱ ମ୍ୟାଚ୍ ଖେଳିଥିବା ଖେଳାଳିଙ୍କୁ ୩୦ ହଜାର ଟଙ୍କା ଟଙ୍କା ମିଳିବ। ୫ରୁ କମ୍ ଅନ୍ତର୍ଜାତୀୟ ଟେଷ୍ଟ ଖେଳିଥିବା କ୍ରିକେଟରୁ ୩୭,୫୦୦ ଟଙ୍କା ପେନ୍‌ସନ ବାବଦକୁ ଦିଆଯିବା ନେଇ ଖାନ୍ନା ପ୍ରସ୍ତାବ ଦେଇଛନ୍ତି।

# ନ୍ୟୁଜିଲାଣ୍ଡ ୧୦ ଉଇକେଟରେ ବିଜୟୀ

**କାର୍ଡିଫ,୧।୬(ଏଏଫପି)**

ଗତଥରର ରନର୍ସଅପ୍ ନ୍ୟୁଜିଲାଣ୍ଡ ଏକ ଦମ୍‌ଦାର ବିଜୟ ସହ ବିଶ୍ୱକପ୍ ଅଭିଯାନ ଆରମ୍ଭ କରିଛି। ସ୍ଥାନୀୟ ସୋଫିଆ ଗାର୍ଡେନ୍ସରେ ଶନିବାର ଖେଳାଯାଇଥିବା ବିଶ୍ୱକପ୍‌ର ତୃତୀୟ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ୨୦୩ଟି ବଲ ବାକିଥାଇ ୧୦ ଉଇକେଟରେ ଶ୍ରୀଲଙ୍କାକୁ ପରାସ୍ତ କରିଛି। ଦ୍ରୁତ ବୋଲର ମ୍ୟାଟ୍ ହେନ୍‌ରୀ ଅଗ୍ନୀବର୍ଷି ବୋଲିଂ (୭–୦–୨୯–୩) କରି ଶ୍ରୀଲଙ୍କାର ବିପର୍ଯ୍ୟୟ ଘଟାଇ ଦଳକୁ ବିଜୟୀ କରାଇବା ସହ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଟସ୍ ଜିତି ନ୍ୟୁଜିଲାଣ୍ଡ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଶ୍ରୀଲଙ୍କା ପ୍ରାରମ୍ଭିକ ଝଟ୍‌କା ଖାଇବା ସହ ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିଲା। ଫଳରେ ଦଳ ୨୯.୨ ଓଭରରେ ମାତ୍ର ୧୩୬ ରନରେ ଅଲଆଉଟ ହୋଇଥିଲା। ଜବାବରେ ନ୍ୟୁଜିଲାଣ୍ଡ ବିନାକ୍ଷତିରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ପ୍ରଥମେ ବୋଲିଂ ଓ ପରେ ବ୍ୟାଟିଂରେ ଶ୍ରୀଲଙ୍କା ସାଂଘାତିକ ବିଫଳତାର ସମ୍ମୁଖୀନ ହୋଇଥିଲା। ଏଥିସହ ଉଭୟ ବୋଲିଂ ଓ ବ୍ୟାଟିଂରେ ଶ୍ରୀଲଙ୍କାର ଦୁର୍ବଳତା ପଛରେ ପଡ଼ିଛି।

୧୩୭ ରନ ଛୋଟିଆ ବିଜୟ ଲକ୍ଷ୍ୟର ପିଛା କରି ନ୍ୟୁଜିଲାଣ୍ଡ ଅତି ସହଜରେ ବାଜି ମାରିଥିଲା। ଦଳ ୧୬.୧ ଓଭରରେ ଟାର୍ଗେଟ ହାସଲ କରିଥିଲା। ଦୁଇ ଓପନର ମାର୍ଟିନ ଗୁପ୍ଟିଲ ୭୩ ରନ (୫୧ବଲ, ୮ ଚୌକା, ୨ ଛକା) ଓ କଲିନ ମୁନରୋ ୫୮ ରନ (୪୭ ବଲ, ୬ ଚୌକା, ୧ ଛକା) କରି ଅପରାଜିତ ରହିବା ସହ ଦଳକୁ ଅତି ସହଜରେ ଜିତାଇଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ଆରମ୍ଭରୁ ଲାହିରୁ ଥିରିମାନେଙ୍କୁ ହରାଇଥିଲା। ସେ ମାତ୍ର ୪ ରନ କରି ହେନ୍‌ରୀଙ୍କ ଦ୍ୱାରା ଏଲବିଡବ୍ଲ୍ୟୁ ହୋଇ ପ୍ୟାଭିଲିୟନ ଫେରିଥିଲେ। ଦଳର ୮ଜଣ ବ୍ୟାଟ୍ସମ୍ୟାନ ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ଅଧିନାୟକ ଦିମୁଥ କରୁଣାରତ୍ନେ ୫୨ ରନର ଅପରାଜିତ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ସେ ୮୪ଟି ବଲ୍‌ର ସମ୍ମୁଖୀନ ହୋଇ ୪ଟି ଚୌକା ମାରିଥିଲେ। ସେହିପରି ଉଇକେଟ କିପର ବ୍ୟାଟ୍ସମ୍ୟାନ କୁଶଲ ପେରେରା ୨୯ ଓ ଥିସାରା ପେରେରା ୨୭ ରନ କରି ଆଉଟ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଧନଞ୍ଜୟ ଡିସିଲଭା ୪, ଜୀବନ ମେଣ୍ଡିସ୍ ୧, ସୁରଙ୍ଗା ଲାକମଲ ୭, ଲସିଥ ମାଲିଙ୍ଗା ୧ ରନ କରି ପ୍ୟାଭିଲିୟନ ଫେରିଥିଲେ। କୁଶାଲ ମେଣ୍ଡିସ, ଅଭିଜ୍ଞ ଅଲରାଉଣ୍ଡର ଆଞ୍ଜେଲୋ ମାଥ୍ୟୁସ, ଇସୁରୁ ଉଡାନା ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଥିଲେ। ବୋଲିଂରେ ମ୍ୟାଟ ହେନ୍‌ରୀ ଓ ଲୋକି ଫର୍ଗୁସନ ୩ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ସେହିପରି ଟ୍ରେଣ୍ଟ ବୋଲ୍ଟ, କଲିନ୍ ଡି ଗ୍ରାଣ୍ଡହୋମ, ଜେମ୍ସ ନିଶାମ ଓ ମିଚେଲ ସାଣ୍ଟନର ଗୋଟିଏ ଲେଖାଏଁ ଉଇକେଟ ହାସଲ କରିଥିଲେ। କାର୍ଡିଫ୍‌ରେ ଶ୍ରୀଲଙ୍କା ତା'ର ପଞ୍ଚମ ପରାଜୟ ବରଣ କରିଛି। ନ୍ୟୁଜିଲାଣ୍ଡ ପରବର୍ତ୍ତୀ ମ୍ୟାଚ୍‌ରେ ୫ ତାରିଖରେ ଲଣ୍ଡନରେ ବାଂଲାଦେଶକୁ ଭେଟିବ। ସେହିପରି ଶ୍ରୀଲଙ୍କା ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ୪ ତାରିଖରେ କାର୍ଡିଫ୍‌ରେ ଆଫଗାନିସ୍ତାନକୁ ଭେଟିବ।

**ସଂକ୍ଷିପ୍ତ ସ୍କୋର**

- ଶ୍ରୀଲଙ୍କା ୨୯.୨ ଓଭରରେ ୧୩୬ ଅଲଆଉଟ
(କରୁଣାରତ୍ନେ- ୫୨, କୁଶଲ ପେରେରା- ୨୯, ଥିସାରା ପେରେରା-୨୭, ହେନ୍‌ରୀ- ୩/୨୯, ଫର୍ଗୁସନ- ୩/୨୨)।
- ନ୍ୟୁଜିଲାଣ୍ଡ ୧୬.୧ ଓଭରରେ ୧୩୭/୦
(ଗୁପ୍ଟିଲ- ୭୩*, ମୁନରୋ- ୫୮*)



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ମ୍ୟାଟ୍ ହେନ୍‌ରୀ।

**ବିଶ୍ୱକପ୍‌ରେ ଅଧିକ ବଲ ବାକି ଥାଇ ୧୦ ଉଇକେଟରେ ବିଜୟୀ**

- ୨୫୨ ନ୍ୟୁଜିଲାଣ୍ଡ ବନାମ କେନିଆ, ଚେନ୍ନାଇ, ୨୦୧୧
- ୨୨୮ ଦକ୍ଷିଣ ଆଫ୍ରିକା ବନାମ ବାଂଲାଦେଶ, ବ୍ଲୋଏମଫୋଣ୍ଟେନ୍, ୨୦୦୩
- ୨୦୩ ନ୍ୟୁଜିଲାଣ୍ଡ ବନାମ ଶ୍ରୀଲଙ୍କା, କାର୍ଡିଫ୍, ୨୦୧୯
- ୧୮୧ ଭାରତ ବନାମ ପୂର୍ବ ଆଫ୍ରିକା, ହେଡିଂଲି, ୧୯୭୫

**ବିଶ୍ୱକପ୍‌ରେ ନ୍ୟୁଜିଲାଣ୍ଡର ୧୦ ଉଇକେଟ ବିଜୟ ସମୂହ**

- ୭୨/୦ ବନାମ କେନିଆ, ଚେନ୍ନାଇ, ୨୦୧୧
- ୧୬୬/୦ ବନାମ ଜିମ୍ବାୱେ, ଅହମ୍ମଦାବାଦ, ୨୦୧୧
- ୧୩୭/୦ ବନାମ ଶ୍ରୀଲଙ୍କା, କାର୍ଡିଫ୍, ୨୦୧୯

## ବିଶ୍ୱକପ୍ ଫାଇନାଲରେ ଓଡ଼ିଆ ପୁଅ ରାକେଶ



**ନୂଆଦିଲ୍ଲୀ, ୧।୬ (ପି.ଟି.):** ଓଡ଼ିଆ ଜିମ୍ନାଷ୍ଟ ରାକେଶ କୁମାର ପାତ୍ର ସ୍ଲୋଭାନିଆର କୋପରଠାରେ ଚାଲିଥିବା ଏଫ୍‌ଆଇଜି ବିଶ୍ୱକପ୍‌ର ପାରାଲାଲ ବାର୍ସ ଇଭେଣ୍ଟର ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ଯୋଗ୍ୟତା ପର୍ଯ୍ୟାୟରେ ସେ ୧୩.୨୫୦ ସ୍କୋର କରି ଟପ୍–୮ ସ୍ଥାନ ପାଇ ଫାଇନାଲ ଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି। କୋପରଠାରେ ଚାଲିଥିବା ଏଫ୍‌ଆଇଜି ବିଶ୍ୱକପ୍, ଚଳିତବର୍ଷର ବିଶ୍ୱ ଚ୍ୟାଲେଞ୍ଜ କପ୍‌ର ୭ଟି ଇଭେଣ୍ଟର ୩ୟ ପ୍ରତିଯୋଗିତା। ବିଶ୍ୱ ଚ୍ୟାଲେଞ୍ଜ କପ୍ ଏଫ୍‌ଆଇଜିର ବୃହତ୍‌ଇଭେଣ୍ଟ, ଯେଉଁଥିରେ ସମସ୍ତ ଦେଶର ଜିମ୍ନାଷ୍ଟମାନେ ଅଂଶଗ୍ରହଣ କରନ୍ତି। ପ୍ରତ୍ୟେକ ଇଭେଣ୍ଟରେ ଜିମ୍ନାଷ୍ଟଙ୍କୁ ପୁରସ୍କାର ରାଶି ସହ ବିଶ୍ୱ ଚ୍ୟାଲେଞ୍ଜ କପ୍ ପଏଣ୍ଟ ପ୍ରଦାନ କରାଯାଏ ; ଯଦ୍ୱାରା ସେମାନଙ୍କ ବିଶ୍ୱ ର୍ୟାଙ୍କିଙ୍ଗ୍ ନିର୍ଣ୍ଣୟ କରାଯାଏ। ପାରାଲାଲ ବାର ଇଭେଣ୍ଟର ପଦକ ରାଉଣ୍ଡ ରବିବାର ଅନୁଷ୍ଠିତ ହେବ।



ଭୁବନେଶ୍ୱର କଳିଙ୍ଗ ଷ୍ଟାଡ଼ିୟମ୍‌ରେ ଶନିବାର ଆରମ୍ଭ ହୋଇଥିବା ୬୦ତମ ରାଜ୍ୟସ୍ତରୀୟ ସନ୍ତରଣ ଚାମ୍ପିୟନ୍‌ଶିପ୍।

## ଜୋଫ୍ରା ସବୁଠୁ ଦ୍ରୁତ

**ଲଣ୍ଡନ,୧।୬ (ପି.ଟି.):** ଇଂଲଣ୍ଡ ଅଲରାଉଣ୍ଡର ମୋଏନ ଅଲି ଦଳର ସାଥୀ ଖେଳାଳି ଜୋଫ୍ରା ଆର୍ଚରଙ୍କ ପ୍ରଶଂସା କରିଛନ୍ତି। ମୁଁ ସମ୍ମୁଖୀନ ହୋଇଥିବା ବୋଲରଙ୍କ ମଧ୍ୟରେ ଜୋଫ୍ରା ସବୁଠୁ ଦ୍ରୁତତମ ବୋଲର ବୋଲି ଅଲି କହିଛନ୍ତି। ଆର୍ଚର ବିଶ୍ୱକପ୍ ଦଳରେ ସ୍ଥାନ ପାଇବା ପୂର୍ବରୁ ମାତ୍ର ୩ ମ୍ୟାଚ୍ ଖେଳିଥିଲେ। ସେ ଦକ୍ଷିଣ ଆଫ୍ରିକା ବିପକ୍ଷ ମ୍ୟାଚ୍‌ରେ ଏଡେନ ମାର୍ଗମ, ଫାଫ୍ ଡୁପ୍ଲେସି ଓ ରାସି ଭାନ ଡର ଡୁସେନଙ୍କୁ ଆଉଟ୍ କରିଥିଲେ। ସେହିଭଳି ଜୋଫ୍ରାଙ୍କ ବାଉନ୍‌ସରରେ ହାସିମ ଅମ୍‌ଲା ଆହତ ହୋଇଥିଲେ।

## ରସେଲଙ୍କ ଆରମ୍ଭ ମାତ୍ର

**କୁମାର ସଙ୍ଗକାରା**

ଆଇସିସି ବିଶ୍ୱକପ୍ ଆରମ୍ଭ ହୋଇଛି। ଟୁର୍ନାମେଣ୍ଟ ପୂର୍ବରୁ ଇଂଲଣ୍ଡକୁ ଅନେକ ଫେଭରାଇଟ୍ ବୋଲି ମନେ କରୁଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷରେ ପ୍ରଭାବୀ ପ୍ରଦର୍ଶନ ସହ ଆୟୋଜକ ଦେଶ ପ୍ରତିଯୋଗିତାରେ ଅଭିଯାନ ଆରମ୍ଭ କରିଛି। ମୋ ଦୃଷ୍ଟିରେ ଟୁର୍ନାମେଣ୍ଟର ଶ୍ରେଷ୍ଠ ୪ଦଳ ମଧ୍ୟରେ ଇଂଲଣ୍ଡ ମଧ୍ୟ ରହିଛି। ଦକ୍ଷିଣ ଆଫ୍ରିକା ଏକ ଖରାପ ଟିମ୍ ନୁହେଁ। ଏହି ଦଳରେ କେତୋଟି ମ୍ୟାଚ ବିଜୟୀ ଖେଳାଳି ଅଛନ୍ତି। କିନ୍ତୁ ଏହି ଟୁର୍ନାମେଣ୍ଟରେ କେତେକ ଦଳ ଅଛନ୍ତି ଯେଉଁମାନଙ୍କର ଯେକୌଣସି ଦଳକୁ ଟକ୍କର ଦେବାର ସାମର୍ଥ୍ୟ ରହିଛି। ମୋ ହିସାବରେ ଟପ୍ ୪ରେ ରହିଛନ୍ତି ଇଂଲଣ୍ଡ, ଭାରତ, ଅଷ୍ଟ୍ରେଲିଆ ଏବଂ ନ୍ୟୁଜିଲାଣ୍ଡ ଓ ୱେଷ୍ଟଇଣ୍ଡିଜ ମଧ୍ୟରୁ ଗୋଟିଏ। ଶୁକ୍ରବାର ୱେଷ୍ଟଇଣ୍ଡିଜ ପାକିସ୍ତାନ ବିପକ୍ଷରେ ଚମକପ୍ରଦ ପ୍ରଦର୍ଶନ କରି ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିଛି। ଏହି ଦଳର ଆନ୍ଦ୍ରେ ରସେଲ ଯଦି ସମ୍ପୂର୍ଣ୍ଣ ଫିଟ୍ ରୁହନ୍ତି ତେବେ ଚଳିତ ବିଶ୍ୱକପ୍‌ରେ ତାଙ୍କଠାରୁ ଉଭୟ ବ୍ୟାଟ୍ ଓ ବଲ୍‌ରେ ଆହୁରି ଧମାକାଦାର ପ୍ରଦର୍ଶନ ଦେଖିବାକୁ ମିଳବ। ଅନ୍ୟପକ୍ଷରେ ଶ୍ରୀଲଙ୍କା ଏହାର ୱାର୍ମଅପ୍ ମ୍ୟାଚରେ ଆଭରେଜ ଖେଳ ପ୍ରଦର୍ଶନ କରିଛି। ସଂଗଠିତ ଭାବେ ଖେଳିଲେ ଏହି ଦଳଠାରୁ କିଛି ଆଶା କରାଯାଇପାରେ। କିନ୍ତୁ ଦଳ ଶନିବାର ଏହାର ପ୍ରଥମ ମ୍ୟାଚରେ ନ୍ୟୁଜିଲାଣ୍ଡ ଠାରୁ ପରାସ୍ତ ହୋଇଛି। ଦଳ ଏହାର ପରବର୍ତ୍ତୀ ଦୁଇଟି ମ୍ୟାଚ ଆଫଗାନିସ୍ତାନ ଏବଂ ବାଂଲାଦେଶ ବିପକ୍ଷରେ ଖେଳିବ। ଭାରତ ଏକ ଶକ୍ତିଶାଳୀ ଏବଂ ସନ୍ତୁଳିତ ଦଳ। ଯଶପ୍ରୀତ ବୁମ୍‌ରାଙ୍କ ନେତୃତ୍ୱରେ ଏହାର ପେସ୍ ବାହିନୀ ବେଶ୍ ସୁଦୃଢ଼। ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟରେ ବୁମ୍‌ରା ବର୍ତ୍ତମାନ ହେଉଛନ୍ତି ଶ୍ରେଷ୍ଠ ପେସ୍ ବୋଲର। ଦଳରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଭଳି ଦକ୍ଷ ପେସ୍ ବୋଲର ଅଛନ୍ତି। ଭାରତର ବ୍ୟାଟିଂ ମଧ୍ୟ ଶକ୍ତିଶାଳୀ। ଦଳରେ ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ଭଳି ଅଭିଜ୍ଞ ପ୍ରତିଭାସମ୍ପନ୍ନ ବ୍ୟାଟ୍ସମ୍ୟାନ ଅଛନ୍ତି। ବିପକ୍ଷ ଦଳ ଏହି ଦୁଇ ଖେଳାଳିଙ୍କ ଲାଗି ସ୍ଲିପ୍‌ରେ ୨ ଏବଂ ଗଲି ଅଞ୍ଚଳରେ ଜଣେ ଖେଳାଳିଙ୍କୁ ମୁତୟନ କରିବା ସହ ଅଫ୍ ଷ୍ଟମ୍ପ ସାମାନ୍ୟ ବାହାରେ ବୋଲିଂ କରିବେ ବୋଲି ଆଶା କରାଯାଏ। କିନ୍ତୁ କୋହଲି ଏପରି ଜଣେ ବିଚକ୍ଷଣ ଖେଳାଳି ଯିଏକି ଯେକୌଣସି ପରିସ୍ଥିତିରେ ନିଜକୁ ଖାପ ଖୁଆଇ ଖେଳିବାରେ ଧୂରନ୍ଧର। ୟୁଜଭେନ୍ଦ୍ର ଚହଲ, କେଦାର ଯାଦବ ଏବଂ ରବୀନ୍ଦ୍ର ଜାଡେଜାଙ୍କୁ ନେଇ ଭାରତର ସ୍ପିନ୍ ବୋଲିଂ ମଧ୍ୟ ଶକ୍ତିଶାଳୀ। ବିପକ୍ଷଦଳକୁ ସେମାନେ ଚକ୍‌ମା ଦେଖା ପାରନ୍ତି।

–(ଗେମ୍ ପ୍ଲାନ୍)

THE ULTIMATE INVERTER BATTERY
EXIDE INVATUBULAR

## କିଟ୍ ଇଣ୍ଟରନ୍ୟାଶନାଲ ଚେସ୍ ଆରମ୍ଭ

**ଭୁବନେଶ୍ୱର, ୧।୬ (ସ୍ପୋର୍ଟ୍ସ ବ୍ୟୁରୋ):** ଦ୍ୱାଦଶ ଅନ୍ତର୍ଜାତୀୟ କିଟ୍ ଇଣ୍ଟରନ୍ୟାଶନାଲ ଚେସ୍ ଫେଷ୍ଟିଭାଲ–୨୦୧୯ ଶନିବାର ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। କିଟ୍ ବିଶ୍ୱବିଦ୍ୟାଳୟ ଓ ଅଲ୍‌ଓଡ଼ିଶା ଚେସ୍ ଆସୋସିଏଶନ ମିଳିତ ଆନୁକୂଲ୍ୟରେ ସର୍ବଭାରତୀୟ ଓ ବିଶ୍ୱ ଚେସ୍ ଫେଡେରେଶନର ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଆସନ୍ତା ୭ ପର୍ଯ୍ୟନ୍ତ ଏହା ଚାଲିବ। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଡ. ଅଚ୍ୟୁତ ସାମନ୍ତ, ଓଡ଼ିଶା ଚେସ୍ ଆସୋସିଏଶନର ସଭାପତି ଦେବାଶିଷ ସାମନ୍ତରାୟ, ସର୍ବଭାରତୀୟ ଚେସ୍ ଫେଡେରେଶନର ସମ୍ପାଦକ ଭଗତ୍ ସିଂ ଚୌହାନ, କୋଲକାତାସ୍ଥିତ ସାଇର ନିର୍ଦ୍ଦେଶକ ମନ୍‌ମିତ୍ ଏସ୍ ଗୋଇନ୍ଦି, ଟୁର୍ନାମେଣ୍ଟ ନିର୍ଦ୍ଦେଶକ ଶେଖର ଚନ୍ଦ୍ର ସାହୁ, ଅଲିମ୍ପିଆନ ଦୂତୀ ଚାନ୍ଦ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ପ୍ରଥମ ଦିବସରେ କାଟାଗୋରି–ଏ ଓ କାଟାଗୋରି–ବି'ର ପ୍ରଥମ ରାଉଣ୍ଡ ଖେଳ ଅନୁଷ୍ଠିତ ହୋଇଛି।

ଭାରତ ସମେତ ତାଜିକସ୍ତାନ, ଚେକ୍ ରିପବ୍ଲିକ, ଆରମେନିଆ, ବେଲଜିୟମ, ଆମେରିକା, ସ୍ପେନ, ଭେନେଜୁଏଲା, ରୁଷ, ବାଂଲାଦେଶ, ୟୁକ୍ରେନ, କାଜାଖସ୍ତାନ ଆଦି ବିଶ୍ୱର ୩୦ ଦେଶରୁ ହଜାରେରୁ ଊର୍ଦ୍ଧ୍ୱ ଗ୍ରାଣ୍ଡମାଷ୍ଟର୍ସ, ଇଣ୍ଟର ନ୍ୟାଶନାଲ ମାଷ୍ଟର୍ସ, ମହିଳା ଗ୍ରାଣ୍ଡମାଷ୍ଟର୍ସ, ମହିଳା ଇଣ୍ଟରନ୍ୟାଶନାଲ ମାଷ୍ଟର୍ସ ପ୍ରମୁଖ ଏହି ଚେସ୍ ଫେଷ୍ଟିଭାଲରେ ଯୋଗଦେଇଛନ୍ତି। ଚଳିତ ବର୍ଷ ସର୍ବାଧିକ ପୁରସ୍କାର ରାଶି ୨୫ ଲକ୍ଷ ଟଙ୍କା ରହିଛି।



ପ୍ରତିଯୋଗୀମାନେ ଚେସ୍ ଖେଳରେ ନିମଗ୍ନ।

## ଚିସିତ୍‌ସିପାସ୍, ଜୋକୋଭିଚ୍ ପ୍ରି–କ୍ୱାର୍ଟରରେ

**ପ୍ୟାରିସ, ୧।୬ (ଏଏଫ୍‌ପି)**

ନୋଭାକ୍ ଜୋକୋଭିଚ୍, ଷ୍ଟିଫାନସ ଚିସିତ୍‌ସିପାସ୍ ଏବଂ ଆଲେକ୍‌ଜାଣ୍ଡର ଜେଭ୍‌ରେଭ୍ ଫ୍ରେଞ୍ଚ ଓପନ୍ ଗ୍ରାଣ୍ଡସ୍ଲାମ ଟେନିସ୍ ପ୍ରତିଯୋଗିତାର ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଚିସିତ୍‌ସିପାସ୍ ଦୀର୍ଘ ୮୩ ବର୍ଷ ବ୍ୟବଧାନରେ ପ୍ରଥମ ଗ୍ରୀକ୍ ଖେଳାଳି ଭାବେ ଏଠାରେ ପ୍ରି–କ୍ୱାର୍ଟରକୁ ଉନ୍ନୀତ ହେବା ସଫଳତା ହାସଲ କରିଛନ୍ତି। ଶନିବାର ପୁରୁଷ ସିଙ୍ଗଲ୍ସର ଏକ ତୃତୀୟ ରାଉଣ୍ଡ ମ୍ୟାଚରେ ସେ ଫିଲିପ୍ କ୍ରାଜିନୋଭିଚ୍‌ଙ୍କୁ ୭–୫, ୬–୩, ୬–୭ (୫/୭), ୭–୬ (୮/୯) ସେଟ୍‌ରେ ହରାଇ ଦେଇଛନ୍ତି। ୨୦ ବର୍ଷୀୟ ଏହି ଖେଳାଳି ତୃତୀୟ ରାଉଣ୍ଡରେ ପୂର୍ବତନ ଚାମ୍ପିୟନ ଷ୍ଟାନ୍ ୱାରିଙ୍କା କିମ୍ବା ଗ୍ରିଗୋର ଦିମିତ୍ରୋଭଙ୍କୁ ଭେଟିବେ। ପୂର୍ବରୁ ଗ୍ରୀକ୍‌ର ଲାଜାରସ ଷ୍ଟାଲିଅସ୍ ୧୯୩୬ରେ ରୋଲାଣ୍ଡ ଗ୍ୟାରୋସଠାରେ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଥିଲେ। ସୂଚନାଯୋଗ୍ୟ, ଚଳିତବର୍ଷ ପ୍ରାରମ୍ଭରେ ରୋଜର ଫେଡରରଙ୍କ ବିରୋଧରେ ଚମକପ୍ରଦ ବିଜୟ ହାସଲ କରି ଚିସିତ୍‌ସିପାସ ଅଷ୍ଟ୍ରେଲିଆନ ଓପନ୍ ସେମିଫାଇନାଲକୁ ଉନ୍ନୀତ ହୋଇଥିଲେ। ଅନ୍ୟପକ୍ଷରେ ଜର୍ମାନୀର ୫ମ ସିଡ୍ ଜେଭ୍‌ରେଭ୍‌ଙ୍କୁ ମଧ୍ୟ ୫ ସେଟ୍ ବିଶିଷ୍ଟ ମ୍ୟାଚ ଖେଳିବାକୁ ପଡ଼ିଥିଲା। ସେ ସର୍ବୀୟାର ଡୁସାନ ଲାଜୋଭିକ୍‌ଙ୍କୁ ୬–୪, ୬–୨, ୪–୬, ୧–୬, ୬–୨ ସେଟ୍‌ରେ ହରାଇ ଦେଇଥିଲେ। ଜେଭେରେଭ ଚତୁର୍ଥ ରାଉଣ୍ଡରେ ଇଟାଲିର ଫାବିଓ ଫଗନିନିଙ୍କ ଭେଟିବେ। ଫଗ୍‌ନିନି ୭–୬ (୭/୫), ୬–୪, ୪–୬, ୬–୧ ସେଟ୍‌ରେ ୧୮ତମ ସିଡ୍ ତଥା ସ୍ପେନର ରବର୍ଟୋ ବଟିଷ୍ଟାଙ୍କୁ ପରାସ୍ତ କରିଛନ୍ତି। ସର୍ବୀୟ ଖେଳାଳି ଜୋକୋଭିଚ୍ ଇଟାଲିର ସାଲ୍‌ଭାଟୋର କାରୁସୋଙ୍କୁ, ୬–୩, ୬–୩, ୬–୨ ସେଟ୍‌ରେ ହରାଇ ଦେଇଛନ୍ତି।



ବିଜୟ ହାସଲ ପରେ ନୋଭାକ ଜୋକୋଭିଚ୍।



କଳିଙ୍ଗ ଷ୍ଟାଡିୟମରେ ଏଫ୍‌ଆଇଏଚ୍ ପୁରୁଷ ଫାଇନାଲ୍ସ ହକି ଟୁର୍ନାମେଣ୍ଟ ଖେଳିବା ଲାଗି ଶନିବାର ଭୁବନେଶ୍ୱରରେ ପହଞ୍ଚିଥିବା ଆମେରିକା ଦଳ।



ଏଫ୍‌ଆଇଏଚ୍ ମହିଳା ସିରିଜ ଫାଇନାଲ୍ସ ପୂର୍ବରୁ ବେଙ୍ଗାଲୁରୁରେ ଶନିବାର ଏକ ପ୍ରାକ୍ଟିସ ସେସନ ବେଳେ ନୂଆ ଜର୍ସି ସହ ଭାରତୀୟ ହକି ଦଳର ଖେଳାଳିମାନେ।

ଧରିତ୍ରୀ
DHARITRI




■କାମ ଦେବା ନାଁରେ ମହିଳାଙ୍କୁ ବଳାତ୍କାର ଉଦ୍ୟମ ଘଟଣା

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଜିଲାପାଳ,ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ

## ତଦନ୍ତ ପାଇଁ ଆଡିଶନାଲ ଏସ୍‌ପିଙ୍କୁ ଦାୟିତ୍ୱ ଦେଲେ ଏସ୍‌ପି

ଗଞ୍ଜାମ,୧।୬(ଡି.ଏନ.ଏ.)

ଗଞ୍ଜାମ ସହରସ୍ଥିତ ଗ୍ରାସୀମ ଇଣ୍ଡଷ୍ଟ୍ରିଜରେ କାର୍ଯ୍ୟରତ ମୁଖ୍ୟ ସୁରକ୍ଷା ଅଧିକାରୀ ସଞ୍ଜୟ କୁମାର ଦାସ ସ୍ଥାନୀୟ ଅଞ୍ଚଳର ଜଣେ ବିବାହିତା ମହିଳାଙ୍କୁ କାମ ଦେବା ନାଁରେ ବଳାତ୍କାର ଉଦ୍ୟମ କରିଥିବା ଗତ ୨୨ ତାରିଖରେ ଗଞ୍ଜାମ ଥାନାରେ ଅଭିଯୋଗ ହୋଇଥିଲା। ନଂ.୪୨/୧୯ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲେ ମଧ୍ୟ ଏଯାବତ୍ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିପାରିନାହିଁ। ଘଟଣା ପରଠାରୁ ସେ ଫେରାର ହୋଇଯାଇଛନ୍ତି। ଫଳରେ କାଇଁଚପୁର ପଞ୍ଚାୟତ ଏବଂ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏନେଇ ଶନିବାର ଗ୍ରାମବାସୀ ଛତ୍ରପୁର ଯାଇ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଏବଂ ଏସ୍‌ପି ବ୍ରିଜେଶ କୁମାର ରାଏଙ୍କୁ ପୃଥକ ପୃଥକ୍ ଭାବେ ଭେଟି ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଥିଲେ। ଅଭିଯୁକ୍ତଙ୍କ ସହ କମ୍ପାନୀର ୩ଜଣ କର୍ମଚାରୀ ଏବେବି ଯୋଗାଯୋଗରେ ଅଛନ୍ତି, ସେମାନଙ୍କୁ ତଦନ୍ତ ପରିସରଭୁକ୍ତ କରିବା ପାଇଁ ଗ୍ରାମବାସୀ ଏସ୍‌ପିଙ୍କୁ କହିଥିଲେ। ଏସ୍‌ପି ଆଡିସ୍‌ନାଲ ଏସ୍‌ପି ପତିତପାବନ ଚୌଧୁରୀଙ୍କୁ ଡାକି ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଏସ୍‌ପି ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟପଟେ ଏସ୍‌ଡିପିଓ ଉତ୍କଳ କେଶରୀ ଦାସଙ୍କ ନିର୍ଦ୍ଦେଶକ୍ରମେ ପୋଲିସର ଏକ ଟିମ ମୋବାଇଲ ଟ୍ରାକିଂ କରି କଟକ ଚୌଦ୍ୱାର ଯାଇ ଅଭିଯୁକ୍ତଙ୍କୁ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ଏନେଇ କମ୍ପାନୀ ଲୋକସମ୍ପର୍କ ସୂଚନା ଅଧିକାରୀ ରବୀନ୍ଦ୍ର କୁମାର ମାହାନ୍ତିଙ୍କୁ ପଚାରିବାରୁ ସିକ୍ୟୁରିଟି ଅଫିସରଙ୍କ ନାମରେ ଅଭିଯୋଗ ପରେ ତାଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇଛି ଏବଂ ବହିଷ୍କାର ପତ୍ର ତାଙ୍କ ମେଲ୍‌କୁ ପଠାଇ ଦିଆଯାଇଛି ବୋଲି କହିଛନ୍ତି। ପ୍ରକାଶ ଯେ, ଗତ ୨୨ ତାରିଖରେ କମ୍ପାନୀର ସୁରକ୍ଷା ଅଧିକାରୀ ଦାସ ଜଣେ ମହିଳାଙ୍କୁ ତାଙ୍କ କ୍ୱାର୍ଟର୍ସକୁ ଡାକି କାମ ଦେବାକୁ କହି ବଳାତ୍କାର ଉଦ୍ୟମ କରିଥିଲେ। ପରେ ମହିଳା ଜଣଙ୍କ ସ୍ୱାମୀଙ୍କୁ ସମସ୍ତ ଘଟଣା କହିବା ପରେ ୨୫ ତାରିଖରେ ଗଞ୍ଜାମ ଥାନାରେ ଅଭିଯୋଗ କରାଯାଇଥିଲା।










2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ